ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୬/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, December 26/2019 | ★★★★★★
୪୬ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



## ଫ୍ୟାନ୍‌ଙ୍କ ନିଦ ହଜାଉଛନ୍ତି ନୋରା

ଲୋକପ୍ରିୟ କାନାଡିଆନ୍ ଡ୍ୟାନ୍ସର, ସଫଳ ମଡେଲ ତଥା ଅଭିନେତ୍ରୀ ନୋରା ଫତେହୀଙ୍କ ୟୁନିକ୍ ଡ୍ୟାନ୍ସ ଷ୍ଟାଇଲ୍, ଆକର୍ଷଣୀୟ ବ୍ୟକ୍ତିତ୍ୱ ଫ୍ୟାନ୍‌ଙ୍କୁ ଦିୱାନା କରିଛି।

୧୦ | ୧୯

## ବସନ୍ତଙ୍କୁ ୬ ଉଇକେଟ ସଫଳତା

ଡ୍ରିମ୍ସ ଗ୍ରାଉଣ୍ଡରେ ବୁଧବାର ଆରମ୍ଭ ହୋଇଥିବା ଉତ୍ତରାଖଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ୬ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ବସନ୍ତ ମହାନ୍ତି।



**ଆଜିର ସମ୍ପାଦକୀୟ**

ସବୁ ଅପରାଧର ମୂଳ ପ୍ରାଣିହିଂସା

**ଆଜିର ମନ୍ତବ୍ୟ**

ସର୍ବସାଧାରଣ ସମ୍ପତ୍ତିର ଯତ୍ନ ନେବା ନାଗରିକର କର୍ତ୍ତବ୍ୟ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

Vencobb Fresh Chicken — Taste the difference!
25.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 85 | 139 | 149 |
| DKL | 88 | 142 | 152 |
| BDK | 83 | 136 | 146 |
| BLS | 82 | 135 | 145 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply
Issued in the Interest of Consumers

ପାକ୍ ସେନା ମୁଖପାତ୍ରଙ୍କ ଖ୍ରୀଷ୍ଟମାସ ଶୁଭେଚ୍ଛା ଟୁଇଟ୍
ଓଡ଼ିଶାକୁ ବଦ୍‌ନାମ ଲାଗି ପ୍ରୟାସ ୨

ଟାଟା ସନ୍ସ ଅଧ୍ୟକ୍ଷ ପଦବୀକୁ ଫେରିବାକୁ ଇଚ୍ଛୁକ ନୁହନ୍ତି ମିସ୍ତ୍ରି ୧୭

ଆଜି ବିରଳ ସୂର୍ଯ୍ୟୋପରାଗ ୨୦

# ଗୋଟିଏ ଫୋନକୁ ୭୨ ପରିବାର

## ଗଛରେ ଓହଳାଇ କରୁଛନ୍ତି ଯୋଗାଯୋଗ

- ବସନ୍ତ ରାଉତଙ୍କ ମୋବାଇଲ ଫୋନ ସାଜିଛି ଭରସା
- ଜରୁରୀ ଥିଲେ ଗାଁ ଲୋକଙ୍କ ନିକଟକୁ ବାର୍ତ୍ତା ପଠାଉଛି ପ୍ରଶାସନ
- ହଇରାଣ ହେଉଛନ୍ତି ସାତକୋଶିଆର ଦଣ୍ଡାବାହାଳିବାସୀ

ଦୀନେଶ ଦେହୁରୀ
ବନ୍ତଲା,୨୫।୧୨

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଏପରି ଏକ ଗାଁ ଅଛି ଯେଉଁଠି ମୋବାଇଲ ଫୋନ ସେବା ପାଇବାକୁ ଅନେକ ହଇରାଣ ହେବାକୁ ପଡୁଛି ଲୋକଙ୍କୁ। ଦାମୀ ଆଣ୍ଡ୍ରଏଡ୍ ସେଟ୍ ରଖିଥିଲେ ବି ଗାଁରେ ଆସୁନି ନେଟୱର୍କ। ତେଣୁ କାହା ସହ କଥା ହେବାକୁ ହେଲେ ସେମାନଙ୍କୁ ଗାଁଠାରୁ ୫ କିମି ଦୂରକୁ ଯିବାକୁ ପଡୁଛି। ଏପରି କ୍ଷେତ୍ରରେ ବିକଳ୍ପ ସାଜିଛି ଗ୍ରାମର ବସନ୍ତ ରାଉତଙ୍କ ଫିଚର ଫୋନ। ତାଙ୍କ ଦୋକାନ ସମ୍ମୁଖ ବଉଳ ଗଛ ନିକଟରେ ଏକ ଘରୋଇ କମ୍ପାନୀର ନେଟୱର୍କ କେବଳ ସେହି ଫୋନରେ ଆସୁଛି। କିନ୍ତୁ ସେଥିପାଇଁ ତାଙ୍କୁ ମୋବାଇଲ ଫୋନକୁ ଗଛରେ ଝୁଲାଇବାକୁ ପଡୁଛି। କେବଳ ଗାଁ ଲୋକେ ନୁହନ୍ତି, ପ୍ରଶାସନ ନିକଟରେ ମଧ୍ୟ ଏହି ଖବର ରହିଛି। ଜରୁରୀ ସମୟରେ ପ୍ରଶାସନ ବସନ୍ତଙ୍କ ସେହି ଫୋନ ମାଧ୍ୟମରେ ଗାଁ ଲୋକଙ୍କ ନିକଟକୁ ବାର୍ତ୍ତା ପଠାଉଥିବା ବେଳେ ଗ୍ରାମବାସୀ ବି ଆବଶ୍ୟକସ୍ଥଳେ ଲାଉଡସ୍ପିକର ଦେଇ ଅନ୍ୟ ସହ କଥା ହୋଇପାରୁଛନ୍ତି।

ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଗାଁ ହେଲା କୋଠଭୂଇଁ ପଞ୍ଚାୟତର ଦଣ୍ଡାବାହାଳି ଗ୍ରାମ। ଏଠାରେ ୭୨ ପରିବାର ରହୁଥିବା ବେଳେ ପ୍ରାୟ ଲୋକଙ୍କ ନିକଟରେ ମୋବାଇଲ ରହିଛି। ହେଲେ ନେଟୱର୍କ ନ ଥିବା ଯୋଗୁ ସେସବୁ ବେକାର। ଗାଁଠାରୁ ଦୂରକୁ ଗଲେ କାହା ସହ କଥାବାର୍ତ୍ତା କରିବା ସମ୍ଭବ ହେଉଛି। କିନ୍ତୁ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ, ଥାନାକୁ ଯୋଗାଯୋଗ କରିବାକୁ ହେଲେ ସେମାନଙ୍କୁ ବସନ୍ତଙ୍କ ସହଯୋଗ ନେବାକୁ ପଡୁଛି। ଗଛରେ ବସନ୍ତ ଓହଳାଇଥିବା ଉକ୍ତ ଫିଚର ଫୋନରେ ଲାଉଡସ୍ପିକର ଦେଇ କଥାକରି ହେଉଛି। ଏ ସମ୍ପର୍କରେ ବସନ୍ତ କହିଛନ୍ତି, ଗାଁ ☞ପୃଷ୍ଠା–୪



ଦୋକାନ ସମ୍ମୁଖ ବଉଳ ଗଛରେ ନିଜ ଫିଚର ଫୋନ ଝୁଲାଇ ରଖିଛନ୍ତି ବସନ୍ତ।



ଖ୍ରୀଷ୍ଟମାସ ଅବସରରେ ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ବୁଧବାର ଶ୍ରଦ୍ଧାଳୁଙ୍କ କ୍ୟାଣ୍ଡେଲ ଜାଳି ପ୍ରାର୍ଥନା।

# କାମ ଦେଉନି ବନ୍ଦର ନୀତି

- ବିଜ୍ଞପ୍ତିରେ ଅଟକିଛି ଅଧା ବନ୍ଦର
- ମୁହଁ ମୋଡୁଛନ୍ତି ଘରୋଇ କମ୍ପାନୀ
- ଆଖଡ଼ାଶାଳୀ ନଦୀ ଭିତ୍ତିକ ବନ୍ଦର ବିକାଶ କରିବ ପାରାଦୀପ ପୋର୍ଟ
- ଖର୍ଚ୍ଚ ହେବ ୩ ହଜାର କୋଟି
- ଖୁବ୍ ଶୀଘ୍ର ହେବ ଏମ୍‌ଓୟୁ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ରାଜ୍ୟରେ କାମ ଦେଉନି ବନ୍ଦର ନୀତି। ଦୀର୍ଘ ୧୬ ବର୍ଷ ପରେ ମଧ୍ୟ ରାଜ୍ୟରେ ନୂଆ ବନ୍ଦର ବିକାଶ ନେଇ ସେପରି କିଛି ଆଖିଦୃଶିଆ କାର୍ଯ୍ୟ ହୋଇ ନାହିଁ। କେବଳ ପାରାଦୀପ ଓ ଧାମରା ବନ୍ଦରକୁ ଛାଡ଼ିଦେଲେ ଅନ୍ୟ ୧୩ଟି ପ୍ରସ୍ତାବିତ ବନ୍ଦର କୋର୍ଟ କଚେରି ମାମଲା ଏବଂ ଘରୋଇ କମ୍ପାନୀଙ୍କ ଅନାଗ୍ରହ ଯୋଗୁ ଆଗେଇ ପାରୁ ନାହିଁ। ରାଜ୍ୟ ସରକାର ଘରୋଇ ଭାଗୀଦାରିରେ ପୁରୁଣା ଓ ନୂଆ ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ୨୦୦୪ରେ ବନ୍ଦର ନୀତି କାର୍ଯ୍ୟକାରୀ କରିଥିଲେ। ଜଳପଥ ପରିବହନଠାରୁ ଆରମ୍ଭ କରି ଶିଳ୍ପ, ନୂତନ ବନ୍ଦର ଚିହ୍ନଟ, ବନ୍ଦର ଭିତ୍ତିକ ଭିତ୍ତିଭୂମି ବିକାଶ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ନୂତନ ବନ୍ଦର ପାଇଁ ଏକ ସାମୁଦ୍ରିକ(ମାରିଟାଇମ୍) ବୋର୍ଡ ଗଠନ କରାଯାଇଛି। ଏହି ବୋର୍ଡ ବନ୍ଦର ନିର୍ମାଣ ପାଇଁ ଜମି, ପାଣି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା ପାଇଁ ସିଙ୍ଗଲ୍‌ୱିଣ୍ଡୋ ଭାବେ କାର୍ଯ୍ୟ କରିବ। ଏହାଛଡ଼ା ଏହି ବୋର୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ପରିବେଶ ମଞ୍ଜୁରୀ ଭଳି ବିଭିନ୍ନ ସମସ୍ୟାକୁ ଦୂର କରିବା କ୍ଷେତ୍ରରେ କାର୍ଯ୍ୟ କରିବ। ଏହାଦ୍ୱାରା ରାଜ୍ୟର ରପ୍ତାନି, ଆମଦାନି, ଜାତୀୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ବୃଦ୍ଧି ପାଇବ। ରାଜ୍ୟରେ ଥିବା ବୃହତ୍ ଓ କ୍ଷୁଦ୍ର ବନ୍ଦରଗୁଡ଼ିକର ବିକାଶ କ୍ଷେତ୍ରରେ ଏହି ନୀତି କାର୍ଯ୍ୟକାରୀ କରିବ। ଏପରି କି ଜାହାଜ ନିର୍ମାଣ, ମରାମତି କ୍ଷେତ୍ରରେ ମଧ୍ୟ ଏହି ନୀତି ସହାୟତା କରିବ। ରାଜ୍ୟରେ ଥିବା ବୃହତ୍ ବନ୍ଦର ଏବଂ ପ୍ରସ୍ତାବିତ ଛୋଟ ବନ୍ଦରଗୁଡ଼ିକର ବିକାଶ କରିବା ପାଇଁ ଘରୋଇ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରାଯିବ। ପରିବହନ ବ୍ୟବସ୍ଥାର ବିକାଶ କରିବା ପାଇଁ ବନ୍ଦରଗୁଡ଼ିକ ସହିତ ନଦୀକୁ ସଂଯୋଗ କରିବା ଲକ୍ଷ୍ୟରେ ବନ୍ଦର ନୀତି କରାଯାଇଛି। ହେଲେ ଏହି ଲକ୍ଷ୍ୟ କେବଳ ଲକ୍ଷ୍ୟରେ ହିଁ ରହିଯାଇଛି। ଚିହ୍ନଟ ହୋଇଥିବା ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ଘରୋଇ ସଂସ୍ଥା ଆଗ୍ରହ ଦେଖାଉ ନାହାନ୍ତି। ପାରାଦୀପ ଓ ଗୋପାଳପୁର ବନ୍ଦରକୁ ବାଦ ଦେଲେ ରାଜ୍ୟରେ ୧୩ଟି ନୂତନ ବନ୍ଦର ଚିହ୍ନଟ କରାଯାଇଥିଲା। ସେହି ବନ୍ଦରଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଭଦ୍ରକ ଜିଲାର ଚୂଡାମଣି, ଧାମରା, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲି ହରିଚଣ୍ଡୀ, ଗଞ୍ଜାମ ଜିଲାର ଗୋପାଳପୁର, ବାହୁଦା ମୁହାଣ ଏବଂ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକରେ ମହାନଦୀ ମୁହାଣରେ ଆଖଡ଼ାଶାଳୀ ନଦୀ ଭିତ୍ତିକ ବନ୍ଦର ନିର୍ମାଣ ☞ପୃଷ୍ଠା–୪

# ସଙ୍କଟରେ ଟେଲିକମ୍ ବଜାର

- ଦିନେ ଥିଲା ଦ୍ରୁତ ଅଭିବୃଦ୍ଧି ବଜାର
- ପ୍ରାଇସ୍ ୱାର ଯୋଗୁ କ୍ଷତି ସହୁଛନ୍ତି କମ୍ପାନୀ
- ଶିଳ୍ପ ଉପରେ ୧.୪୭ ଲକ୍ଷ କୋଟିର ବକେୟା
- ୮ରୁ ୩ କୁ ଖସିଛି କମ୍ପାନୀଙ୍କ ସଂଖ୍ୟା



ନୂଆଦିଲ୍ଲୀ,୨୫।୧୨

ସମୟ ଥିଲା ଦିନେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଟେଲିକମ୍ ବଜାର ଭାବେ ପରିଗଣିତ ହେଉଥିଲା। ଏବେ ଦେଶର ଟେଲିକମ୍ ଶିଳ୍ପ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଥିବା ଜଣାପଡିଛି। ସାରା ବିଶ୍ୱରେ ସବୁଠାରୁ ଶସ୍ତାରେ ଟେଲିକମ୍ ସେବା ଯୋଗାଉଥିବା ଏହି ବଜାରର ସ୍ଥିତି ସମ୍ପ୍ରତି ସଙ୍କଟାପନ୍ନ ରହିଛି। ସରକାର ଯଦି ଟେଲିକମ ସେବା ଯୋଗାଣକାରୀଙ୍କୁ ସହାୟତା ନ କରନ୍ତି, ତେବେ କମ୍ପାନୀରେ ତାଲା ଝୁଲିବାକୁ ବେଶି ସମୟ ଲାଗିବନି ବୋଲି କିଛି କମ୍ପାନୀ ସଫାସଫା କହିଛନ୍ତି। କାରଣ କମ୍ପାନୀଗୁଡିକ ଏବେ ବିପୁଳ ପରିମାଣର ଋଣ ଭାରରେ ବୁଡି ରହିଛନ୍ତି।

ଜିଓ ଭଳି କମ୍ପାନୀର ବଜାର ପ୍ରବେଶ ଫଳରେ ପ୍ରାଇସ୍ ୱାର ଘଟି କମ୍ପାନୀଗୁଡିକର ସ୍ଥିତି ସାଂଘାତିକ ହୋଇଯାଇଛି। ଟେଲିକମ କମ୍ପାନୀ ଲଗାତର ଭାବେ କ୍ଷତି ସହିବା ଯୋଗୁ ଏହାକୁ ସାମ୍ନା କରି ନ ପାରି ଅନେକେ ଉକ୍ତ ସେକ୍ଟରରୁ ବାହାରକୁ ଚାଲିଯାଇଛନ୍ତି। ଏଭଳି ସ୍ଥିତିରେ ଟେଲିକମ୍ କମ୍ପାନୀଗୁଡିକ ଉପରେ ରହିଥିବା ପୁରୁଣା ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର) ଅର୍ଥ ପ୍ରଦାନ କରିବା ଲାଗି ସୁପ୍ରିମକୋର୍ଟ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ କମ୍ପାନୀଗୁଡ଼ିକ ପାଇଁ ସମସ୍ୟା ଉପୁଜିଛି। ଏପଟେ ଟେଲିକମ୍ ଟାରିଫ୍ ବୃଦ୍ଧି ଏବଂ ସର୍ବନିମ୍ନ ଟେଲିକମ ସେବା ଦେୟ ବା ଫ୍ଲୋର ପ୍ରାଇସ୍ ଲାଗୁ କରାଇବା ନେଇ ସରକାରଙ୍କ ପ୍ରସ୍ତାବକୁ ଟେଲିକମ କମ୍ପାନୀଗୁଡିକ ସମର୍ଥନ ଜଣାଇଛନ୍ତି। ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(ସିଓଏଆଇ) ମହାନିର୍ଦ୍ଦେଶକ ରାଜନ ମାଥ୍ୟୁସ କହିଛନ୍ତି ଯେ, ଭଏସ୍ ନେଟୱର୍କକୁ ଡାଟା ନେଟୱର୍କରେ ଶୀଘ୍ର ପରିବର୍ତ୍ତନ କରାଯିବ। ଟେଲିକମ କମ୍ପାନୀ ସେମାନଙ୍କ ଅସ୍ତିତ୍ୱ ବଞ୍ଚାଇବା ଲାଗି ତ୍ୱରିତ ଭାବେ ଫ୍ଲୋର ପ୍ରାଇସ୍ କାର୍ଯ୍ୟକାରୀ କରାଯିବା ଜରୁରୀ ବୋଲି ବୋଲି ସେ ମତ ଦେଇଛନ୍ତି।

ସୂଚନାଥାଉ କି, ୨୦୧୯ରେ ଆମେରିକାରେ ୧ ଜିବି ଟେଲିକମ ଡାଟାର ମୂଲ୍ୟ ୧୨.୩୭ ଡଲାର ରହିଛି। ଏହି ସମୟରେ ଭାରତରେ ଏହା ୦.୨୬ ଡଲାରରେ ଉପଲବ୍ଧ ହେଉଛି। ଏହାକୁ ଦେଖିଲେ ଭାରତ ବିଶ୍ୱର ସବୁଠାରୁ ଶସ୍ତାରେ ଡାଟା ଉପଲବ୍ଧ କରାଉଥିବା ବଜାର ହୋଇପାରିଛି। ସେହିଭଳି ସବୁଠାରୁ ଦ୍ରୁତଗତିରେ ଆଗକୁ ବଢୁଥିବା ଟେଲିକମ ବଜାର ଭାବେ ଏହା ନାମିତ ହେଉଥିବା ଜଣାପଡିଛି। ହେଲେ ୨୦୧୬ଠାରୁ ପ୍ରାଇସ୍ ୱାର ଯୋଗୁ ଟେଲିକମ୍ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି। ଏବେ ଟେଲିକମ୍ ଶିଳ୍ପ ଉପରେ ୧.୪୭ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। କମ୍ପାନୀଗୁଡିକ ଶୀଘ୍ର ଋଣ ଶୁଝିବାକୁ ସକ୍ଷମ ହେଉ ନ ଥିବାବେଳେ ସୁପ୍ରିମକୋର୍ଟଙ୍କ ଏଜିଆର ବକେୟା ପ୍ରଦାନ ନିର୍ଦ୍ଦେଶ ସେମାନଙ୍କ ଲାଗି ଚିନ୍ତାର କାରଣ ହୋଇଛି।

ଏକଦା ଦେଶର ଟେଲିକମ ଶିଳ୍ପରେ ୭ରୁ ୮ କମ୍ପାନୀ ସେବା ଯୋଗାଇ ଦେଉଥିଲେ। ଏହା ୩କୁ ହ୍ରାସ ଘଟିଛି। ଶିଳ୍ପରେ ଗୋଟିଏ ମାତ୍ର ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛି। ପ୍ରାଇସ୍ ୱାର ଯୋଗୁ କମ୍ପାନୀଗୁଡିକର କ୍ଷତି ରେକର୍ଡ ସ୍ତରରେ ରହିଛି। ଏହାକୁ ଧ୍ୟାନରେ ରଖି ଶୀଘ୍ର ଫ୍ଲୋର ପ୍ରାଇସ୍ ଲାଗୁ କରାଇବା ଆବଶ୍ୟକ ବୋଲି ଟେଲିକମ୍ ଶିଳ୍ପ ସଂଘ ସିଓଏଆଇ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱର ଶହୀଦନଗର ଇମ୍ପା ପାର୍କ ନିକଟ ରାସ୍ତାକଡ଼ରେ କର୍ନାଟକର ଏକ ବସ୍‌ରେ ଲାଗିଥିବା ନିଆଁକୁ ଲିଭାଯାଉଛି। **(ରିପୋର୍ଟ: ପୃଷ୍ଠା–୫)**

# ଧୂଆଁରୁ ବିସ୍ମୟ







ଭୁବନେଶ୍ୱର,୨୫।୧୨ (ବ୍ୟୁରୋ)

ଧୂଆଁରୁ ସୃଷ୍ଟି ହେଉଛି ବିସ୍ମୟ। ଦେଖିବା ମାତ୍ରେ କିଛିକ୍ଷଣ ପାଇଁ ଆଖି ଅଟକି ଯାଉଛି। ରଙ୍ଗ ନୁହେଁ କି ରଙ୍ଗତୂଳୀ ନୁହେଁ, ଧୂଆଁରେ ଅଙ୍କାଯାଉଛି ଚିତ୍ର। ଡିବିରି ଧୂଆଁରେ କାନ୍‌ଭାସ୍ ମନଚାହାଁ ରୂପ ନେଉଛି। ପ୍ରଥମଥର ପାଇଁ ଓଡ଼ିଶାକୁ ଏଭଳି ସ୍ମୋକ୍ ଆର୍ଟ କନ୍‌ସେପ୍ଟ ନେଇ ଆସିଛନ୍ତି କଟକର ଯୁବ ଚିତ୍ରଶିଳ୍ପୀ ଦୀପକ ବିଶ୍ୱାଳ। ୨୬ ବର୍ଷୀୟ ଦୀପକ କିରୋସିନ ଲ୍ୟାମ୍ପ ବା ଡିବିରି ନିଆଁରୁ ବାହାରୁଥିବା ଧୂଆଁରେ ଆକର୍ଷଣୀୟ ଚିତ୍ର ଆଙ୍କୁଛନ୍ତି। ଆଖିକୁ ଅବିଶ୍ୱସନୀୟ ଏହି ଚିତ୍ର ବିନା ରଙ୍ଗରେ ଅଙ୍କାଯାଉଛି।

ସ୍ୟାଣ୍ଡ ଆନିମେଶନ, ରକ୍ ପେଣ୍ଟିଂ, ସାଉଣ୍ଡ ଆର୍ଟ ଭଳି ସ୍ମୋକ୍ ଆର୍ଟ ମଧ୍ୟ ଏକ ନିଆରା ଓ ସମ୍ପୂର୍ଣ୍ଣ ଭିନ୍ନ ଆର୍ଟଫର୍ମ। ଏଭଳି ଏକ ନିଆରା କନ୍‌ସେପ୍ଟରେ ଏକ୍ସପେରିମେଣ୍ଟ କରୁଥିବା ଦୀପକଙ୍କ ଘର କଟକ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ହୋଇଥିବାବେଳେ ପେସାରେ ସେ ଜଣେ ଔଷଧ ବ୍ୟବସାୟୀ। ହେଲେ ଚିତ୍ରକଳା ପ୍ରତି ପିଲାବେଳୁ ତାଙ୍କର ଦୁର୍ବଳତା ରହିଛି। ଏହି ଦୁର୍ବଳତା ତାଙ୍କୁ କିଛି ଭିନ୍ନ କରିବାକୁ ଉତ୍ସାହିତ କରିଥିବାବେଳେ ଗତ ଦେଢ଼ବର୍ଷ ହେବ ସେ ସ୍ମୋକ୍ ଆର୍ଟ ସହ ଜଡ଼ିତ ଅଛନ୍ତି। ଅଭ୍ୟାସ ଓ ଦୃଢ଼ ଇଚ୍ଛାଶକ୍ତି ତାଙ୍କ ଚିତ୍ରକଳାକୁ ଆଜି ଏକ ନୂଆସ୍ତରରେ ପହଞ୍ଚାଇଛି। ଏଥିପାଇଁ ସେ କୌଣସି ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇନାହାନ୍ତି, ବରଂ ନିଜେ ୟୁଟ୍ୟୁବ୍ ଦେଖି ଦେଖି ଶିଖିଛନ୍ତି। ବର୍ତ୍ତମାନ ଭାରତରେ ଏହି ଆର୍ଟଫର୍ମ ଏତେଟା ଲୋକପ୍ରିୟ ହୋଇ ନ ଥିବାବେଳେ ଏହାକୁ ସେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରୁଛନ୍ତି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ସ୍ମୋକ୍ ଆର୍ଟର ଭଲ ☞ପୃଷ୍ଠା–୪

# ୬ ଜିଲାରେ ହେବ ମେଡିକାଲ କଲେଜ

- ଆଉ ୨ ମେଡିକାଲ କଲେଜ ପାଇଁ ପ୍ରସ୍ତାବ ରହିଛି
- ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁରୋଧ
- ବିଜେଡି କହିଲା ବିଚାର ଚାଲିଛି
- ଏମ୍‌ସ ପରିସରରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ରାଜ୍ୟର ୬ ପଛୁଆ ଜିଲାରେ ଥିବା ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରାଯିବ। ଏହା ସହିତ ଉକ୍ତ ତାଲିକାରେ ଆଉ ୨ଟି ଜିଲା ହସ୍ପିଟାଲକୁ ସାମିଲ କରାଯିବା ଲାଗି ବିଚାରବିମର୍ଶ ଚାଲିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି। ଓଡ଼ିଶାର ବଲାଙ୍ଗୀର, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ଆଦି ୧୦ ଜିଲା ମଧ୍ୟରୁ ୬ଟିରେ ମେଡିକାଲ କଲେଜ କରାଯିବ। କେଉଁ ୬ ଜିଲାରେ ମେଡିକାଲ କଲେଜ ହେବ ତାହା କେନ୍ଦ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି।

ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରେ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଯୋଗଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି ଯେ, ସମଗ୍ର ଦେଶର ୭୫ ପଛୁଆ ଜିଲାରେ ଥିବା ହସ୍ପିଟାଲକୁ ମେଡିକାଲ କଲେଜ କରାଯିବ। ଆସନ୍ତା ୪ରୁ ୫ ମାସ ମଧ୍ୟରେ ୪୯ଟି ମେଡିକାଲ କଲେଜ କାର୍ଯ୍ୟ ସମ୍ପୂର୍ଣ୍ଣ କରିଦିଆଯିବ। ସେହିପରି ୫ରୁ ୬ ବର୍ଷ ମଧ୍ୟରେ ଓଡ଼ିଶାର ୬ଟି ଯାକ ହସ୍ପିଟାଲରେ ମେଡିକାଲ କଲେଜ କାମ ଶେଷ ହୋଇଯିବ। ଓଡ଼ିଶାର ଆଉ ୨ଟି ହସ୍ପିଟାଲରେ ମଧ୍ୟ ମେଡିକାଲ କଲେଜ କରିବା ପାଇଁ ଆବେଦନ ହୋଇଛି। ଆଗକୁ ସିଲେକ୍ସନ କମିଟି ସେନେଇ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

ସେହିପରି ଓଡ଼ିଶାର ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ଦେବା ଲାଗି ଆୟୁଷ୍ମାନ୍ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ କରିବା ପାଇଁ ହର୍ଷବର୍ଦ୍ଧନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ଆୟୁଷ୍ମାନ୍ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ ନ କରି ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ହେଲେ ନିକଟରେ ☞ପୃଷ୍ଠା–୪



ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଏନଆର୍‌ସି ପାଇଁ ଡାଟାବେସ୍ ଭାବେ କାର୍ଯ୍ୟ କରିବ। ଦେଶର ମୁସଲମାନଙ୍କୁ ଟାର୍ଗେଟ କରି ଏନ୍‌ସିଆର୍ କାର୍ଯ୍ୟକାରୀ କରିବାକୁ ସରକାର ଯୋଜନା କରିଛନ୍ତି। ଏହାକୁ ସମସ୍ତେ ବିରୋଧ କରିବା ଉଚିତ।

- ଅରୁନ୍ଧତୀ ରାୟ, ଲେଖିକା ଓ ସାମାଜିକ କର୍ମୀ

# ଏନ୍‌ପିଆର୍ ବିରୋଧରେ କେସିଆର୍

■ଜାତୀୟ ଜନସଂଖ୍ୟା ପଞ୍ଜିକାକୁ ନେଇ ଜୋର୍ ଧରିଲା ରାଜନୀତି

■ସମଭାବାପନ୍ନ ଦଳଙ୍କୁ ଏକାଠି କରିବାକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ

ନୂଆଦିଲ୍ଲୀ/ ହାଇଦ୍ରାବାଦ, ୨୫।୧୨(ଆଇଏଏନ୍‌ଏସ୍)


କେ. ଚନ୍ଦ୍ରଶେଖର ରାଓ

ସିଏଏ ଏବଂ ଏନ୍‌ଆର୍‌ସି ପରେ ଏବେ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ନେଇ ରାଜନୀତି ଜୋର୍ ଧରିବା ଆରମ୍ଭ କରିଛି। ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସି ପ୍ରସଙ୍ଗରେ ସମସ୍ତ ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ଲାଗି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଯୋଜନା କରିଛନ୍ତି। ଏ ସମ୍ପର୍କରେ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି ବୁଧବାର ସୂଚନା ଦେଇଛନ୍ତି। ଦେଶରେ ସୃଷ୍ଟି ହୋଇଥିବା ବାତାବରଣକୁ ନେଇ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜାମାବାଦରେ ଶୁକ୍ରବାର ହେବାକୁ ଥିବା ବିକ୍ଷୋଭ ସଭାରେ ସବୁ ଦଳର ନେତାଙ୍କୁ ଆମନ୍ତ୍ରଣ କରିବା ଲାଗି କେସିଆର୍ ମିଳିତ ମୁସଲମାନ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିଙ୍କୁ ପରାମର୍ଶ ଦେଇଛନ୍ତି। ଓୱାଇସିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଟିଆର୍‌ଏସ୍, କଂଗ୍ରେସ ଓ ବାମଦଳର ନେତାମାନଙ୍କୁ ଆମନ୍ତ୍ରଣ କରାଯାଇଛି। ସମସ୍ତ ବିକ୍ଷୋଭ କାର୍ଯ୍ୟକ୍ରମରେ ଏହି ଦଳଗୁଡିକ ଏକାଠି ଭାଗନେବେ। ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବାରେ କେସିଆର୍ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ହାତ ମିଳାଇବେ କି ବୋଲି ପ୍ରଶ୍ନ ହେବାରୁ ଏହା ଟିଆର୍‌ଏସ୍ ମୁଖ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି ଓୱାଇସି କହିଥିଲେ।

ସାରା ଦେଶରେ ଏନ୍‌ଆର୍‌ସି ଲାଗୁକରିବା ପାଇଁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଯୋଜନା ଚଳାଇଥିବାବେଳେ ଏନ୍‌ପିଆର୍ ଏଥିପାଇଁ ପ୍ରଥମ ପଦକ୍ଷେପ ବୋଲି ମୁସଲମାନ ପ୍ରତିନିଧିଦଳ କେସିଆର୍‌ଙ୍କୁ କହିବା ସହ ଏହାକୁ ରାଜ୍ୟରେ ଲାଗୁ ନ କରିବା ପାଇଁ ଅନୁରୋଧ କରିଥିଲେ। ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ମଧ୍ୟରେ କୌଣସି ସମ୍ପର୍କ ନାହିଁ କହି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦେଶବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ କହିଛନ୍ତି। ଏନେଇ ସେ ପାର୍ଲାମେଣ୍ଟରେ ସରକାରଙ୍କ ବିବୃତି ଏବଂ ପିଆଇବି ଇସ୍ୟୁ କରିଥିବା ପ୍ରେସ୍ ବିଜ୍ଞପ୍ତି ସମ୍ପର୍କରେ କେସିଆର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍‌ପିଆର୍, ଏନ୍‌ଆର୍‌ସି ଏବଂ ନାଗରିକ ସଂଶୋଧନ ଆଇନ (ସିଏଏ) ପରସ୍ପର ସହ ସମ୍ପୃକ୍ତ। ପୂର୍ବରୁ ଏନ୍‌ପିଆର୍ କାର୍ଯ୍ୟକାରୀ କଲାବେଳେ ଏହା ସହିତ ନାଗରିକତ୍ୱକୁ ସଂଯୋଗ କରାଯାଉ ନ ଥିଲା ବୋଲି ହାଇଦ୍ରାବାଦ ଏମ୍‌ପି କହିଛନ୍ତି।

୨୦୧୧ରେ ଉପା ସରକାର ବେଳେ ଏନ୍‌ପିଆର୍‌ର ସୃଷ୍ଟି ହୋଇଥିଲା ଏବଂ ଏହା ସହିତ ଏନ୍‌ଆର୍‌ସିର କୌଣସି ସମ୍ପର୍କ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିବା ସତ୍ତ୍ୱେ ବିରୋଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରେ କୌଣସି ସୁଯୋଗକୁ ହାତଛଡ଼ା କରିନାହାନ୍ତି। ୨୦୧୧ର ଏନ୍‌ପିଆର୍ ଏବଂ ବର୍ତ୍ତମାନର ଏନ୍‌ପିଆର୍ ସମ୍ପୂର୍ଣ୍ଣ ଭିନ୍ନ ବୋଲି କଂଗ୍ରେସ କହିଛି। ଏନ୍‌ଆର୍‌ସିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ସରକାର ଏନ୍‌ପିଆର୍ ଆଣିଥିବା ବିରୋଧୀ ଦଳ କହିଛି।

ସରକାରୀ ଅଧିକାରୀଙ୍କ କହିବା ଅନୁଯାୟୀ ପ୍ରତି ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଏନ୍‌ପିଆର୍‌ର ଲକ୍ଷ୍ୟ। ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ ଏବଂ ଗବେଷଣାରେ ଏହା ସହାୟକ ହୋଇପାରିବ। ଏଥିପାଇଁ ବ୍ୟକ୍ତିଙ୍କୁ ତଥ୍ୟ ସମ୍ପର୍କରେ ପଚରାଯିବ, କୌଣସି ପ୍ରମାଣ ମଗାଯିବ ନାହିଁ। ତେଣୁ ଏନ୍‌ପିଆର୍ ନାଗରିକତ୍ୱ ସମ୍ପର୍କରେ ନିଷ୍ପତ୍ତି ନେବ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏନ୍‌ପିଆର୍‌ର ଏନ୍‌ଆର୍‌ସି ସହ କୌଣସି ସମ୍ପର୍କ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ପଷ୍ଟ କରିବା ସତ୍ତ୍ୱେ ସେଥିରେ ଥିବା କେତେକ ମାନଦଣ୍ଡକୁ ନେଇ କଂଗ୍ରେସ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛି। ସିଏଏ ଏବଂ ଏନ୍‌ଆର୍‌ସିକୁ ନେଇ ଆନ୍ଦୋଳନ ଜାରି ରହିଥିବାବେଳେ ଏନ୍‌ପିଆର୍‌କୁ ନେଇ ଏକ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଏନ୍‌ପିଆର୍ କାର୍ଯ୍ୟକାରୀ ନ କରିବା ପାଇଁ କେତେକ ଅଣଭାଜପା ଶାସିତ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ■ ଜେଜେପିରେ ବିଦ୍ରୋହ
# ଉପାଧ୍ୟକ୍ଷ ପଦରୁ ରାମକୁମାରଙ୍କ ଇସ୍ତଫା

ଚଣ୍ଡିଗଡ଼,୨୫।୧୨(ପି.ଟି.)



ଦୁଷ୍ୟନ୍ତ ଚୌତାଲାଙ୍କ ଜନନାୟକ ଜନତା ପାର୍ଟି (ଜେଜେପି)ରେ ବିଦ୍ରୋହ ଦେଖାଦେଇଛି। ଦଳର ଉପାଧ୍ୟକ୍ଷ ପଦରୁ ବିଧାୟକ ରାମକୁମାର ଗୌତମ ବୁଧବାର ଇସ୍ତଫା ଦେଇଛନ୍ତି। ଦଳର କାର୍ଯ୍ୟକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦଳୀୟ ବିଧାୟକମାନଙ୍କ ସମର୍ଥନରେ ଦୁଷ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି, ଏକଥା ସେ ଭୁଲିଯିବା ଉଚିତ ନୁହେଁ ବୋଲି ଗୌତମ କହିଛନ୍ତି। ଦଳୀୟ କାର୍ଯ୍ୟଧାରାକୁ ନେଇ ସେ ଅତିଷ୍ଠ ହୋଇପଡ଼ିଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଗୌତମ କାହିଁକି ଇସ୍ତଫା ଦେଲେ ତାହା ଜାଣି ନ ଥିବା ଦୁଷ୍ୟନ୍ତ କହିଛନ୍ତି। ଜେଜେପି ଯାହା ବିରୋଧରେ ନିର୍ବାଚନ ଲଢୁଥିଲା, ଏବେ ଏହାର ନେତାମାନେ ଉକ୍ତ ଦଳ ସହ ହାତ ମିଳାଇଥିବା ଗୌତମ ଅଭିଯୋଗ କରିଛନ୍ତି।

# ‘ଚାଇନାର ବନ୍ଧୁକ ଶକ୍ତି ସହ ସତ୍ୟର ଲଢ଼େଇ ଜାରି ରହିବ’

ଗୟା,୨୫।୧୨(ଏଏଫ୍‌ପି)


ଦଲାଇଲାମା

ତିବ୍ବତ୍‌ର ବୌଦ୍ଧ ଧର୍ମାବଲମ୍ବୀମାନେ ସତ୍ୟର ଶକ୍ତି ବଳରେ ଚାଇନାର ବନ୍ଧୁକ ଶକ୍ତି ସହ ଲଢ଼େଇ ଜାରି ରଖିବା ଲାଗି ପ୍ରତିବଦ୍ଧ ବୋଲି ଧର୍ମଗୁରୁ ଦଲାଇଲାମା କହିଛନ୍ତି। ବିହାରର ବୋଧଗୟାଠାରେ ଥିବା ମହାବୋଧି ମନ୍ଦିରରେ ଉଦ୍‌ବୋଧନ ଦେଇ ତିବ୍ବତୀୟ ଧର୍ମଗୁରୁ କହିଥିଲେ,ଚାଇନାରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ସର୍ଭେରୁ ଜଣାପଡିଛି। ଆମ ପାଖରେ ସତ୍ୟର ଶକ୍ତି ରହିଛି, ଯାହା ବନ୍ଧୁକ ଶକ୍ତିଠାରୁ ଅଧିକ ପ୍ରଭାବଶାଳୀ। ଏହି ଅବସରରେ ଦଲାଇଲାମା ଭାରତର ପୁରାତନ ଶିକ୍ଷା ବ୍ୟବସ୍ଥାର ସ୍ମରଣ କରିବା ସହ ଅହିଂସା, ସହାନୁଭୂତି ଓ ଗଣତନ୍ତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ମାନସିକ ଶାନ୍ତି ଅତ୍ୟନ୍ତ ଜରୁରୀ। ଏବେ ଧର୍ମକୁ ନେଇ ବିଭିନ୍ନ ଦେଶରେ ହିଂସାକାଣ୍ଡ ଘଟୁଛି। ଏହାକୁ ବନ୍ଦ କରି ମାନବିକତା ମୂଲ୍ୟବୋଧର ପ୍ରସାର ହେବା ଆବଶ୍ୟକ ବୋଲି ଦଲାଇଲାମା କହିଥିଲେ। ଚାଇନାର ପିପିଲ୍ସ ଲିବରେଶନ୍ ଆର୍ମି ଦ୍ୱାରା ଅତ୍ୟାଚାରିତ ହେବା ପରେ ଦଲାଇଲାମା ୧୯୫୯ରେ ଭାରତର ଶରଣ ନେଇଥିଲେ।

## ଯବାନ ଶହୀଦ

**ଶ୍ରୀନଗର,୨୫।୧୨(ପି.ଟି.):** ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟବର୍ତ୍ତୀ ରାମପୁର ସେକ୍ଟରରେ ପାକିସ୍ତାନ ସେନା ଗୁଳିରେ ଜଣେ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ପାକିସ୍ତାନୀ ସୈନ୍ୟ ଉରିର ହାଜିପୀର ଅଞ୍ଚଳରେ ଆଖିବୁଜା ଗୁଳି ଚଳାଇଥିଲେ। ସେମାନେ ଫିଙ୍ଗିଥିବା କେତେକ ସେଲ୍ ପାର୍ଶ୍ୱବର୍ତ୍ତୀ ଗାଁରେ ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ଭାରତୀୟ ସେନା ଅସ୍ତ୍ରବିରତି ଉଲ୍ଲଂଘନର ଠିକଣା ଜବାବ ଦେଇଥିଲା।


କ୍ରିସ୍‌ମାସ ଅବସରରେ ଶାନ୍ତାକ୍ଲଜ୍ ବେଶଧାରୀ ଜଣେ ବ୍ୟକ୍ତି ଶ୍ରୀନଗରର କାଥୋଲିକ୍ ଚର୍ଚ୍ଚଠାରେ ମୁତୟନ ଯବାନଙ୍କୁ ଚକୋଲେଟ୍ ବାଣ୍ଟୁଛନ୍ତି।

## ମହାରାଷ୍ଟ୍ରରେ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ହେବ

ପୁଣେ,୨୫।୧୨(ଏଏଫ୍‌ପି)

ମହାରାଷ୍ଟ୍ରରେ ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବୁଧବାର ପ୍ରତିଶ୍ରୁତି ଦେଇଛନ୍ତି। ୨୦୧୫ ଏପ୍ରିଲ ୧ରୁ ୨୦୧୯ ମାର୍ଚ୍ଚ ୩୧ ମଧ୍ୟରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦୀ କୃଷିଋଣ ଛାଡ଼ କରିବ ବୋଲି ତାଙ୍କ ସରକାର ପୂର୍ବରୁ ଘୋଷଣା କରିଥିଲା। ଚାଷୀଙ୍କୁ ତୁରନ୍ତ ଆଶ୍ୱସ୍ତ କରିବା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ କରାଯାଇଛି। କିନ୍ତୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ କୃଷିଋଣ ଛାଡ଼ କରାଯିବ ବୋଲି ଠାକ୍‌ରେ କହିଛନ୍ତି।

## ସ୍ମୃତିଶକ୍ତି ହରାଇଲେ ବ୍ରାଜିଲ ରାଷ୍ଟ୍ରପତି

**ସାଓ ପାଉଲୋ,୨୫।୧୨(ଏଏଫ୍‌ପି):** ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲସନାରୋ ସରକାରୀ ବାସଭବନରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସେ ସାମୟିକ ଭାବେ ସ୍ମୃତିଶକ୍ତି ହରାଇଥିବା ଜଣାପଡିଛି। ସୋମବାର ରାତିରେ ବୋଲସନାରୋ ବାଥ୍‌ରୁମ୍‌ରେ ପଡ଼ିଯାଇଥିଲେ। ପୂର୍ବରୁ ୨୦୧୮ ସେପ୍ଟେମ୍ବରରେ ସେ ନିର୍ବାଚନ ପ୍ରଚାର କରୁଥିବାବେଳେ ଆକ୍ରମଣରେ ଆହତ ହୋଇଥିଲେ। ସେତେବେଳେ ମଧ୍ୟ ସେ କିଛିଦିନ ପାଇଁ ସ୍ମୃତିଶକ୍ତି ହରାଇଥିଲେ।


ଜୈର୍ ବୋଲସନାରୋ

## ■ ପାକ୍ ସେନା ମୁଖପାତ୍ରଙ୍କ ଖ୍ରୀଷ୍ଟମାସ ଶୁଭେଚ୍ଛା ଟୁଇଟ୍
# ଓଡ଼ିଶାକୁ ବଦ୍‌ନାମ ଲାଗି ପ୍ରୟାସ

ଇସ୍‌ଲାମାବାଦ, ୨୫।୧୨

ସାରା ବିଶ୍ୱରେ ଖ୍ରୀଷ୍ଟମାସ ଧୁମ୍‌ଧାମରେ ପାଳନ କରାଯାଉ ଥିବାବେଳେ ଭାରତର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ପୂରାଇ ପାକିସ୍ତାନ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର ବୁଧବାର ଓଡ଼ିଶାକୁ ବଦ୍‌ନାମ କରିବା ଲାଗି ପ୍ରୟାସ କରିଛନ୍ତି। ଗଫୁର ଟୁଇଟ୍ କରି ପାକିସ୍ତାନ ଓ ବିଶ୍ୱରେ ରହୁଥିବା ଖ୍ରୀଷ୍ଟିଆନଙ୍କୁ ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଓଡ଼ିଶା ଭଳି ହିନ୍ଦୁପ୍ରବଣ ରାଜ୍ୟରେ ରହୁଥିବା ଖ୍ରୀଷ୍ଟିଆନ୍‌ଙ୍କୁ ଖ୍ରୀଷ୍ଟମାସ ଶୁଭେଚ୍ଛା ଜଣାଇବାକୁ ସେ ଭୁଲି ନ ଥିଲେ। ଭାରତର ଧର୍ମନିରପେକ୍ଷତା ପ୍ରତି ଅଙ୍ଗୁଳି ଉଠାଇ ସେ ବିବାଦର ମଞ୍ଜି ବୁଣିବାକୁ ଚେଷ୍ଟା କରିଛନ୍ତି। ଏହାକୁ ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ଓଡ଼ିଶାରେ ଧର୍ମାନ୍ତରୀକରଣ ଓ ଏହାକୁ ନେଇ ଦଙ୍ଗା ହୋଇଥିଲେ ହେଁ ଏବେ ଭାଇଚାରା ଅତୁଟ ରହିଛି। ତଥାପି ପାକିସ୍ତାନ ଏଥିରୁ ଖିଅ କାଢ଼ିବାକୁ ଚେଷ୍ଟା କରିଛି। ପୂର୍ବରୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସିଏଏକୁ ନେଇ ମୁହଁ ଖୋଲିଥିଲେ। ଭାରତ ଏହାର ତୀବ୍ର ବିରୋଧ କରି ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ନ ପୂରାଇବା ଲାଗି କହିଥିଲା। ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ନିର୍ଯାତନା ସୀମା ଟପିଥିବାବେଳେ ମାନବାଧିକାର ଉଲ୍ଲଂଘନ ମାମଲା ବଢ଼ି ବଢ଼ି ଚାଲିଛି।


ଆସିଫ୍ ଗଫୁର

## ■ ଆଦିତ୍ୟ ଠାକ୍‌ରେଙ୍କୁ ଜେଡ୍ ସୁରକ୍ଷା
# ସଚିନଙ୍କ ସୁରକ୍ଷା ହ୍ରାସ

ମୁମ୍ବାଇ,୨୫।୧୨(ପି.ଟି.)

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସୁରକ୍ଷା ହ୍ରାସ କରାଯାଇଥିବାବେଳେ ଶିବସେନା ବିଧାୟକ ଆଦିତ୍ୟ ଠାକ୍‌ରେଙ୍କୁ ଜେଡ୍ ସୁରକ୍ଷା ଯୋଗାଇ ଦିଆଯାଇଛି। ମହାରାଷ୍ଟ୍ରର ଏକ ସରକାରୀ କମିଟି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ପରେ ଏଭଳି ପରିବର୍ତ୍ତନ ହୋଇଛି। ୯୦ରୁ ଊର୍ଦ୍ଧ୍ୱ ଖ୍ୟାତନାମା ବ୍ୟକ୍ତିଙ୍କ ସୁରକ୍ଷାର ସମୀକ୍ଷା କରାଯାଇଥିଲା। ତେନ୍ଦୁଲକରଙ୍କୁ ଏକ୍ସ ବର୍ଗର ସୁରକ୍ଷା ମିଳୁଥିବାବେଳେ ଏହାକୁ ପ୍ରତ୍ୟାହାର କରିନିଆଯାଇଛି। କେବଳ ସେ ବାହାରକୁ ଗଲେ ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବ। ଏହାକୁ ନେଇ ସଚିନଙ୍କ ପ୍ରଶଂସକ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଜେଡ୍ ପ୍ଲସ ସୁରକ୍ଷା କାଏମ ରହିଥିବାବେଳେ ତାଙ୍କ ପୁତୁରା ତଥା ଦଳର ନେତା ଅଜିତ ପାୱାରଙ୍କ ଜେଡ୍ ସୁରକ୍ଷା ଜାରି ରହିବ। ସାମାଜିକ କର୍ମୀ ଆନ୍ନା ହାଜାରେଙ୍କ ସୁରକ୍ଷା ଜେଡ୍‌ରୁ ୱାଇ ପ୍ଲସ୍‌କୁ ଏବଂ ଉତ୍ତରପ୍ରଦେଶର ପୂର୍ବତନ ଗଭର୍ନର ରାମ ନାଏକଙ୍କ ସୁରକ୍ଷା ଜେଡ୍ ପ୍ଲସ୍‌ରୁ ଏକ୍ସକୁ ହ୍ରାସ ପାଇଛି। ସେହିପରି ପୂର୍ବତନ ଭାଜପା ମନ୍ତ୍ରୀ ଏକ୍‌ନାଥ ଖଡ୍‌ସେ ଏବଂ ରାମ ସିନ୍ଦେଙ୍କ ସୁରକ୍ଷା କମାଇଦିଆଯାଇଛି।


ସଚିନ୍ ତେନ୍ଦୁଲକର


ଆଦିତ୍ୟ ଠାକ୍‌ରେ

# ଜୈଶ୍ ଆତଙ୍କବାଦୀଙ୍କ ଟାର୍ଗେଟରେ ଅଯୋଧ୍ୟା

ନୂଆଦିଲ୍ଲୀ, ୨୫।୧୨(ପି.ଟି.)

**ଗୋଇନ୍ଦା ରିପୋର୍ଟ**

ଉତ୍ତରପ୍ରଦେଶର ଅଯୋଧ୍ୟାରେ ଆକ୍ରମଣ କରିବା ଲାଗି ପାକିସ୍ତାନର ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଯୋଜନା କରୁଛି। ଏନେଇ ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଜେଇଏମ୍ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ତଥା ବିଶ୍ୱ ଆତଙ୍କବାଦୀ ଭାବେ ଜଣାଶୁଣା ମାସୁଦ ଆଝାର ଚାଟିଂ ଆପ୍ ଟେଲିଗ୍ରାମ ମାଧ୍ୟମରେ ମେସେଜ୍ ଦେଉଛନ୍ତି। ଏଭଳି ଘଟଣା ଜଣାପଡ଼ିବା ପରେ ଅଯୋଧ୍ୟା ଓ ଦେଶର ଅନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଭାରତରେ ଜେଇଏମ୍‌ର ଗତିବିଧି ଉପରେ ଗୋଇନ୍ଦା ବିଭାଗ କଡ଼ା ନଜର ରଖିଥିବା ଜଣାପଡ଼ିଛି। ପୂର୍ବରୁ ଭାରତର ବିଭିନ୍ନ ସ୍ଥାନରେ ଜେଇଏମ୍ ହାଇପ୍ରୋଫାଇଲ୍ ଆକ୍ରମଣ କରିବାରେ ସଫଳ ହୋଇଛି। ୨୦୦୧ରେ ଭାରତର ପାର୍ଲାମେଣ୍ଟ ଉପରେ ଆକ୍ରମଣ, ୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମା ଆତଙ୍କବାଦୀ ଆକ୍ରମଣ କରିବାରେ ସମର୍ଥ ହୋଇଛି। ସେଥିଲାଗି ଗୋଇନ୍ଦା ରିପୋର୍ଟକୁ ଆଧାର କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଥିବା ଜଣାପଡ଼ିଛି।

## ଇତିହାସର ଆଇନାରେ — ଡିସେମ୍ବର ୨୬ର ପ୍ରମୁଖ ଘଟଣା

୨୦୦୩ ଡିସେମ୍ବର ୨୬ରେ ଦକ୍ଷିଣ ଇରାନରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୬ ରହିଥିଲା। ଏଥିରେ ପ୍ରାୟ ୨୬ ହଜାର ଲୋକ ପ୍ରାଣ ହରାଇଥିବାବେଳେ ୩୦ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। କେର୍ମାନ୍ ଓ ବାମ୍ ଅଞ୍ଚଳ ଭଗ୍ନସ୍ତୁପରେ ପରିଣତ ହୋଇଯାଇଥିଲା।

୨୦୦୪ ଡିସେମ୍ବର ୨୬ରେ ଇଣ୍ଡୋନେସିଆର ଉତ୍ତର ସୁମାତ୍ରାରେ ଭୟଙ୍କର ଭୂକମ୍ପ ସହ ସୁନାମି ଆସିବାରୁ ୨ ଲକ୍ଷ ୨୭ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୯.୩ ରହିଥିଲା। ଫଳରେ ଭାରତ, ବାଂଲାଦେଶ, ଥାଇଲାଣ୍ଡ, ଶ୍ରୀଲଙ୍କା, ମାଳଦ୍ୱୀନ, ମାଲେସିଆ, ମ୍ୟାନ୍‌ମାର, ଇଣ୍ଡୋନେସିଆ ଉପକୂଳରେ ଭୟଙ୍କର ସୁନାମି ଦେଖିବାକୁ ମିଳିଥିଲା।

## ■ ୟୁପିରେ ସିଏଏ ବିରୋଧୀ ହିଂସା
# ୩୦୦ ଜଣଙ୍କୁ ନୋଟିସ

■ସାଧାରଣ ସମ୍ପତ୍ତି ନଷ୍ଟର ଭରଣା କରିବେ ଉପଦ୍ରବୀ

■ପ୍ରଶାସନ ପକ୍ଷରୁ ୭ ଦିନର ମହଲତ

ଲକ୍ଷ୍ନୌ, ୨୫।୧୨



ସିଏଏ ବିରୋଧୀ ହିଂସାକାଣ୍ଡ ଓ ପୋଡ଼ାଜଳା ଯୋଗୁ ଉତ୍ତରପ୍ରଦେଶ(ୟୁପି)ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉଭୟ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟହୋଇଛି। ଏହି କ୍ଷୟକ୍ଷତି ଭରଣା ଲାଗି ଉତ୍ତରପ୍ରଦେଶର ବିଭିନ୍ନ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜନସାଧାରଣଙ୍କ ସମ୍ପତ୍ତି ନଷ୍ଟକରିଥିବା ଲୋକ ଏହାକୁ ଭରଣା କରିବେ ବୋଲି କହିଥିଲେ। ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରି ପ୍ରଶାସନ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖକୁ କାରଣ ଦର୍ଶାଅ ନୋଟିସ ପଠାଯିବା ସହ ସେମାନଙ୍କଠାରୁ କାହିଁକି କ୍ଷୟକ୍ଷତି ଭରଣା କରାଯିବ ନାହିଁ ବୋଲି କୁହାଯାଇଛି। ଲକ୍ଷ୍ନୌ ପ୍ରଶାସନ ପକ୍ଷରୁ ୧୦୦, ରାମପୁର ପ୍ରଶାସନ ପକ୍ଷରୁ ୨୮, ମିରଟ ପ୍ରଶାସନ ପକ୍ଷରୁ ୧୪୧, ସମ୍ଭଲ ପ୍ରଶାସନ ପକ୍ଷରୁ ୨୬, ଗୋରଖପୁର ପ୍ରଶାସନ ପକ୍ଷରୁ ୩୩ ଲୋକଙ୍କ ନିକଟକୁ ନୋଟିସ ପଠାଯାଇଛି। ଏଥିସହ ୨୬ ଲୋକଙ୍କୁ ଜେଲ ପଠାଯାଇଥିବାବେଳେ ହଜାରେରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ହିଂସାକାଣ୍ଡରେ ସାମିଲ ଥିବା ଲୋକଙ୍କ ଫଟୋଚିତ୍ର ପୋଲିସ ମାରିଥିବାବେଳେ ଏମାନଙ୍କ ବିଷୟରେ ସୂଚନା ଦେଲେ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି।

ରାମପୁର ପ୍ରଶାସନ ହିଂସାବେଳେ କ୍ଷତି ହୋଇଥିବା ସମ୍ପତ୍ତି ଭରଣା ଲାଗି ୨୫ ଲକ୍ଷ ଟଙ୍କା ପୈଠ କରିବାକୁ ନୋଟିସ ଜାରି କରିଛି। ୭ ଦିନ ମଧ୍ୟରେ ଏନେଇ ନିଜର ମତ ସ୍ପଷ୍ଟ ନ କଲେ କିମ୍ବା ଅର୍ଥ ପୈଠ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅଞ୍ଜନେୟ ସିଂ କହିଛନ୍ତି। ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟକରିବାର ଅଧିକାର କାହାର ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି, ଗତ ଶନିବାର ସିଏଏକୁ ବିରୋଧ କରି ଉଗ୍ର ହିଂସାକାଣ୍ଡ ଜାରି ରହିଥିବାବେଳେ ଜଣେ ୨୨ ବର୍ଷୀୟ ଯୁବକଙ୍କ ଦେହରେ ଗୁଳିମାଡ଼ କରାଯାଇଥିଲା। ଟେକାପଥର ମାଡ଼ରେ ଅନେକ ସ୍ଥାନୀୟ ଲୋକ ଓ ପୋଲିସ ମଧ୍ୟ ଆହତ ହୋଇଥିଲେ। ପୋଲିସ ଗାଡ଼ି ସହ ଲୋକେ ରାସ୍ତାରେ ଥିବା ଅନେକ ବାଇକ୍ ଜାଳିଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସିଏଏ ବିରୋଧୀ ହିଂସା ଦେଖାଦେଇଥିବାବେଳେ ୧୭ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହି ନିଆଁ ଦେଶର ବିଭିନ୍ନ ସ୍ଥାନକୁ ବ୍ୟାପିଥିଲା। ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବିକ୍ଷୋଭକାରୀମାନେ ନଷ୍ଟ କରିଥିଲେ।

## ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

ନୂଆଦିଲ୍ଲୀ,୨୫।୧୨(ପି.ଟି.)

**ୟୁପି ପୋଲିସର କାର୍ଯ୍ୟାନୁଷ୍ଠାନ**

ଉତ୍ତରପ୍ରଦେଶରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନୋଟିସ ଜାରି କରିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଯୋଗୁ ମାନବାଧିକାର ଉଲ୍ଲଂଘନ ହୋଇଥିବା ନେଇ ଏନ୍‌ଏଚ୍‌ଆର୍‌ସିରେ ଏକାଧିକ ଅଭିଯୋଗ ହୋଇଥିଲା। ୪ ସପ୍ତାହ ମଧ୍ୟରେ ନୋଟିସର ଜବାବ ଦେବା ପାଇଁ ଡିଜିପିଙ୍କୁ କୁହାଯାଇଛି।

ଉତ୍ତରପ୍ରଦେଶର ବିଭିନ୍ନ ଜିଲାରେ ସିଏଏ ବିରୋଧୀ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଏବଂ ପୋଲିସ ଗୁଳିରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ପୋଲିସ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିଥିବା ଏବଂ ଲୋକଙ୍କ ଶାନ୍ତିପୂର୍ଣ୍ଣ ସମାବେଶ ଅଧିକାରକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା ବୋଲି ଏନ୍‌ଏଚ୍‌ଆର୍‌ସି କହିଛି। ଗୁଳି ଚଳାଇଥିବା କଥାକୁ ପୋଲିସ ଅସ୍ୱୀକାର କରୁଥିବାବେଳେ ସେମାନେ ଗୁଳି ଚଳାଇଥିଲେ ବୋଲି ଖବର ପ୍ରକାଶ ପାଇଆସୁଛି। ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ କରି ପୋଲିସ ସେମାନଙ୍କ ଦୋକାନ ସିଲ୍ କରିଦେଇଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଛି।



MARUTI SUZUKI ARENA
ପ୍ରସ୍ତୁତ କରୁଛି
5 ବର୍ଷର ଫ୍ରି ୱାରେଣ୍ଟି^
ଡିଜେଲ-ପାୱାର୍ଡ ମାରୁତି ସୁଜୁକୀ କାରଗୁଡ଼ିକ ଉପରେ ।#
Dzire, Swift ଏବଂ Vitara Brezza ଉପରେ 5 ବର୍ଷ ଫ୍ରି ୱାରେଣ୍ଟି ପ୍ରାପ୍ତ କରନ୍ତୁ, ଏବଂ ନିଜର ଡ୍ରାଇଭକୁ ସମ୍ପୂର୍ଣ୍ଣ ଚିନ୍ତା ମୁକ୍ତ କରନ୍ତୁ ।
HURRY UP!
6 DAYS LEFT
DDiS
ଡିଜେଲ ଇଞ୍ଜିନ୍
ହାଇ ଟୋର୍କ
ହାଇ ଫିଉଲ ଇଫିସିଏନ୍‌ସି
ସୁପରିୟର ଡ୍ରାଇଭିଙ୍ଗ୍ ଏକ୍ସିପିରିଏନ୍‌ସ
BIGGER SAVINGS
DZIRE ₹60 000*
SWIFT ₹55 000*
VITARA BREZZA ₹70 000*
+ FREE 5 YEAR WARRANTY^
Scratch & WIN!
GOLD COIN OFFER
^WIN UP TO 10 GM GOLD COIN
DZIRE SWIFT VITARA BREZZA
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
SKY AUTOMOBILES
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.
NARAYANI MOTORS
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.
ODYSSEY MOTORS
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: CALL: 9776615020, 8338033883, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108
*Offer includes consumer offer, corporate offer and exchange bonus (Wherever Applicable). Terms and conditions apply. The terms and conditions are subject to change without any prior notice. ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. ^Offer applicable on all Models except New Ertiga Petrol. Offer valid from 2nd to 31st December, 2019. The value of 1gm gold coin is ₹3 500/-. The scratch card is not transferable. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. #Only applicable for Dzire, Swift and Vitara Brezza. Offers valid till 31st December 2019.

**କିଛି ତଥ୍ୟ**
ବର୍ତ୍ତମାନ ସୁଦ୍ଧା ଦେଶର ୧.୩ ଲକ୍ଷ ଗ୍ରାମ ପଞ୍ଚାୟତକୁ ଭାରତ ନେଟ୍ ଅପ୍ଟିକାଲ ଫାଇବର ସହ ଯୋଡ଼ାଯାଇଛି।
– କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲିଙ୍କୁନ୍
ପରିବାରବର୍ଗ


ମାନସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ବର୍ଷା ସମ୍ଭାବନା: ୨୮ରୁ ବଢ଼ିବ ଶୀତ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ):** ଚଳିତ ବର୍ଷ ରାଜ୍ୟରେ ଶୀତ ଏକ ପ୍ରକାର ଗାଏବ ରହିଛି। ଯଦିଓ ହାଲକା ଶୀତ ହେଉଛି ତେବେ ତାହା ଦେହ ଥରାଇବା ଭଳି ହେଉ ନାହିଁ। କେବଳ ସହର ନୁହେଁ ବଣପାହାଡ ଘେରା ଜିଲାରେ ମଧ୍ୟ ହାଡଭଙ୍ଗା ଶୀତ ନାହିଁ। ଉତ୍ତର ଭାରତରୁ ରାଜ୍ୟକୁ ଏ ପର୍ଯ୍ୟନ୍ତ ଥଣ୍ଡା ବାୟୁ ପ୍ରବାହ (କୋଲ୍ଡ ଓେଭ୍) ଆସି ନାହିଁ। ଚଳିତ ବର୍ଷ ହାଲକା ଶୀତ ରହିବ ବୋଲି ଅନୁମାନ କରାଯାଇଛି। ରାଜ୍ୟରେ ଗତ କିଛି ଦିନ ହେବ ଲଗାତର ଦକ୍ଷିଣ ପଶ୍ଚିମ ବାୟୁ ପ୍ରବାହ ଜାରି ରହିଛି। ଏଥିଯୋଗୁ ରାଜ୍ୟରେ ଶୀତର ପ୍ରକୋପ ବଢୁ ନାହିଁ। ଆକାଶ ମେଘାଚ୍ଛନ୍ନ ରହୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ, ଉପକୂଳ ସମେତ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୮ ତାରିଖରୁ ଶୀତ ବଢ଼ିବ। ୩୦ ତାରିଖ ଯାଏ ଏହାର ପ୍ରଭାବ ରହିବ। ୩୧ ତାରିଖରୁ ପୁଣି ପାରଦ ଉପର ମୁହାଁ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବୁଧବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୯.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଓଡ଼ିଶାର ଅନ୍ୟାନ୍ୟ ଭାଗରେ ୧୧ରୁ ୧୯ ଡିଗ୍ରୀ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଗୋପାଳପୁରରେ ୧୬.୩, ପୁରୀରେ ୧୬.୪, ଅନୁଗୋଳରେ ୧୦, ବାରିପଦାରେ ୧୩.୫, ଝାରସୁଗୁଡାରେ ୧୪.୪, କେନ୍ଦୁଝରରେ ୧୩, ସମ୍ବଲପୁରରେ ୧୩.୭, ସୁନ୍ଦରଗଡ଼ରେ ୧୨.୫, ହୀରାକୁଦରେ ୧୫.୧, ତାଳଚେରରେ ୧୨.୫, ଭବାନୀପାଟଣାରେ ୧୫.୫, ବଲାଙ୍ଗୀରରେ ୧୬, କୋରାପୁଟରେ ୧୩.୨, ଟିଟିଲାଗଡ଼ରେ ୧୨.୬ ଏବଂ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୧୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଦୁର୍ଘଟଣାରେ ଜିଲା ପରିଷଦ ଅଧ୍ୟକ୍ଷଙ୍କ ମୃତ୍ୟୁ

# ଗୋଟିଏ ଦିନରେ ଚାଲିଗଲା ପଦ, ଜୀବନ

**ଗୁଣପୁର,୨୫।୧୨(ଡି.ଏନ୍.ଏ.)**

ରାଜନୀତି ଓ ଜୀବନର ଖେଳ କେଡ଼େ ଅନିଶ୍ଚିତ, ମଙ୍ଗଳବାର ତାହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ପଦବୀ ରାୟଗଡ଼ା ଜିଲା କୋର୍ଟରେ ଅସିଦ୍ଧ ଘୋଷଣା ହେବା ଦିନ ହିଁ ଦୁର୍ଘଟଣାରେ ତାଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଗୋଟିଏ ଦିନରେ ପଦ ଓ ଜୀବନ ଚାଲିଯିବା ଘଟଣା ପରିବାର ଲୋକ ଓ ତାଙ୍କ ସମର୍ଥକଙ୍କୁ ସ୍ତବ୍ଧ କରିଦେଇଛି।

ରାୟଗଡ଼ା ଜିଲାଜଜ୍ ମଙ୍ଗଳବାର ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ (୫୦)ଙ୍କ ପଦବୀ ଓ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ। ଗୁପ୍ତ ମତଦାନ ପ୍ରକ୍ରିୟାରେ ବାଧା ଓ ନିର୍ବାଚନୀ ଆଚରଣ ଉଲ୍ଲଂଘନ ଅଭିଯୋଗରେ ଏଭଳି ରାୟ ମିଳିଥିଲା। ୨୦୧୭ରେ ଜିଲା ପରିଷଦ ଅଧ୍ୟକ୍ଷ ଭାବେ କଂଗ୍ରେସ ନେତା ପୁରୁଷୋତ୍ତମ ଗମାଙ୍ଗ ନିର୍ବାଚିତ ହେବା ପରେ ତାଙ୍କ ପଦବୀକୁ ଚ୍ୟାଲେଞ୍ଜ କରିଥିଲେ ବିଜେଡି ପ୍ରାର୍ଥୀ। ୨୦୧୮ରେ ରାୟଗଡ଼ା ଜିଲାଜଜ୍ ତାଙ୍କ ପଦବୀକୁ ପ୍ରଥମଥର ପାଇଁ ଅସିଦ୍ଧ ଘୋଷଣା କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ସେପ୍ଟେମ୍ବରରେ ହାଇକୋର୍ଟ ଏହାର ବିଚାର ତଳକୋର୍ଟରେ ପୁନର୍ବାର କରାଯିବା ସହ ପୁରୁଷୋତ୍ତମ ସେଠାରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।


ପୁରୁଷୋତ୍ତମ ଗମାଙ୍ଗ

ଏହାର ଶୁଣାଣି କରି ରାୟଗଡ଼ା ଜିଲାଜଜ୍ ମଙ୍ଗଳବାର ପୁଣିଥରେ ଏହି ପଦବୀକୁ ଅସିଦ୍ଧ ଘୋଷଣା କରିଛନ୍ତି। ସନ୍ଧ୍ୟାରେ ପୁରୁଷୋତ୍ତମ କୋର୍ଟରୁ ଗୁଣପୁର ଅଭିମୁଖେ ବାହାରିଥିଲେ। ତାଣ୍ଡିକଣାଠାରୁ କିଛି ଦୂରରେ ତାଙ୍କର ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୁଣ୍ଡରେ ଆଘାତ ଓ କାନରୁ ପ୍ରବଳ ରକ୍ତସ୍ରାବ ଯୋଗୁ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାମନାଗୁଡ଼ା ଓ ପରେ ଗୁଣପୁର ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଶ୍ରୀକାକୁଲମ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ମୃତଦେହ ଅଣାଯିବା ପରେ ଶୋକାକୁଳ ପରିବେଶରେ ପୈତୃକ ଗ୍ରାମ ଅନ୍ତରାଝୋଲିସ୍ଥିତ ବଂଶଧାରା ନଦୀତଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟସ୍ଥାନରେ ଷଡ଼ଗ୍ରହକୂଟ ଉଦ୍ୟମକୁ ଭଣ୍ଡୁର କରିପାରେ। ଭାଇ, ବନ୍ଧୁ, ପାଖ ପଡ଼ୋଶୀଙ୍କ ସହ ଯୁକ୍ତିତର୍କରୁ ଅନର୍ଥ ଘଟିବାର ସମ୍ଭାବନା ରହିଛି। ତଥାପି ସାମ୍ବାଦିକତା, ଏଜେନ୍ସିପ୍, ପରିବହନ, ବ୍ୟବସାୟ, ବାଣିଜ୍ୟରେ ଆଂଶିକ ସଫଳତା ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିବ।

**ବୃଷ** ଅଷ୍ଟମସ୍ଥ ଗ୍ରହସ୍ଥିତିରୁ ଅର୍ଥଲାଭ ହେବ କିନ୍ତୁ ସ୍ୱାସ୍ଥ୍ୟହାନିର ଆଶଙ୍କା ଦେଖାଦେଇପାରେ। ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିପାରନ୍ତି। ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା କିନ୍ତୁ ଆନୁଷ୍ଠାନିକ କାମରେ କେତେକ ସମସ୍ୟା ଆଶଙ୍କା ରହିଛି। ମୋଟା ଅଙ୍କର ଅର୍ଥ ବନ୍ଧୁଙ୍କ ଠାରୁ ଧାର ଆଣିପାରନ୍ତି।

**ମିଥୁନ** ରାଶିକୁ ଏକାଧିକ ଗ୍ରହ ଅବଲୋକନ କରୁଥିବାରୁ ଆପଣଙ୍କ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଆଜି ବନ୍ଧୁଗହଣରେ କିଛି କଡ଼ା ଭାଷା ପ୍ରୟୋଗ କରି ସମ୍ପର୍କ ନଷ୍ଟ କରିପାରନ୍ତି। ଯେଉଁ କ୍ଷେତ୍ରରେ ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବ। କିନ୍ତୁ କଳା, ସାହିତ୍ୟରେ ଉପଯୁକ୍ତ ଭାବେ ଫଳ ପାଇବାର ଆଶା କରାଯାଇପାରେ।

**କର୍କଟ** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବିଳାସବ୍ୟସନ ମଧ୍ୟରେ ସମୟ କଟାଇବେ। କିନ୍ତୁ କର୍ମକ୍ଷେତ୍ରରେ ସତର୍କରେ କାମ କରିବା ଭଲ, ନଚେତ୍ ପରେ ଅନୁତାପ କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅବଶ୍ୟ ସବୁ କଥାରେ ନରମି ରହିପାରିଲେ ହିଁ ସୁଫଳ ପାଇବେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ** କେନ୍ଦ୍ରକୋଣାଧିପ ମଙ୍ଗଳ ସ୍ୱଗୃହୀ ହେତୁ କାର୍ଯ୍ୟସିଦ୍ଧି, ପ୍ଲଟିଂ କାରବାରରେ ଉନ୍ନତି ଓ ଅଗ୍ନି ସମ୍ବନ୍ଧିତ ଯନ୍ତ୍ରପାତି ବ୍ୟବସାୟରୁ ସୁଫଳ ପାଇବେ। ଅର୍ଥଲାଭର ଯୋଗ ରହିଛି ଅବଶ୍ୟ ଯାହାକି ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**କନ୍ୟା** ଅଷ୍ଟମାଧିପତିଙ୍କ କ୍ରୂରଦୃଷ୍ଟି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବାଧା ସୃଷ୍ଟି କରିବ। ନିକଟ ସମ୍ପର୍କୀୟ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ସମସ୍ୟା ବହୁଳ କରିପାରନ୍ତି। ସହକର୍ମୀଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡି ହୋଇଯାଇପାରେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା** ଆପଣଙ୍କ କଠୋର ବାକ୍ୟାଳାପ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଭଲ ସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବିଛା** ସ୍ୱଗୃହୀ ରାଶ୍ୟାଧିପ ଆପଣଙ୍କୁ ଆରୋଗ୍ୟଲାଭ, ଚେଷ୍ଟା ସଫଳ, ଋଣସୂତ୍ରରେ ଅର୍ଥଲାଭ କରାଇପାରେ। ଗତକାଲି ଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ଅବଶ୍ୟ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସା ପାଇବେ କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ରାଶିରେ ଛଅଟିଗ୍ରହ ସଂଗଠିତ ହେବା ସହ ସୂର୍ଯ୍ୟ ପରାଗ ଘଟୁଥିବାରୁ ସ୍ୱାସ୍ଥ୍ୟହାନି, କଳହ, ଧନକ୍ଷୟ ଓ ସମ୍ପର୍କ ନଷ୍ଟର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। କେତେକ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ମକର** ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ମଉଜ ମଜଲିସ୍ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। କିନ୍ତୁ ଅଫିସ୍‌ରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ପରିବାରରେ ଛୋଟ କଥାଟିକୁ ଗୁରୁତ୍ୱ ନ ଦେବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ପିଲାଙ୍କ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ ସକଶେ ଚିନ୍ତିତ ରହିବେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା କ୍ରମଶଃ ଜଟିଳ ହେବ। ଖଳଲୋକମାନଙ୍କ ଶତ୍ରୁତା ହେତୁ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାଖ ପଡ଼ୋଶୀରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇ ପାରନ୍ତି।

ଆଜି ଦିବା ଘ୧୦ ।୩୯ମି ପର୍ଯ୍ୟନ୍ତ ପୌଷ ଅମାବାସ୍ୟା ଗୁରୁବାର, ଡିସେମ୍ବର ୨୬ ତାରିଖ, (ଅଦ୍ୟ କେତୁଗ୍ରସ୍ତ ଖଣ୍ଡଗ୍ରାସ ସୂର୍ଯ୍ୟୋପରାଗ, ପୁରୀକୁ ଗ୍ରହଣସ୍ପର୍ଶ ଦିବା ଘ୮ ।୨୦ମି.୧୦ସେକେଣ୍ଡ, ସର୍ବମୋକ୍ଷ ଦିବା ଘ୧୧ ।୨୯ମି. ୧୦ ସେକେଣ୍ଡ। ପୂର୍ବଦିନ ଅର୍ଥାତ୍ ୨୫।୧୨।୨୦୧୯ରିଖ ରାତ୍ରି ଘ୮ ।୨୦ମି. ଠାରୁ ପାକତ୍ୟାଗ, ଦେବନୀତି ନିଷେଧ, ସର୍ବମୋକ୍ଷ ପରେ ଅନ୍ନଭୋଜନ ସମେତ ସମସ୍ତ କରଣୀୟ। କର୍କଟ, ସିଂହ, କନ୍ୟା, ତୁଳା, ବିଛା ଓ କୁମ୍ଭ ରାଶି ପାଇଁ ଗ୍ରହଣ ଦର୍ଶନ ଶୁଭପ୍ରଦ। ଆଜି ରାଶି ନକ୍ଷତ୍ର,ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭ ।୪୯ମି. ମଧ୍ୟେ ଅମୃତବେଳା।

## ପ୍ରଥମ ପୃଷ୍ଠାରୁ...

### ଗୋଟିଏ ଫୋନକୁ...

ଲୋକଙ୍କ ସୁବିଧା ପାଇଁ ତାଙ୍କୁ ଭୋର ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ଗଛରେ ମୋବାଇଲ ଫୋନ ଝୁଲାଇ ରଖିବାକୁ ପଡୁଛି। ଗାଁର କାହା ପାଇଁ କିଛି ଖବର ଥିଲେ ବାହାର ଲୋକେ ତାଙ୍କ ମୋବାଇଲକୁ ହିଁ ଯୋଗାଯୋଗ କରୁଛନ୍ତି। ଏପରି କି ପ୍ରଶାସନ ପକ୍ଷରୁ କୌଣସି ସୂଚନା ଆସିଲେ ସେ ତାହା ଗାଁ ଲୋକଙ୍କୁ ଜଣାଇ ଦେଉଛନ୍ତି। କେହି ଚାହିଁଲେ ତାଙ୍କ ଫୋନରୁ ଅନ୍ୟ କାହା ସହ କଥା ମଧ୍ୟ ହୋଇପାରୁଛନ୍ତି। ଏହି ସାହାଯ୍ୟ ସହଯୋଗ ପାଇଁ ସେ କେବେ ଅର୍ଥ ନେଇନାହାନ୍ତି କି ଦାବି ମଧ୍ୟ କରିନାହାନ୍ତି। କିନ୍ତୁ ଫୋନ କରିବା ବେଳେ ଟିକେ ହଲଚଲ ହୋଇଗଲେ ନେଟୱର୍କ ଚାଲିଯିବାର ଭୟ ଥିବାରୁ ଲାଉଡସ୍ପିକର ଦେଇ କଥା ହେବାକୁ ପଡୁଥିବା ବସନ୍ତ ପ୍ରକାଶ କରିଛନ୍ତି। ଆଶାକର୍ମୀ ଉପାସୀ ଦେହୁରୀ କହିଛନ୍ତି, ଗର୍ଭବତୀ ମହିଳାଙ୍କ ସମ୍ପର୍କରେ ବସନ୍ତ ବାବୁଙ୍କ ନମ୍ବରରୁ ଖବର ପାଇବା ପରେ ତୁରନ୍ତ ୧୦୮ କି ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥାଏ। ସମସ୍ତଙ୍କ ପାଇଁ ସେହି ଗୋଟିଏ ଫୋନ ହିଁ ଭରସା। ଗାଁର ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଜୟ ପ୍ରଧାନ, ତ୍ରିଲୋଚନ ପ୍ରଧାନ, କୈଳାଶ ପ୍ରଧାନ, ସଙ୍ଗୀତା ଜେନା କହିଛନ୍ତି, ବନ୍ଧୁ ଘର ହେଉ କି ଝିଅର ଶାଶୁ ଘର ଯୋଗାଯୋଗ ପାଇଁ ସମସ୍ତଙ୍କୁ ବସନ୍ତଙ୍କ ନମ୍ବର ହିଁ ଦିଆଯାଇଛି। ଫୋନ ଆସିବା ମାତ୍ରେ ସେ ଖବର ପଠାନ୍ତି। କିଛି ସମୟ ପରେ ସେହି ନମ୍ବରକୁ ଫୋନ କରି କଥା ହୋଇଥାଉ। ଯେତେ ଥର ଫୋନ କଲେ କି ଆସିଲେ ବସନ୍ତ ଖରାପ ଭାବନ୍ତି ନାହିଁ। ଏଥିପାଇଁ ସେ ପ୍ରଶଂସାର ପାତ୍ର ବୋଲି ଦଣ୍ଡାବାହାଲିବାସୀ ପ୍ରକାଶ କରିଛନ୍ତି।

### କାମ ଦେଉନି...

କରିବାକୁ ପ୍ରସ୍ତୁତି ହୋଇଥିଲା। ସେଥିମଧ୍ୟରୁ ପ୍ରସ୍ତାବିତ ବିଚିତ୍ରପୁର ବାହାବଲପୁର, ଚାନ୍ଦିପୁର, ଜଟାଧାର ପାଲି ହରିଚଣ୍ଡୀ, ପାଲୁର, ବାହୁଦା ଏବଂ ଇଞ୍ଚୁଡି ପ୍ରସ୍ତାବିତ ବନ୍ଦର କେବଳ ବିଜ୍ଞପ୍ତିରେ ସୀମିତ ହୋଇ ରହିଯାଇଛି। ସୁବର୍ଣ୍ଣ ରେଖା ମୁହାଣ ବନ୍ଦର ପାଇଁ ୨୦୦୬ ଡିସେମ୍ବର ୧୮ ତାରିଖରେ ଏକ ଘରୋଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଏହି ବନ୍ଦର ପାଇଁ ୨୬୨.୬୮୯ ଏକର ଜମି ଅଧିଗ୍ରହଣ ହୋଇଥିଲା। ଦୀର୍ଘ ୧୪ ବର୍ଷ ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚୂଡ଼ାମଣି ବନ୍ଦର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ ୨୦୦୧ ଅକ୍ଟୋବର ୨୨ ତାରିଖରେ ଏମଓୟୁ ସ୍ୱାକ୍ଷର କରିଥିଲା। ତେବେ ପରବର୍ତ୍ତୀ ସମୟରେ ଏଥିରୁ ଓହରିଯାଇଛି। ଧାମରା ବନ୍ଦର ପାଇଁ ଇଣ୍ଟରନ୍ୟାଶନାଲ ସି ପୋର୍ଟ ୧୯୯୭ରେ ଏମଓୟୁ ସ୍ୱାକ୍ଷର କରିଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ଏହି ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଅସ୍ତରଙ୍ଗ ବନ୍ଦର ବିକାଶ ପାଇଁ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହ ୨୦୧୦ରେ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଗୋପାଳପୁର ବନ୍ଦର ଫାଇଲିନ ଯୋଗୁ ନଷ୍ଟ ହୋଇଥିବାରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟ ପକ୍ଷରେ ରାଜ୍ୟର ଏକମାତ୍ର ନଦୀ ଭିତ୍ତିକ ବନ୍ଦର ମହାନଦୀ ମୁହାଣରେ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏହାକୁ ସରକାରୀ ଘରୋଇ ଭାଗୀଦାରି(ପିପିପି) ମୋଡରେ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପା ଇଁ ୪ଟି ଘରୋଇ ସଂସ୍ଥା ରିକ୍ୟୁଏଷ୍ଟ ଫର ପ୍ରପୋଜାଲ(ଆର୍‌ଏଫ୍‌ପି) ଦେଇଥିଲେ। ମାତ୍ର ଉକ୍ତ ସଂସ୍ଥା ଏମଓୟୁ ସ୍ୱାକ୍ଷର କରିବା ବଦଳରେ ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ରାଜ୍ୟ ସରକାର ଏହି ବନ୍ଦରର ବିକାଶ କରିବାକୁ କେନ୍ଦ୍ର ଜାହାଜ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟ ଏହି ନଦୀ ଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜି ହୋଇଛି। ଏଥିପାଇଁ ଖୁବ୍‌ଶୀଘ୍ର ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏମଓୟୁ ସ୍ୱାକ୍ଷର କରାଯିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ବନ୍ଦରର ବିକାଶ ପାଇଁ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ବାର୍ଷିକ ୪୫.୮୮ ନିୟୁତ ଟନ ପଣ୍ୟ କାରବାର ହେବ। ପ୍ରଥମ ପର୍ଯ୍ୟାୟରେ ଏହି ବନ୍ଦର ପାଇଁ ୧୭୫ ହେକ୍ଟର ଜମିର ଆବଶ୍ୟକତା ରହିଛି। ପରବର୍ତ୍ତୀ ସମୟରେ ଏହାର କ୍ଷମତା ବୃଦ୍ଧି କରିବାକୁ ଆହୁରି ୧୩୦ ହେକ୍ଟର ଜମିର ଆବଶ୍ୟକତା ପଡ଼ିବ। ଏହି ବନ୍ଦରରୁ ପଣ୍ୟ କାରବାର ପାଇଁ ଜାତୀୟ ରାଜପଥ ନଂ. ୫୩ ଏବଂ ହରିଦାସପୁର- ପାରାଦୀପ ସହିତ ରେଳଲାଇନ ସଂଯୋଗ କରାଯିବ। ଏଥିରେ ପ୍ରାୟ ୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

### ଧୂଆଁରୁ...

ଚାହିଦା ରହିଥିବାରୁ ଏହାର ଭବିଷ୍ୟତ ଉଜ୍ଜ୍ୱଳ। ଚିରାଚରିତ ଚିତ୍ରକଳା ଭଳି ଏଥିରେ ଏକାଧିକ ସାମଗ୍ରୀ ଆବଶ୍ୟକ ହୋଇ ନ ଥାଏ। ଏଥିପାଇଁ ସେ କେବଳ ସାଦା କାଗଜ ବା କାନ୍‌ଭାସ୍, କିରୋସିନ୍ ଲ୍ୟାମ୍ପ୍, ବ୍ରସ୍, ପିନ୍, ତୁଳା ଓ ପାରାର ପର ବା ଫିଦର୍ ବ୍ୟବହାର କରିଥାନ୍ତି। ପ୍ରଥମେ କାଗଜ ଉପରେ ସ୍ମୋକ୍ ବା ଧୂଆଁ ଦେବାପରେ ତାହାକୁ ବ୍ରସ୍ ମାଧ୍ୟମରେ ବିଭିନ୍ନ ରୂପ ଦେଇଥାନ୍ତି। ଗୋଟିଏ ଚିତ୍ର ଆଙ୍କିବାକୁ ପ୍ରାୟ ୨ଘଣ୍ଟାରୁ ଅଧିକ ସମୟ ଲାଗିଯାଉଥିବା ବେଳେ ଧୂଆଁ ଶୀଘ୍ର ଲିଭିଯାଉଥିବାରୁ ଏହାକୁ କିଭଳି ଦୀର୍ଘସ୍ଥାୟୀ କରିହେବ ତାହାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଥିପାଇଁ ସେ ଏକ ସ୍ୱତନ୍ତ୍ର ସ୍ପ୍ରେ ଓ ଲିକ୍ୟୁଇଡ୍ ବ୍ୟବହାର କରିବା ସହ ନିଜେ ବିଭିନ୍ନ ଉପାୟ ଖୋଜି ବାହାର କରିଛନ୍ତି। କେବଳ ଏତିକି ନୁହେଁ, ଦୀପକଙ୍କ ସ୍ୱତନ୍ତ୍ରତା ମଧ୍ୟରେ ରହିଛି ତାଙ୍କର ଥ୍ରୀ-ଡି ସ୍ମୋକ୍ ଆର୍ଟ ଓ ରଙ୍ଗିନ୍ ସ୍ମୋକ୍ ଆର୍ଟ। ପ୍ରକୃତିରୁ ଆରମ୍ଭ କରି ବିଭିନ୍ନ ଦେବଦେବୀ, ମହାପୁରୁଷ ଓ ଜଣାଶୁଣା ବ୍ୟକ୍ତିତ୍ୱମାନଙ୍କୁ ସେ ସ୍ମୋକ୍ ଆର୍ଟରେ ଜୀବନ୍ତ ରୂପ ଦେଇପାରୁଛନ୍ତି। ନିକଟରେ ସେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ମୋକ୍ ଆର୍ଟ କରିଥିବାବେଳେ ଆଗାମୀ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ମୋକ୍ ଆର୍ଟ କରି ସେମାନଙ୍କୁ ଉପହାର ଦେବେ ବୋଲି ଜଣାଇଛନ୍ତି। ତାଙ୍କ ହାତର ଯାଦୁକରି ସ୍ପର୍ଶରେ ନିର୍ଜୀବ ବି ଜୀବନ୍ତ ହୋଇଉଠୁଛି। ଅନ୍ୟମାନଙ୍କୁ ପ୍ରଦୂଷଣ ଲାଗୁଥିବା ଡିବିରିର କଳା ଧୂଆଁ ଯେ ଏଭଳି ବିସ୍ମୟ ସୃଷ୍ଟି କରିପାରିବ, ତାହା ଜଣେ ଆଖିରେ ନ ଦେଖିଲେ ବିଶ୍ୱାସ କରିପାରିବ ନାହିଁ। ଆଗକୁ ଏଥିରେ ଅଧିକ ଗବେଷଣା କରିବା ସହ ଓଡ଼ିଶାର ଯୁବ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ଏହି ଆର୍ଟଫର୍ମକୁ ଲୋକପ୍ରିୟ କରାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି।

### ୬ ଜିଲାରେ...

କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନାକୁ କାଳିଆ ସହ ମିଶାଯିବା ପରେ ଆୟୁଷ୍ମାନ୍ ଭାରତ ଯୋଜନାକୁ ରାଜ୍ୟ ସରକାର ଆପଣେଇ ପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିଜେଡି ଏନେଇ ତର୍ଜମା ଚାଲିଥିବା କହିଥିବାବେଳେ ଏହି ବିଷୟକୁ ସମ୍ପୂର୍ଣ୍ଣ ଏଡାଇ ଦେଇନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମତ ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିଜେଡି ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆୟୁଷ୍ମାନ୍ ଭାରତ ଯୋଜନା ସମ୍ପୂର୍ଣ୍ଣ ଅଲଗା। ଉଭୟ ଯୋଜନାର ମିଶ୍ରଣକୁ ନେଇ ଆଲୋଚନା ଚାଲିଛି। ଦୁଇଟି ଯାକ ଯୋଜନାର ଭିନ୍ନ ଭିନ୍ନ ବ୍ୟବସ୍ଥା ଓ ଗାଇଡଲାଇନ ରହିଛି। ତେଣୁ ଏହାକୁ ନେଇ ବିଚାର ଚାଲିଥିବା ଅମର କହିଛନ୍ତି। ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ ଉପସ୍ଥିତ ଥିଲେ।


ଭୁବନେଶ୍ୱର ଏମ୍ସ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି developed ପ୍ଲଟ୍ କିଣନ୍ତୁ। (Limited plots). ଯୋଗାଯୋଗ- 7381029351, 9937111658. D-68455

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029. D-68459

5400sqft. ଚାଷଜମି ପିପିଲି ବ୍ଲକ୍ ଅନ୍ତର୍ଗତ କାଇରୀ ମୌଜା (ଉତ୍ତରା ଠାରୁ ୪କିମି ଦୂରରେ) 14,00,000 ଟଙ୍କାରେ ବିକ୍ରି ହେବ। ଯୋଗାଯୋଗ- 7008242270. D-15885

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30’ ରାସ୍ତାଥାଇ ମିଳୁଅଛି। 8249728525. D-68458

Bhubaneswar ଏୟାରପୋର୍ଟରୁ 7k.m ଦୁରରେ 1500ବର୍ଗଫୁଟ ପ୍ଲଟ୍ 13,50,000/- କିଣି ଘରକରନ୍ତୁ। 9853150290 D-68529

Bhubaneswar Infocity-2 ଆଗରେ sqft.560/- immediate possession then registration. 9658383304, 9348232008. D-68456

ଭୁବନେଶ୍ୱର Sum Hospital, IIIT, NALCO ଗୋଠପାଟଣା ନିକଟସ୍ଥ କାଟେଣୀ Zeeschool ରେ ଘରବାରି, Boundary Patta plot-550/-, 9777553622. D-68461

**construction**

Construct your building as per your terms and condition. Contact: 9937064680. D-27284

**GENERAL**

**SALE**

ଭୁବନେଶ୍ୱରରେ ଭଲ ଚାଲୁଥିବା ଭେରାଇଟି ଷ୍ଟୋର୍ ବିକ୍ରିହେବ ଏବଂ ରହିବାର ସୁବିଧା ଅଛି। 9583578811. D-68530

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

**to-let**

Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**packers & movers**

India’s No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist: 8480939300. D-68726

Ayurvedic full body massage ladies & gents smart therapist, 9668814589. D-68733

Take full body therapy. Just call 7852986810. D-68528

Ayurvedic full body massage ladies and gents. Contact: 9861064981. D-68732

Refresh your mind and soul with best therapy at Orchid Salon/Spa. 9937287222. D-68729

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Sai herbal spa refresh your body with smart, expert therapist. 7608062524. D-68937

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68941

**AFFIDAVIT**

ଏତଦ୍ୱାରା ମୁଁ ଅମ୍ବିକା ସେଠୀ (61), ସ୍ୱାମୀ ସ୍ୱର୍ଗତ ଗୋପୀନାଥ ସେଠୀ, ଗ୍ରାମ- ଓଉପଦା, ପୋ- ପଟ୍ଟାମୁଣ୍ଡାଇ, ଜିଲ୍ଲା- କେନ୍ଦ୍ରାପଡା, ଓଡ଼ିଶା ଘୋଷଣା କରେକି ଅମରୀ ଦେଈ ସେଠୀ ଏବଂ ଅମ୍ବିକା ସେଠୀ ସମାନ ବ୍ୟକ୍ତି ଅଟନ୍ତି। ଧ-୧୫୯୧୩

**ଜନ୍ମଦିନ ଶୁଭେଚ୍ଛା**


ରୁଦ୍ର ନାରାୟଣ ସାହୁ (ଲିଙ୍କୁନ୍)
ଯୋରନ୍ଦା, ମହିମାପୀଠ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରିବା ସହ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେ ମା’, ଅଜା, ଆଇ, ମାମୁ, ମାଇଁ, ମାଉସୀ, ମଉସା, ପିଉସୀ, ପିଉସା, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ନାନୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୬୮୪୦

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ରାଜଧାନୀରେ ଜଳିଗଲା କର୍ଣ୍ଣାଟକର କଳା ତାଲିକାଭୁକ୍ତ ବସ୍

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

- ସନ୍ଦେହଜନକ ଅବସ୍ଥାରେ ପଡ଼ି ରହିଥିଲା
- ଭିତରେ ଜମୁଥିଲା ଅସାମାଜିକଙ୍କ ଆଡ୍ଡା
- କାରଣ ଖୋଜୁଛି ପୋଲିସ

ଶହୀଦନଗର ଇଙ୍ଗା ପାର୍କ ନିକଟ ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିବା କର୍ଣ୍ଣାଟକର ଏକ ବସ୍ ସମ୍ପୂର୍ଣ୍ଣ ଜଳିଯାଇଛି। ବୁଧବାର ଏହି ଘଟଣା ଘଟିଛି। ବସ୍‌ଟିରେ ନିଆଁ ଲାଗିଥିବା ଖବର ପାଇ କଳ୍ପନା ଛକରୁ ଅଗ୍ନିଶମ ବାହିନୀ ପହଞ୍ଚି ତାହାକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଆଉ କିଛି ବାକି ନ ଥିଲା। ଅଗ୍ନିକାଣ୍ଡରେ ବସ୍‌ର ସିଟ୍, ଡୋର ଓ ଅନ୍ୟାନ୍ୟ ଅଂଶ ପୂରା ପୋଡ଼ିଯାଇଥିବାବେଳେ ଏହା ଉପର ଦେଇ ଯାଇଥିବା କିଛି ବିଦ୍ୟୁତ୍ ତାର ମଧ୍ୟ ଜଳିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ କେହି ଅସାମାଜିକ ଯୁବକ ସେଥିରେ ନିଆଁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଉକ୍ତ ବସ୍‌ଟିକୁ କର୍ଣ୍ଣାଟକ ପରିବହନ ବିଭାଗ କଳା ତାଲିକାଭୁକ୍ତ କରିଥିବା ଜଣାପଡ଼ିଛି। ତେବେ ଏଠାରେ କିଏ ଓ କାହିଁକି ଉକ୍ତ ବସ୍‌ଟିକୁ ରଖିଥିଲା ତାହାର ଖୋଳତାଡ଼ ଆରମ୍ଭ କରିଛି ପୋଲିସ।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଶହୀଦନଗର ପ୍ଲଟ୍ ନଂ.୩୧୬ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଉକ୍ତ ବସ୍‌ଟି (ନଂ.କେଏ ୦୧ଡି୫୧୮୦) ଦୀର୍ଘବର୍ଷ ଧରି ଥୁଆହୋଇ ରହିଛି। ଅସାମାଜିକ ଯୁବକମାନେ ବସ୍ ଭିତରେ ଆଡ୍ଡା ଜମାଇବା ସହ ନିଶା ସେବନ କରନ୍ତି। ବୁଧବାର ଦିନ ପ୍ରାୟ ୧ଟା ୧୦ରେ ବସ୍ ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଧୀରେ ଧୀରେ ଲୋକଙ୍କ ଭିଡ଼ ଜମିବା ସହ ଦମକଳ କେନ୍ଦ୍ର, ବିଦ୍ୟୁତ୍ ବିଭାଗ ଓ ଥାନାକୁ ଖବର ଦେଇଥିଲେ। ପ୍ରଥମେ ଶହୀଦନଗର ଥାନା ପିସିଆର ପୋଲିସ ପହଞ୍ଚି ଲୋକଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲା। ଅପରାହ୍ନ ପ୍ରାୟ ୨ଟା ୧୦ରେ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ନିଆଁ ଉଗ୍ରରୂପ ନେଇସାରିଥିଲା। ଅଗ୍ନିଶମ କର୍ମଚାରୀମାନେ ବସ୍ ଭିତର ଓ ଚତୁଃପାର୍ଶ୍ୱରୁ ପାଣି ମାଡ଼ କରି ପ୍ରାୟ ୨୦ ମିନିଟ୍ ପରେ ନିଆଁକୁ ଆୟତ୍ତ କରିଥିଲେ। ନଚେତ ବସ୍‌ର ତେଲ ଟାଙ୍କି କିମ୍ବା ଇଞ୍ଜିନ୍ ବିସ୍ଫୋରଣ ହେବାର ସମ୍ଭାବନା ଥିଲା ବୋଲି ସେମାନେ କହିଛନ୍ତି।

ଘଟଣାକୁ ନେଇ ତନାଘନା ଆରମ୍ଭ ହୋଇଛି। ଉକ୍ତ ବସ୍‌ଟି କରିସ୍ମା ମହାପାତ୍ରଙ୍କ ନାମରେ ରେଜିଷ୍ଟ୍ରେଶନ ଥିବାବେଳେ କର୍ଣ୍ଣାଟକ ପରିବହନ ବିଭାଗ ଦ୍ୱାରା କଳା ତାଲିକାଭୁକ୍ତ ହୋଇଛି। ୨୦୧୬ରୁ ପରିମିଟ୍ ଓ ଫିଟ୍‌ନେସ୍ ସରିଯାଇଛି। ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କୁହନ୍ତି, ବସ୍‌ଟି ବହୁବର୍ଷ ଧରି ସେଠାରେ ପାର୍କିଂ ହୋଇ ରହିଥିଲା। ଘଟଣାକୁ ନେଇ ବସ ମାଲିକ କିମ୍ବା ଅନ୍ୟ କେହି ଥାନାରେ ଅଭିଯୋଗ କରିନାହାନ୍ତି। ମାଲିକଙ୍କ ସହ ଯୋଗ ଯୋଗ କରାଯାଉଛି। ଏଥିସହ ପୋଲିସ ଘଟଣାସ୍ଥଳ ନିକଟ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ସେ କହିଛନ୍ତି।


ଉତ୍ତମ ସଂଯୋଗ ଏବଂ ଯାତ୍ରୀ ଅନୁକୂଳ ରେଲ୍‌ୱେ ନିମନ୍ତେ ପ୍ରତିଶ୍ରୁତିବଦ୍ଧ



ନାଲ୍‌କୋ ଦ୍ୱାରା ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ପ୍ରଦର୍ଶିତ କରୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌କୁ ସବୁଜ ପତାକା ପ୍ରଦର୍ଶନ
ଏବଂ
ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଭାଷାରେ ଅସଂରକ୍ଷିତ ଟିକଟର ଶୁଭାରମ୍ଭ
ସ୍ଥାନ : ଭୁବନେଶ୍ୱର ରେଲ ଷ୍ଟେସନ, ସମୟ : 0915 ଘଟିକା

ନୟାଗଡ଼ ଟାଉନ୍ ଏବଂ ମହିପୁର ନୂଆ ରେଲ ଲାଇନ୍‌ର ଲୋକାର୍ପଣ
ଏବଂ
ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍ ପାସେଞ୍ଜର ଟ୍ରେନ୍ ଗୁଡ଼ିକର ମହିପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ
ସ୍ଥାନ : ନୟାଗଡ଼ ଟାଉନ୍ ରେଲ ଷ୍ଟେସନ, ସମୟ : 1530 ଘଟିକା

ସୁବିଧା
- ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଓ ଆର୍ଥିକ ବିକାଶ
- ଆଞ୍ଚଳିକ ରେଳ ସଂଯୋଗର ସମ୍ପ୍ରସାରଣ
- ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ପ୍ରୋତ୍ସାହନ
- ସ୍ଥାନୀୟ ଭାଷାରେ ଟିକଟ ସୁବିଧା







ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ ମନ୍ତ୍ରୀ, ଭାରତ ସରକାରଙ୍କ ଦ୍ୱାରା ଉଦ୍‌ଘାଟିତ ହେବ।
ତାରିଖ : 26 ଡ଼ିସେମ୍ବର, 2019 (ଗୁରୁବାର)

www.facebook/@EASTCOASTRailway1
www.twitter/@eastcoastrail
ପୂର୍ବ ତଟ ରେଳପଥ
ଆପଣଙ୍କୁ ସାଦର ନିମନ୍ତ୍ରଣ
D-37/19-20



ଭାରତ ସରକାର
Government of India

# ନାଗରିକ ସଂଶୋଧନ ଆଇନ ସମ୍ବନ୍ଧୀୟ ଭୁଲ ସୂଚନା ଦ୍ୱାରା ଭ୍ରମିତ ହୁଅନ୍ତୁ ନାହିଁ

ଅନେକ ଗୁଜବ ଓ ଭୁଲ ସୂଚନା ପ୍ରସାରିତ ହେଉଛି, ଯାହାକି ଆଦୌ ସତ୍ୟ ନୁହେଁ।
ସିଏଏ ସମ୍ବନ୍ଧରେ ପ୍ରକୃତ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା।

CAA CITIZENSHIP AMENDMENT ACT

| କାଳ୍ପନିକ କଥା | ପ୍ରକୃତ ତଥ୍ୟ |
|---|---|
| ସିଏଏର ଲକ୍ଷ୍ୟ ହେଉଛି ଭାରତୀୟ ମୁସଲମାନଙ୍କଠାରୁ ନାଗରିକତ୍ୱ ପ୍ରତ୍ୟାହାର କରିବା। | ସିଏଏ ଭାରତର କୌଣସି ଧର୍ମର ନାଗରିକଙ୍କୁ ପ୍ରଭାବିତ କରିବ ନାହିଁ। 2014 ପର୍ଯ୍ୟନ୍ତ ଭାରତରେ ସ୍ଥାୟୀ ଭାବେ ବସତି ସ୍ଥାପନ କରିଥିବା ଅତ୍ୟାଚାରିତ ସଂଖ୍ୟାଲଘୁମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। କାହାଠାରୁ ନାଗରିକତ୍ୱ ପ୍ରତ୍ୟାହାର କରିବା ଏହାର ଉଦ୍ଦେଶ୍ୟ ନୁହେଁ। |
| ସିଏଏ ଭାରତୀୟ ମୁସଲମାନଙ୍କ ବିରୋଧୀ। | ଭୁଲ। ସିଏଏ କେବଳ ତିନୋଟି ଦେଶ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ସଂଖ୍ୟାଲଘୁମାନଙ୍କ ପାଇଁ ପ୍ରଯୁଜ୍ୟ। ଏହା ମୁସଲମାନଙ୍କ ସମେତ ଭାରତର କୌଣସି ଧର୍ମ ପାଇଁ ପ୍ରଯୁଜ୍ୟ ନୁହେଁ। ତେଣୁ ଏହା ଭାରତୀୟ ମୁସଲମାନଙ୍କ ବିରୋଧୀ ହେବାର କୌଣସି ପ୍ରଶ୍ନ ଉଠୁନାହିଁ। |
| ନାଗରିକତ୍ୱ ପ୍ରମାଣିତ କରିବା ପାଇଁ ଏବେ ଦସ୍ତାବିଜ ସଂଗ୍ରହ କରାଯିବ, ଅନ୍ୟଥା ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯିବ। | ଭୁଲ। ଦେଶବ୍ୟାପୀ ଏନଆରସି ଲାଗୁ ହେବା ପାଇଁ ଘୋଷଣା କରାଯାଇ ନାହିଁ। ଯେତେବେଳେ ଏହି ଘୋଷଣା କରାଯିବ, ସେତେବେଳେ ଏପରି ନିୟମ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯିବ ଯାହା ଫଳରେ କି କୌଣସି ଭାରତୀୟ ନାଗରିକ କିଛି ବି ସମସ୍ୟାର ସମ୍ମୁଖୀନ ହେବେ ନାହିଁ। |

ନାଗରିକ ସଂଶୋଧନ ଆଇନ ଦ୍ୱାରା କୌଣସି ଧର୍ମ ଓ ଅଞ୍ଚଳର ଭାରତୀୟ ନାଗରିକଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

davp 22202/13/0034/1920

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିଣ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ସବୁ ଅପରାଧର ମୂଳ ପ୍ରାଣିହିଂସା

ଆମେ ସମସ୍ତେ ଶାନ୍ତି ଚାହୁଁ, କିନ୍ତୁ ଆମେ ବଡ଼ ହେଲା ପରେ ଅଧିକ ଦୁଃଖୀ ହୋଇଯାଉ ଏବଂ ପରସ୍ପର ମଧ୍ୟରେ ଦୂରତା ବି ବଢ଼ିଯାଏ। ଆମେ ପୃଥିବୀକୁ ଘୃଣାରେ ଭାଗ ଭାଗ କରିଦେଇଛୁ। ଆମେ ପରସ୍ପରକୁ ତ ନିରନ୍ତର ଆକ୍ରମଣ କରୁଛୁ, ତା' ସହ ଆମର ଘୃଣିତ କାର୍ଯ୍ୟ ଓ ଭାବନା ଦ୍ୱାରା ପୃଥିବୀ ଉପରେ ଓ ତା'ର ପ୍ରତ୍ୟେକ ପ୍ରାଣୀ ଉପରେ ଆକ୍ରମଣ କରିଚାଲିଛୁ। ଆମେ କ'ଣ ଚାହୁଁ ଆମ ପିଲାମାନେ ବି ଆମରି ପରି କ୍ରୂର ଓ ଦୁଃଖୀ ହୁଅନ୍ତୁ ? ନା, ଆମେ ଚାହୁଁ ଆମ ପିଲାମାନେ ସୁଖୀ ହୁଅନ୍ତୁ। କିନ୍ତୁ ସୁଖୀ ଜୀବନ ଲାଭ ପାଇଁ କେତେକ ଗୁଣର ଆବଶ୍ୟକତା ରହିଛି, ଯଥା- ଦୟାଳୁତା, ସଚେତନତା, ପରସ୍ପର ପ୍ରତି ସମ୍ମାନ, ଶାନ୍ତିପ୍ରିୟତା ଓ ପ୍ରକୃତିପ୍ରେମ। କିନ୍ତୁ ଆମେ ସେମାନଙ୍କୁ ପିଲାଦିନୁ ନିଷ୍ଠୁର ଓ ଭୟାଳୁ କରିତୋଳୁଛୁ। ଏହି ଭୟ ହିଁ ହିଂସାର ଜନକ। ସେମାନେ ଯେତେବେଳେ ଘାସ ଉପାଡ଼ନ୍ତି ବା ଶାମୁକା ଓ ପିମ୍ପୁଡ଼ିକୁ ପଥରରେ ଛେଚି ମାରିଦିଅନ୍ତି ଆମେ ଦେଖି ହସିଥାଉ। ଆମେ ସେମାନଙ୍କୁ ବଗ୍ସ ବନି ଓ ଟମ୍ ଆଣ୍ଡ୍ ଜେରି ପରି ପ୍ରାଣୀ-ଭିତ୍ତିକ କାର୍ଟୁନ ସିରିୟଲ ଦେଖିବାକୁ ସୁଯୋଗ ଦେଉ, ଯେଉଁଥିରେ ବନ୍ଧୁକର ମଜା ଉଠାଯାଉଥିବାର ଦେଖିବାକୁ ମିଳେ। ଏହାଦ୍ୱାରା ଆମେ ପିଲାମାନଙ୍କୁ ବିନାଶର ପଥକୁ ଠେଲିଦେଉଛୁ।

ପ୍ରାଣୀଙ୍କୁ ନିର୍ଯାତନା ଦିଆଯିବା ବେଳେ ପିଲାମାନେ ତାକୁ ଦେଖିବା ବା ସେଥିରେ ଭାଗନେବା ତାଙ୍କ ବ୍ୟବହାରକୁ କେମିତି ପ୍ରଭାବିତ କରେ ଆସନ୍ତୁ ଜାଣିବା। ଅଷ୍ଟ୍ରିଆର ସ୍ନାୟୁବିଜ୍ଞାନୀ ତଥା ମନୋବିଶ୍ଳେଷକ ସିଗ୍‌ମଣ୍ଡ ଫ୍ରଏଡ୍ ବିଶ୍ୱାସ କରନ୍ତି ଯେ, ମାନବ ବ୍ୟକ୍ତିତ୍ୱ ତିନୋଟି ଭାଗରେ ବିଭକ୍ତ। ତାହା ହେଉଛି- ଇଡ୍ (ମାନସିକ କ୍ରିୟାକଳାପକୁ ନିୟନ୍ତ୍ରଣ କରୁଥିବା ପ୍ରାଥମିକ ଅହଂ), ଅହଂକାର ଓ ମହାଅହଂକାର। ଇଡ୍ ପିଲାମାନଙ୍କଠାରେ ଦେଖାଯାଏ, ଯାହା ତାଙ୍କର ସଂସ୍କାରଗତ ମାନବୀୟ ବ୍ୟବହାରର ବିକାଶ ଘଟାଏ। କିନ୍ତୁ ତାହା ମହାଅହଂକାରରେ ପରିଣତ ହେବାକୁ ସମୟ ଲାଗେ, ଯାହା ନୈତିକ ବିଚାର ବା ବିବେକ ସହ ଜଡ଼ିତ। ତେଣୁ ସେମାନେ ୫-୧୦ ବର୍ଷ ବୟସ ମଧ୍ୟରେ ଠିକ୍ ଭୁଲ୍ ସମ୍ପର୍କରେ ସଚେତନ ନ ଥାନ୍ତି ଏବଂ ପ୍ରବୃତ୍ତି ଅନୁଯାୟୀ କାର୍ଯ୍ୟ କରିଥାନ୍ତି ଓ ଅନ୍ୟକୁ ନକଲ କରିବାକୁ ଭଲ ପାଆନ୍ତି। ଯଦି ଆମେ ପିଲାମାନଙ୍କୁ ପ୍ରାଣିହିଂସାମୂଳକ କାର୍ଟୁନ ଦେଖାଇବା ତେବେ ସେମାନଙ୍କ ବିବେକ ଆଉ ପ୍ରାଣିହିଂସା କରିବାକୁ ବାଧା ଦେବ ନାହିଁ। ତା'ପରେ ସେମାନେ ହିଂସାମୂଳକ ଭିଡିଓ ଗେମ୍ ଦେଖିବାକୁ ମନ ବଳାଇବେ। ଲିଟିଲ ଆଲବର୍ଟ ପରୀକ୍ଷଣରେ ଗବେଷକ ଜନ ବି. ୱାଟ୍‌ସନ ଓ ରୋଜାଲି ରେନର୍ 'ଷ୍ଟିମ୍ୟୁଲସ ଜେନେରାଲାଇଜେଶନ' ଉପରେ ଅନୁଧ୍ୟାନ କରିଥିଲେ। ଲିଟିଲ୍ ବୟ ଆଲବର୍ଟ ମନରେ ଗୋଟିଏ ଧଳା ମୂଷା ପ୍ରତି ଭୟ ସୃଷ୍ଟି କରାଗଲା। ପରେ ଗବେଷକମାନେ ତାହା ଉପରେ ଅନୁଧ୍ୟାନ କରି ଜାଣିପାରିଲେ ଯେ, ଆଲବର୍ଟ ଯେ କୌଣସି ଧଳା ଜିନିଷ ଦେଖି ସେତିକି ଭୟ କରିବା ଆରମ୍ଭ କରିଦେଲା। ଏମିତିକି ସେ ଧଳା କୁକୁର, ଠେକୁଆ ଓ ଧଳା କେଶକୁ ଦେଖି ଭୟ କଲା। ଏହି ଗବେଷଣା ପ୍ରମାଣ କରିଦେଲା ଯେ, ପିଲାମାନେ ସସର୍ତ୍ତ ଉଦ୍ଦୀପନା ଓ ସାଧାରଣ ଉଦ୍ଦୀପନା ଭିତରେ ପ୍ରଭେଦ ବାରିପାରନ୍ତି ନାହିଁ। ଅର୍ଥାତ୍, ଯଦି ପ୍ରାଣୀମାନଙ୍କ ପ୍ରତି ହିଂସା ନ୍ୟାୟସଙ୍ଗତ ବୋଲି ପିଲାଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଯାଏ ତେବେ ସେମାନେ ସବୁ ପ୍ରକାର ହିଂସା ଆଚରଣକୁ ଯୁକ୍ତିଯୁକ୍ତ ବୋଲି ଭାବିନେବେ।

ସାନ୍ ଡିଏଗୋରେ ସୋସାଇଟି ଫର୍ ନ୍ୟୁରୋସାଇନ୍ସ ସମ୍ମିଳନୀରେ ଦର୍ଶାଯାଇଥିଲା ଯେ, ଯେଉଁ ପିଲାମାନେ ହିଂସାତ୍ମକ ଆଚରଣ ଦେଖିଥିଲେ ସେମାନଙ୍କ ମସ୍ତିଷ୍କର ପ୍ରିଫ୍ରଣ୍ଟାଲ କର୍ଟେକ୍ସ ଛୋଟ ହୋଇଯିବା ସହ ତା'ର ସକ୍ରିୟତା କମିଯାଇଥିଲା। ଏହା 'ଗ୍ରାଜୁଏଶନ ହାଇପୋଥେସିସ୍'କୁ ସିଦ୍ଧ କରେ। ଅର୍ଥାତ୍ ଶାରୀରିକ ଓ ମାନସିକ ବିକାଶ ସମୟରେ ପ୍ରାଣୀମାନଙ୍କ ପ୍ରତି ମନରେ ରହିଥିବା କ୍ରୂରଭାବ ଯୋଗୁ ଏହି ପିଲାମାନେ ବଡ଼ହେଲେ ଅନ୍ୟ ପ୍ରତି ହିଂସା ଆଚରଣ କରିବା ସମ୍ଭବ। ପ୍ରାଣୀ ଅତ୍ୟାଚାରୀମାନେ ପ୍ରାଣୀମାନଙ୍କର କ୍ଷତି କରିବା ସହ ମଣିଷଙ୍କର ବି କ୍ଷତି କରିଥାନ୍ତି। ପ୍ରଥମରୁ ହିଂସାର ଅନୁଭବ ସ୍ନାୟବିକ, ଅନ୍ତଃସ୍ରାବୀ ଓ ପ୍ରତିରୋଧକ ଶକ୍ତିର ଆଧାର ସ୍ତରରେ ସ୍ଥାୟୀ କ୍ଷତି କରିପାରେ। ଏହା କ୍ରମେ ଡିଏନ୍ଏରେ ଆନୁବଂଶିକ ପରିବର୍ତ୍ତନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅର୍ଥାତ୍ ତୁମେ ଜଣେ ହିଂସ୍ର ପିଲା କି ବ୍ୟକ୍ତି ସୃଷ୍ଟି କରୁନାହଁ, ତୁମେ ତା'ର ମସ୍ତିଷ୍କ ଓ ଡିଏନ୍ଏକୁ ପରିବର୍ତ୍ତନ କରିଦେଉଛ। ଏହାଦ୍ୱାରା ସେ ପିଲାର ପରବର୍ତ୍ତୀ ବଂଶଧର ଜନ୍ମ ହେବା ଦିନଠାରୁ ହିଂସକ ଗୁଣ ଧାରଣ କରିବ।

ଥରେ ଜଣେ ମହିଳା ବନ୍ଧା ହୋଇଥିବା ଗୋଟିଏ କୁକୁରକୁ ହାଇହିଲ୍‌ରେ ପିଟିପିଟି ମାରିଦେବାର ଦୃଶ୍ୟ ଦେଖିଥିଲି। ଗୋଟିଏ ପିଲାର ତଣ୍ଟି ଚିପି ମାରିଦେବାର ବି ଦେଖିଥିଲି। ଏହି ଦୁଇଟି ଫିଲ୍ମ କ୍ରଶ୍ ଆଣ୍ଡ୍ ସ୍ନଫ୍ ଶିଳ୍ପର ଅଂଶ। କ୍ରଶ୍ ଭିଡିଓରେ ସାଧାରଣତଃ ମହିଳାମାନେ ସେମାନଙ୍କ ଦେଖଣାହାରୀଙ୍କ ବିଚିତ୍ର ଯୌନ ଚାହିଦା ପୂରଣ କରିବା ପାଇଁ କ୍ଷୁଦ୍ର ଓ ନିରୀହ ପ୍ରାଣୀମାନଙ୍କୁ ଗାଡ଼ି ଚଢ଼ାଇ, ପାଦରେ ଦଳି ବା ଶୂଳି ଦେଇ ମାରିବା ଦୃଶ୍ୟକୁ ପ୍ରଦର୍ଶନ କରାଯାଏ। ସ୍ନଫ୍‌ରେ ବାସ୍ତବରେ ଛୋଟପିଲାଙ୍କୁ ମରାଯାଏ। ଏହି ଦୁଇ ପ୍ରକାର ଫିଲ୍ମ ଏକା ଲୋକ ହିଁ ପ୍ରସ୍ତୁତ କରିଥାନ୍ତି। କ୍ରଶ୍ ଫିଲ୍ମର ସ୍ରଷ୍ଟା ଜେଫ୍ ଭିଲେନସିୟା ଗର୍ବର ସହ ସ୍ୱୀକାର କରନ୍ତି ଯେ, ପିଲାବେଳେ ସେ କୀଟ କିମ୍ବା ପ୍ରାଣୀଙ୍କୁ ପାଦରେ ଦଳିଦେବା ଦେଖି ଖୁସି ହେଉଥିଲେ ଏବଂ ଏଥିରୁ ସେ ହିଂସା ପ୍ରତି ଉତ୍ସାହିତ ହୋଇଥିଲେ। ସେ କ'ଣ କୌଣସି ସିରିୟଲ କିଲର୍‌ଠାରୁ କମ୍ ?

ପ୍ରାଣୀମାନଙ୍କ ପ୍ରତି କ୍ରୂରତାରୁ ଜଣେ ସିରିୟଲ କିଲର ବନିଥାଏ। ଜର୍ନାଲ ଅଫ୍ ଆନିମଲ ଏଥିକ୍ସରେ ଏଲୋନୋରା ଗୁଲୋନେ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱର କୁଖ୍ୟାତ ସିରିୟଲ କିଲର୍ ଟେଡ୍ ବଣ୍ଡି କିମ୍ବା ଜେଫାରୀ ଡହମର୍ ମଧ୍ୟ ପ୍ରାଣୀ ନିର୍ଯାତନା ଲାଗି ବେଶ୍ ଜଣାଶୁଣା। ଦୋଷୀ ସାବ୍ୟସ୍ତ ହୋଇଥିବା ବନ୍ଧୁକଧାରୀ ଲି ବୟଡ୍ ମାଲ୍‌ଭୋଙ୍କ ଉପରେ ଜଣେ ମନସ୍ତତ୍ତ୍ୱବିତ୍ ଅନୁଧ୍ୟାନ କରି ଜାଣିପାରିଥିଲେ ଯେ, ୧୦ ଜଣଙ୍କୁ ଗୁଳିକରି ହତ୍ୟା କରିଥିବା ଏହି କିଶୋର ଜଣକ ମାତ୍ର ୧୪ ବର୍ଷ ବୟସରେ ଅନେକ ବିରାଡ଼ିଙ୍କୁ ବାଟୁଲିଖାଡ଼ାରେ ମାର୍ବଲ ଫିଙ୍ଗି ମାରିଦେଇଥିଲେ। ଷ୍ଟେଟ୍ କଲେଜ ଅଫ୍ ଡେନେଭର୍‌ର ଗବେଷକ ବିଲ୍ ହେନ୍‌ରୀ ଏବଂ ଚେରିଲ ସାଣ୍ଡର୍ସଙ୍କ ଦ୍ୱାରା କରାଯାଇଥିବା ଆଉ ଏକ ଅନୁଧ୍ୟାନରୁ ଜଣାପଡିଥିଲା ଯେ, ପାଖାପାଖି ପ୍ରାୟ ସବୁ ବଳାତ୍କାର ଓ ହତ୍ୟା ଅପରାଧୀ କିଶୋର ଅବସ୍ଥାରେ ପ୍ରାଣୀମାନଙ୍କୁ ନିର୍ଯାତନା ଦେଉଥିଲେ।

'ଦି ଭାଓଲେଶନ ଗ୍ରାଜୁଏଶନ ହାଇପୋଥେସିସ୍' କହେ ଯେ, ପିଲାବେଳେ ପ୍ରାଣୀମାନଙ୍କୁ ନିର୍ଯାତନା ଦେଉଥିବା ପିଲାଟି ବଡ଼ ହେଲେ ମଣିଷ ପ୍ରତି ହିଂସକ ହୋଇଯାନ୍ତି। ଜର୍ନାଲ ଅଫ୍ ଚାଇଲ୍ଡ ସେକ୍ସୁଆଲ ଆବ୍ୟୁଜ୍‌ରେ ସିରିଏଲ କିଲରଙ୍କ ଉପରେ କରାଯାଇଥିବା ଏକ ଅନୁଧ୍ୟାନ ସମ୍ପର୍କିତ ତଥ୍ୟ ପ୍ରକାଶ ପାଇଛି। ସେଥିରେ ଦର୍ଶାଯାଇଛି ଯେ, ପିଲାବେଳେ ୩୬ ପ୍ରତିଶତ, କିଶୋର ଅବସ୍ଥାରେ ୪୬ ପ୍ରତିଶତ ଓ ବୟସ୍କବେଳେ ୩୬ ପ୍ରତିଶତ ସିରିୟଲ କିଲର ପ୍ରାଣୀ ନିର୍ଯାତନାରେ ବ୍ୟସ୍ତ ରହିଥାନ୍ତି। ଯେଉଁମାନେ ପିଲାଦିନେ ପ୍ରାଣୀ ନିର୍ଯାତନାରେ ସମ୍ପୃକ୍ତ ଥାନ୍ତି, ସେମାନେ ବଡ଼ ହେଲେ ନରହତ୍ୟା, ବଳାତ୍କାରଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅପରାଧରେ ସଂଶ୍ଳିଷ୍ଟ ହୋଇପଡ଼ନ୍ତି।

୧ ଜାନୁୟାରୀ, ୨୦୧୯ରେ ଆମେରିକାର ଏଫ୍‌ବିଆଇ ପ୍ରାଣୀମାନଙ୍କ ପ୍ରତି କ୍ରୂରତା ସହ ଚୋରି, ଘାତକ ଆକ୍ରମଣ, ହତ୍ୟା ଭଳି ସାଂଘାତିକ ଅପରାଧକୁ କ୍ରିମିନାଲ ଡାଟାବେସ୍ ଏନ୍‌ଆଇବିଆର୍‌ଏସ୍‌ରେ ସାମିଲ କରିଥିଲା। ପ୍ରାଣୀଙ୍କ ପ୍ରତି କ୍ରୂରତା ପରବର୍ତ୍ତୀ ସମୟରେ ବଡ ଅପରାଧର ସୃଷ୍ଟିକର୍ତ୍ତା ବୋଲି କୁହନ୍ତି ଏନ୍‌ଆଇବିଆରଏସ୍‌ର ସଂଚାଳକ ବ୍ୟୁରୋଜ୍ କ୍ରିମିନାଲ ଷ୍ଟାଟିଷ୍ଟିକ୍ସ ମ୍ୟାନେଜ୍‌ମେଣ୍ଟ ୟୁନିଟ୍‌ର ନେଲ୍‌ସନ ଫେରୀ। ଦି ନ୍ୟାଶ୍‌ନାଲ ଶେରିଫସ୍ ଆସୋସିଏଶନ ବ୍ୟୁରୋର ଆପରାଧିକ ତଥ୍ୟ ସଂଗ୍ରହ ତାଲିକାରେ ପ୍ରାଣୀ କ୍ରୂରତାକୁ ସାମିଲ କରିବା ଲାଗି ପ୍ରବର୍ତ୍ତାଇଥିଲା। ଏହି ସଂସ୍ଥା ବର୍ଷ ବର୍ଷ ଧରି ପ୍ରାଣୀ ନିର୍ଯାତନା, ଶିଶୁ ନିର୍ଯାତନା, ଘରୋଇ ହିଂସା ଓ ଅନ୍ୟ ଅପରାଧ ଉପରେ ଅନୁଧ୍ୟାନ କରିଆସୁଛି। ପ୍ରାଣୀ ପ୍ରତି କ୍ରୂରତା ପ୍ରକାଶ କରିବା କେବଳ ପ୍ରାଣୀମାନଙ୍କ ପ୍ରତି ଅପରାଧ ବୋଲି ଲୋକମାନେ ଯାହା ଭାବୁଥିଲେ ସେହି ମାନସିକତାକୁ ଦୂର କରିବା ଲାଗି ଏହି ସଂସ୍ଥା ଚାହିଁଥିଲା। ଏହା ସମାଜ ଲାଗି ବି ଅପରାଧ। ଏହି ଅପରାଧଗୁଡ଼ିକ ପ୍ରତି ସତର୍କ ରହିଲେ ଆମେ ସମାଜର ମଙ୍ଗଳ କରିପାରିବା ବୋଲି ଏହା ଲୋକମାନଙ୍କୁ ସଚେତନ କରିଥିଲା।

ଭାରତରେ ପୋଲିସ ଯେତେବେଳେ ପ୍ରାଣୀ ନିର୍ଯାତନା ଅପରାଧକୁ ପଞ୍ଜୀକୃତ କରିବା ଲାଗି ଚାହୁଁନି ଓ ଏ କ୍ଷେତ୍ରରେ ଅବହେଳା କରିଚାଲିଛି, ସେତେବେଳେ ସେମାନେ ଏହାକୁ ପଢ଼ିବା ଉଚିତ କିମ୍ବା ପୋଲିସ ଟ୍ରେନିଂ ଏକାଡେମୀଗୁଡ଼ିକରେ ଏ ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ।

Email: gandhim@nic.in

## ଅତୀତର ସ୍ମୃତି



ଅଲେଖ ଚନ୍ଦ୍ର ମିଶ୍ର

ପୁରାତନ କଥାଟିଏ। ଗୋଟିଏ ଗାଁରେ ରହୁଥିଲେ ମା'ବାପା ଛେଉଣ୍ଡ ଭାଇଭଉଣୀ। ସେମାନେ ଅତି ଦରିଦ୍ର ଥିବାରୁ ଅଦୂରରେ ଥିବା ଜଙ୍ଗଲକୁ ଯାଇ ସେଠାରୁ ଯାହା କିଛି ସଂଗ୍ରହ କରନ୍ତି ତାକୁ ବିକ୍ରି କରି ଚଳନ୍ତି। ବିଶେଷକରି ବଣରେ ଥିବା ଓଉ ଗଛରୁ ଓଉ ତୋଳିଆଣି ଗାଁରେ ବିକ୍ରୟ କରନ୍ତି। ଭାଇଟି ଗଛ ଉପରେ ଚଢ଼ି ଓଉ ତୋଳେ। ତଳେ ପଡିଲେ ଓଉ ଛେଚଡା ହୋଇଯିବ ବୋଲି ଭଉଣୀ ତଳେ ଥାଇ ପିଠି ଦେଖେଇଦିଏ। ସବୁଯାକ ଓଉ ତାରି ପିଠି ଉପରେ ପଡେ। ଝିଅଟିର ଏପରି କଷ୍ଟକୁ ଲକ୍ଷ୍ୟ କରୁଥାନ୍ତି ବଣରେ ରହୁଥିବା ଜଣେ ଋଷି। ଦୁଃଖ ଓ ସହାନୁଭୂତିରେ ଅନ୍ତର ତାଙ୍କର ବିକଳି ଉଠେ। ବିଧିର ବିଧାନ ବିଚିତ୍ର। ଥରେ ସେ ଦେଶର ରାଜା ସେହି ବଣକୁ ପାରିଧି କରିବାକୁ ଆସି ଝିଅଟିକୁ ଦେଖିଲେ। ପ୍ରଥମ ଦର୍ଶନରୁ ତାକୁ ପସନ୍ଦ କରି ବିବାହ କଲେ ଏବଂ ଗରିବ ଝିଅଟି ରାଣୀ ବନିଗଲା। ବର୍ଷେ ପରେ ରାଜା ନୂତନ ରାଣୀଙ୍କ ସହିତ ସେହି ବନକୁ ପୁନରାୟ ଶିକାର କରିବାକୁ ଆସିଲେ। ବଣରେ ବୁଲୁ ବୁଲୁ ହଠାତ୍ ରାଣୀଙ୍କର ନଜର ପଡିଗଲା ସେଇ ପୁରୁଣା ଓଉଗଛ ଉପରେ। ସେଥିରେ ଫଳିଥିବା ଓଉଗୁଡିକୁ ଦେଖି ସେ କହିଲେ ଏ କି ଗଛ। ଏହାର ଫଳଗୁଡିକ ତ ଏତେ ବଡ ବଡ ହୋଇଛି। ଯଦି ଇଏ ମଣିଷ ଉପରେ ପଡିଯାଏ ସେ ମରିଯିବ। ଏଭଳି ଗଛକୁ ତୁରନ୍ତ ହାଣି ସଫା କରିଦିଅ। ରାଣୀଙ୍କର ହୁକୁମ ସଙ୍ଗେ ସଙ୍ଗେ ପାଳିତ ହେଲା। ଏ ଘଟଣାକୁ ଲକ୍ଷ୍ୟ କରୁଥିଲେ ସେଇ ବୁଢା ଋଷି ଜଣକ। ମନ ତାଙ୍କର ବିଦ୍ରୋହ କରି ଉଠୁଥିଲା। କିନ୍ତୁ ପରିସ୍ଥିତିର ଚାପରେ ପଡି କିଛି କହିପାରୁ ନ ଥିଲେ, କରି ପାରୁ ନ ଥିଲେ କିମ୍ବା ସହି ପାରୁ ନ ଥିଲେ। କ୍ରୋଧ ଓ ଘୃଣାରେ ରକ୍ତଚାଉଳ ଚୋବେଇ ନିଜର ଜଟାକୁ ରାମ୍ପି, ବିଦାରି ପକାଉଥିଲେ। ସେଥିପାଇଁ କଥା ରହିଯାଇଛି, ଋଷି ବାଳ ଛିଣ୍ଡେଇ ମରିବା।

ସେଦିନ ଯାହା କାହାଣୀରେ ପର୍ଯ୍ୟବସିତ ଥିଲା ଏବେ ତାହା ଏକ ସାଧାରଣ ଘଟଣା। ଅଭାବ, ଅବହେଳା, ଅସୁବିଧା, ଅନଟନ ଓ ଅତି ଦୁଃଖକଷ୍ଟରେ ବଢିଥିବା କିଛି ଲୋକ ଯେତେବେଳେ ଉନ୍ନତିର ଚରମ ସୀମାରେ ଉପନୀତ ହୁଅନ୍ତି ଆପଣାର ଇତିହାସ ଓ ପୂର୍ବାବସ୍ଥାକୁ ଅସମ୍ମାନଜନକ ଭାବି ଘୃଣା କରନ୍ତି ଏବଂ ଭୁଲିଯିବାକୁ ଚେଷ୍ଟା କରନ୍ତି। ଯେଉଁ ମହାନ୍ ଲୋକେ ଅତୀତର ଦୁରବସ୍ଥାକୁ ନିଜ ପ୍ରଗତିର ଚାବିକାଠି ବୋଲି ଭାବନ୍ତି ସେମାନଙ୍କର ସଂଖ୍ୟା ନଗଣ୍ୟ। ମାତାପିତାଙ୍କର ତ୍ୟାଗ ଯୋଗୁ ମଣିଷ ହୋଇଥିବା ସନ୍ତାନ ତାଙ୍କୁ ଅବହେଳା କରେ। ଏପରି କି ସହକର୍ମୀ କିମ୍ବା ବନ୍ଧୁ ମହଲରେ ତାଙ୍କର ପରିଚୟ ଗୋପନ ରଖିବାକୁ ପସନ୍ଦ କରେ। ଛାତ୍ରାବସ୍ଥାରେ ଯେଉଁ ସହପାଠୀର ସହାୟତା ତା'ର ଅନେକ ସମସ୍ୟା ଦୂର କରିଥାଏ, ପରବର୍ତ୍ତୀ ସମୟରେ ତାକୁ ଏଡେଇଯାଏ। ସାହି, ପଡିଶା, ସମ୍ପର୍କୀୟ, ବନ୍ଧୁବାନ୍ଧବ ଯେଉଁମାନଙ୍କର ସହଯୋଗ ବିନା ତାର ଜୀବନ ପରିପୂର୍ଣ୍ଣ ହୋଇ ନ ଥାନ୍ତା ସେମାନଙ୍କୁ ଭୁଲିଯାଏ। ହାଇସ୍କୁଲ ପରୀକ୍ଷାରେ ବିଶେଷ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ତାଙ୍କ ସହିତ ସାକ୍ଷାତ୍‌କାରରେ ନିଜର କୃତଜ୍ଞତା ଓ ଲକ୍ଷ୍ୟ ବିଷୟରେ ଯାହା କହିଥାନ୍ତି ପରବର୍ତ୍ତୀ ଜୀବନରେ ତାଙ୍କର ମନେ ପଡ଼େନା। ନିର୍ବାଚନ ପ୍ରଚାର ବେଳେ ଖରା, ବର୍ଷା, ଶୀତକାକର, ପାଣି କାଦୁଅରେ ପାଦରେ ଚାଲି ଘର ଘର ବୁଲୁଥିବା ନେତା ଜିତିଗଲା ପରେ ଏସି ଗାଡିରୁ ତଳକୁ ଓହ୍ଲାନ୍ତିନି କିମ୍ବା ଶୀତତାପ ନିୟନ୍ତ୍ରିତ ଘରୁ ବାହାରନ୍ତିନି।

ଏମାନେ ସମସ୍ତେ ଅତୀତକୁ ଅବମାନନା କରନ୍ତି। ମନେରଖିବା ଉଚିତ ଯେ ଅତୀତ ହିଁ ପ୍ରଗତିର ଭିତ୍ତିଭୂମି। ଅତୀତ ବିନା ବର୍ତ୍ତମାନ ଅନିଶ୍ଚିତ ଏବଂ ବର୍ତ୍ତମାନ ବିନା ଭବିଷ୍ୟତ ଅସ୍ପଷ୍ଟ। ଅତୀତରୁ ଶିକ୍ଷା ଲାଭ କରି ବର୍ତ୍ତମାନକୁ ସଜାଡିଲେ ଭବିଷ୍ୟତ ସୁଖକର ହୁଏ। ଆଦ୍ୟରେ ଦୁଃଖ ଓ ଅନ୍ତିମରେ ସୁଖ ଯେତିକି ଆନନ୍ଦଦାୟକ ଏହାର ବିପରୀତ ସେତିକି ଯନ୍ତ୍ରଣାଦାୟକ। ସୁଖ ସମୟରେ ବିଗତ ଦୁଃଖର ସ୍ମୃତି ସୁଖଭୋଗକୁ ଅଧିକ ଆବେଗମୟ କରିଥାଏ। ବର୍ତ୍ତମାନର ସୁଖ ଆନନ୍ଦ ଦିଏ। ତା ସହିତ ଅତୀତର ରୋମନ୍ଥନ ଆନନ୍ଦାଶ୍ରୁ ଆଣେ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ-୪,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ଶିକ୍ଷାର ବିକାଶ ଲାଗି ସରକାର ଯାହା କରନ୍ତୁ ନା କାହିଁକି ଏଥିଲାଗି ମହାରାଷ୍ଟ୍ରର ଏକ ଗାଁର ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ। ଔରଙ୍ଗାବାଦ ଜିଲାର ଗାଁ ପୋଖ୍‌ରୀର ଲୋକେ ଶିକ୍ଷାରେ ଉନ୍ନତି ଆଣିବା ଲାଗି ଏକ ଆଦର୍ଶଗତ ନିଷ୍ପତ୍ତି ନେଇ ଦେଶକୁ ଶିକ୍ଷା ବି ଦେଇଛନ୍ତି। ଗାଁରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ଖର୍ଚ୍ଚ କାଟଛାଣ୍ଟ କରି ସେହି ଅର୍ଥକୁ ସ୍କୁଲ୍‌ର ବିକାଶରେ ବିନିଯୋଗ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସ୍କୁଲର ୦.୪୫ ଏକର ଜମି ରହିଛି। ପାଖାପାଖି ୨୪୦ ପିଲା ଏଠାରେ ପଢନ୍ତି। ପରିସରକୁ ବଢାଇବା ଲାଗି ସ୍କୁଲ ୨ ଏକର ଜମି କିଣିବାକୁ ଯାଉଛି ବୋଲି କୁହନ୍ତି ଜିଲା ପରିଷଦ ସିଇଓ ପବନୀତ କୌର। ଏହି ଜମି କିଣି ଏହାକୁ ଏକ ଆନ୍ତର୍ଜାତିକସ୍ତରର ସ୍କୁଲ କରିବାକୁ ଗ୍ରାମବାସୀ ଯୋଜନା କରିଛନ୍ତି। ଏଥିପାଇଁ ସେମାନେ ତିନିମାସ ପୂର୍ବରୁ ଧାର୍ମିକ କାର୍ଯ୍ୟରେ ହେବାକୁ ଥିବା ଖର୍ଚ୍ଚକାଟ କରିବାର ନିଷ୍ପତ୍ତି ନେଇ ଗାଁରେ ଅନୁଷ୍ଠିତ ହେଉଥିବା ଭାଗବତ ସପ୍ତାହ ଓ ଅନ୍ୟ ଧାର୍ମିକ କାର୍ଯ୍ୟକ୍ରମରେ ଟେଣ୍ଟ ଓ ମିଠା ଲାଗି ରଖାଯାଇଥିବା ଖର୍ଚ୍ଚକୁ କମାଇ ଦେଇଛନ୍ତି। ଧାର୍ମିକ କାର୍ଯ୍ୟକ୍ରମରେ ପ୍ରସାଦସେବନର ବି ଏକ ନିଆରା ବ୍ୟବସ୍ଥା କରାଯାଇଛି। ଏଥିରେ ଗୋଟିଏ ଜାଗାରେ ଡାଲି କରାଯିବ ଓ ସମସ୍ତଙ୍କ ଘରୁ ରୋଟି ମଗାଯାଇ ଅଣାଯିବା ପରେ ସମସ୍ତେ ପ୍ରସାଦ ପାଇବେ। ଏହି ଉପାୟରେ ଯେତିକି ଟଙ୍କା ବଳିପଡିବ ତାହା ସ୍କୁଲପାଇଁ ବ୍ୟୟ କରାଯିବ।

# ଆପରାଧିକ ନ୍ୟାୟ ପ୍ରକ୍ରିୟା



ସବ୍ୟସାଚୀ ଅମିତାଭ

ଏଇ କିଛିଦିନ ତଳେ ହାଇଦ୍ରାବାଦର ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କ ସହିତ ହୋଇଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ଏହି ମାମଲାରେ ୪ ଅଭିଯୁକ୍ତ ପୋଲିସ ଏନ୍‌କାଉଣ୍ଟରରେ ପ୍ରାଣ ହରାଇବା ଅନ୍ୟ ଏକ ବିତର୍କକୁ ମଧ୍ୟ ଜନ୍ମଦେଇଛି। ଏହି ପୂରା ଘଟଣାକ୍ରମ ଦେଶର ଆପରାଧିକ ନ୍ୟାୟ ପ୍ରଣାଳୀ ଯାହା ସିଜେଏସ୍ ବୋଲି ଜଣାଶୁଣା ତାକୁ ନେଇ ପ୍ରଶ୍ନ ଉଠୁଛି। ବର୍ତ୍ତମାନ ସମୟରେ ଏହା ଉପରେ ତର୍ଜମା କରାଯିବା ଏକାନ୍ତ ଜରୁରୀ। ଏହା ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ପୋଲିସ ପକ୍ଷରୁ ରୁଜୁ କରାଯାଉଥିବା ଏଫ୍‌ଆଇଆର୍। ଏଫ୍‌ଆଇଆର ପ୍ରକ୍ରିୟା ବାବଦରେ ରାଷ୍ଟ୍ରୀୟ ପୋଲିସ ଆୟୋଗ, ମଲିମଥ କମିଟି, ଦ୍ୱିତୀୟ ପ୍ରଶାସନିକ ସଂସ୍କାର କମିଶନ, ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ ଅନେକ ରିପୋର୍ଟ ପ୍ରସ୍ତୁତ କରିସାରିଛନ୍ତି। ହେଲେ ଦୁଃଖର କଥା, ତମାମ ସଂସ୍କାର କାର୍ଯ୍ୟକ୍ରମ ସତ୍ତ୍ୱେ ଏଫ୍‌ଆଇଆର୍ ପ୍ରକ୍ରିୟାରେ ଏ ଯାଏ ସୁଧାର ଆସିପାରିନି।

ଅପରାଧ ରୋକିବାକୁ ହେଲେ ପ୍ରଥମେ ପ୍ରାଥମିକତା ସ୍ଥିର କରିବାକୁ ହେବ। ଏହା ହିଁ ଏକମାତ୍ର ସତ। ଏହାରି ଭିତରେ ପ୍ରଶ୍ନ ଉଠୁଛି ଆମେ ସେଇ ପୁରୁଣା ବ୍ୟବସ୍ଥା ଭିତରେ ରହିବା ନା ନୂଆ ପଦ୍ଧତି ଆଡକୁ ଆଗେଇବା। ଦୁଷ୍କର୍ମ, ହତ୍ୟାଠାରୁ ଆରମ୍ଭକରି ଡାଟା ଚୋରି ପରି ସାଇବର ଅପରାଧ, ବ୍ୟାଙ୍କ୍ ଠକେଇଠାରୁ ଚିଟ୍‌ଫଣ୍ଡ ପରି ଆର୍ଥିକ ଅପରାଧ ତଥା ଘରୋଇ କଳି ପରି ମାମଲାରେ ବି ପୋଲିସ ଏଫ୍‌ଆଇଆର୍ ବର୍ତ୍ତମାନ ଏକପ୍ରକାର ପଦ୍ଧତିରେ ଗତି କରୁଛି। ସବୁ ମାମଲାରେ ଆଗେ ଏଫ୍‌ଆଇଆର୍ ରୁଜୁ ହେବ, ତା' ପରେ ଯାଇ ତଦନ୍ତ।

ଏଫ୍‌ଆଇଆର୍ ପ୍ରସଙ୍ଗରେ ଆଲୋଚନା କଲାବେଳେ ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ, ଦେଶର ଅଧିକାଂଶ ଥାନାରେ ଆବଶ୍ୟକ ପୋଲିସ କର୍ମଚାରୀଙ୍କଠାରୁ ଆରମ୍ଭକରି ଭିତ୍ତିଭୂମି ପର୍ଯ୍ୟନ୍ତ ସବୁଥିରେ ଅଭାବ ରହିଛି। ଏପରି ସ୍ଥିତିରେ ଅପରାଧର ଗମ୍ଭୀରତାକୁ ପୋଲିସ କେତେଦୂର ବୁଝିପାରୁଛି ତାହା ବଡ଼ କଥା। ସାଇବର ଅପରାଧ ରୋକିବା ପାଇଁ କିଛି ରାଜ୍ୟ ଇତିମଧ୍ୟରେ ଅଲଗା ଥାନାର ବ୍ୟବସ୍ଥା କରିଛନ୍ତି। ଅନ୍ୟ ସଙ୍ଗିନ ଅପରାଧ ରୋକିବା ପାଇଁ ଏପରି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ କରାଯିବା ଦରକାର ବୋଲି ଏବେ ମତପ୍ରକାଶ ପାଉଛି।

ଅପରାଧ ରୋକିବା ପାଇଁ ପ୍ରଚଳିତ ଆଇନରେ ସଂଶୋଧନ ଅଣାଯିବା ଜରୁରୀ। ଆପରାଧିକ ପ୍ରବୃତ୍ତିର କିଛି ଦେୱାନି ମାମଲାକୁ ଆଇନରେ ସଂଶୋଧନ କରି ସମାଧାନ କରାଯାଇପାରିବ।

ଅପରାଧ ରୋକିବା ପାଇଁ ପୋଲିସ କର୍ମଚାରୀଙ୍କ ଦକ୍ଷତା, ନୂଆ କୌଶଳ, ଆର୍ଥିକ ତଥା ମାନବସମ୍ବଳର ଆବଶ୍ୟକତା ରହିଛି। ଏହାକୁ ଅଣଦେଖା କରାଯିବା ଆଦୌ ଠିକ୍ ନୁହେଁ। ସେଥିପାଇଁ ପ୍ରଚଳିତ ଆଇନରେ ସଂଶୋଧନର ଆବଶ୍ୟକତା ରହିଛି।

ଆମ ଦେଶରେ ଏଫ୍‌ଆଇଆର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ଯଦି କୌଣସି ବ୍ୟକ୍ତିର ନାଁ ଏଫ୍‌ଆଇଆର୍‌ରେ କୌଣସି କାରଣରୁ ଆସିଯାଉଛି ତେବେ ସମ୍ପୃକ୍ତ ବ୍ୟକ୍ତି ସହିତ ଆପରାଧିକ ପୃଷ୍ଠଭୂମି ଆପେ ଆପେ ଯୋଡ଼ି ହୋଇଯାଉଛି। ଏହି କାରଣରୁ ଭବିଷ୍ୟତରେ ପାସପୋର୍ଟ ତିଆରିଠାରୁ ଆରମ୍ଭକରି ଅସ୍ତ୍ରଶସ୍ତ୍ର ଲାଇସେନ୍ସ ପାଇବା ଯାଏ ଅନେକ କାମରେ ସମ୍ପୃକ୍ତ ବ୍ୟକ୍ତି ଅସୁବିଧା ଭୋଗିଥାଏ। ସେଥିପାଇଁ ଏଫ୍‌ଆଇଆର୍ ପ୍ରକ୍ରିୟା ସ୍ୱଚ୍ଛ ହେବା ଦରକାର। ଠିକ୍ ଏଫ୍‌ଆଇଆର୍ ପ୍ରକ୍ରିୟା ପାଇଁ ବ୍ୟବସ୍ଥାରେ ଥିବା ଅସଙ୍ଗତିଗୁଡ଼ିକୁ ଆଗେ ବଦଳାଇବାକୁ ପଡ଼ିବ। ଡାଏଲ୍ ଏଫ୍‌ଆଇଆର୍, ଜିରୋ ଏଫ୍‌ଆଇଆର୍ ପରି ବ୍ୟବସ୍ଥା ସବୁ ରାଜ୍ୟରେ କାର୍ଯ୍ୟକାରୀ ହେବା ଦରକାର।

ଆପରାଧିକ ନ୍ୟାୟ ପ୍ରଣାଳୀରେ ସୁଧାରର ପ୍ରଥମ ବାଟ ହେଉଛି ଏଫ୍‌ଆଇଆର୍ ପ୍ରକ୍ରିୟାରେ ନ୍ୟାୟିକ ବ୍ୟବସ୍ଥାର ହସ୍ତକ୍ଷେପକୁ ବଳବତ୍ତର କରାଯିବା। ଏହା ହେଲେ ପୋଲିସ ନିଜ ପାଇଁ ଠିକ୍ ଲକ୍ଷ୍ୟଧାର୍ଯ୍ୟ କରିପାରିବ। ଏ ଦିଗରେ ୨ୟ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯାଞ୍ଚ ଅବା ତଦନ୍ତ ପ୍ରକ୍ରିୟାର ଗୁଣବତ୍ତା। ସବୁ ରାଜ୍ୟରେ ତଦନ୍ତ ପ୍ରକ୍ରିୟା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଉପରେ ବେଶି, ସାକ୍ଷ୍ୟ ଉପରେ କମ୍ ନିର୍ଭର କରିଥାଏ। ହେଲେ ଆଦର୍ଶ ଯାଞ୍ଚ ପାଇଁ ସାକ୍ଷ୍ୟ ସବୁବେଳେ ମହତ୍ତ୍ୱପୂର୍ଣ୍ଣ। ଠିକ୍ ସାକ୍ଷ୍ୟ ପ୍ରସ୍ତୁତ ପାଇଁ ଆଧୁନିକ ଫରେନସିକ୍ ଲାବ୍ ତଥା ଅନ୍ୟ ଆଧୁନିକ ଟେକ୍ନୋଲୋଜିର ଆବଶ୍ୟକତା ବର୍ତ୍ତମାନ ସମୟରେ ଜରୁରୀ। ଏଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ସରକାରମାନଙ୍କୁ ନଜର ଦେବାକୁ ପଡ଼ିବ। ତୃତୀୟ ଦିଗଟି ହେଉଛି, ଅଭିଯୋଜନ ପକ୍ଷ ଅର୍ଥାତ୍ ସରକାରୀ ଆଇନଜୀବୀ। ଅଧିକାଂଶ ନିମ୍ନ ଅଦାଲତରେ ସରକାରୀ ଓକିଲ ନିଯୁକ୍ତି ରାଜନୈତିକ ସ୍ତରରେ କରାଯାଉଛି। ଫଳରେ ମାମଲା ପରିଚାଳନାରେ ଗୁଣବତ୍ତାର ଅଭାବ ଦେଖିବାକୁ ମିଳୁଛି। ଏହା ଏକ ଚିନ୍ତାଜନକ ପ୍ରସଙ୍ଗ। ସରକାରୀ ଓକିଲଙ୍କ କାର୍ଯ୍ୟଦକ୍ଷତା ମାପିବା ପ୍ରକ୍ରିୟା ବି ଏକପ୍ରକାର ତ୍ରୁଟିଜନକ ଅବସ୍ଥାରେ ରହିଛି।

କଥାରେ ଅଛି, ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ। ସେଥିପାଇଁ ନ୍ୟାୟିକ ପ୍ରକ୍ରିୟାକୁ ଗତିଶୀଳ କରିବାକୁ ପଡ଼ିବ। ସେଥିପାଇଁ ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନ ଦରକାର। ଉଦାହରଣସ୍ୱରୂପ କିଛି ମାମଲାର ତଦନ୍ତ ସରିବା ତଥା ଅଭିଯୋଗପତ୍ର ଦାଖଲ ହେବା ପରେ ବି କୋର୍ଟରେ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପତ୍ର ନିର୍ଦ୍ଧାରିତ ହେବା ପାଇଁ ବର୍ଷ ବର୍ଷ ସମୟ ଲାଗିଯାଉଛି। ଅଦାଲତରେ ଅଭିଯୋଗପତ୍ର ନିର୍ଦ୍ଧାରିତ ହେବା ହେଉଛି ମକଦ୍ଦମାର ପ୍ରଥମ ପାହାଚ। ଏହି ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ବିଚାର ବି ବିଳମ୍ବିତ ହେଉଛି। ସେହିପରି ମହିଳାଙ୍କ ସହ ଜଡ଼ିତ ଅପରାଧରେ ବୟାନ ରେକର୍ଡ କରିବା କାମରେ କୋର୍ଟଙ୍କର ଲମ୍ବା ସମୟ ମଧ୍ୟ ଯାଉଛି।

ସେହିପରି ଜାମିନ ପ୍ରକ୍ରିୟାକୁ ମଧ୍ୟ ଅଧିକ କ୍ରିୟାଶୀଳ କରିବାକୁ ପଡ଼ିବ। କାରଣ ଜାମିନ ମଞ୍ଜୁର ଅବା ରଦ୍ଦ ଏକ ଲମ୍ବା ପ୍ରକ୍ରିୟା କହିଲେ ଭୁଲ୍ ହେବନି। ଏବେ ତ ଆଗୁଆ ଜାମିନ ଅବା କୋର୍ଟରୁ ଅନ୍ତରୀଣ ସୁରକ୍ଷା ହାସଲ କରିବା ଏକ ସାଧାରଣ କଥା ହୋଇଯାଇଛି। ତେବେ ପୋଲିସ ପକ୍ଷରୁ କିପରି ଠିକ୍ ସମୟରେ ପ୍ରଭାବୀ ଅପିଲ୍ କରାଯାଇପାରିବ ସେଥିପାଇଁ ଗୁରୁତ୍ୱ ଦିଆଯିବା ଦରକାର। ସାଧାରଣ ଭାବେ ଏବେ ଦେଖିବାକୁ ମିଳୁଛି, ଅଧିକାଂଶ ଅଭିଯୁକ୍ତଙ୍କ ମୁକାବିଲା ପାଇଁ ସରକାରୀ ଓକିଲଙ୍କ ପାଖରେ କୌଣସି ପ୍ରସ୍ତୁତି ନ ଥାଏ, ଯାହାର ଫାଇଦା ଅଭିଯୁକ୍ତମାନେ କୋର୍ଟରେ ନେଇଥାନ୍ତି। ସେମାନେ ବାରମ୍ବାର ଅପରାଧ କରନ୍ତି, ହେଲେ ସେମାନଙ୍କୁ ଆଗରୁ ମିଳିଥିବା ଜାମିନ ରଦ୍ଦ ହୁଏନି। ଅପରାଧକୁ ରୋକିବାକୁ ହେଲେ ପୋଲିସ ବ୍ୟବସ୍ଥା ସହ ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ଢାଞ୍ଚାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। କୌଣସି ପ୍ରକାର ସମାଧାନ ଖୋଜିବା ପୂର୍ବରୁ ସମସ୍ୟାକୁ ପ୍ରଥମେ ବୁଝିବାକୁ ହେବ। ବର୍ତ୍ତମାନ ପ୍ରଚଳିତ ଥିବା ଆପରାଧିକ ନ୍ୟାୟ ପ୍ରଣାଳୀରେ ବି ଅଧିକ ସଂସ୍କାର ଜରୁରୀ। ପୋଲିସ ଏହାର ବିକଳ୍ପ ନୁହେଁ। ଆପରାଧିକ ନ୍ୟାୟ ପ୍ରଣାଳୀର କେବଳ ଗୋଟିଏ ବା ଦୁଇଟି ଦିଗକୁ ଗୁରୁତ୍ୱ ଦେଲେ ବି କାମ ହେବନି। ସବୁ ଦିଗ ପ୍ରତି ସମୁଚିତ ବ୍ୟବସ୍ଥା ହୋଇପାରିଲେ ସାଧରଣ ଲୋକଙ୍କୁ ଠିକ୍ ନ୍ୟାୟ ମିଳିପାରିବ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଚିରନ୍ତନୀ

ରଖ ଗୋ ରଖ ମୋତେ ବାନ୍ଧି କୋମଳ ଭୁଜେ
ନ ଜାଣେ ତୁମ ବିନୁ ଆନ ପ୍ରେୟସୀ ମୁଁ ଯେ,
ବସନ୍ତ ଫୁଲବନେ
ପାହାନ୍ତିଆ ପବନେ
ବାନ୍ଧ କୋମଳ ଭୁଜେ
ନା ଜାଣେ ଆନ ମୁଁ ଯେ।
ଚନ୍ଦନବୋଳି ଅଙ୍ଗେ ଆସ ହେ ବଇଶାଖେ
ଶରତ ପ୍ରଭାତରେ ନିରେଖ ମୋ ଗବାକ୍ଷେ
ଜପଇ ତବ ନାମ
ହୃଦୟେ ଅବିରାମ
ପ୍ରଦୋଷ ପ୍ରଭାତରେ
ଜପଇଁ ମୁଁ ଅନ୍ତରେ। (ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଡିସେମ୍ବର ୧୯୯୪

- ଚେଚନ୍ୟାର ରାଜଧାନୀ ଗ୍ରୋଜନିଠାରେ ରୁଷିଆ ସୈନ୍ୟଙ୍କ ସହ ଲଢ଼େଇରେ ୧୦୦୦ ଚେଚନ୍ୟା ସୈନ୍ୟ ନିହତ।
- ଭାରତର ପୂର୍ବତନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂଙ୍କ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଖଳାବାଡ଼ିକୁ ଲକ୍ଷ୍ମୀଙ୍କ ଆଗମନ

ମହାଶୟ,

ଲହଲହକା ପତର ବଙ୍କା ତା' ଫଳ ବିକାଏ ମୁଠାଏ ଟଙ୍କା। ପିଲାଙ୍କ କବିତାଟି ଅତି ମନୋଜ୍ଞ ହୋଇଛି। ଏହାର ଅର୍ଥ ପାଠକଙ୍କୁ ଅବିଦିତ ନ ଥିବ। ଉତ୍ତର ହେଉଛି ଜୀବନରକ୍ଷାକାରୀ ଧାନ। ମାର୍ଗଶିର ଯାଇ ପୌଷ ଆସିଲାଣି। ଚାଷୀମାନେ ଧାନ କଲେଇ ଶଗଡରେ, ମୁଣ୍ଡରେ ବା ଟ୍ରାକ୍ଟରରେ ବୋହି ଆଣି ଖଳାବାଡ଼ିରେ ଜମାକଲେଣି। ମହାଲକ୍ଷ୍ମୀଙ୍କ ଆଗମନରେ ଖଳାବାଡି ସବୁ ଅତୀବ ସୁନ୍ଦର ଦିଶୁଛି। କୃଷକମାନଙ୍କ ମୁଖରେ ପୂନେଇଁ ଚାନ୍ଦର ହସ ଫୁଟିଉଠୁଛି। ବର୍ଷଯାକ କଠୋର ପରିଶ୍ରମ କରି ଶସ୍ୟଦାନାଗୁଡିକ ଯେତେବେଳେ ପାଇଛି ତା' ମୁଖରେ ହସ ଫୁଟିବନି କେମିତି ? ନିଜେ ବଞ୍ଚିବ, କୁଟୁମ୍ବଙ୍କୁ ବଞ୍ଚାଇବ, ମାଲିକଙ୍କୁ ବି ବଞ୍ଚାଇବ। ମାଲିକ ଜମି ଯେତେବେଳେ ଚାଷ କରିଛି ତାକୁ ନ ଦେବ କେମିତି ? କୃଷକ ଏ ଜାତିର ରକ୍ଷକ, ଏ ଜାତିର କର୍ଣ୍ଣଧାର। ତା'ଠାରୁ ନାହିଁ ବଢିଆ ଜାତି, ତା' ଲାଗି ସର୍ବେ ଫୁଲାନ୍ତି ଛାତି। ସରକାର କୃଷକଙ୍କ ସ୍ୱାର୍ଥ ପ୍ରତି କେବେହେଲେ ଅବହେଳା କରିବା ଉଚିତ ନୁହେଁ। କିନ୍ତୁ ସେମାନଙ୍କୁ ନାନା ପ୍ରକାର ସାହାଯ୍ୟ ଆଳରେ ପରଜୀବୀ କରି ନ ତୋଳନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି

କିଛିଦିନ ଆଗରୁ ୧୫ ବର୍ଷର ପୁରୁଣା ଗାଡି ଅକାମୀ ହୋଇଯିବ ଏବଂ ସେଗୁଡିକ ରାସ୍ତାରେ ଗଡିବ ନାହିଁ ବୋଲି ଖବରକାଗଜ ଓ ଗଣମାଧ୍ୟମରେ ପ୍ରଚାର କରାଗଲା। ଏହାଦ୍ୱାରା ପୁରୁଣା ଗାଡିର ମାଲିକମାନଙ୍କର ଚିନ୍ତା ବଢିଗଲା। କାରଣ ସେମାନଙ୍କ ଗାଡି ପଲ୍ୟୁଶନ ଫ୍ରି ଥାଇ ମାଇଲେଜ ଭଲ ଦେଖାଉଥିଲେ ମଧ୍ୟ ସେଗୁଡିକ ଅକାମୀ ହେଲେ ମାଲିକମାନେ କବାଡିଆକୁ କିଲୋ ଓଜନରେ ବିକିବାକୁ ବାଧ ହେବେ ବୋଲି ଚର୍ଚ୍ଚା ହେଉଥିଲା। ସେଥିରେ ଏବେ ବିରାମ ଲାଗିଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ୧୫ ବର୍ଷର ପୁରୁଣା ଗାଡି ଅବସ୍ଥା ଠିକ୍ ଥିଲେ ତା'ର ରେଜିଷ୍ଟ୍ରେଶନ ନବୀକରଣ କରାଯାଇପାରିବ ବୋଲି ଘୋଷଣା ହୋଇଥିବାରୁ ପୁରୁଣା ଗାଡି ମାଲିକମାନେ ଆଶ୍ୱସ୍ତ ହୋଇଛନ୍ତି।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଝାଡ଼ଖଣ୍ଡର ଭାବୀ ମୁଖ୍ୟମନ୍ତ୍ରୀ ତଥା ଜେଏମ୍‌ଏମ୍ ମୁଖ୍ୟ ହେମନ୍ତ ସୋରେନ୍ ବୁଧବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ୍ କରି ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ନିମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମଧ୍ୟ ଏଥିଲାଗି ନିମନ୍ତ୍ରଣ କରାଯିବ ବୋଲି ସୋରେନ୍ କହିଛନ୍ତି। ଝାଡ଼ଖଣ୍ଡ ନିର୍ବାଚନରେ ମହାମେଣ୍ଟକୁ ସଫଳତା ମିଳିବା ପରେ ସୋରେନ୍ ଆସନ୍ତା ୨୯ ତାରିଖରେ ଶପଥଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### କଳିଙ୍ଗ ଉତ୍କଳ ଏକ୍ସପ୍ରେସ ପରିବର୍ତ୍ତିତ ମାର୍ଗରେ ଚାଲିବ

**ଭୁବନେଶ୍ୱର, ୨୫।୧୨(ବ୍ୟୁରୋ):** ଚକ୍ରଧରପୁର ରେଳ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଗୁରୁବାର ୧୮୪୭୭ ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ। ଏହି ଏକ୍ସପ୍ରେସ୍‌ଟି ପୁରୀଠାରୁ କଟକ-ଅନୁଗୋଳ-ଝାରସୁଗୁଡ଼ା ହୋଇ ଚଳାଚଳ କରିବ। ଭଦ୍ରକ-ଖଡ଼ଗପୁର ମାର୍ଗରେ ଏହି ଟ୍ରେନ୍‌ଟି ଚଳାଚଳ କରିବ ନାହିଁ ବୋଲି ପୂର୍ବତଟ ରେଳପଥ ସୂଚନା ଦେଇଛି।

### ୩ ଜଣଙ୍କୁ ମିଳିଲା ଅଟଳ ସମ୍ମାନ-୨୦୧୯

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୧୯୨୪ ଡିସେମ୍ବର ୨୫ରେ ଜନ୍ମଗ୍ରହଣ କରିଥିଲେ। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ଥିଲା। ସେଥିଲାଗି ପ୍ରତ୍ୟେକ ବର୍ଷ ସାରା ଦେଶରେ ଡିସେମ୍ବର ୨୫କୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ରାଜ୍ୟ ଭାଜପା କାର୍ଯ୍ୟାଳୟ ପରିସରରେ ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜନ୍ମଦିବସ ପାଳନ କରିବା ସହ 'ଅଟଳ ସମ୍ମାନ -୨୦୧୯' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଚଳିତ ବର୍ଷ ବରିଷ୍ଠ ସମାଜସେବୀ ତଥା ସାମାଜିକ ଆନ୍ଦୋଳନର ନେତା ପ୍ରଶାନ୍ତ ସେନାପତିଙ୍କୁ ଚତୁର୍ଥ ଅଟଳ ସମ୍ମାନ-୨୦୧୯ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ରାଷ୍ଟ୍ରବାଦୀ କବି ବିରଞ୍ଚି ନାରାୟଣ ପଣ୍ଡାଙ୍କୁ ଅଟଳ କବିତା ସମ୍ମାନ, ସମାଜସେବୀ ସୁବୋଧ ମିଶ୍ରଙ୍କୁ ଅଟଳ ସମାଜସେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ଉପସଭାପତି ରମାରଞ୍ଜନ ବଳିଆରସିଂହ, ରାଜ୍ୟ ସାଧାରଣ ସମ୍ପାଦକ ପୃଥୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ।

### ନାତିର ମୃତ୍ୟୁ ଖବର ପାଇ ଚାଲିପଡ଼ିଲେ ଜେଜେମା'

**ମୁରିବାହାଲ,୨୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଡଙ୍ଗରପଡା ଗାଁରେ ବୁଧବାର ଘଟିଛି ୨ଟି ଦୁଃଖଦ ଘଟଣା। ବିଦ୍ୟୁତ୍ ଆଘାତରେ ନାତିର ମୃତ୍ୟୁ ଘଟିଥିଲା । ଏହି ଖବର ପାଇବା ପରେ ଜେଜେମା ଭାଙ୍ଗି ପଡିଥିଲେ । ଶେଷରେ ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମୁରିବାହାଲ ବ୍ଲକ ଡଙ୍ଗରପଡାର ଚନ୍ଦ୍ର ନାୟକ(୨୫) ସକାଳେ ଘଣ୍ଟବାହାଲ ଗାଁର ଜଣେ ବ୍ୟକ୍ତିଙ୍କ ଛାତ ପକାଇବା ପାଇଁ ରଡ ବାନ୍ଧିବା କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମୟରେ ସେ ଧରିଥିବା ଏକ ଲୁହାଛଡ଼ ଘରପାର୍ଶ୍ୱ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲା। ଏଥିରେ ଗୁରୁତର ଆହତ ହୋଇଥିଲେ ଚନ୍ଦ୍ର। ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁରିବାହାଲ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯)ରୁଜୁ ହୋଇଛି ବୋଲି ଏସଆଇ ସରୋଜ ରଞ୍ଜନ ରଥ କହିଛନ୍ତି। ନାତିର ମୃତ୍ୟୁ ଖବର ପାଇ ଜେଜେମା ଯଶୋଦା ନାୟକ(୮୫) ହଠାତ୍ ଅଚେତ ହୋଇ ଯାଇଥିଲେ । ପରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚନ୍ଦ୍ରଭାଗା ଉପକୂଳରେ ଡଲ୍‌ଫିନ

**ପୁରୀ ଅଫିସ, ୨୫।୧୨**



- ଦେଖିପାରିବେ ଇକୋ ରିଟ୍ରିଟ୍ ପର୍ଯ୍ୟଟକ
- ପୁରୀ ବନଖଣ୍ଡ ପାଇଁ ଆଶ୍ୱସ୍ତିକର ଖବର
- ଗଣନା ବେଳେ ଗୋଟିଏ ବି ଡଲ୍‌ଫିନ ଦେଖାଯାଇ ନ ଥିଲା

ଚନ୍ଦ୍ରଭାଗା ଉପକୂଳରେ ଡଲ୍‌ଫିନ। ଗତ କିଛିଦିନ ହେଲା କୂଳଠାରୁ ପ୍ରାୟ ୫୦୦ ମିଟର ଦୂରରେ କିଛି ଡଲ୍‌ଫିନ ଖେଳୁଥିବା ଦେଖାଯାଉଛି। ତେବେ ପର୍ଯ୍ୟଟନ ଋତୁରେ ଡଲ୍‌ଫିନଙ୍କ ଉପସ୍ଥିତି ନିଶ୍ଚିତ ପର୍ଯ୍ୟଟକମାନଙ୍କ ପାଇଁ ଖୁସି ଖବର। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବର୍ତ୍ତମାନ ରାମଚଣ୍ଡୀ ନିକଟ ବେଳାଭୂମିରେ ଚାଲିଛି ଇକୋ ରିଟ୍ରିଟ୍। ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ହେଉଥିବାବେଳେ ପର୍ଯ୍ୟଟକମାନେ ରାତି ବିତାଉଛନ୍ତି। ସମୁଦ୍ରରେ ପର୍ଯ୍ୟଟକମାନେ ଜେଟ୍‌ସ୍କି, ସ୍ପିଡ୍ ବୋଟ ଏବଂ ବାନାନା ବୋଟରେ ବୁଲୁଥିବାବେଳେ ଏହି ଡଲ୍‌ଫିନଙ୍କୁ ମଧ୍ୟ ଦେଖିପାରନ୍ତି। ତେବେ ଏହା କେଉଁ ପ୍ରଜାତିର ଡଲ୍‌ଫିନ ତାହା ସ୍ପଷ୍ଟ ଜଣାପଡି ନାହିଁ। ତେବେ ଏହା ଇରାୱାଡି ପ୍ରଜାତିର ବୋଲି ଅନୁମାନ କରାଯାଉଛି।

ଗତ ଜାନୁୟାରୀ ୧୯ରେ ପୁରୀ ବନଖଣ୍ଡ ଅଧୀନ ୫ଟି ରେଞ୍ଜ ମଧ୍ୟରୁ ଗୋପ (ଡଲ୍‌ଫିନଙ୍କ ରହିବା ଲାଗି ଜଳାଶୟ ନ ଥିବାରୁ)କୁ ବାଦ୍ ଦେଇ ଅନ୍ୟ ୪ଟି ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ ଓ ଅସ୍ତରଙ୍ଗ ରେଞ୍ଜରେ ଗଣତି ହୋଇଥିଲା। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ରେଞ୍ଜରେ ଗୋଟିଏ ହେଲେ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିଲା। ଅବଶ୍ୟ କୁହୁଡି ଯୋଗୁ ଗଣନା କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥିବାରୁ ଡଲ୍‌ଫିନଙ୍କୁ ଠାବ କରାଯାଇପାରି ନ ଥିଲା ବୋଲି ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଥିଲେ। ତେବେ ୨୦୧୮ରେ କେଲୁଣି ମୁହାଣରେ ୫ଟି ବଟଲନୋଜ ଡଲ୍‌ଫିନ ଦେଖିବାକୁ ମିଳିଥିବାବେଳେ ଚଳିତବର୍ଷ ସଂଖ୍ୟା ଶୂନ୍ ରହିବାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କୋଣାର୍କ ବନଖଣ୍ଡ ଅଧିକାରୀ ଅନନ୍ତ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଚନ୍ଦ୍ରଭାଗାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ଯାଇଥିଲେ ବି ଗୋଟିଏ ହେଲେ ଡଲ୍‌ଫିନ ଠାବ କରିପାରି ନ ଥିଲେ। ହେଲେ ଚନ୍ଦ୍ରଭାଗାରେ ଡଲ୍‌ଫିନ ଦେଖାଯିବା ଘଟଣା କିଛିମାତ୍ରାରେ ଆଶ୍ୱସ୍ତି ଆଣିଛି। ଏ ସମ୍ପର୍କରେ ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ପୁରୀ ବନଖଣ୍ଡରେ ଡଲ୍‌ଫିନ ଆଦୌ ନ ଥିବା କହିବା ଭୁଲ୍ ହେବ। ଚଳିତବର୍ଷ ଗଣନା ଠିକ୍ ଭାବେ ହୋଇପାରି ନ ଥିଲା। ଗଣନା ଲାଗି ସକାଳ ୬ଟା ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ପ୍ରବଳ କୁହୁଡି ଯୋଗୁ ୯ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ତଥାପି କୁହୁଡି ଭଲ ଭାବେ ଛାଡି ନ ଥିଲା। ତେଣୁ ଗଣନା ଯେଉଁପରି ହେବା କଥା ହୋଇପାରି ନ ଥିଲା। ଆଉଥରେ ଡଲ୍‌ଫିନ ଗଣନା କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲୁ। କିନ୍ତୁ ଏ ନେଇ କୌଣସି ସୂଚନା ଆସି ନ ଥିଲା। ଡଲ୍‌ଫିନ ନିର୍ଦ୍ଦିଷ୍ଟ ଭାବେ କୌଣସି ଗୋଟିଏ ସ୍ଥାନରେ ରହି ନ ଥାନ୍ତି। ତେଣୁ ଏବେ ଚନ୍ଦ୍ରଭାଗା ସମୁଦ୍ରରେ ଡଲ୍‌ଫିନ ବାହାରିଥିବା କିଛି ନୂଆ ନୁହେଁ ବୋଲି ସେ କହିଥିଲେ।

## ୧୫ ଫୁଟ ଖାଲରୁ ଭାଲୁ ଉଦ୍ଧାର

**ଝରିଗାଁ,୨୫।୧୨(ସ୍ୱ.ପ୍ର)**



ଖାଲରେ ପଡ଼ିଥିବା ଭାଲୁ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ କାଦମଲ୍ଲୀ ଗ୍ରାମର ଏକ ଚାଷ ଜମିରେ ଖୋଳା ଯାଇଥିବା ୧୫ଫୁଟ ଖାଲରୁ ଏକ ଭାଲୁକୁ ବୁଧବାର ବନବିଭାଗ ଉଦ୍ଧାର କରିଛି। କାଦମଲ୍ଲୀ ଗ୍ରାମର ଅରକ୍ଷିତ ମାଝି ନିଜ ଚାଷଜମିରେ ପାଣି ପାଇଁ କିଛି ଦିନ ତଳେ ଏକ ଗାତ ଖୋଳିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସେହି ଖାଲରେ ଗୋଟିଏ ଭାଲୁ ପଡିଯାଇଥିଲା। ବୁଧବାର ସକାଳୁ କୌଣସି ବନ୍ୟଜନ୍ତୁ ଜମିରେ ଗର୍ଜନ କରୁଥିବା ଅରକ୍ଷିତ ଶୁଣିବାକୁ ପାଇଥିଲେ। ଜମିରେ ଖୋଳିଥିବା ଖାଲରେ ଭାଲୁ ପଡିଥିବା ସେ ଦେଖିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଝରିଗାଁ ବନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ। ଖବରପାଇ ରେଞ୍ଜର ମୁକୁନ୍ଦ ଦିଶାରୀ, ଫରେଷ୍ଟର ହରେଲାଲ ନିଆଲ, ଚନ୍ଦ୍ରଧ୍ୱଜ ଲାମତା, ରାଜୁ ମଣ୍ଡଳ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥଲେ। ଏହାପରେ ଜିଲା ବନ ବିଭାଗକୁ ଜଣାଇବା ପରେ ପାପଡାହାଣ୍ଡି ବନ ବିଭାଗ ଅଧିକାରୀ ଏ.ମନୋଜଙ୍କ ନେତୃତ୍ୱରେ ଏକ ଟିମ୍ କାଦମଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ବହୁ ସମୟ ଧରି ବନ କର୍ମଚାରୀ ଚେଷ୍ଟା କରିବା ପରେ ଖାଲରୁ ଭାଲୁକୁ ଉଦ୍ଧାର କରାଯାଇ ଏକ ଯନ୍ତାରେ ରଖାଯାଇଥିଲା। ଭାଲୁର ବୟସ ପ୍ରାୟ ୧୦ ବର୍ଷ ହୋଇଥିବା ବେଳେ ଓଜନ ୧୨୦ କେଜି ରହିଛି। ଭାଲୁର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବା ପରେ ନିକଟରେ ରହିଥିବା ଇଚ୍ଛାପୁର ଜଙ୍ଗଲରେ ପୁଣି ଛଡ଼ାଯିବ ବୋଲି ଫରେଷ୍ଟର ହରେଲାଲ୍ ହିଆଲ୍ କହିଛନ୍ତି।

■ ବିଜେଡି ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ଭାଜପାର ପ୍ରଶ୍ନ

# ୨୪ଲକ୍ଷ ଚାଷୀ କେବେ ପାଇବେ କାଳିଆ ଟଙ୍କା

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ବିଜେଡି ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳନ କରିବାକୁ ଯାଉଛି। ବିଜେଡି ଗଠନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସବୁବେଳେ ଓଡ଼ିଶାର ଶାସନ କ୍ଷମତାରେ ରହିଆସିଛି। ହେଲେ ଓଡ଼ିଶା ଏହି ଲମ୍ବା ସମୟରେ ବିକାଶର ସମସ୍ତ ମାପଦଣ୍ଡରେ ଆଗେଇବା ବଦଳରେ ପଛେଇଛି ବୋଲି ଭାଜପା ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଭାଜପା ଉପସଭାପତି ସମୀର ମହାନ୍ତି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଛନ୍ତି। ସମୀର କହିଛନ୍ତି ଯେ, ୨୦ ବର୍ଷର ଶାସନ କ'ଣ ଓଡ଼ିଶାର ବିକାଶ ପାଇଁ ଯଥେଷ୍ଟ ହେଲା ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି, ନିର୍ବାଚନ ପୂର୍ବରୁ ବିଜେଡି ସଭାପତି କାଳିଆ ଯୋଜନା ଘୋଷଣା କରିଥିଲେ ମାତ୍ର ଭୋଟ୍‌ରେ ଜିତିଲା ପରେ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। କାଳିଆର ପ୍ରଥମ କିସ୍ତି ପାଇ ନ ଥିବା ଆଉ ୨୪ଲକ୍ଷ ଚାଷୀ କେବେ ସେହି ଟଙ୍କା ପାଇବେ କୁହନ୍ତୁ। ୨୦ ବର୍ଷ ଶାସନ ପରେ ମଧ୍ୟ ରାଜ୍ୟର ସମସ୍ତ ଚାଷଜମିକୁ ସରକାର ପାଣି ଯୋଗାଇ ପାରିଲେ ନାହିଁ, ଗଙ୍ଗାଧର ସେଚ ପ୍ରକଳ୍ପ ସହ ଅନ୍ୟ ୧୬୮ଟି ସେଚ ପ୍ରକଳ୍ପର କାର୍ଯ୍ୟ କେବେ ସରିବ। ପ୍ରତିଦିନ ରାଜ୍ୟରେ ନାରୀ ନିର୍ଯାତନା, ଗଣବଳାତ୍କାର ଆଦି ଘଟଣା ବଢ଼ିଚାଲିଛି, ମୁଖ୍ୟମନ୍ତ୍ରୀ ନାରୀ ସୁରକ୍ଷା କଥା କହୁଥିବା ବେଳେ କେବେ ମହିଳା ବିରୋଧୀ ଆଇନ ରାଜ୍ୟରେ ଲାଗୁ କରିବେ କୁହନ୍ତୁ ବୋଲି ସେ କରିଛନ୍ତି। ସବୁ ପଞ୍ଚାୟତରେ ନଳକୂପ ନାହିଁ, ବାତ୍ୟା ଫନୀ ପ୍ରଭାବିତ ଜିଲାଗୁଡ଼ିକ ପାଇଁ କେନ୍ଦ୍ର ସରକାର ଦେଇଥିବା ସହାୟତା ଯୋଗ୍ୟ ହିତାଧିକାରୀଙ୍କୁ କାହିଁକି ମିଳୁନାହିଁ, ଆଳୁ, ପିଆଜ, ଅଣ୍ଡା, ମାଛ ଉତ୍ପାଦନରେ ରାଜ୍ୟ ସ୍ୱୟଂସମ୍ପୂର୍ଣ୍ଣ କେବେ ହେବ ବୋଲି ସମୀର ପ୍ରଶ୍ନ କରିଛନ୍ତି। ଏହାସହ ଚିଟ୍‌ଫଣ୍ଡ ଜମାକାରୀଙ୍କୁ ପଇସା କେବେ ଫେରସ୍ତ କରାଯିବ, ଶିଳ୍ପଭିତ୍ତିକ ପୁଞ୍ଜି ବିନିଯୋଗ ପାଇଁ ଶତାଧିକ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିବା ବେଳେ ସେଥିରୁ କେତେ କାର୍ଯ୍ୟକାରୀ ହୋଇଛି ବୋଲି ସମୀର ପ୍ରଶ୍ନ କରିଛନ୍ତି।





ବଡ଼ଦିନ ଅବସରରେ କଟକ ଯୋବ୍ରା ମେରିଟାଇମ୍ ମ୍ୟୁଜିୟମ୍‌ରେ ବାଲୁକା ଶିଳ୍ପୀ ହିମାଂଶୁ ଶେଖର ପରିଡ଼ାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକୃତି।

# ସିଏଏ: ଓଡ଼ିଶାରେ ଦେଖିବାକୁ ମିଳିବ ଭାଜପା-କଂଗ୍ରେସ କଳି

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

- ପ୍ରସ୍ତୁତି ଚଳାଇଛନ୍ତି ଦୁଇ ଦଳ
- ଦେଶର ୩ କୋଟି ପରିବାରକୁ ଭେଟିବେ ଭାଜପା କାର୍ଯ୍ୟକର୍ତ୍ତା
- ବିଳମ୍ବ ହେବ ଭାଜପାର ସଭାପତି ଚୟନ

୨୦୧୪ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ସାରା ଦେଶରେ କଂଗ୍ରେସ ସ୍ଥିତି ଦୁର୍ବଳ ହୋଇଥିଲା। ଓଡ଼ିଶାରେ ମଧ୍ୟ ଏହାର ବେଶ୍ ପ୍ରଭାବ ଅନୁଭୂତ ହେଲା। ମାତ୍ର ବର୍ତ୍ତମାନ କେତେକ ରାଜ୍ୟ ନିର୍ବାଚନରେ ଭାଜପାର ବିଫଳତା ଏବଂ କଂଗ୍ରେସର ସଫଳତା ପରେ ରାଜନୈତିକ ଚିତ୍ରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଭାଜପା ବିରୋଧରେ ଲଢ଼ିବାକୁ କଂଗ୍ରେସ ଅଣ୍ଟା ସଳଖିବା ଆରମ୍ଭ କରିଛି।

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦେଶରେ ହିଂସା ବଢ଼ିବାରେ ଲାଗିଛି। ଏହି ଆଇନ ଆସିବା ପରେ ଦେଶବ୍ୟାପୀ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ହିଂସା ସୃଷ୍ଟି କରୁଥିବା ଭାଜପା ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଓଡ଼ିଶାରେ ଲୋକଙ୍କ ନିକଟକୁ ଯିବା ପାଇଁ ଭାଜପା ପ୍ରସ୍ତୁତ ହେଉଥିବା ଜଣାପଡୁଛି। ଏଥିଲାଗି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ କାର୍ଯ୍ୟକର୍ତ୍ତାଙ୍କ ଲାଗି ପ୍ରଶିକ୍ଷଣ ଶିବିର କରାଯାଉଥିବା ଜଣାପଡିଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ସିଏଏ ବିରୋଧରେ ଲୋକଙ୍କ ନିକଟକୁ ଯିବ, ଏଥିପାଇଁ ପ୍ରସ୍ତୁତି ଚଳାଇଛି। ସିଏଏ ଆସିବା ପରେ ରାଜ୍ୟବ୍ୟାପୀ ନିଆଁ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଗୋଟିଏ ପଟେ ଆନ୍ଦୋଳନ କରୁଥିବା ବେଳେ ଭାଜପା ଏହାର ସପକ୍ଷରେ ପଦଯାତ୍ରା କରୁଥିବା ଲକ୍ଷ୍ୟ କରାଯାଉଛି। ସିଏଏ ଅସାମ୍ବିଧାନିକ ଓ ବିଭାଜନକାରୀ ଦର୍ଶାଇ ଲୋକଙ୍କ ନିକଟକୁ ଯିବାକୁ କଂଗ୍ରେସ ଯୋଜନା ରଖିଛି। ଆସନ୍ତା ୨୮ରେ କଂଗ୍ରେସ ପ୍ରତିଷ୍ଠା ଦିବସ ଅବସରରେ ଦଳ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସିଏଏ ସପକ୍ଷରେ ବ୍ୟାପକ ଜନଜାଗରଣ ସୃଷ୍ଟି କରାଯିବ। ସିଏଏ ସମ୍ପର୍କରେ ମିଥ୍ୟା ପ୍ରଚାର କରି କଂଗ୍ରେସ ଲୋକଙ୍କୁ ଉସ୍କାଇ ହିଂସା ସୃଷ୍ଟି କରୁଥିବା ନେଇ ଲୋକଙ୍କ ନିକଟକୁ ଯିବୁ। ଦେଶର ୩କୋଟି ପରିବାର ପାଖକୁ ଯାଇ ଏହା ଜଣାଇବୁ ଧର୍ମେନ୍ଦ୍ର କହିଛନ୍ତି। ସେପଟେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଆସନ୍ତା ୨୮ରୁ ରାଜ୍ୟଠାରୁ ଆରମ୍ଭକରି ପ୍ରତ୍ୟେକ ଜିଲା, ବ୍ଲକ ଏବଂ ପଞ୍ଚାୟତରେ କଂଗ୍ରେସ ସିଏଏ ବିରୋଧରେ ବଡ଼ ଧରଣର ଆନ୍ଦୋଳନ କରିବ।

ଭାଜପା ଓ କଂଗ୍ରେସ ମଧ୍ୟରେ ଏଭଳି ସିଏଏ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଉଭୟ ଦଳର ସଭାପତି ଚୟନ ଏବଂ ସାଙ୍ଗଠନିକ ସଜଡାପର୍ବ ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସର ସମସ୍ତ କମିଟି ସହ ନୂଆ ସଭାପତି ଚୟନ ଜାନୁୟାରୀରେ ହେବ ବୋଲି ପୂର୍ବରୁ ନିରଞ୍ଜନ ସୂଚନା ଦେଇଥିଲେ। ବର୍ତ୍ତମାନ ଭାଜପାର ନୂଆ ସଭାପତି ଚୟନ ହେବାବେଳକୁ ନୂଆବର୍ଷ ହୋଇଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସିଏଏ ପ୍ରଶିକ୍ଷଣ ଶିବିର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସକାଶେ ବିଳମ୍ବ ହେବ ବୋଲି କୁହାଯାଉଛି। ମାତ୍ର ସଭାପତି ଚୟନ ପାଇଁ ଆସିବାକୁ ଥିବା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ଦୁଇଥର ଆସିବେ ବୋଲି ସୂଚନା ମିଳିଛି। ପ୍ରଥମେ ଆସନ୍ତା ୩୦ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ଏମ୍‌ପି ବିନୟ ସହସ୍ରବୁଦ୍ଧେ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ପ୍ରତାପ ରୁଡ଼ୀ ଓଡ଼ିଶା ଗସ୍ତରେ ଆସି ସଭାପତି ନିର୍ବାଚନ ଉପରେ ବିସ୍ତୃତ ଆଲୋଚନା କରିବେ। ଏହାପରେ ଦ୍ୱିତୀୟ ଥର ପାଇଁ ଆସି ସଭାପତିଙ୍କ ନାମ ଘୋଷଣା କରିବା ସମ୍ପର୍କରେ ସୂଚନା ମିଳିଛି।

# ହିଞ୍ଜିଳିକାଟୁ ରାଜମାତାଙ୍କ ପରଲୋକ

**ହିଞ୍ଜିଳିକାଟୁ, ୨୫।୧୨ (ଡି.ଏନ୍.ଏ.)**



ଶରତ କୁମାରୀ ଦେଓ

ହିଞ୍ଜିଳିକାଟୁ ରାଜବାଟିର ରାଜମାତା ଶରତ କୁମାରୀ ଦେଓଙ୍କ ବୁଧବାର ଭୋରରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଖୋର୍ଦ୍ଧା ଜିଲା ହଳଦିଆଗଡ଼ର ରାଜଜେମା ଥିଲେ। ହିଞ୍ଜିଳିକାଟୁର ପୂର୍ବତନ ରାଜା ଲଳିତ କିଶୋର ଭଞ୍ଜଦେଓଙ୍କୁ ବିବାହ କରିଥିଲେ। କିଛି ବର୍ଷ ପୂର୍ବରୁ ଲଳିତ କିଶୋରଙ୍କ ମୃତ୍ୟୁ ଘଟିଥିଲା। ରାଜମାତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଅଞ୍ଚଳର ବହୁ ବ୍ୟକ୍ତି ରାଜବାଟୀକୁ ଆସି ଶେଷଦର୍ଶନ କରିଥିଲେ। ରାଜମାତାଙ୍କ ଏକମାତ୍ର ପୁତ୍ର ତଥା ବର୍ତ୍ତମାନର କାଟୁ ରାଜା ଲଲାଟେନ୍ଦୁ କେଶରୀ ଭଞ୍ଜଦେଓ ଓ ପରିବାରର ଅନ୍ୟମାନେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ରାଜମାତାଙ୍କ ପାର୍ଥିବ ଶରୀରକୁ ସହର ପରିକ୍ରମା କରାଯାଇ ଘୋଡ଼ାହାଡ଼ ନଦୀତଟ ରାଜତୋଟାରେ ଶେଷକୃତ୍ୟ କରାଯାଇଛି।


**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍/ଜିଆର୍‌ସି, ଏସ୍.ଇ. ରେଳପଥଙ୍କ ଦ୍ୱାରା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡରକୁ ଧାର୍ଯ୍ୟ ଦିବସର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଓ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ: ଏସ୍‌ଇଆର୍‌ସିଓଏନ୍-ଜିଆର୍‌ଡି-ସିଇ-ସି-ଏସ୍‌ଓ-୧୬-୧୯, ତାରିଖ: ୨୩।୧୨।୨୦୧୯। ଏସ୍.ଇ. ରେଳପଥର ନିର୍ମାଣ ପ୍ରକଳ୍ପ ନିମନ୍ତେ ବୀରମିତ୍ରପୁର କ୍ୱାରି (ବୀରମିତ୍ରପୁର ପାଇଁ)ଠାରେ ୬୧୫୦୦ ସିୟୁଏମ୍ ମେଶିନ୍ କ୍ରସ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଓ ଯେକୌଣସି ପ୍ରକାର ରେଳ ୱାଗନ/ହପର୍‌ରେ ଲୋଡିଂ । **ଆନୁମାନିକ ମୂଲ୍ୟ:** ଟ.୧୦.୨୭ କୋଟି। ଇଏମ୍‌ଡି: ଟ.୬,୬୩,୬୦୦/-। **ସମାପ୍ତି ଅବଧି:** ୧୨ ମାସ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।(PR-1169)

**ଚକ୍ରଧରପୁର ଡିଭିଜନର ଗୋବିନ୍ଦପୁର ଏବଂ ପାନପାଲି ପାସେଞ୍ଜର ହଲ୍ଟ ଷ୍ଟେସନଠାରେ ହଲ୍ଟ ଏଜେଣ୍ଟମାନଙ୍କ ନିଯୁକ୍ତି**

ନଂ.: ସିଓଏମ୍‌ଏମ୍‌ଏଲ୍.୪୯/ପିଏଚ୍/ପିଏନ୍‌ପିଏଲ୍/୨୦୧୯ ତାରିଖ: ୨୩।୧୨।୨୦୧୯

ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନର (୧) ଆସନବୋନି ଓ ଟାଟାନଗର ମଧ୍ୟରେ ଅବସ୍ଥିତ ଗୋବିନ୍ଦପୁର ପାସେଞ୍ଜର ହଲ୍ଟ ଏବଂ (୨) ଧୁତ୍ରା ଓ ବାଗଡେହି ମଧ୍ୟରେ ଅବସ୍ଥିତ ପାନପାଲି ପାସେଞ୍ଜର ହଲ୍ଟଠାରେ ପାଞ୍ଚବର୍ଷ ଅବଧି ପାଇଁ ପାସେଞ୍ଜର ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି ଲାଗି ଦରଖାସ୍ତ ଆମନ୍ତ୍ରଣ କରୁଛି। ଏଜେଣ୍ଟ ଅତି କମ୍‌ରେ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ କରିଥିବା ଆବଶ୍ୟକ। ଏଜେଣ୍ଟ ସ୍ଥାନୀୟ ବାସିନ୍ଦା ହୋଇଥିବା ଆବଶ୍ୟକ। ହଲ୍ଟ ଯେଉଁ ଜିଲ୍ଲାରେ ଅବସ୍ଥିତ ସେହି ଜିଲ୍ଲାର ଡିଏମ୍/ଏଡିଏମ୍/ଏସ୍‌ଡିଓ/ବିଡିଓଙ୍କଠାରୁ ଏ ସଂକ୍ରାନ୍ତୀୟ ଏକ ପ୍ରମାଣପତ୍ର ହାସଲ କରାଯିବା ଆବଶ୍ୟକ । ନିୟୋଜନର ନିୟମ ଓ ସର୍ତ୍ତାବଳୀ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ଆବେଦନକାରୀମାନେ ଏହାକୁ ତା୨୧।୦୧।୨୦୨୦ରିଖ ୧୬.୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ୍ www.ser.indianrailways.gov.inରୁ ଡାଉନ୍‌ଲୋଡ୍ କରିପାରିବେ। ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତଗୁଡ଼ିକୁ ପକାଯିବାର ତାରିଖ ହେଉଛି ତା୨୨।୦୧।୨୦୨୦ରିଖ ୧୦.୦୦ ଘଟିକାରୁ ୧୩.୦୦ ଘଟିକା ଏବଂ ଟେଣ୍ଡର ବାକ୍ସ ତା୨୨।୦୧।୨୦୨୦ରିଖ ୧୫.୩୦ ଘଟିକାରେ ଖୋଲାଯିବ।

(PR-1177) ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2019074, ତା: 20.12.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ର ନିର୍ମାଣ ସଂଗଠନ ଅଧିନରେ ଥିବା ପ୍ରକଳ୍ପ ଗୁଡ଼ିକ ନିମନ୍ତେ ଇନ୍-ସିଟୁ ଗ୍ଲୁଡ୍ ଜଏଣ୍ଟ (Glued Joints) ଗୁଡ଼ିକ ଥିବା ସ୍ଥାନରେ 52 କି.ଗ୍ରା. / 60 କି.ଗ୍ରା ର ଫାବ୍ରିକେସନ / ଆସେମ୍ବ୍ଲି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 874.33ଲକ୍ଷ, EMD : ₹5,87,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି : 15(ପନ୍ଦର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 13.01.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-99/CC/19-20

**ରେଳୱେ ବିଦ୍ୟୁତୀକରଣ**
**ଭୁବନେଶ୍ୱର**
**ବୈଦ୍ୟୁତିକ ରକ୍ଷଣାବେକ୍ଷଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.RE_EL_BBS_OT_2019-20_02 ତା: 16.12.2019

**କାର୍ଯ୍ୟର ନାମ :** 24 (ଚବିଶି) ମାସ ସମୟାବଧି ନିମନ୍ତେ ରେଳୱେ ବିଦ୍ୟୁତୀକରଣ / ଭୁବନେଶ୍ୱର ୟୁନିଟ୍‌ର ବୈଦ୍ୟୁତିକ ସମ୍ପତ୍ତି ଅର୍ଥାତ୍ ଶୀତତାପ ନିୟନ୍ତ୍ରିତ ୟୁନିଟ୍ (ୱଇଣ୍ଡୋ / ସ୍ପ୍ଲିଟ୍), ଷ୍ଟେବ୍‌ଲାଇଜର୍ ଏବଂ ରେଫ୍ରିଜରେଟର୍ ଗୁଡ଼ିକ ଇତ୍ୟାଦି ସହିତ ସର୍ଭିସ୍ ବିଲ୍ଡିଂ, ଅଧିକାରୀ ଓ କର୍ମଚାରୀ ବାସଗୃହ ଗୁଡ଼ିକର ବୈଦ୍ୟୁତିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ଫିଲ୍ଡ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹47,79,936.00, EMD : ₹ 95,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,000.00, କାର୍ଯ୍ୟ ସମାପ୍ତିର ଅବଧି : 24(ଚବିଶି) ମାସ।

**ଟେଣ୍ଡର ବନ୍ଦ ଏବଂ ଖୋଲାଯିବାର ତାରିଖ ଓ ସମୟ :** ତା 16.01.2020 ର 1130 ଘଟିକା

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ସାତ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ମୁଖ୍ୟାଳୟ)/ ରେଳୱେ ବିଦ୍ୟୁତୀକରଣ/ଭୁବନେଶ୍ୱର
PR-607/K/RE/19-20

**58429/58430 ଏବଂ 58431/58432**
**ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର ଟ୍ରେନ୍ ମହିପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ**

ଟ୍ରେନ୍ ସଂ. 58429/58430 ଏବଂ 58431/58432 ଖୋର୍ଦ୍ଧା ରୋଡ଼ - ନୟାଗଡ଼ ଟାଉନ-ଖୋର୍ଦ୍ଧା ରୋଡ଼ ପାସେଞ୍ଜରକୁ ତା 27.12.2019 ରିଖରୁ ମହିପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଖୋର୍ଦ୍ଧା ରୋଡ଼ - ମହିପୁର - ଖୋର୍ଦ୍ଧା ରୋଡ଼ ପାସେଞ୍ଜର ଟ୍ରେନ୍‌ର ସମୟ ସାରଣୀ ନିମ୍ନମତେ ହେବ ।

| ଖୋର୍ଦ୍ଧା ରୋଡ଼-ମହିପୁର ପାସେଞ୍ଜର | | | | ↓ ଷ୍ଟେସନ ↑ | ମହିପୁର-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | | | |
|---|---|---|---|---|---|---|---|---|
| ଟ୍ରେନ୍ ସଂ. 58429 | | ଟ୍ରେନ୍ ସଂ. 58431 | | | ଟ୍ରେନ୍ ସଂ. 58430 | | ଟ୍ରେନ୍ ସଂ. 58432 | |
| ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| - | 2015 | - | 0820 | ଖୋର୍ଦ୍ଧା ରୋଡ଼ | 0645 | - | 1245 | - |
| 2033 | 2034 | 0838 | 0839 | ଖୋର୍ଦ୍ଧା ଟାଉନ | 0610 | 0611 | 1217 | 1218 |
| 2046 | 2047 | 0851 | 0852 | ବେଗୁନିଆ | 0547 | 0548 | 1155 | 1156 |
| 2059 | 2100 | 0904 | 0905 | ରାଜସୁନାଖଳା | 0534 | 0535 | 1142 | 1143 |
| 2109 | 2110 | 0914 | 0915 | ବୋଲଗଡ଼ ଟାଉନ | 0524 | 0525 | 1130 | 1131 |
| 2118 | 2119 | 0923 | 0924 | ବୋଲଗଡ଼ ରୋଡ଼ | 0515 | 0516 | 1120 | 1121 |
| 2140 | 2142 | 0945 | 0946 | ନୟାଗଡ଼ ଟାଉନ | 0458 | 0500 | 1103 | 1105 |
| 2215 | - | 1015 | - | ମହିପୁର | - | 0430 | - | 1045 |

ସମ୍ପ୍ରସାରିତ ମାର୍ଗରେ ପ୍ରାରମ୍ଭିକ ଚଳାଚଳ ଦିନ (ତା 26.12.2019 ରିଖ) ରେ ଏହି ଟ୍ରେନ୍ ନୟାଗଡ଼ ଟାଉନ୍ ଠାରୁ ସ୍ୱତନ୍ତ୍ର ଟ୍ରେନ୍ ଭାବେ ଅପରାହ୍ନ 3 ଘ. 30 ମି. ରେ ମହିପୁରକୁ ଯାତ୍ରା କରିବ ।



ପୂର୍ବ ତଟ ରେଳପଥ
PR-605/K/19-20



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ଡିସେମ୍ବର ,୨୦୧୯



"ସ୍ୱଳ୍ପ ବିଧାୟକଙ୍କୁ ନେଇ କିପରି ସରକାର ଗଢ଼ିବାକୁ ହୁଏ ତାହା ଏନ୍‌ସିପି ମୁଖ୍ୟ ଶରଦ ପାୱାର ଶିଖାଇଥିଲେ।

-ଉଦ୍ଧବ ଠାକ୍‌ରେ,
ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



# ସମ୍ପତ୍ତି ନଷ୍ଟକୁ ନିନ୍ଦା କଲେ ମୋଦି

**ଲକ୍ଷ୍ନୌ/ନୂଆଦିଲ୍ଲୀ,୨୫।୧୨**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ବେଳେ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରାଯିବା ଘଟଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି। ବିକ୍ଷୋଭକାରୀ ଠିକ୍ କରିଛନ୍ତି, ନା ଭୁଲ୍ ତାହାର ଆତ୍ମସମୀକ୍ଷା କରିବା ଆବଶ୍ୟକ। ସର୍ବସାଧାରଣ ସମ୍ପତ୍ତିର ଯତ୍ନ ନେବା ନାଗରିକର ଦାୟିତ୍ୱ। କର୍ତ୍ତବ୍ୟ ଓ ଅଧିକାର ପରସ୍ପରର ପରିପୂରକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ବିକ୍ଷୋଭକାରୀ ଆନ୍ଦୋଳନବେଳେ ଗାଡ଼ି ପୋଡ଼ିବା, ରେଳଷ୍ଟେଶନରେ ଭଙ୍ଗାରୁଜା କରିବା ଦ୍ୱାରା ସେମାନେ ଭବିଷ୍ୟତ ପିଢ଼ିଙ୍କ ପାଇଁ କ୍ଷତି କଲେ ବୋଲି ଲକ୍ଷ୍ନୌଠାରେ ଅଟଳ ବିହାରୀ ବାଜପେୟୀ ମେଡିକାଲ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ନିରାପଦ ପରିବେଶ ପାଇବା ଯେପରି ସମସ୍ତଙ୍କର ଅଧିକାର ସେମିତି ଆଇନ ଶୃଙ୍ଖଳାକୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ। ସମସ୍ତେ କେବଳ ଅଧିକାର ଉପରେ ଜୋର୍ ଦେଇଆସିଛନ୍ତି। ଏବେ କର୍ତ୍ତବ୍ୟକୁ ଗୁରୁତ୍ୱ ଦେବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଉତ୍ତରପ୍ରଦେଶରେ ଗତ ସପ୍ତାହରେ ସିଏଏ ବିରୋଧୀ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। ଏଥିରେ ୧୭ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଥିଲେ। ଏଥିସହିତ ପାଖାପାଖି ୧୦୦ କୋଟି ଟଙ୍କାର ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇଥିଲା। ଲକ୍ଷ୍ନୌର ଲୋକ ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୨୫ ଫୁଟ୍ ଉଚ୍ଚ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଅନୁଚ୍ଛେଦ ୩୭୦, ରାମ ଜନ୍ମଭୂମି ବିବାଦ ଭଳି ନାଗରିକତ୍ୱ ସଂଶୋଧନ ଆଇନ ଏକ ଲିଗାସୀ ସମସ୍ୟା। ଏହାକୁ ଯେଉଁମାନେ ଚ୍ୟାଲେଞ୍ଜ କରୁଛନ୍ତି, ସେମାନଙ୍କୁ ମୁକାବିଲା କରାଯିବ ବୋଲି ମୋଦି ସୂଚନା ଦେଇଥିଲେ।



ଲକ୍ଷ୍ନୌର ଲୋକ ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

### ଅଟଳ ଭୂଜଳ ଯୋଜନା ଶୁଭାରମ୍ଭ
### ରୋହତାଙ୍ଗ ଗିରିପଥ ବାଜପେୟୀଙ୍କ ନାଁରେ ନାମିତ

ବାଜପେୟୀଙ୍କ ୯୫ତମ ଜନ୍ମଦିବସ ଅବସରରେ ପ୍ରଧାନମନ୍ତ୍ରୀ ଭୂତଳ ଜଳ ସ୍ତର ବୃଦ୍ଧି ଲାଗି ଅଟଳ ଭୂଜଳ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମହାରାଷ୍ଟ୍ର, ହରିୟାଣା, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ କର୍ନାଟକର ୭୮ଟି ଜିଲାର ୮୩୦୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଭୂତଳ ଜଳସ୍ତର ବଢ଼ାଇବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କମ୍ ପାଣି ଦରକାର ହେଉଥିବା କୃଷି ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସରକାର ହିମାଚଳପ୍ରଦେଶର ରୋହତାଙ୍ଗ ଗିରିପଥକୁ ବାଜପେୟୀଙ୍କ ନାମରେ ନାମିତ କରିଛନ୍ତି। ଏଥିପାଇଁ ଦୀର୍ଘଦିନରୁ ଦାବି ହେଉଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ୪୦୦୦ କୋଟି ଟଙ୍କାରେ ନିର୍ମିତ ଏହି ସୁଡ଼ଙ୍ଗ କାର୍ଯ୍ୟ ୨୦୨୦ରେ ଶେଷ ହେବ। ୨୦୦୦ରେ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ଏହି ଗିରିପଥ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ସମୁଦ୍ରପତ୍ତନଠାରୁ ୩୦୦୦ ମିଟର ଉଚ୍ଚରେ ଏହି ୮.୮ କିମି ସୁଡଙ୍ଗ ବିଶ୍ୱର ଦୀର୍ଘତମ। ଏହା କାର୍ଯ୍ୟକାରୀ ହେଲେ ମନାଲି ଓ ଲେହ ମଧ୍ୟରେ ଦୂରତା ୪୬ କିଲୋମିଟର ହ୍ରାସ ପାଇବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋକିଳ ରାବିଲା ବସନ୍ତ ବହିଲା**
**ଆମ୍ବଗଛ ବଉଳିଲା**
**ପର ପୀରତି ଯେ ଅଢ଼େଇ ଦିନିଆ**
**ଅଳପକେ ମଉଳିଲା।**

ପ୍ରାପ୍ତ ବୟସ୍କ ଦୁଇ ପୁରୁଷ-ନାରୀଙ୍କ ମଧ୍ୟରେ ପ୍ରେମ ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ। ହେଲେ ଏହା ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ ବୋଲି କୁହାଯାଇଥାଏ। ଅନେକ ସମୟରେ ଏହି ସମ୍ପର୍କର ଶେଷ ପରିଣତି ଖୁବ୍ ଭୟଙ୍କର ହୋଇଥାଏ। ପର ପୀରତି ସାମାନ୍ୟ ଆଡ଼ଗୁଷାରେ ଭାଙ୍ଗିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଲାରେ କାଟିଲି ଲାଉ**
**ସବୁଦିନ କଥା ମନରେ ଅଛି**
**ଏକାଦିନେ ନେବି ଦାଉ ।**

ଅନ୍ୟାୟରେ ଅନ୍ୟ ଦ୍ୱାରା ପ୍ରତାରିତ ହେଲେ ହୀନସ୍ଥା ଭୋଗିଲେ ମନରୁ ସେସବୁ ସହଜରେ ଭୁଲି ହୋଇ ନ ଥାଏ। ବେଳ ଆସିଲେ ବା ସୁଯୋଗ ମିଳିଲେ ଏସବୁର ପ୍ରତିଶୋଧ ନେବା ପାଇଁ ହଟହଟା ହୋଇଥିବା ବ୍ୟକ୍ତି ମନସ୍ଥ କରିଥିବା ସ୍ଥଳେ ପ୍ରତିହିଂସା ପରାୟଣତା ବଜାୟ ରଖିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବୁର୍କିନା ଫାସୋରେ ଆକ୍ରମଣ: ୩୫ ନିହତ

**ଔଗାଡୋଗୁ,୨୫।୧୨(ଏଏଫ୍‌ପି)**

ପଶ୍ଚିମ ଆଫ୍ରିକୀୟ ଦେଶ ବୋର୍କିନା ଫାସୋରେ ଜେହାଦୀ ଆକ୍ରମଣରେ ୩୫ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ସେମାନେ ଏକସଙ୍ଗେ ଏକ ସହର ଓ ଏହାର ସାମରିକ ଘାଟି ଉପରେ ଆକ୍ରମଣ କରିଥିଲେ। ମୃତକମାନେ ସମସ୍ତେ ମହିଳା। ମଙ୍ଗଳବାର ସୌମ୍ ପ୍ରଦେଶରେ ଅନ୍ୟ ଏକ ଆକ୍ରମଣରେ ୭ ସୈନ୍ୟ ଓ ୮୦ ଜେହାଦୀ ନିହତ ହୋଇଛନ୍ତି। ବୁର୍କିନା ଫାସୋରେ କିଛିବର୍ଷ ହେଲା ଜେହାଦୀ ଆକ୍ରମଣ ଜାରି ରହିଛି।

■ ୧୨୬ କୋଟିର ଯମୁନା ଏକ୍ସପ୍ରେସ ୱେ ଦୁର୍ନୀତି

## ତଦନ୍ତ ଦାୟିତ୍ୱ ହାତକୁ ନେଲା ସିବିଆଇ

**ନୂଆଦିଲ୍ଲୀ, ୨୫।୧୨(ପି.ଟି.):** ୧୨୬ କୋଟି ଟଙ୍କାର ଯମୁନା ଏକ୍ସପ୍ରେସ ୱେ ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି ଜମି ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଛି। ଏଥିରେ ସଂସ୍ଥାର ପୂର୍ବତନ ସିଇଓ ପି.ସି. ଗୁପ୍ତାଙ୍କ ସମେତ ୨୧ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବିକାଶ କାର୍ଯ୍ୟ ଲାଗି ସଂସ୍ଥା ପକ୍ଷରୁ ମଥୁରାର ୭ଟି ଗ୍ରାମରୁ ୫୭.୧୫ ହେକ୍ଟର ଜମି ୮୫.୪୯ କୋଟି ଟଙ୍କାରେ କ୍ରୟ କରାଯାଇଥିଲା। ଗ୍ରେଟର ନୋଏଡ଼ାରୁ ଆଗ୍ରା ପର୍ଯ୍ୟନ୍ତ ୧୬୫ କି.ମି. ଲମ୍ବ ଏକ୍ସପ୍ରେସ ୱେ'ର ବିକାଶ ଲାଗି ଏହା ଉଦ୍ଦିଷ୍ଟ ଥିଲା। କିନ୍ତୁ ଗୁପ୍ତା ନିଜ ସମ୍ପର୍କୀୟ ଓ ସହଯୋଗୀଙ୍କ ସହ ମିଶି ପ୍ରଥମେ ଏହି ସବୁ ଜମି କୃଷକଙ୍କଠାରୁ କିଣିବା ପରେ ପରେ ସଂସ୍ଥାକୁ ବିକ୍ରି କରିଥିଲେ ବୋଲି ଜଣାପଡ଼ିଛି। କମ ଦରରେ ଜମି କିଣି ଦୁଇଗୁଣ ଅଧିକ ଦରରେ ବିକ୍ରିକରିବା ଫଳରେ ରାଜକୋଷ କ୍ଷତି ସହିଥିବା ଦର୍ଶାଯାଇଛି। ତଦନ୍ତ ପରେ ଏଥିରେ ୧୨୬ କୋଟିର ଦୁର୍ନୀତି ହୋଇଥିବା ଜଣାପଡ଼ିଥିଲା। ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି କ୍ଷମତାରେ ଥିବାବେଳେ ୨୦୧୩ରୁ ୨୦୧୫ ମଧ୍ୟରେ ଯମୁନା ଏକ୍ସପ୍ରେସ ୱେ ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟିର ସିଇଓ ଭାବେ ଗୁପ୍ତା ଥିଲେ। ସେତିକି ବେଳେ ଏଭଳି ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ପୋଲିସ ରିପୋର୍ଟ ପରେ ସିବିଆଇ ଏହାକୁ ନେଇ ତନାଘନା ଆରମ୍ଭ କରିଛି। ଗତବର୍ଷ ଜୁଲାଇ ୨୪ରେ ଏହି ଦୁର୍ନୀତିର ତଦନ୍ତ ସିବିଆଇକୁ ଦେବା ଲାଗି ସ୍ୱୀକୃତି ପ୍ରଦାନ କରିଥିଲେ। ଏହାର ୧୫ ମାସ ପରେ କେନ୍ଦ୍ର ଅକ୍ଟୋବର ୨୪ରେ ସିବିଆଇକୁ ଏହା ହସ୍ତାନ୍ତର କରିଥିଲା। ଗତ ମଙ୍ଗଳବାର ସିପିଆଇ ପକ୍ଷରୁ ଏହି ମାମଲାରେ ଆପରାଧିକ ଷଡ଼ଯନ୍ତ୍ର ନେଇ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ପଞ୍ଜୀକୃତ କରାଯାଇଛି।



### ପୂର୍ବତନ ସିଇଓଙ୍କ ସହ ୨୧ଜଣଙ୍କ ବିରୋଧରେ ମାମଲା

## ଏଲ୍‌ଓସିରେ ଖ୍ରୀଷ୍ଟମାସ ପାଳିଲେ ଯବାନ

**ଶ୍ରୀନଗର,୨୫।୧୨(ପି.ଟି.)**

ଉତ୍ତର କଶ୍ମୀରର ନିୟନ୍ତ୍ରଣରେଖା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭାରତୀୟ ସେନା ଅଧିକାରୀ ଓ ଯବାନମାନେ ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟମାସ ପାଳନ କରିଛନ୍ତି। ବିଯୁକ୍ତ ୧୫ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରା ଓ ତୁଷାରାବୃତ ଅଞ୍ଚଳରେ ଯବାନମାନେ ନାଚି ଗାଇ ବେଶ୍ ଖୁସି ମନାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସାନ୍ତା କ୍ଲଜ୍ ବେଶରେ ସଜାଇ ହୋଇଥିଲେ। ଦେଶର ବିଭିନ୍ନ ଭାଗରୁ ଆସିଥିବା ସୈନ୍ୟମାନେ ଏକାଠି ପ୍ରାର୍ଥନା କଲାବେଳେ ତାହା ସର୍ବଧର୍ମ ସ୍ଥଳରେ ପରିଣତ ହୋଇଥିଲା। ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଢ଼ିଲୋଁ ସମସ୍ତଙ୍କୁ ମେରି ଖ୍ରୀଷ୍ଟମାସ୍ ଜଣାଇଥିଲେ।



ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ ବୁଧବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଭେଟି ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରଣ କରୁଛନ୍ତି।

■ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ଅଶୁଭ ସମୟ ଯୋଗୁ ବିଳମ୍ବ ହେଉଛି

**ନୂଆଦିଲ୍ଲୀ,୨୫।୧୨(ଆଇଏଏନ୍‌ଏସ୍)**

ଅଶୁଭ ସମୟ ଚାଲିଥିବାରୁ ନରେନ୍ଦ୍ର ମୋଦି ସରକାରଙ୍କ କ୍ୟାବିନେଟ ସମ୍ପ୍ରସାରଣ ସାଙ୍ଗକୁ ଭାଜପାର ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା ବିଳମ୍ବ ହେଉଥିବା ଜଣାପଡିଛି। ଡିସେମ୍ବର ୧୪ରୁ ଆରମ୍ଭ ହୋଇଥିବା ଏହି ଅଶୁଭ ସମୟ ୨୦୨୦ ଜାନୁୟାରୀ ୧୪ରେ ଶେଷ ହୋଇଯିବ ବୋଲି ବିଶ୍ୱାସ କରାଯାଉଥିବା ଏକ ସୂତ୍ରରୁ ଜଣାପଡିଛି। ଦଳୀୟ ସୂତ୍ର ଅନୁଯାୟୀ, ଭାଜପା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଶୁଭ ମୁହୂର୍ତ୍ତରେ କରିବାରେ ବିଶ୍ୱାସ କରିଥାଏ। ଦଳର ସାଂଗଠନିକ ନିର୍ବାଚନ ଚାଲିଥିବାବେଳେ ଡିସେମ୍ବରରେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା ହେବ ବୋଲି ଆଶା କରାଯାଉଥିଲା। ତେବେ ଅଶୁଭ ସମୟକୁ ନେଇ ଏହି ଘୋଷଣାକୁ ସ୍ଥଗିତ ରଖାଯାଇଛି। ଜଣେ ବ୍ୟକ୍ତି ଗୋଟିଏ ପଦବୀ ନୀତି ଦଳରେ ଚଳିଆସୁଛି। ବର୍ତ୍ତମାନର ଅଧ୍ୟକ୍ଷ ଅମିତ୍ ଶାହା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିବାରୁ ତାଙ୍କୁ ଏହି ପଦବୀ ଛାଡ଼ିବାକୁ ହେବ। ତେଣୁ ବର୍ତ୍ତମାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ନୂଆ ଅଧ୍ୟକ୍ଷ କରାଯିବାର ସମ୍ଭାବନା ରହିଛି। ଦଳୀୟ ସମ୍ବିଧାନ ଅନୁଯାୟୀ ଅନ୍ୟୂନ ୫୦ ପ୍ରତିଶତ ରାଜ୍ୟରେ ସାଂଗଠନିକ ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ।

ସେହିପରି ନରେନ୍ଦ୍ର ମୋଦି ୨୦୧୯ ମେ ୩୦ରେ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇନାହିଁ। ଜାନୁୟାରୀ ୧୪ ପରେ ସମ୍ପ୍ରସାରଣ ହେବ ବୋଲି ଆଶା କରାଯାଉଛି।

■ ମାଙ୍ଗାଲୁରୁ ବିକ୍ଷୋଭକାରୀ ମୃତ୍ୟୁ ଘଟଣା

## ସହାୟତା ଫେରାଇନେଲେ କର୍ନାଟକ ସରକାର

**ବେଙ୍ଗାଲୁରୁ,୨୫।୧୨(ପି.ଟି.)**

ମାଙ୍ଗାଲୁରୁରେ ସିଏଏ ବିରୋଧୀ ଆନ୍ଦୋଳନ ବେଳେ ପୋଲିସ ଗୁଳିରେ ନିହତ ଦୁଇଜଣ ବିକ୍ଷୋଭକାରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ କର୍ନାଟକ ସରକାର ଘୋଷଣା କରିଥିଲେ। ଏହି ସହାୟତାକୁ ପ୍ରତ୍ୟାହାର କରିନିଆଯାଇଥିବା ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ବୁଧବାର କହିଛନ୍ତି। ୧୯ ତାରିଖରେ ପୋଲିସ ଗୁଳିରେ ୨ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ସେମାନେ ଅପରାଧୀ ହୋଇଥିବାରୁ ସହାୟତା ପ୍ରଦାନ କରାଯିବା ଅକ୍ଷମଣୀୟ ଅପରାଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦକ୍ଷିଣ କନ୍ନଡ ଜିଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି।



ବି.ଏସ୍. ୟେଦୁରପ୍ପା


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165





LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିକର
ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam





BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ 20,00,000, ଭଡ଼ା 60,000 + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR





ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663





COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



ହିନ୍ଦୁ ନେତା କମଲେଶ୍ ତିୱାରୀ ହତ୍ୟା ମାମଲାରେ ଲକ୍ଷ୍ନୌ ପୋଲିସ ପକ୍ଷରୁ ୧୩ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରାଯାଇଛି। ଅକ୍ଟୋବର ୧୮ରେ ତିୱାରୀଙ୍କୁ ତାଙ୍କ ଖୁର୍ସିଦ ବାଗସ୍ଥିତ ବାସଭବନରେ ଗୁଳିକରି ହତ୍ୟା କରାଯାଇଥିଲା। ପରେ ଏସ୍ଆଇଟି ଗଠନ କରାଯାଇ ମାମଲାର ତଦନ୍ତ କରାଯାଇଥିଲା। ୨୦୧୫ରେ ପ୍ରଫେ ଟ ମହମ୍ମଦଙ୍କ ବିରୋଧରେ ତିୱାରୀ ମନ୍ତବ୍ୟ ଦେଇଥିବା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

## ଆଜିଠୁ ଭିତରକନିକା ବନ୍ଦ

**ରାଜନଗର,୨୫।୧୨(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲି ଠାରୁ ଜାନୁୟାରୀ ୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏଥିପାଇଁ ପର୍ଯ୍ୟଟକମାନଙ୍କ ପରିଭ୍ରମଣକୁ ବନ୍ଦ କରାଯାଇଛି। ଏହି ସମୟରେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କର ଗଣନା କାର୍ଯ୍ୟ କରାଯିବ। ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ କୁମ୍ଭୀରମାନଙ୍କ ଗଣନା କରାଯିବ। ବିଶିଷ୍ଟ ବଉଳା କୁମ୍ଭୀର ବିଶାରଦ ଡ. ସୁଧାକର କରଙ୍କ ସହିତ କୁମ୍ଭୀର ବିଶାରଦମାନେ ଗଣନା କାର୍ଯ୍ୟରେ ସାମିଲ ହେବେ। ଚଳିତମାସ ୨୯ ତାରିଖରେ ଜାତୀୟ ଉଦ୍ୟାନର ବନୀଭବନ ଠାରେ କୁମ୍ଭୀର ଗଣନାରେ ସାମିଲ ହୋଇଥିବା ଗଣନାକାରୀମାନଙ୍କୁ କୁମ୍ଭୀର ବିଶାରଦ ଡ. କର ପ୍ରଶିକ୍ଷଣ ଦେବେ। ଚଳିତବର୍ଷ କୁମ୍ଭୀର ଗଣନା ପାଇଁ ୨୩ଟି ଟିମ୍ ଗଠନ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନରେ ୧୨ଟି ଟିମ୍, ଗହୀରମଥା ରେଞ୍ଜରେ ୨ଟି ଟିମ୍, ମହାକାଳପଡା ରେଞ୍ଜରେ ୨ଟି ଟିମ୍, ରାଜନଗର ରେଞ୍ଜରେ ୭ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ମହାନଦୀ ଶଯ୍ୟାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼

## ■ ଠାବହେଲା ବିରଳ ପକ୍ଷୀ କମନ୍ ମରଗାନସର

**ସୋନପୁର,୨୫।୧୨(ନି.ପ୍ର.)**

ବର୍ତ୍ତମାନ ଶୀତଦିନରେ ଦେଶ ତଥା ଦେଶ ବାହାରର ପକ୍ଷୀଙ୍କ ପାଇଁ ଚିରସ୍ରୋତା ମହାନଦୀ ପାଲଟିଛି ଜଳନିବାସ। ପ୍ରଚଣ୍ଡ ଶୀତରେ ସେଠାକାର ପରିବେଶରେ ବରଫ ପଡୁଥିବାରୁ ବିଦେଶରୁ ପକ୍ଷୀମାନେ ଏଠାକୁ ଚାଲି ଆସୁଛନ୍ତି ସ୍ୱଚ୍ଛନ୍ଦରେ ରହିବାକୁ। ଦେଶ ତଥା ବିଦେଶର ପକ୍ଷୀଙ୍କ ଆଗମନ ବଢ଼ିବା ଯୋଗୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବେ ବୃଦ୍ଧି ପାଇଛି। ଗତ ରବିବାର ସୋନପୁର ସହର ଉପକଣ୍ଠ ମହାନଦୀର ଶରଧାପାଲି ନିକଟସ୍ଥ ଜଳରାଶିରେ ୪ ବିରଳ ପକ୍ଷୀ କମନ ମରଗାନସର(ବୈଜ୍ଞାନିକ ନାମ ମରଗସ ମରଗନସର) ଠାବ ହୋଇଛନ୍ତି। ଏହି ପକ୍ଷୀ ଉତ୍ତର ଆମେରିକା ଓ ପୂର୍ବ ୟୁରୋପରେ ପ୍ରାୟତଃ ଦେଖା ଯାଆନ୍ତି। ଓଡିଶାରେ କମନ ମରଗାନସର ଠାବ ହେବା ପ୍ରଥମ ବୋଲି କହିଛନ୍ତି ପକ୍ଷୀ ସମ୍ପର୍କରେ ଗବେଷଣା କରୁଥିବା ସୋନପୁରର ଦୀନେଶ ରଞ୍ଜନ ମିଶ୍ର ଏବଂ ଓମ୍‌ପ୍ରକାଶ ରାଉତ। ସେହିପରି ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ରାମେଶ୍ୱର ତଳି ଅଞ୍ଚଳ ନଦୀ ବାଲିରେ ମଙ୍ଗଳବାର ବହୁସଂଖ୍ୟକ ବ୍ଲାକ ବେଲିଡ୍ ଟର୍ନ ନାମକ ବିଦେଶୀ ପକ୍ଷୀ ଦେଖାଯାଇଥିଲେ। ବିଦେଶୀ ପକ୍ଷୀମାନେ ଏବେ ସୁବର୍ଣ୍ଣପୁର ଜିଲା ଦେଇ ପ୍ରବାହିତ ହେଉଥିବା ନଦୀର ଜଳରାଶିରେ ବିଚରଣ କରିବା ସହିତ ଉଡି ବୁଲୁଛନ୍ତି।



ସୋନପୁରଠାରେ ମହାନଦୀ ଜଳରାଶିରେ କମନ୍ ମରଗାନସର ବିଚରଣ କରୁଛି।

ପୂର୍ବରୁ ମାଛ ମାରିବା ପାଇଁ ମହାନଦୀରେ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଯୋଗୁ ଜଳ ପ୍ରଦୂଷିତ ହେଉଥିଲା। ପକ୍ଷୀ ଶିକାରୀଙ୍କ ପ୍ରାଦୁର୍ଭାବ ଯୋଗୁ ଏଭଳି ବିରଳ ପକ୍ଷୀ ଅଦୃଶ୍ୟ ହୋଇ ଯାଇଥିଲେ। ପ୍ରକୃତିର ବିବର୍ତ୍ତନ ସହ ନିଜକୁ ଖାପ ଖୁଆଇ ନ ପାରି କେତେକ ପକ୍ଷୀ ବର୍ତ୍ତମାନ ଇତିହାସ ପୃଷ୍ଠାରେ ସ୍ଥାନ ପାଇ ସାରିଥିବା ବେଳେ ବର୍ତ୍ତମାନ କିଛି ବିରଳ ପକ୍ଷୀ ବଞ୍ଚିବାକୁ ସଂଗ୍ରାମ କରୁଛନ୍ତି। ତେବେ ମହାନଦୀ ଜଳରାଶିକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ଫଳରେ ପ୍ରଦୂଷଣ କମିଛି। ଶିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯୋଗୁ ପକ୍ଷୀ ଶିକାର ମଧ୍ୟ ଅନେକ ମାତ୍ରାରେ ହ୍ରାସ ପାଇଛି। ଫଳରେ ଚଳିତବର୍ଷ ଜଳରାଶିରେ ବିଚରଣ କରିବା ପାଇଁ ରାଜ୍ୟ ଓ ଦେଶ ବାହାରର ବିଭିନ୍ନ ପ୍ରଜାତିର ଶତାଧିକ ପକ୍ଷୀଙ୍କ ଭିଡ ଜମିଲାଣି। ବର୍ତ୍ତମାନ ୟୁରୋପ ମହାଦେଶରୁ ଆସିଥିବା ରୁଡିସଲଡକ, ପୂର୍ବମହାଦେଶର ରୋଜିଷ୍ଟୋଲିଙ୍ଗ, ଭଡିଟର ଫ୍ଲାଏକେଚର, ରେଡକ୍ରେଷ୍ଟେଟ୍, ପୋଚାର୍ଡ, ଲିଟିଲଗ୍ରେବ, ବ୍ଲାକ ବେଲିଡ୍ ଟର୍ନ, ପେଲିକାନପେରି ଭଳି ପ୍ରମୁଖ ବିରଳ ପକ୍ଷୀମାନଙ୍କର ବିଚରଣ ମହାନଦୀର ଶୋଭା ବଢାଇଛି। ବିଦେଶାଗତ ପକ୍ଷୀଙ୍କ ଆଗମନ ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କୁ ଆକର୍ଷିତ କରିଛି। ଯୁବ ପକ୍ଷୀ ଗବେଷକ ଦୀନେଶ ଏବଂ ଓମ୍‌ପ୍ରକାଶ କୁହନ୍ତି ବ୍ଲାକ ବେଲିଡ୍ ଟର୍ନ ନାମକ ପକ୍ଷୀ ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ୟୁନିୟନ ଅଫ୍ କଞ୍ଜରଭେସନ ଅଫ୍ ନେଚର ଦ୍ୱାରା ଏକ ବିରଳ ପକ୍ଷୀ ଭାବରେ ସ୍ଥାନ ପାଇଛି। ଯାହାକି ବର୍ତ୍ତମାନ ସୋନପୁରସ୍ଥିତ ମହାନଦୀରେ ଏହା ଦେଖିବାକୁ ମିଳୁଛନ୍ତି। ତେଣୁ ଏମାନଙ୍କ ସୁରକ୍ଷା ପାଇଁ ନଦୀଗର୍ଭରୁ ଟ୍ରକ୍, ଟ୍ରାକ୍ଟରମାନଙ୍କରେ ବାଲି ଓ ଅବାଧ ପଥର ଚାଲାଣ ବନ୍ଦ କରିବାର ଆବଶ୍ୟକତା ରହିଛି। ସେହିଭଳି ଶୀତଦିନରେ ପକ୍ଷୀମାନେ ବାଲି ଓ ପଥର କୋରଡରେ ଅଣ୍ଡା ଦେଉଥିବାରୁ ସେଭଳି ଅଞ୍ଚଳକୁ ମଣିଷର ପ୍ରବେଶ କିମ୍ବା ହସ୍ତକ୍ଷେପ ବନ୍ଦ ହେବା ଜରୁରୀ। ମହାନଦୀର ଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି।



## ଜିଲା ଚିଠି
### ରାଉରକେଲା

## କଠିନ ବର୍ଜ୍ୟବସ୍ତୁ ପରିଚାଳନା

ମହାନଗର ରାଉରକେଲା ସ୍ମାର୍ଟ ସିଟି ମାନ୍ୟତା ପାଇବା ପରେ ବିଭିନ୍ନ ଦୃଷ୍ଟିରୁ ଏହାର ଗୁରୁତ୍ୱ ବଢ଼ିଛି। ନାନା ଯୋଜନା ମାଧ୍ୟମରେ ସହରକୁ ନୂଆ ରୂପ ଦେବାକୁ ଚେଷ୍ଟା ଜାରି ରହିଛି। ଆଧୁନିକତାର ସ୍ୱାଦ କିପରି ଷ୍ଟିଲ ସିଟିର କୋଣ ଅନୁକୋଣରେ ପହଞ୍ଚିବ ସେ ନେଇ କାମ ଚାଲିଛି। ସୁସ୍ଥ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା ପାଇଁ କିପରି ଜାଗରଣ ସୃଷ୍ଟି କରାଯାଇ ପାରିବ ସେନେଇ ମହାନଗର ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ଏମିତି ଅବସ୍ଥାରେ ୫ରୁ ୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏ ସହରରୁ ପ୍ରତିଦିନ ବାହାରୁଥିବା କଠିନ ବର୍ଜ୍ୟ ପରିଚାଳନା ଚିନ୍ତା ବଢାଇ ଦେଇଛି। ମୋଟ ୪୦ ୱାର୍ଡ ବିଶିଷ୍ଟ ଏହି ମହାନଗରରୁ ପ୍ରତିଦିନ ସଂଗୃହିତ କଠିନ ବର୍ଜ୍ୟ ପଦାର୍ଥ ପରିଚାଳନା ନେଇ ଆଜି ପର୍ଯ୍ୟନ୍ତ ସେଭଳି କିଛି ଠୋସ ପଦକ୍ଷେପ ନିଆଯାଇ ପାରିନି। ଏନେଇ ଆରଏମ୍‌ସି ପକ୍ଷରୁ ଯୋଜନାବଦ୍ଧ ଉଦ୍ୟମ ସତ୍ତ୍ୱେ ଆଶାନୁରୂପ ଫଳ ମିଳି ପାରିନି। ଏମିତି ଅବସ୍ଥାରେ ଆଉ ଏକ ବଡ ସମସ୍ୟା ସୃଷ୍ଟି କରିଛି ଲୌହ, ଟିଣ, ଦସ୍ତା ଭଳି କଠିନ ବର୍ଜ୍ୟ ସାମଗ୍ରୀ। ଏସବୁ ବ୍ୟବହାର ଅନୁପଯୋଗୀ ସାମଗ୍ରୀ କଣ୍ଟା ଭାବେ ଗଣାଯାଏ। ଯେଉଁମାନେ ଲୁଚା ଚୋରାରେ ଏହାକୁ ସଂଗ୍ରହ କରି ବିକ୍ରି କରନ୍ତି ତାଙ୍କୁ କଣ୍ଟା ବେପାରୀ କୁହାଯାଏ। କାରଖାନା ପରିସର ବାହାରେ ରହିଥିବା ଡମ୍ପିଂ ୟାର୍ଡରୁ ସଂଗୃହୀତ ଗୁଳି(ମଳ ଲୁହା)ସହ ଭଙ୍ଗା ସାଇକେଲ, କୁଲର, ମୋଟର ବାଇକ ଓ ଏହାର ଆନୁଷଙ୍ଗିକ ଯନ୍ତ୍ରାଂଶ ସମେତ ପଙ୍ଖା, ଟିଭି, ମୋଟର ପାର୍ଟ୍‌ସ ଭଳି ଯାବତୀୟ ବ୍ୟବହାର ଅନୁପଯୋଗୀ ସାମଗ୍ରୀ କାହାକୁ ବିକାଯିବ ସେ ନେଇ କୌଣସି ନିୟମ କରାଯାଇ ନାହିଁ। ଫିଙ୍ଗା ଯିବା ନେଇ ମଧ୍ୟ ସ୍ଥାନ ନିରୂପଣ କରାଯାଇନି। ଏହାକୁ ଖୋଲାଖୋଲି କେହି ସଂଗ୍ରହ କରି କଣ୍ଟା ବେପାରୀଙ୍କୁ ବିକିବା ସେତେ ସହଜ ନୁହେଁ। ଏମିତି ଅବସ୍ଥାରେ ପ୍ରାୟ ପ୍ରତ୍ୟେକଙ୍କ ଘରେ ଏଭଳି ବର୍ଜ୍ୟ ପଦାର୍ଥ ପଡି ରହିଛି। ଏହାର ପରିଚାଳନା ହୋଇ ପାରୁନି। ଯେଉଁ ଗରିବ ଲୋକଟି ଏହାକୁ ସଂଗ୍ରହ କରି ଦୁଇ ପଇସା ରୋଜଗାର କରିବାକୁ ଚାହୁଁଛି ତାକୁ ପୋଲିସ ନାଲି ଆଖି ଦେଖାଉଛି। ସ୍ଥଳ ବିଶେଷରେ କଣ୍ଟା କାରବାର ଅଭିଯୋଗରେ ଜେଲ ଯିବାକୁ ପଡୁଛି। ଏଣୁ ଏହି ଧରଣର ଟନ ଟନ ବର୍ଜ୍ୟ ସାମଗ୍ରୀକୁ କିପରି ପରିଚାଳନା କରାଯିବ ସେନେଇ କାହାର ଚିନ୍ତା ନାହିଁ। ଏନେଇ ତତ୍କାଳୀନ ଏସ୍‌ପି ଉମାଶଙ୍କର ଦାସଙ୍କୁ ଏହି କାରବାରରେ ଜଡିତ କେତେଜଣ ବ୍ୟବସାୟୀ ସାକ୍ଷାତ କରି ସମସ୍ୟା ଜଣାଇ ଥିଲେ। ମହାନଗର ଅଞ୍ଚଳରେ ଗୋଦାମ ବ୍ୟବସ୍ଥା କରାଯାଇ ବ୍ୟବସାୟକୁ ବୈଧ କରିବାକୁ ପ୍ରସ୍ତାବ ରଖିଥିଲେ। ତଥାପି କିଛି ଫଳ ହେଲା ନାହିଁ। ଏମିତି ଅବସ୍ଥାରେ ବର୍ଜ୍ୟ ପଦାର୍ଥ କାହାକୁ ବିକ୍ରି କରାଯିବ ସେନେଇ ଗୃହକର୍ତ୍ତାଙ୍କ ମଧ୍ୟରେ ଚିନ୍ତା ବଢୁଛି। ମହାନଗର କର୍ତ୍ତୃପକ୍ଷ ଯେତେବେଳେ ପଲିଥିନ, ଥର୍ମୋକୁଲ, ପନିପରିବା ଚୋପା ଭଳି ବର୍ଜ୍ୟସାମଗ୍ରୀ ପରିଚାଳନା କରି ପାରୁ ନାହାଁନ୍ତି ସେତେବେଳେ ଏସବୁ କଠିନ ବର୍ଜ୍ୟ ପରିଚାଳନା ନେଇ ଚିନ୍ତା କରିବା ବୃଥା। ଦେଖାଯାଇଛି ଯେ ସହର ତଳି ଅନେକ ରାସ୍ତା ପାର୍ଶ୍ୱରେ ବ୍ୟବସାୟିକ ସଂସ୍ଥାରୁ ବାହାରୁଥିବା କଠିନ ବର୍ଜ୍ୟ ଜମା ହେବାରେ ଲାଗିଛି। ଏହାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇ ନଷ୍ଟ କରିବା ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ନାହିଁ। ସ୍ମାର୍ଟ ସିଟି କୁହାଯାଉଥିବା ଏହି ସହରରେ ବିଭିନ୍ନ ଧରଣର କଠିନ ବର୍ଜ୍ୟ ପରିଚାଳନା ନେଇ ଆବଶ୍ୟକୀୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଏମିତି ଅବସ୍ଥାରେ ଲୌହ, ଟିଣ ଭଳି ସାମଗ୍ରୀ ପରିଚାଳନା ନେଇ କାହିଁକି ବ୍ୟବସ୍ଥା କରାଯାଉନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାରବାରକୁ କର୍ତ୍ତୃପକ୍ଷଙ୍କ ଅନୁମତି ମିଳୁ ନ ଥିବାରୁ ସହରରେ କଣ୍ଟା କାରବାର ବନ୍ଦ ହୋଇ ପାରୁନି। ଯେଉଁ କାରଣରୁ ଏଭଳି ବେଆଇନ କାରବାରକୁ ପ୍ରୋତ୍ସାହନ ମିଳୁଛି। ଦେଶର କେତେକ ବଡ ସହରରେ ଉପରୋକ୍ତ କଠିନ ବର୍ଜ୍ୟ ପରିଚାଳନା ନେଇ ବ୍ୟବସ୍ଥା ରହିଥିବା ବେଳେ ଏଠାରେ ତା'ର ବ୍ୟତିକ୍ରମ ଦେଖା ଦେଇଛି।

**- ବସନ୍ତ କୁମାର ଧଳ**

## ■ କଟକ ଅର୍ବାନ ବ୍ୟାଙ୍କ ମାମଲା

# ନିମ୍ନ ଅଦାଲତଙ୍କ ରାୟ ହାଇକୋର୍ଟରେ କାଏମ

**କଟକ ଅଫିସ, ୨୫।୧୨**

କଟକ ଅର୍ବାନ ବ୍ୟାଙ୍କ ମାମଲାରେ ନିମ୍ନ ଅଦାଲତଙ୍କ ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ଫଳରେ ଏହି ମାମଲାରେ ଅର୍ବାନ ବ୍ୟାଙ୍କକୁ ଝଟ୍‌କା ଲାଗିଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅର୍ବାନ ବ୍ୟାଙ୍କର ଅବସରପ୍ରାପ୍ତ ନିବନ୍ଧକ ଭାନୁଦେବ ବିଶ୍ୱାଳ ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ନିକଟରେ ଏକ ଆବେଦନପତ୍ର ଦାଖଲ କରିଥିଲେ। ବିଶ୍ୱାଳଙ୍କର ଅଭିଯୋଗ ଥିଲା ଯେ, ଅର୍ବାନ ବ୍ୟାଙ୍କର କର୍ମଚାରୀ ମାରଣ ନୀତି ଯୋଗୁ କର୍ମଚାରୀମାନଙ୍କୁ କ୍ଷତି ସହିବାକୁ ପଡୁଛି। ୨୦୧୫ ମେ'ରୁ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ହାରରେ ଦରମା ଦିଆଯାଇ ନାହିଁ। ଏପରି କି ପେନ୍‌ସନ୍‌ପ୍ରାପ୍ତ କର୍ମଚାରୀଙ୍କୁ ନୂତନ ବର୍ଦ୍ଧିତ ହାରରେ ପେନସନ ପ୍ରଦାନ କରାଯାଉ ନାହିଁ। ସମ୍ପ୍ରତି ରାଜ୍ୟ ସରକାର ସପ୍ତମ ବେତନ କମିଶନ ଲାଗୁ କରିଥିବାବେଳେ ଏହି ବ୍ୟାଙ୍କର କର୍ମଚାରୀଙ୍କ କ୍ଷେତ୍ରରେ ୨୦୧୨ରୁ ସଂଶୋଧିତ ଦରମା ନିୟମ ଲାଗୁ ହୋଇନାହିଁ। ସେହିପରି ରାଜ୍ୟ ସରକାରଙ୍କ ଗ୍ରାଚ୍ୟୁଇଟି କ୍ଷେତ୍ରରେ ମଧ୍ୟ ଅସମତା ପରିଲକ୍ଷିତ ହୋଇଛି। ସୂଚନାଥାଉ କି, ଏ ସମ୍ପର୍କିତ ମାମଲାର ଶୁଣାଣି କରି ଶ୍ରମ ଆୟୁକ୍ତଙ୍କ କୋର୍ଟ ଆବେଦନକାରୀଙ୍କୁ ୩୦ ଦିନ ମଧ୍ୟରେ ୩ଲକ୍ଷ ୨୦ ହଜାର ୯୮୧ ଟଙ୍କା କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବ୍ୟାଙ୍କ କର୍ତ୍ତୃପକ୍ଷ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କୋର୍ଟକୁ ଯାଇଥିଲେ। ତେବେ ଅଦାଲତ ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିବାରୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମଧ୍ୟ ଉକ୍ତ ମାମଲାର ଶୁଣାଣି କରି ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିଛନ୍ତି।

## ■ ଆଜି ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

# ନବୀନଙ୍କ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ବିଜେଡି ପ୍ରତିଷ୍ଠା ହେବାର ୨୩ ବର୍ଷ ପୂରଣ ହୋଇଛି। ରାଜ୍ୟରେ ଲଗାତର ୫ ଥର ଶାସନ କ୍ଷମତା ବିଜେଡି ଦଖଲ କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ଣ ୪ଟାରେ ବିଜେଡି ପ୍ରତିଷ୍ଠା ଦିବସ ଦଳର ମୁଖ୍ୟାଳୟଠାରେ ପାଳନ ହେବ। ତେବେ ଏକକ ସଂଖ୍ୟାଗରିଷ୍ଠତା ପାଇ ବିଜେଡି ଶାସନ କ୍ଷମତାରେ ଥିଲେ ମଧ୍ୟ ଦଳ ପାଇଁ ବହୁତ ଚ୍ୟାଲେଞ୍ଜ ରହିଛି। ଏଥର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ କର୍ମୀଙ୍କୁ କ'ଣ ବାର୍ତ୍ତାଦେବେ ତାହା ଉପରେ ସଭିଙ୍କ ନଜର ରହିଛି। ରାଜ୍ୟ ସରକାର ଆଣିଥିବା ମୋ ସରକାର ଏବଂ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ନବୀନ ଦଳୀୟ ନେତା ଏବଂ କର୍ମୀଙ୍କୁ କହିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ସଫଳ ଯୋଜନାଗୁଡ଼ିକ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ମଧ୍ୟ ସେ କହିପାରନ୍ତି। ଗୁରୁବାର ଦଳ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ କରିବା ଲାଗି ଯୋଜନା ରଖିଛି। ସେହିପରି ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମଧ୍ୟ ଏଥର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏଥିପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜଧାନୀର ସବୁଆଡେ ବଡ଼ ବଡ଼ ହୋର୍ଡିଂ ସାଙ୍ଗକୁ ପୋଷ୍ଟର ଏବଂ ଦଳୀୟ ପତାକା ଛାଉଣି ହୋଇଯାଇଛି। ସବୁଆଡେ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳିଛି। ଏନେଇ ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା କହିଛନ୍ତି, ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳନ ହେବାକୁ ଯାଉଛି। ଏକ ଆଞ୍ଚଳିକ ଦଳ ହିସାବରେ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା କରିବା ଲାଗି ଆମେ ଜାଗ୍ରତପ୍ରହରୀ ଭାବେ କାମ କରିଚାଲିଛୁ। ଓଡ଼ିଶା ଲୋକଙ୍କ ସ୍ୱାର୍ଥ ଆମ ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ୧୯୯୭ ଡିସେମ୍ବର ୨୬ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ବିଜୁ ଜନତା ଦଳ ପ୍ରତିଷ୍ଠା ହୋଇଥିଲା। ଏହାପରଠାରୁ ବିଜେଡି ରାଜ୍ୟର ବିଭିନ୍ନ ନିର୍ବାଚନରେ ସଫଳତାର ସହ ବିଜୟୀ ହୋଇଚାଲିଛି। ତେବେ ଆଗକୁ ମଧ୍ୟ ରାଜ୍ୟବାସୀଙ୍କ ନିକଟରେ ବିଜେଡି କିପରି ନିଜର ସ୍ଥିତି ବଜାୟ ରଖିବ ତା'ଉପରେ ଗୁରୁତ୍ୱ ଦେବା ଲାଗି ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ବାଇକ୍‌କୁ ଧକ୍କାଦେଲା ଟାଟାଏସି, ୨ ମୃତ

**ମାଧପୁର/ଆଠମଲ୍ଲିକ, ୨୫।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର-ବାମୁର ରାସ୍ତାର ନୂଆଗାଁ ନୂଆସାହି ନିକଟରେ ବୁଧବାର ଏକ ଟାଟାଏସି ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଲିହା ଗ୍ରାମର ଚିତ୍ତରଞ୍ଜନ ସାହୁ ଓ ହଣ୍ଡପା ଥାନା କଟରଙ୍ଗା ପଞ୍ଚାୟତ ଆମ୍ବମୁଣ୍ଡାର ବିକାଶ ସାହୁ। ଆହତ ସୁଜିତ ପ୍ରଧାନଙ୍କୁ ଚିକିତ୍ସା ପରେ ଛାଡ଼ିଦିଆଯାଇଛି।

ଚିତ୍ତରଞ୍ଜନ, ବିକାଶ ଏବଂ ସୁଜିତ୍ ମାନଜୋର ଡ୍ୟାମ୍‌କୁ ଭୋଜି କରିବା ପାଇଁ ଆସିଥିଲେ। ସେମାନେ ମସଲା ଗ୍ରାଇଣ୍ଡିଂ ପାଇଁ ମାଧପୁର ଆସି ବାଇକ୍‌ରେ ଫେରୁଥିବା ବେଳେ ଏକ ଟାଟାଏସି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ବିକାଶ ଏବଂ ସୁଜିତଙ୍କୁ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ବିକାଶଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ନଂ. ୧୪୬/୧୯ରେ ଏକ ମାମଲା ରୁଜୁ ହୋଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



କ୍ରିଶା ନେନା



ଚନ୍ଦ୍ରଶେଖର ଜେନା(ସୋନୁ)



ଦିବ୍ୟା କବାଟ



ସୌମ୍ୟପ୍ରକାଶ ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ୨୮ରେ କଂଗ୍ରେସର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୮ତାରିଖରେ ପାଳନ କରାଯିବ। ଏଥିଲାଗି ଏକ ପ୍ରସ୍ତୁତି ବୈଠକ ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁସାରେ ସେଦିନ ସକାଳ ୧୦ଟାରେ କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ପତାକା ଉତ୍ତୋଳନ କରିବେ। ପୂର୍ବାହ୍ଣ ୧୦.୩୦ରେ ଭାରତ ବଞ୍ଚାଅ-ସମ୍ବିଧାନ ବଞ୍ଚାଅ ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯିବ। କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ଯଥା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଲାଗୁକରିବା ଆଦି ଘଟଣାକୁ ନେଇ ରାଜ୍ୟପାଳଙ୍କୁ କଂଗ୍ରେସ ସଭାପତିଙ୍କ ସମେତ ଏକ ପ୍ରତିନିଧି ଦଳ ଏକ ସ୍ମାରକପତ୍ର ପ୍ରଦାନ କରିବେ। ଏହି ପଦଯାତ୍ରାକୁ ସଫଳ କରବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି, କଂଗ୍ରେସର ସମସ୍ତ ପ୍ରାକ୍ତନ ରାଜ୍ୟ ସଭାପତି, ପ୍ରାକ୍ତନ କେନ୍ଦ୍ର ଓ ରାଜ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଏମ୍‌ପି ପ୍ରାର୍ଥୀ, ଛାମୁଆ ସଙ୍ଗଠନ, ବିଭାଗ ଓ ପ୍ରକୋଷ୍ଠର ସମସ୍ତ ମୁଖ୍ୟ ଏବଂ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି।

**■ ଭାରତ ବଞ୍ଚାଅ-ସମ୍ବିଧାନ ବଞ୍ଚାଅ ପଦଯାତ୍ରା କରିବ ଦଳ**

# ଶିମିଳିପାଳରେ ପୋଷା ହାତୀ ବବ୍‌ଲୁର ଉତ୍ପାତ

## ପର୍ଯ୍ୟଟକଙ୍କୁ ଆକ୍ରମଣ ବେଳର ଭିଡିଓ ଭାଇରାଲ

**ବାରିପଦା ଅଫିସ,୨୫।୧୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଅଧୀନ ଲୁଲୁଙ୍ଗଠାରେ ବନ ବିଭାଗର ପୋଷା ହାତୀ ବବ୍‌ଲୁ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା କେବେ ଘଟିଛି ତାହା ଜଣା ପଡ଼ି ନାହିଁ। ଏନେଇ ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁ ନ ଥିବାରୁ କିଛି ତଥ୍ୟ ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଲୁଲୁଙ୍ଗକୁ ପ୍ରତିଦିନ ପର୍ଯ୍ୟଟକମାନେ ବୁଲିବାକୁ ଆସିଥାନ୍ତି। ଭାଇରାଲ ଭିଡିଓରେ ପୋଷା ହାତୀ ବବ୍‌ଲୁ ଏଠାକୁ ଆସିଥିବା ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାକୁ ଗୋଡାଇବା ଓ ସେମାନେ ପ୍ରାଣ ବିକଳରେ ଦୌଡୁଥିବା ଦେଖିବାକୁ ମିଳିଛି। ତେବେ ବବ୍‌ଲୁର ଗୋଡ଼ରେ ଲୁହା ଶିକୁଳି ବନ୍ଧା ହୋଇଥିବାରୁ ସେ କାହାର କିଛି କ୍ଷତି କରି ନ ଥିବା ଭାଇରାଲ ଭିଡିଓରୁ ଜଣାପଡ଼ିଛି।



ପର୍ଯ୍ୟଟକଙ୍କୁ ପୋଷାହାତୀ ଆକ୍ରମଣ କରିବାକୁ ଗୋଡ଼ାଉଛି।

## ଦନ୍ତା ଆକ୍ରମଣରେ ବୃଦ୍ଧା ମୃତ

**ବାରିପଦା ଅଫିସ/ ବାଙ୍ଗିରିପୋଷି, ୨୫।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ଗୋଶାଣିପାଳ ଗାଁରେ ବୁଧବାର ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସ୍ନେହଲତା ସେଠୀ (୬୫)। ସକାଳୁ ଗ୍ରାମ ନିକଟସ୍ଥ କାତରା ନଦୀକୁ ଶୌଚ ହେବାକୁ ଯାଉଥିବା ବେଳେ ପଛପଟୁ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ତପନ ଦାସ ଓ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇଛନ୍ତି। କ୍ଷତିପୂରଣ ବାବଦରେ ମୃତକଙ୍କ ପରିବାରକୁ ବନ ବିଭାଗ ତରଫରୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ଶ୍ୟାମସୁନ୍ଦର ପଞ୍ଚାୟତ ଅନ୍ତର୍ଗତ ଚାଉଳଘୋରୀ ଅଞ୍ଚଳରେ ହାତୀ ଆକ୍ରମଣରେ ଅଂଳାଗୁଞ୍ଜା ଗ୍ରାମର ସହଦେବ ଗିରି(୬୫) ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।



ଗୋଟିଏ ଧାରାରେ ଫିଲ୍ମ କରୁଥିବା ଲୋକ ନୂଆ ଟ୍ରେଣ୍ଡ କରିବାକୁ ଚେଷ୍ଟା କଲେ ବିପୁଳ ସଫଳତା ମିଳିବ ବୋଲି କହିବା ଠିକ୍ ହେବନି। କାରଣ ବଲିଉଡ୍ ଜୁଆରରେ ପହଁରିବା ଏତେ ସହଜ ନୁହେଁ।

-ଇମ୍ରାନ୍ ହାସ୍ମି, ବଲିଉଡ୍ ଅଭିନେତା



# ଦୟାଳୁ ଲୋକେ ହୁଅନ୍ତି ଦୀର୍ଘଜୀବୀ

**କାଲିଫର୍ନିଆ:** ଦୀର୍ଘଜୀବୀ ହେବା ପାଇଁ ଖାଦ୍ୟପେୟ ଏବଂ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆବଶ୍ୟକ ବୋଲି ଚିକିତ୍ସକମାନେ ପରାମର୍ଶ ଦେଇଥାନ୍ତି। ତେବେ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି ଯେ, ଦୟାଳୁ ଲୋକେ ଦୀର୍ଘଜୀବୀ ହୋଇଥାନ୍ତି। ଏଭଳି ଲୋକେ ସବୁବେଳେ ଖୁସି ରହୁଥିବାରୁ ସେମାନଙ୍କ ଶରୀର ସୁସ୍ଥ ରହିଥାଏ ଓ ସହଜରେ କୌଣସି ରୋଗ ଆକ୍ରମଣ କରିପାରେ ନାହିଁ। ଏସମ୍ପର୍କରେ ଗବେଷଣା ରିପୋର୍ଟରେ ଦର୍ଶାଯାଇଛି। ମୁଖ୍ୟତଃ ଅନ୍ୟପ୍ରତି ଦୟାଭାବ ପରିପ୍ରକାଶ କରିବା ଦ୍ୱାରା ଶରୀରରେ ହାପିନେସ୍ ହରମୋନ୍ ଡୋପାମାଇନ୍, ଅକ୍ସିଟୋସିନ୍, ସେରୋଟୋନିନ୍ ଏବଂ ଏଣ୍ଡ୍ରୋଫାଇନ୍‌ର କ୍ଷରଣ ସ୍ୱାଭାବିକ ଭାବେ ହୋଇଥାଏ। ଫଳରେ ଶରୀରର ବହୁ ସମସ୍ୟା ଆପେଆପେ ଦୂର ହୋଇଥାଏ। ଏହା ଉପରେ ଅଧ୍ୟୟନ ପାଇଁ ଆମେରିକା ସରକାର ବିଶ୍ୱବିଦ୍ୟାଳୟକୁ ୨ କୋଟି ଡଲାରର ଅନୁଦାନ ପ୍ରଦାନ କରିଥିବା ଜଣାପଡ଼ିଛି।



# ୨୭ରେ ମୋନାଙ୍କ ବାହାଘର

**ମୁମ୍ବାଇ:** ହାତକୁ ଦୁଇ ହାତ ହେବେ ଟେଲି ଅଭିନେତ୍ରୀ ମୋନା ସିଂ। ଦକ୍ଷିଣ ଭାରତର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଶ୍ୟାମଙ୍କୁ ସେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ଏପରିକି ବିବାହର ଡେଟ୍ ଫାଇନାଲ ହୋଇଛି। ମୋନା ୨୭ ଡିସେମ୍ବରରେ ବିବାହ କରିବେ। ପୂର୍ବରୁ ଅର୍ଥାତ ୨୬ ଡିସେମ୍ବରରେ ପ୍ରି-ୱେଡିଂ ସେରିମନି ରଖାଯାଇଛି। କାର୍ଯ୍ୟକ୍ରମରେ କେବଳ ଉଭୟଙ୍କ ପରିଜନ ତଥା ବନ୍ଧୁମାନେ ଯୋଗଦେବେ ବୋଲି କୁହାଯାଉଛି। କିଛିଦିନ ତଳେ ନିଜ ବିବାହକୁ ନେଇ ମୁହଁ ଖୋଲିଥିଲେ ମୋନା। କେବେ ବି ସେ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ କଥା ହୁଅନ୍ତି ନାହିଁ। ଏହାକୁ ସେ ପସନ୍ଦ ମଧ୍ୟ କରନ୍ତି ନାହିଁ। ହେଲେ ଯେବେ ବିବାହ କରିବେ ସେ ସମସ୍ତଙ୍କୁ ଜଣାଇବେ ବୋଲି କହିଥିଲେ। ପ୍ରକାଶଥାଉ କି, ୩୯ ବର୍ଷୀୟା ଚଣ୍ଡିଗଡ଼ ଝିଅ ମୋନା। ୨୦୦୦ ମସିହାରେ କମେଡି ସିରିଜ୍ 'ଜସି ଜୈସି କୋଇ ନେହିଁ'ରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ ମୋହିବାରେ ସକ୍ଷମ ହୋଇଥିଲେ। ଦୁଇ ଦୁଇଟି ଟେଲିଭିଜନ ଏକାଡେମୀ ଆୱାର୍ଡ ହାତେଇ ଅନେକ ସିରିୟଲ୍‌ରେ ନଜର ଆସିବା ସହ ଟେଲିଭିଜନ ଶୋ'ରେ ହୋଷ୍ଟ କରି ଦର୍ଶକଙ୍କ ନିକଟତର ହୋଇପାରିଛନ୍ତି। ବିଗତ ଦିନରେ ଅନେକ ନାୟକଙ୍କ ସହ ମୋନାଙ୍କ ନାମକୁ ଯୋଡ଼ା ଯାଇଥିଲା। ସେଥିରେ ଟେଲି ଅଭିନେତା କରନ ଓବରୟ, କମାଣ୍ଡୋ ଅଭିନେତା ବିଦ୍ୟୁତ ଜାମବାଲ ରହିଥିଲେ। ହେଲେ ସେମାନଙ୍କ ସହ ମୋନା ସମ୍ପର୍କ ଆଗକୁ ବଢ଼ିପାରି ନ ଥିଲା।

## ୭ ବର୍ଷୀୟ ଶିଶୁର ଚିଠି

# ସାଣ୍ଟା, ମୋତେ ଜଣେ ଭଲ ବାପା ଦେଇପାରିବ କି



Dear Santa,
we had to leave our house. Dad was mad. We h
do all the chores. Dad got every thing he want
Mom said it was time to leave and she would
take us to a safer place where we don't have to
be scared.
I'm still nervouse. I don't want to talk to the othe
kids. Are you going to come this christmas? We don't
any of our stuff here. Can you. bring some chapter
a dictionary, and a compass and a wath? I also want
very very Very good dad. Can you do that
love,
Blake.

**ଡଲାସ:** ଚାରିଆଡ଼େ 'କ୍ରିସ୍‌ମାସ୍ ଡେ'କୁ ନେଇ ଉତ୍ସବର ମାହୋଲ୍। ବିଶେଷକରି କୁନି କୁନି ଛୁଆ ସାଣ୍ଟାକ୍ଲଜ୍‌ଠାରୁ ଉପହାର ପାଇବାକୁ ଅପେକ୍ଷା କରିଥାନ୍ତି। ଏପରି ସମୟରେ ଆମେରିକାର ଟେକ୍ସାସ୍ ସହରରେ ଜଣେ ୭ ବର୍ଷୀୟ ଶିଶୁ 'ସାଣ୍ଟା' ନିକଟକୁ ଲେଖିଥିବା ଏକ ଚିଠି ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଶିଶୁଟିର ଚିଠି ସମସ୍ତଙ୍କୁ ଭାବବିହ୍ୱଳ କରୁଛି। ଶିଶୁ ଜଣକ ଚିଠି ମାଧ୍ୟମରେ ସାଣ୍ଟାକୁ ପଚାରିଛି, ତୁମେ କ'ଣ ମୋତେ ଜଣେ ଭଲ ବାପା ଦେଇପାରିବ। ସେ ଏହା ମଧ୍ୟ ଲେଖିଛନ୍ତି ଯେ, ମୋ ବାପା ଭୟଙ୍କର ଥିଲେ, ଯଦ୍ୱାରା ଆମକୁ ଘର ଛାଡ଼ିବାକୁ ପଡ଼ିଥିଲା। ମା' କହିଲେ, ସେ ମୋତେ ସୁରକ୍ଷିତ ସ୍ଥାନକୁ ନେଇଯିବେ। ସେଠାରେ ଆମକୁ ଭୟ କରିବାକୁ ପଡ଼ିବନି। କୋମଳ ଶିଶୁଟିର ଏହି ଚିଠି ଏବଂ କ୍ରିସ୍‌ମାସ୍ ଅବସରରେ ସାଣ୍ଟା ଉପରେ ରହିଥିବା ବିଶ୍ୱାସ ଅନେକଙ୍କୁ ପ୍ରଭାବିତ କରିଛି।





# ନଡ଼ିଆ ତେଲ ଲଗାଇଲେ ଜଣା ପଡ଼େନାହିଁ ବୟସ

**ନୂଆଦିଲ୍ଲୀ:** ସାଧାରଣତଃ ଲୋକେ ଦୈନନ୍ଦିନ ଜୀବରେ ବିଭିନ୍ନ ତେଲର ବ୍ୟବହାର କରିଥା'ନ୍ତି। ମାତ୍ର ନଡ଼ିଆ ତେଲରେ ଏପରି ଗୁଣ ରହିଛି, ଯାହାକୁ ଲଗାଇଲେ ବୟସ ବୃଦ୍ଧି ହେଲେ ମଧ୍ୟ ଜଣାପଡ଼ି ନ ଥାଏ। ନଡ଼ିଆ ତେଲକୁ ସୌନ୍ଦର୍ଯ୍ୟର ତେଲ ବୋଲି କୁହାଯାଏ। ଏଥିରେ ପ୍ରଚୁର ମାତ୍ରାରେ ଭିଟାମିନ୍ -ଇ ରହିଛି। ଏହା ଚର୍ମ, ଓଠ ଏବଂ କେଶକୁ ନରମ ରଖିଥାଏ। ପ୍ରତିଦିନ ନଡ଼ିଆ ତେଲ ଲଗାଇଲେ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଭଲ। ଏହାକୁ ରାତିରେ ଶୋଇବା ପୂର୍ବରୁ ଲଗାଇଲେ ଚର୍ମ ନରମ ହେବା ସହ ଉଜ୍ଜ୍ୱଳ ଦିଶିଥାଏ। ଶୀତଦିନେ ଓଠ ଶୁଷ୍କ ହୋଇଯାଇଥାଏ। ନଡ଼ିଆ ତେଲକୁ ଟିକେ ଉଷୁମ କରି ଓଠରେ ଲଗାଇଲେ ନରମ ହୋଇଥାଏ। ଏହା ସହିତ ଓଠ କଳାପଣ ମଧ୍ୟ ଦୂର ହୁଏ। ସ୍କ୍ରବ୍ କରିବାକୁ ହେଲେ ନଡ଼ିଆ ତେଲ ସବୁଠୁ ଭଲ। ନଡ଼ିଆ ତେଲ ଏବଂ ମାଟିଆ ଚିନିକୁ ଏକ ପାତ୍ରରେ ନେଇ ଭଲ ଭାବରେ ଫେଣ୍ଟି ଦିଅନ୍ତୁ। ଏହାକୁ ଲଗାଇଲେ ଚର୍ମ ଶୁଷ୍କତା ଦୂର ହୋଇ ଚେହେରାରେ ଚମକ ଆସିଥାଏ।

# ଫ୍ୟାନ୍‌ଙ୍କ ନିଦ ହଜାଉଛି ନୋରାଙ୍କ 'ସୁଇଟ୍ ଡ୍ରିମ୍ସ'

**ମୁମ୍ବାଇ:** ବି-ଟାଉନ୍ ତାରକାମାନଙ୍କ ପାଇଁ ଫ୍ୟାନ୍‌ମାନଙ୍କ ସହ ଯୋଡ଼ି ହୋଇ ରହିବା ଦିଗରେ ସୋସିଆଲ ମିଡିଆ ଏକ ସହଜ ଓ ପ୍ରକୃଷ୍ଟ ମାଧ୍ୟମ ପାଲଟିଛି। ତେବେ ଏ କ୍ଷେତ୍ରରେ ପାଦେ ଆଗୁଆ ଅଛନ୍ତି ଅଭିନେତ୍ରୀ ନୋରା ଫତେହୀ। ବଲିଉଡ୍‌ରେ ଖୁବ୍ କମ୍ ଦିନରେ ଅଧିକରୁ ଅଧିକ ଲୋକପ୍ରିୟ ହେବାରେ ଲାଗିଛନ୍ତି ନୋରା। ସେ ଜଣେ ଲୋକପ୍ରିୟ କାନାଡିଆନ୍ ଡ୍ୟାନ୍ସର, ସଫଳ ମଡେଲ ତଥା ଅଭିନେତ୍ରୀ ଭାବେ ବେଶ୍ ଚର୍ଚ୍ଚିତ। କୌଣସି ବି ଗୀତରେ ଯଦି ନୋରା ନିଜ ଡ୍ୟାନ୍ସର ଜଲ୍‌ୱା ଦେଖାଇଦିଅନ୍ତି, ଗୀତ ହୋଇଯାଏ ସୁପର୍‌ହିଟ। ତାଙ୍କ ୟୁନିକ୍ ଡ୍ୟାନ୍ସ ଷ୍ଟାଇଲ୍ ସାଙ୍ଗକୁ ସରଳ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଇଁ ଲକ୍ଷ ଲକ୍ଷ ଫ୍ୟାନ୍ ତାଙ୍କୁ ସୋସିଆଲ ମିଡିଆରେ ଫଲୋ କରିଥାନ୍ତି। ନୋରାଙ୍କ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଏବେ ୯ ଲକ୍ଷ ଫଲୋଅର୍ସ ଅଛନ୍ତି। ଏଣୁ ସେ ନିଜ ଫ୍ୟାନ୍‌ମାନଙ୍କୁ ଖୁସି କରିବାର କୌଣସି ମଉକା ହାତଛଡ଼ା କରନ୍ତି ନାହିଁ। ନିକଟରେ ନୋରା ଏକ ଗୋଲ୍‌ଡେନ୍ ଅଫ୍ ସୋଲ୍‌ଡର ଟପ୍ ଏବଂ ଲିଓପାର୍ଡ ପ୍ରିଣ୍ଟ ସ୍କର୍ଟ ପିନ୍ଧି ଦୁଇଟି ଫଟୋ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଗୋଟିଏ ଫଟୋରେ ସେ "ମୋ ପାଇଁ ଚମକୁଥିବା ପ୍ରତ୍ୟେକ ବସ୍ତୁ ସୁନା ଅଟେ" ବୋଲି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ସେହିପରି ଦ୍ୱିତୀୟ ଫଟୋରେ "ସୁଇଟ୍ ଡ୍ରିମ୍‌ସ" ବୋଲି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ଏହି ଦୁଇଟି ଫଟୋ ଏବେ ସୋସିଆଲ ମିଡିଆରେ ନୋରାଙ୍କ ଲକ୍ଷ ଲକ୍ଷ ଫ୍ୟାନ୍‌ଙ୍କ ନିଦ ହଜାଇ ଦେଇଛି। ଫଟୋ ଦୁଇଟି ଭାଇରାଲ ହେବା ସହ ଏଥିରେ ଲକ୍ଷାଧିକ ଲାଇକ୍ ଆଉ କମେଣ୍ଟ ମିଳୁଛି। ଏମିତିରେ ନୋରା ସମୟ ସମୟରେ ଆକର୍ଷଣୀୟ ଫଟୋ ଶେୟାର କରି ନିଜ ଫ୍ୟାନ୍‌ମାନଙ୍କୁ ଖୁସି କରିଦିଅନ୍ତି। ଏଥିପାଇଁ ସୋସିଆଲ ମିଡିଆରେ ତାଙ୍କ ଫଲୋଅର୍ସ ମଧ୍ୟ ବଢ଼ି ବଢ଼ି ଚାଲିଛନ୍ତି। ଅନ୍ୟପଟେ ଖୁବ୍‌ଶୀଘ୍ର ସେ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ରେ ନଜରକୁ ଆସିବେ। ଫିଲ୍ମରେ ଶ୍ରଦ୍ଧା କପୁର ଏବଂ ବରୁଣ ଧାୱନଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟି ୨୦୨୦ ଜାନୁୟାରୀ ୨୪ରେ ରିଲିଜ୍ ହେବ।

# ପର୍ଯ୍ୟଟକଙ୍କ ପସନ୍ଦର ୧୦୦ ସହର

**ନୂଆଦିଲ୍ଲୀ:** କର୍ମମୟ ଜୀବନରେ ସମସ୍ତେ ବ୍ୟସ୍ତ ରହୁଥିବା ବେଳେ ଅଫିସ ବା ଘର କାମରୁ କିଛି ସମୟ ବାହାର କରି ଲୋକମାନେ ଟିକେ ବୁଲି ଆସିବାକୁ ଭାବନ୍ତି। ଘରଠୁ ଦୂର ଯେକୌଣସି ଜାଗାକୁ ଯାଇ ଶରୀର ଓ ମସ୍ତିଷ୍କକୁ ଟିକେ ରେଷ୍ଟ ଦେବା ପାଇଁ ସମସ୍ତଙ୍କ ଇଚ୍ଛା ଥାଏ। ତେବେ ୨୦୧୯ରେ ଦୁନିଆର କେଉଁ ୧୦୦ ପର୍ଯ୍ୟଟନସ୍ଥଳୀ ଦେଶ ବିଦେଶର ପର୍ଯ୍ୟଟକଙ୍କ ଦ୍ୱାରା ଅଧିକ ଆଦୃତ ହୋଇଥିଲା, ସେ ନେଇ ଏକ ତାଲିକା ଜାରି କରାଯାଇଛି। ବ୍ରିଟିଶ ମାର୍କେଟିଂ ରିସର୍ଚ୍ଚ କମ୍ପାନୀ ୟୁରୋମନିଟର ଇଣ୍ଟରନ୍ୟାଶନାଲ ପକ୍ଷରୁ ଜାରି କରାଯାଇଥିବା ଏହି ଲିଷ୍ଟରେ ପ୍ରଥମ ୫ ସହର ମଧ୍ୟରେ ରହିଛି ହଂକଂ, ବ୍ୟାଙ୍ଗକକ୍, ଲଣ୍ଡନ, ମକାଉ ଏବଂ ସିଙ୍ଗାପୁର। ସେହିପରି ଏହି ଲିଷ୍ଟର ଟପ୍ ୨୦ରେ ଭାରତର ଦିଲ୍ଲୀ ଓ ମୁମ୍ବାଇ ସହର ସ୍ଥାନ ପାଇଛି। ୨୦୧୮ ତୁଳନାରେ ୨୦୧୯ରେ ଏହି ଦୁଇ ସହରରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ହୋଇଥିବା ଜଣାପଡ଼ିଛି। ସହରର ଐତିହ୍ୟ, ପର୍ଯ୍ୟଟକଙ୍କ ଅନୁଭବ ଓ ଆର୍ଥିକ ପ୍ୟାକେଜ୍ ଆଧାରରେ ଏହି ରିପୋର୍ଟ ତିଆରି କରାଯାଇଛି। ରିପୋର୍ଟ ମୁତାବକ, ୱାର୍ଲ୍ଡ କ୍ଲାସ୍ ଏୟାରପୋର୍ଟ, ବିଳାସମୟ ସୁବିଧା, ମେଡିକାଲ, ସ୍ପୋର୍ଟ୍ସ ଓ ଐତିହ୍ୟକୁ ଗୁରୁତ୍ୱ ଦିଆଯାଉଥିବାରୁ ଆଗାମୀ ଦିନରେ ଦିଲ୍ଲୀ ଏହି ଲିଷ୍ଟରେ ୮ ନମ୍ବର ସ୍ଥାନକୁ ଆସିପାରେ। ଲିଷ୍ଟର ୨୬ ନମ୍ବରରେ ଆଗ୍ରା ସ୍ଥାନ ପାଇଛି। ଏଠାକୁ ୨୦୧୮ରେ ଦେଶବିଦେଶରୁ ୮୦ହଜାର ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା।





## ଟପ୍ ୨୦ରେ ଦିଲ୍ଲୀ, ମୁମ୍ବାଇ

**ନୂଆଦିଲ୍ଲୀ:** ବ୍ୟସ୍ତବହୁଳ ଜୀବନରେ ଖାଦ୍ୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ ସୃଷ୍ଟି ହୋଇଥାଏ ଉଚ୍ଚରକ୍ତଚାପ। ଉଚ୍ଚ ରକ୍ତଚାପ ଦେଖାଯିବାର ଅନେକ କାରଣ ରହିଛି । କାମଚାପ, ମାନସିକ ଚିନ୍ତା, ଅଧିକ ଲୁଣ ଖାଇବା, ଆଲ୍‌କୋହଲ୍ ସେବନ, ମେଦବହୁଳତା ଆଦି ଯୋଗୁ କେତେକଙ୍କଠାରେ ଉଚ୍ଚ ରକ୍ତଚାପ ଦେଖାଯାଇଥାଏ। ଏହାଯୋଗୁ ରକ୍ତବାହୀ ଧମନୀଗୁଡିକ ଉପରେ ଚାପ ପଡ଼େ। ଫଳରେ ହାର୍ଟ ଆଟାକ୍ ଓ ବ୍ରେନ୍ ଷ୍ଟ୍ରୋକର ଆଶଙ୍କା ବଢିଯାଇଥାଏ । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ କଦଳୀ ଖାଇଲେ ସୁଫଳ ମିଳିଥାଏ। ଏହାଦ୍ୱାରା ରକ୍ତଚାପ ସ୍ୱାଭାବିକ ଅବସ୍ଥାକୁ ଆସିଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି। କଦଳୀରେ ଥିବା ପୋଟାସିୟମ୍ ଶରୀରରେ ଥିବା ତରଳ ପଦାର୍ଥ ମଧ୍ୟରେ ସମନ୍ୱୟ ରଖିଥାଏ। ଫଳରେ ରକ୍ତଚାପ ସ୍ୱାଭାବିକ ରୁହେ। ସେହିପରି କଦଳୀ ଖାଇଲେ ରକ୍ତ ଶର୍କରାସ୍ତର ନିୟନ୍ତ୍ରିତ ହୋଇଥାଏ। ଫଳରେ ଡାଇବେଟିସ୍ ହେବାର ଆଶଙ୍କା କମ୍ ହୁଏ। କଦଳୀ ହାର୍ଟଆଟାକ୍ କ୍ଷେତ୍ରରେ ମହୌଷଧୀ ଭଳି ଏହା କାମ କରିଥାଏ। ଏହା କୋଲେଷ୍ଟରଲ ସ୍ତରକୁ ସ୍ୱାଭାବିକ କରିଥାଏ।





# ଉଚ୍ଚ ରକ୍ତଚାପ ଦୂରକରେ କଦଳୀ

**ବିଦାୟୀ ବର୍ଷ ୨୦୧୯ ଜାତୀୟ ତଥା ରାଜ୍ୟ ରାଜନୀତିର ମଇଦାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମର ମୂକସାକ୍ଷୀ। ସାଧାରଣ ନିର୍ବାଚନରେ ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ପୁନଃ ଆସ୍ଥା ପ୍ରକଟ କରିଥିବାବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଲୋକପ୍ରିୟତା ବଜାୟ ରଖି ଇତିହାସ ସୃଷ୍ଟି କରିଛନ୍ତି। ଆନ୍ଧ୍ର ଭୋଟର ଜଗନମୋହନ୍ ରେଡ୍ଡୀଙ୍କୁ ଶାସନ ଡୋରି ଧରାଇଛନ୍ତି। କର୍ନାଟକରେ କୁମାରସ୍ୱାମୀ ସରକାରଙ୍କ ପତନ ସହ ୟେଦୁରପ୍ପା ଫେରିଛନ୍ତି କ୍ଷମତାକୁ । ସବୁଠୁ ରୋଚକ ରାଜନୀତି ଦେଖିବାକୁ ମିଳିଥିଲା ମହାରାଷ୍ଟ୍ରରେ। ଶରଦ ପାୱାରଙ୍କ ପାୱାର ଗେମ୍ ଉଦ୍ଧବ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସିବା ପାଇଁ ସହାୟକ ହୋଇଛି। ବର୍ଷ ଶେଷରେ ଝାଡ଼ଖଣ୍ଡ ମତଦାତା ଭାଜପାକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି ଆମ୍ ସମୀକ୍ଷାର ବାର୍ତ୍ତା।**

## ୫ ରାଜ୍ୟରେ ଭୋଟ



ସାଧାରଣ ନିର୍ବାଚନ ସହ ଓଡ଼ିଶା ବିଧାନସଭାର ୧୪୬, ଆନ୍ଧ୍ରପ୍ରଦେଶ ୧୭୫, ଅରୁଣାଚଳ ପ୍ରଦେଶ ୬୦ ଓ ସିକିମ ବିଧାନସଭାର ୩୨ ଆସନ ଲାଗି ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭାରେ ବିଜେଡି ୧୧୨ ଆସନ ଦଖଲ କରିଥିଲା ଏବଂ ପରେ ଅନୁଷ୍ଠିତ ପାଟକୁରା ଉପନିର୍ବାଚନରେ ମଧ୍ୟ ଶାସକ ଦଳ ବିଜୟୀ ହୋଇଥିଲା। ଏହାସହ ବିଜେଡି ସଭାପତି ନବୀନ ପଟ୍ଟନାୟକ କ୍ରମାଗତ ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ରେକର୍ଡ ସୃଷ୍ଟି କରିଥିଲେ। ପୂର୍ବାପେକ୍ଷା ଭାଜପାର ପ୍ରଦର୍ଶନରେ ଉନ୍ନତି ଆସିଥିଲେ ହେଁ ଗୈରିକ ଦଳ ୨୩ ଆସନରେ ସୀମିତ ରହିଥିଲା। ସେହିପରି କଂଗ୍ରେସ ୯ ଆସନରୁ ଆଗକୁ ବଢ଼ିପାରି ନ ଥିଲା। ହେଲେ ଅରୁଣାଚଳରେ ଭାଜପା ୪୧ ଆସନ ଦଖଲ କରି ପୁଣି କ୍ଷମତାସୀନ ହୋଇଥିଲା ଏବଂ ପେମା ଖାଣ୍ଡୁ ଦ୍ୱିତୀୟ ଥର ଲାଗି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଉତ୍ତର-ପୂର୍ବର ସିକିମରେ ପ୍ରେମ ସିଂ ତୋମାଙ୍ଗଙ୍କ ଦଳ ଏସ୍‌କେଏମ୍ ୧୭ ଆସନ ଦଖଲ କରିବା ସହ କ୍ଷମତାସୀନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗ୍‌ଙ୍କ ନେତୃତ୍ୱାଧୀନ ଏସ୍‌ଡିଏଫ୍ ୧୫ ଆସନରେ ସନ୍ତୁଷ୍ଟ ହୋଇଥିଲା। ଆନ୍ଧ୍ରରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୧୫୧ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ ସରକାର ଗଢ଼ିଲା ଏବଂ ମେ ୩୦ରେ ୱାଇଏସ୍‌ଆର୍ ଜଗନମୋହନ ରେଡ୍ଡୀ ମୁଖ୍ୟମନ୍ତ୍ରୀ ହେଲେ। ସେପଟେ ଜାତୀୟ ରାଜନୀତିରେ ନିଜ ପରାକାଷ୍ଠା ଦେଖାଇବାକୁ ଯାଇ ଏନ୍.ଚନ୍ଦ୍ରାବାବୁ ନାଇଡୁ ନିଜ ରାଜ୍ୟରେ ଫସିଯାଇଥିଲେ। ତାଙ୍କ ଦଳ ଟିଡିପିକୁ ମାତ୍ର ୨୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଲା।

## କର୍ଣ୍ଣାଟକ ନାଟକ



ୟେଦୁରପ୍ପାଙ୍କ ଚତୁର୍ଥ ପାଳି



କୁମାରସ୍ୱାମୀ ସରକାରର ପତନ

ବିଦାୟୀ ବର୍ଷର ସବୁଠୁ ରୋଚକ ରାଜନୀତି ଦେଖିବାକୁ ମିଳିଥିଲା କର୍ନାଟକରେ। ୨୦୧୮ ମେ ୧୨ ବିଧାନସଭା ନିର୍ବାଚନରେ ଭାଜପା ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଥିଲେ ବି ସଂଖ୍ୟାରିଷ୍ଠତା ପାଇ ନ ଥିବାରୁ ବି.ଏସ୍. ୟେଦୁରପ୍ପା ମୁଖ୍ୟମନ୍ତ୍ରୀ ଆସନରେ ବସି ଅଢ଼େଇ ଦିନ ପରେ ଉଠିବାକୁ ବାଧ୍ୟ ହୋଇଥିଲେ। ସବୁଠୁ ଛୋଟ ଦଳ ଜେଡିଏସ୍ ଦୁଇ ନମ୍ବର ଦଳ କଂଗ୍ରେସ ସମର୍ଥନରେ ସରକାର ଗଠନ କରିଥିଲା ଏବଂ ଏଚ୍.ଡି. କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ କ୍ଷମତାରେ ସେ ୧୪ ମାସରୁ ଅଧିକ ସମୟ ରହିପାରି ନ ଥିଲେ। କାରଣ ଭାଜପାର 'ଅପରେଶନ କମଳ' ପରେ ଜେଡିଏସ୍-କଂଗ୍ରେସ ମେଣ୍ଟର ୧୭ ବିଧାୟକ ଇସ୍ତଫା ଦେଇଥିଲେ। ଫଳରେ ଜୁଲାଇ ୨୩ରେ କୁମାରସ୍ୱାମୀ ସରକାରଙ୍କ ପତନ ଘଟିଥିଲା ଏବଂ ଏହାର ତିନିଦିନ ପରେ ୟେଦୁରପ୍ପା ପୁନଃ କ୍ଷମତାସୀନ ହେଲେ। ଅନ୍ୟପକ୍ଷରେ ଏହି ବିଦ୍ରୋହୀ ବିଧାୟକମାନଙ୍କୁ ବାଚସ୍ପତି କେ.ଆର. ରମେଶ ଅଯୋଗ୍ୟ ଘୋଷଣା କରିଥିଲେ। ବିଧାୟକମାନେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ନଭେମ୍ବର ୨୩ରେ ସର୍ବୋଚ୍ଚ ଅଦାଲତ ବାଚସ୍ପତିଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ଡିସେମ୍ବର ୫ ଉପନିର୍ବାଚନରେ ସେମାନେ ପ୍ରତିଦ୍ୱନ୍ଦ୍ୱିତା କରି ପାରିବେ ବୋଲି କହିଥିଲେ। ଉପନିର୍ବାଚନରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଯୋଗ୍ୟ ଘୋଷିତ ବିଧାୟକ ଭାଜପା ଟିକେଟରେ ବିଜୟୀ ହୋଇ ୟେଦୁରପ୍ପା କ୍ୟାବିନେଟରେ ସାମିଲ ହୋଇଛନ୍ତି।

## ରାହୁଲ ଗଲେ, ସୋନିଆ ଫେରିଲେ



ସାଧାରଣ ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ ରାହୁଲ ଗାନ୍ଧୀ। ହେଲେ ତାଙ୍କ ଇସ୍ତଫାପତ୍ରକୁ ଦଳ ଗ୍ରହଣ କରି ନ ଥିଲା। ରାହୁଲ କଂଗ୍ରେସ ଅଧ୍ୟକ୍ଷ ପଦରେ ରୁହନ୍ତୁ ବୋଲି ବିଭିନ୍ନ ରାଜ୍ୟର ଦଳୀୟ ପଦାଧିକାରୀଙ୍କ ଇସ୍ତଫା ସୁଅ ଛୁଟିବାରେ ଲାଗିଥିଲା। ରାହୁଲ ନିଜ ଜିଦ୍‌ରେ ଅଡ଼ିବସିବାରୁ ଶେଷରେ ଅଗଷ୍ଟ ୧୦ରେ ଏଆଇସିସି ମୁଖ୍ୟାଳୟରେ ବୈଠକ ବସି ଦଳର ପୂର୍ବତନ ଅଧ୍ୟକ୍ଷା ତଥା ରାହୁଲଙ୍କ ମା' ସୋନିଆ ଗାନ୍ଧୀଙ୍କୁ ପୁଣିଥରେ ମଙ୍ଗ ଧରିବାକୁ କୁହାଗଲା। ପରବର୍ତ୍ତୀ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ବଛା ନ ଯିବା ଯାଏ ସୋନିଆ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ପଦ ସମ୍ଭାଳିବେ ବୋଲି ଦଳ ନିଷ୍ପତ୍ତି ନେଇଛି। ଇତିମଧ୍ୟରେ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆସିବା ସହ ଦୁଇରାଜ୍ୟର ମେଣ୍ଟ ସରକାରରେ ଅଂଶୀଦାର ହୋଇଛି କଂଗ୍ରେସ।

## ନିରଙ୍କୁଶ ନରେନ୍ଦ୍ର



ନୂଆଦିଲ୍ଲୀ: ବିଦାୟୀ ବର୍ଷ ୨୦୧୯ରେ ଜାତୀୟ ରାଜନୀତିର ପ୍ରେକ୍ଷାପଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଦେଖିବାକୁ ମିଳିଥିଲା। ସବୁଠୁ ଉଲ୍ଲେଖନୀୟ ଥିଲା ସାଧାରଣ ନିର୍ବାଚନ। ଦେଶରେ ୭ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଏପ୍ରିଲ ୧୧ରୁ ମେ ୨୩ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଇଦାନକୁ ଓହ୍ଲାଇଥିବା ସ୍ୱାଧୀନ ସମେତ ବିଭିନ୍ନ ଦଳର ମୋଟ ୮,୦୪୯ ପ୍ରାର୍ଥୀଙ୍କ ଭାଗ୍ୟ ୯୦ କୋଟି ଭୋଟରଙ୍କ ମଧ୍ୟରୁ ୬୭.୧୧% ମତଦାତା ନିର୍ଦ୍ଧାରଣ କରିଥିଲେ। ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳର ୫୪୨ ଲୋକ ସଭା ନିର୍ବାଚନର ଫଳାଫଳକୁ ନେଇ ନେଇ ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନ ସତ ପ୍ରମାଣିତ ହୋଇଥିଲା। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ପୁଣିଥରେ କ୍ଷମତାସୀନ ହେଲା। ଭାଜପା ୩୦୩ ଆସନ ଦଖଲ କରିଥିବାବେଳେ ଏନ୍‌ଡିଏକୁ ୩୫୩ ଆସନରେ ସଫଳତା ମିଳିଥିଲା। କଂଗ୍ରେସକୁ ୫୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଏହି ଦଳ ନେତୃତ୍ୱାଧୀନ ଉପା ୯୨ ଆସନରେ ସୀମିତ ରହିଥିଲା। ସେହିପରି ଉଭୟ ଏନ୍‌ଡିଏ ଏବଂ ଉପାରେ ସାମିଲ ନ ଥିବା ଆଞ୍ଚଳିକ ସମେତ ଜାତୀୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୯୭ ଆସନରେ ବିଜୟୀ ହୋଇଥିଲେ। ଏହି ଜନାଦେଶ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଇତିହାସ(୧୯୭୧)କୁ ଦୋହରାଇ ଦ୍ୱିତୀୟ ଥର ପାଇଁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାର ଶୀର୍ଷ ଆସନ ଅଳଙ୍କୃତ କରିଥିଲେ।

## ଚୌକିଦାର ଚୋର ହୈ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଦେଶର ପ୍ରଧାନ ସେବକ ଓ ଚୌକିଦାର ବୋଲାଉଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଚୌକିଦାର ଚୋର ହେ' ସ୍ଲୋଗାନ ଦେଇ ତାଙ୍କୁ ଟାର୍ଗେଟ କରି ଆସିଛନ୍ତି। ଏପରି କି ରାଫାଲ ଡିଲ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ଭୁଲ ଅବତାରଣା କରି 'ଚୌକିଦାର ଚୋର ହେ' ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିବାଦ ଉଠିଥିଲା। ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟ ନଭେମ୍ବର ୧୪ରେ ରାହୁଲଙ୍କୁ ଭର୍ତ୍ସନା କରିଥିଲେ। ରାଫାଲ ଡିଲ୍ ମାମଲାରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏପରି ମନ୍ତବ୍ୟ ଦେବା ଅନୁଚିତ ବୋଲି ଶୀର୍ଷ ଅଦାଲତ ରାହୁଲଙ୍କୁ ଚେତାବନୀ ଦେବା ସହ ତାଙ୍କ ବିରୋଧରେ ଅବମାନନା ମାମଲା ବନ୍ଦ କରିଦେଇଥିଲେ।

## ତିହାର ଜେଲରେ ଚିଦାମ୍ବରମ



ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ବହୁଚର୍ଚ୍ଚିତ ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଅଗଷ୍ଟ ୨୧ରେ ସିବିଆଇ ନାଟକୀୟ ଢଙ୍ଗରେ ଗିରଫ କରିଥିଲା। ସେ ହାଜତରେ ଥିବାବେଳେ ଇଡି ତାଙ୍କୁ ଅକ୍ଟୋବର ୧୬ରେ ଗିରଫ କରିଥିଲା। ଜାତୀୟ ରାଜନୀତିର ଏହି ପ୍ରଭାବଶାଳୀ ରାଜନେତା ଓ ବରିଷ୍ଠ ଆଇନଜୀବୀଙ୍କୁ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଗିରଫ କରିଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ତାଙ୍କ ଗିରଫଦାରି ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୦୬ ଦିନ ତିହାର ଜେଲରେ ରହିବା ପରେ ଚିଦାମ୍ବରମ୍ ସୁପ୍ରିମକୋର୍ଟରୁ ଜାମିନ ପାଇ ମୁକୁଳିଥିଲେ।

## ସବୁଠୁ ବିବାଦୀୟ ପ୍ରଜ୍ଞା



ଭୋପାଳ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ନିଜ ବିବାଦୀୟ ମନ୍ତବ୍ୟକୁ ନେଇ ସବୁଠୁ ବେଶି ଚର୍ଚ୍ଚାରେ ରହିଥିଲେ। ନଭେମ୍ବର ୨୭ରେ ଲୋକ ସଭାରେ ଆଲୋଚନା ବେଳେ ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ସେ ଦେଶଭକ୍ତ କହିଥିଲେ। ଏହାକୁ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଝଡ଼ ସୃଷ୍ଟି ହୋଇଥିଲା। ଭାଜପା ତାଙ୍କୁ ସଂସଦୀୟ ଦଳ ବୈଠକରେ ଯୋଗଦେବାରୁ ବାରଣ କରିବା ସହିତ ପ୍ରତିରକ୍ଷା ପରାମର୍ଶ କମିଟିରୁ ବିଦା କରିଥିଲା। ଶେଷରେ ପ୍ରଜ୍ଞା ନିଜ ମନ୍ତବ୍ୟ ପାଇଁ କ୍ଷମାମାଗିବାକୁ ବାଧ୍ୟ ହୋଇଥିଲେ। ଏହା ପୂର୍ବରୁ ମାଲେଗାଓଁ ବିସ୍ଫୋରଣ ମାମଲାର ଅଭିଯୁକ୍ତ ପ୍ରଜ୍ଞା ୨୬/୧୧ ବମ୍ବେ ଆକ୍ରମଣରେ ଶହୀଦ ହୋଇଥିବା ଏଟିଏସ୍ ମୁଖ୍ୟ ହେମନ୍ତ କରକରେଙ୍କ ମୃତ୍ୟୁ ତାଙ୍କ ଅଭିଶାପ ଯୋଗୁ ଘଟିଥିବା କହିଥିଲେ, ଯାହାକୁ ନେଇ ଭାଜପା ହରଡ଼ଘଣାରେ ପଡ଼ିଯାଇଥିଲା।

## ମହାରାଷ୍ଟ୍ରରେ ଠାକ୍‌ରେ ରାଜ





ପାୱାରଙ୍କ ପାୱାର ଗେମ୍

ହରିୟାଣା ସହ ମହାରାଷ୍ଟ୍ରରେ ଏକସଙ୍ଗେ ବିଧାନସଭା ନିର୍ବାଚନ ହୋଇଥିଲା। ହରିୟାଣା ଅଡୁଆ ଛିଣ୍ଡାଇବା ପାଇଁ ଭାଜପାକୁ ବେଶି ଦିନ ଲାଗି ନ ଥିବାବେଳେ ମହାରାଷ୍ଟ୍ରରେ ଫସିଯାଇଥିଲା ଗୈରିକ ଦଳ। ଶାସକ ଭାଜପା-ଶିବସେନା ମେଣ୍ଟକୁ ପୁଣିଥରେ ସରକାର ଗଠନ ପାଇଁ ସ୍ପଷ୍ଟ ଜନାଦେଶ ମିଳିଥିଲା। ଭାଜପାକୁ ୧୦୫ ଓ ଶିବସେନାକୁ ୫୬ ଆସନରେ ସଫଳତା ମିଳିଥିବାରୁ ଦେବେନ୍ଦ୍ର ଫଡ୍‌ନବିସ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପଥ ପରିଷ୍କାର ହୋଇଥିଲା। ହେଲେ ପୂର୍ବ ରାଜିନାମା ଅନୁସାରେ ୫୦-୫୦ ସୂତ୍ରରେ ସରକାର ଗଠନ କରାଯିବ ବୋଲି ଶିବସେନା ଅଡ଼ିବସିଥିଲା। ଶେଷରେ ଏନ୍‌ସିପିର ୫୪ ଓ କଂଗ୍ରେସର ୪୪ ବିଧାୟକଙ୍କ ସମର୍ଥନରେ ମହା ବିକାଶ ଅଘାଡ଼ି ମେଣ୍ଟ ଗଠନ କରାଗଲା ଓ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହେଲେ। ଏହି ରାଜନୈତିକ ଘଟଣାକ୍ରମର ସୂତ୍ରଧର ଥିଲେ ଏନ୍‌ସିପି ମୁଖ୍ୟ ଶରଦ ପାୱାର। ସେ ନିଜ ପୁତୁରା ଅଜିତ୍ ପାୱାରଙ୍କୁ ଭାଜପାର ଦେବେନ୍ଦ୍ର ଫଡ୍‌ନବିସଙ୍କ ନିକଟକୁ ପଠାଇ ଯେଉଁ 'ପାୱାର ସ୍କ୍ରିପ୍ଟ' ଲେଖିଥିଲେ, ତାକୁ ନେଇ ଅଦ୍ୟାବଧି ଥମିନାହିଁ ଚର୍ଚ୍ଚା। କାରଣ ଭାଜପା ସବୁଠୁ ବଡ଼ ଦଳର ମାନ୍ୟତା ପାଇଥିଲେ ହେଁ ଏହାର ମୁଖ୍ୟ ଅମିତ୍ ଶାହା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଦ୍ଧି ଶିଖାଇଥିଲେ ପାୱାର।

## ଶିବକୁମାରଙ୍କୁ ଧରିଲା ଇଡି



କଂଗ୍ରେସର ବରିଷ୍ଠ ନେତା ଡି.କେ. ଶିବକୁମାରଙ୍କୁ ମନି ଲଣ୍ଡରିଂ ମାମଲାରେ ସେପ୍ଟେମ୍ବର ୩ରେ ଇଡି ଗିରଫ କରିଥିଲା। କର୍ନାଟକର ଏହି ପୂର୍ବତନ ମନ୍ତ୍ରୀ ତଥା କନକପୁରା ବିଧାୟକଙ୍କୁ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା କ୍ରମାଗତ ଭାବେ ଜେରା କରାଯାଇଥିଲା। ଦିଲ୍ଲୀର ତିହାର ଜେଲରେ ପ୍ରାୟ ୨ ମାସ ରହିବା ପରେ ସେ ଦିଲ୍ଲୀ ହାଇକୋର୍ଟରୁ ଜାମିନ ପାଇ ମୁକୁଳି ଥିଲେ। ରାଜନୈତିକ ଆକ୍ରୋଶ ରଖି ତାଙ୍କୁ ଗିରଫ କରାଯାଇଥିବା ଶିବକୁମାର ଅଭିଯୋଗ ଆଣିଥିଲେ।

## ହେମନ୍ତଙ୍କ ହାତରେ ଝାଡ଼ଖଣ୍ଡ



ଗତବର୍ଷ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ଆରମ୍ଭ ହୋଇଥିବା ଭାଜପାର ପରାଜୟର ଧାରା ୨୦୧୯ ଶେଷ ଯାଏ ଅବ୍ୟାହତ ରହିଥିଲା। ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ପାଇଁ ୫ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଶାସକ ଭାଜପାକୁ ସେଥିରୁ ମାତ୍ର ୨୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଜେଏମ୍‌ଏମ୍ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ୪୭ ଆସନ ଦଖଲ କରି ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ମେଣ୍ଟ ଅଂଶୀଦାର କଂଗ୍ରେସକୁ ୧୬ ଓ ଆର୍‌ଜେଡିକୁ ଗୋଟିଏ ଆସନ ମିଳିଛି। ଝାଡ଼ଖଣ୍ଡବାସୀ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରକୁ ପ୍ରତ୍ୟାଖ୍ୟାନ କରିବା ସହ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନଙ୍କୁ କ୍ଷମତାର ଡୋରି ଧରାଇଛନ୍ତି। ରାଜ୍ୟରେ ସରକାର ବିରୋଧୀ ହାୱା ଓ କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ ଯୋଗୁ ରଘୁବର ସରକାର ଧରାଶାୟୀ ହୋଇଥିବା ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଏହାକୁ ମିଶାଇ ବର୍ଷକ ମଧ୍ୟରେ ୫ଟି ରାଜ୍ୟରେ ଭାଜପାକୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି।

## ଖଟ୍ଟରଙ୍କୁ ଦୁଷ୍ୟନ୍ତ ଭରସା

ଉତ୍ତର ଭାରତର ଅନ୍ୟତମ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୨୧ରେ ଭୋଟ ଗ୍ରହଣ କରାଯାଇଥିଲା। ଭାଜପାକୁ ୪୦ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ୩୦ ଆସନରେ ଜିତିଲା। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୯ ଆସନରେ ବିଜୟୀ ହୋଇଥିବାବେଳେ ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱାଧୀନ ଜନନାୟକ ଜନତା ପାର୍ଟି (ଜେଜେପି) ୧୦ ଆସନ ଦଖଲ କରିବାରେ ସକ୍ଷମ ହେଲା। ଝୁଲା ବିଧାନସଭା ସ୍ଥିତି ସୃଷ୍ଟି ହେବା ପରେ ଶେଷରେ ମୁଖ୍ୟମନ୍ତ୍ରୀ ମନୋହାରଲାଲ ଖଟ୍ଟର ପୁଣି ଥରେ କ୍ଷମତାର ସ୍ୱାଦ ଚାଖିବା ପାଇଁ ଦୁଷ୍ୟନ୍ତଙ୍କ ହାତ ଧରିଥିଲେ ଓ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଗଲା।



ମନୋହାରଲାଲ ଖଟ୍ଟର



ଦୁଷ୍ୟନ୍ତ ଚୌତାଲା



ନୀତିମୟ ଜୀବନ ଯାପନ କଲେ ମଣିଷ ଉଦାର ଓ ନମ୍ର ହୋଇଥାଏ। ଏହାଦ୍ୱାରା ସେ ସୁଗୁଣର ଅଧିକାରୀ ହୁଏ ଓ ସର୍ବଦା ସତ୍‌କର୍ମ କରେ। ଏହି ସତ୍‌କର୍ମ ହିଁ ମଣିଷକୁ ନିର୍ବାଣ ପ୍ରାପ୍ତିରେ ସାହାଯ୍ୟ କରିଥାଏ।
- ବୁଦ୍ଧଦେବ





ଭୁବନେଶ୍ୱର ସତ୍ୟନଗରସ୍ଥିତ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ସମୂହ ପ୍ରାର୍ଥନା କରୁଛନ୍ତି





ଭୁବନେଶ୍ୱର ପାନ୍ଥନିବାସରେରେ ଓଟିଡିସି ପକ୍ଷରୁ ବଡ଼ଦିନ ପାଳନ କରାଯାଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ସୂର୍ଯ୍ୟ ପର୍‌ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍‌ଟ୍‌ସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ଭଞ୍ଜକଳା ମଣ୍ଡପ, ମଧ୍ୟାହ୍ନ ୧୨ଟା।
- ଲିଙ୍ଗିପୁରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ନୂଆଗାଁ ମ୍ୟୁନିସିପାଲିଟି ରୋଡ, ଅପରାହ୍ନ ୪ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଖବରକାଗଜ ସ୍ୱତନ୍ତ୍ର ବାର୍ତ୍ତାର ୧୧ତମ ବାର୍ଷିକ ଉତ୍ସବ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପ୍ରତିଭା ସଙ୍ଗମ, ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, ନୀଳାଦ୍ରି ବିହାର, ସନ୍ଧ୍ୟା ୬ଟା।
- ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- କୁଇନ୍ ଫିଲ୍ମର ଅଡିଓ ସିଡୀ ରିଲିଜ୍, ହୋଟେଲ ମାରିଅନ, ସନ୍ଧ୍ୟା ୭ଟା।

**କଟକ**
- ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲ ପକ୍ଷରୁ ସାଇକ୍ଲୋଥନ, ନେତାଜୀ ଖେଳପଡ଼ିଆ, ନୂଆବଜାର, ସକାଳ ୭ଟା ୩୦।
- କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ପୁରୀ**
- ଶ୍ରୀଜଗନ୍ନାଥ ରସ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ଭୋଳାନାଥ ବିଦ୍ୟାପୀଠ, ଅପରାହ୍ନ ୪ଟା।
- କିରଣ ଜ୍ୟୋତି ସଙ୍ଗୀତ ପରିଷଦର ପୁସ୍ତକ ତାନପୁରା-୨୦୧୯ର ଲୋକାର୍ପଣ ଉତ୍ସବ, ଭୋଳାନାଥ ବିଦ୍ୟାପୀଠ ପରିସର ଶ୍ରୀଜଗନ୍ନାଥ ରସ ମହୋତ୍ସବ ମଞ୍ଚ, ଅପରାହ୍ନ ୪ଟା।

**ଖୋର୍ଦ୍ଧା**
- ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ବିଜୁ ପଟ୍ଟନାୟକ ପାର୍କ, ସକାଳ ୮ଟା।
- ଉତ୍କଳ ସାମ୍ବାଦିକ ସଂଘର ୨ୟ ବାର୍ଷିକ ଉତ୍ସବରେ ଆଲୋଚନାଚକ୍ର, ଜିଲା ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**
- ଜୀବନବିନ୍ଦୁ କାର୍ଯ୍ୟକ୍ରମ, ଶ୍ରୀ ବାଣେଶ୍ୱର ଡିଗ୍ରୀ କଲେଜ ପରିସର, ପୂର୍ବାହ୍ନ ୧୦ଟା।

## ତଡ଼ପ ଲାଗିହୋଇ ରହିଲେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ,୨୫।୧୨(ଡି.ଏନ୍.ଏ.):** ସୂର୍ଯ୍ୟୋପରାଗ ପାଇଁ ବୁଧବାର ସାକ୍ଷୀଗୋପାଳ ମନ୍ଦିରରେ ସଅଳ ଦେବନୀତି ସମ୍ପନ୍ନ କରାଯାଇଛି। ସନ୍ଧ୍ୟା ସୁଧା ବଡସିଂହାର ଧୂପ ସମାପନ କରାଯିବା ପରେ ଠାକୁରଙ୍କୁ ଗ୍ରହଣ ବେଶ କରାଯାଇଥିଲା। ଧଳା ଧୋତି ଓ ଉତ୍ତରୀୟ ପରିଧାନ କରି ଠାକୁରଙ୍କ ତଡ଼ପ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ରାତି ତମାମ ମନ୍ଦିର ଖୋଲା ରହିବ। ଗୁରୁବାର ସକାଳେ ସୂର୍ଯ୍ୟୋପରାଗ ଆରମ୍ଭ ହେବା ମାତ୍ରେ ଠାକୁରଙ୍କ ଗ୍ରହଣ ସ୍ନାନ, ଗ୍ରହଣ ଭୋଗ ପରେ ଅବଶିଷ୍ଟ ଦେବନୀତି କରାଯିବ।

## ବାଲି ହରଚଣ୍ଡୀ ପୀଠ ଚଳଚଞ୍ଚଳ

**ବ୍ରହ୍ମଗିରି,୨୫।୧୨(ଡି.ଏନ.ଏ):** ବଡ଼ଦିନ ଅବସରରେ ମା'ବାଲି ହରଚଣ୍ଡୀ ପୀଠ ଚଳଚଞ୍ଚଳ ହୋଇପଡିଛି। ବଡଦିନ ଅବସରରେ ବଣଭୋଜି ପାଇଁ ଉକ୍ତ ପୀଠରେ ଆଶାତୀତ ଗହଳି ଦେଖିବାକୁ ମିଳିଛି। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଏହା ସହ ସାତପଡା, ଏବଂ ଚିଲିକା କୁଳର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ ଲାଗିରହିଥିଲା।



କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ କ୍ୟାଥଲିକ୍ ଚର୍ଚ୍ଚ



ପୁରୀ ବେଳାଭୂମିରେ ଶିଳ୍ପୀ ରଞ୍ଜନ ଗାଙ୍ଗୁଲି ତିଆରି କରିଥିବା ବାଲୁକାକଳା



ପୁରୀ କ୍ୟାଥଲିକ ଚର୍ଚ୍ଚରେ ମହମବତି ଜଳାଉଛନ୍ତି ଶ୍ରଦ୍ଧାଳୁ

# ସୁଖଶାନ୍ତି ପାଇଁ ସମୂହ ପ୍ରାର୍ଥନା

ବଡ଼ଦିନ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ମଙ୍ଗଳବାର ରାଜଧାନୀର ବିଭିନ୍ନ ଚର୍ଚ୍ଚରେ ଏକଜୁଟ୍ ହୋଇଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ। ଆନନ୍ଦ ଓ ଉତ୍ସାହର ସହ ବଡ଼ଦିନକୁ ପାଳନ କରିବା ସହ ସମାଜର ସୁଖ ଓ ଶାନ୍ତି ପାଇଁ କାମନା କରିଥିଲେ। ଏଥିପାଇଁ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଥିବାବେଳେ ବଡ଼ଦିନ ଉପଲକ୍ଷେ ଦିବସବ୍ୟାପୀ ଉତ୍ସବର ମାହୋଲ ଲାଗିରହିଥିଲା। ନାଚ ଗୀତ, ଖାଦ୍ୟପେୟ ଓ ଉତ୍ସାହ ଉଦ୍ଦୀପନାରେ ଦିନଟି ଅତିବାହିତ ହୋଇଥିଲା। ମଙ୍ଗଳବାର ମଧ୍ୟରାତ୍ରରେ ଶ୍ରଦ୍ଧାଳୁମାନେ କେକ୍ କାଟି ପ୍ରଭୁ ଯିଶୁଙ୍କ ଜନ୍ମଦିନ ପାଳନ କରିବା ପରେ ବୁଧବାର କ୍ୟାଣ୍ଡେଲ ଓ ଗୋଲାପ ଫୁଲ ଅର୍ପଣ କରି ସମସ୍ତଙ୍କୁ ସୁଖ ଓ ଶାନ୍ତିରେ ରଖିବାକୁ କାମନା କରିଥିଲେ। ପୂର୍ବାହ୍ନରେ ଚର୍ଚ୍ଚ ପରିସରରେ ପୁଣିଥରେ କେକ୍ କାଟିବା ସହ ଯିଶୁଙ୍କ ଶିଶୁ ପ୍ରତିମାକୁ ଚୁମ୍ବନ କରି ବଡ଼ଦିନର ମହତ୍ତ୍ୱକୁ ପାଳନ କରିଥିଲେ। ଏଥିପାଇଁ ରାଜଧାନୀର ଦୁଇ ପ୍ରମୁଖ ୟୁନିଟ୍-୪ସ୍ଥିତ ୟୁନିୟନ୍ ଚର୍ଚ୍ଚ ଓ ସତ୍ୟନଗରସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ୟୁନିୟନ୍ ଚର୍ଚ୍ଚ ପ୍ରାର୍ଥନା ଗୃହରେ ଦିନତମାମ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। କେବଳ ଖ୍ରୀଷ୍ଟଧର୍ମୀ ନୁହନ୍ତି, ଅନ୍ୟ ଧର୍ମାବଲମ୍ବୀମାନେ ମଧ୍ୟ ସାମୂହିକ ପ୍ରାର୍ଥନାରେ ବେଶ୍ ଉତ୍ସାହର ସହ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ସପ୍ତାହେ ପୂର୍ବରୁ ଏଠାରେ ଉତ୍ସବ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଚାଲିଥିଲା।

ସେହିପରି ସତ୍ୟନଗରସ୍ଥିତ ସେଣ୍ଟ ଭିନ୍‌ସେଣ୍ଟ କ୍ୟାଥଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ପରସ୍ପରଙ୍କୁ ବଡ଼ଦିନର ଶୁଭେଚ୍ଛା ଜଣାଇବା ସହ ସାମୂହିକ ପ୍ରାର୍ଥନାରେ ଯୋଗଦେଇଥିଲେ। ବୁଧବାର ସକାଳୁ ଚର୍ଚ୍ଚ ପରିସରରେ ଉତ୍ସବ ଆରମ୍ଭ ହୋଇଥିବାବେଳେ ୩ଥର ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ସକାଳ ୧୦ଟାରେ ପ୍ରଥମେ ଇଂଲିଶରେ ଏବଂ ପରେ ଅପରାହ୍ନ ୩ଟା ୩୦ ଓ ସନ୍ଧ୍ୟା ୬ଟାରେ ଓଡ଼ିଆରେ ପ୍ରାର୍ଥନା କରାଯାଇଥିଲା। ଏହାସହ ସ୍ତୁତିଗାନ, ବାଇବେଲ୍ ପାଠ, ଦିବ୍ୟଯଜ୍ଞ ମାଧ୍ୟମରେ ଶ୍ରଦ୍ଧାଳୁମାନେ ଈଶ୍ୱରଙ୍କୁ ଆରାଧନା କରିଥିଲେ। ଅପରାହ୍ନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବା ପରେ ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଚାଲିଥିଲା। ଯୁବତୀଯୁବକମାନଙ୍କ ଦ୍ୱାରା ଆକର୍ଷଣୀୟ ନାଚ, ଗୀତ ସାଙ୍ଗକୁ ଛୋଟପିଲାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ବଡ଼ଦିନ ସନ୍ଧ୍ୟାକୁ ଆହୁରି ମନୋରମ କରିଥିଲା। ଏହାବ୍ୟତୀତ ରାଜଧାନୀର ୟୁନିଟ୍-୮, ବରମୁଣ୍ଡା ଏବଂ ଅନ୍ୟାନ୍ୟ ସ୍ଥାନରେ ଥିବା ଛୋଟବଡ଼ ଚର୍ଚ୍ଚରେ ବଡ଼ଦିନକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଇଥିଲା।

## ବଡ଼ଦିନରେ କୋଣାର୍କ, ରାମଚଣ୍ଡୀ ପୀଠ ଭିଡ଼

**କୋଣାର୍କ,୨୫।୧୨(ଡି.ଏନ୍.ଏ.)**

ବଡ଼ଦିନ ଉପଲକ୍ଷେ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଓ ଶକ୍ତିପୀଠ ରାମଚଣ୍ଡୀରେ ପ୍ରବଳ ଭିଡ ଲାଗିରହିଥିଲା। ବଡଦିନ ଲାଗି ଅଫିସ, ସ୍କୁଲ ଓ କଲେଜ ଛୁଟି ଥିବାରୁ କୋଣାର୍କ ସୂର୍ଯ୍ୟମନ୍ଦିର ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଏହାସହ ବେଳାଭୂମିରେ ପର୍ଯ୍ୟଟକମାନେ ବୁଲିବା ସହ ଭୋଜିଭାତ କରିଥିବାର ଦେଖିବାକୁ ମିଳିଥିଲା। ପରେ ରାମଚଣ୍ଡୀ ପୀଠରେ ମା'ଙ୍କୁ ଦର୍ଶନ କରିବାସହ ବଣଭୋଜି କରିଥିଲେ। କିନ୍ତୁ କୋଣାର୍କଠାରୁ ରାମଚଣ୍ଡୀ



ପର୍ଯ୍ୟନ୍ତ ରାସ୍ତାକଡ଼ରେ ପର୍ଯ୍ୟଟକମାନଙ୍କ ଗାଡିଗୁଡିକ ରହିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଫଳରେ ପର୍ଯ୍ୟଟକମାନଙ୍କ ଗମନାଗମନରେ ବହୁ ବାଧା ସୃଷ୍ଟି ହୋଇଥିଲା। ପାର୍କିଂସ୍ଥାନ ଥିଲେ ମଧ୍ୟ କୌଣସି ପୋଲିସ ଜଗି ନ ଥିବାରୁ ପର୍ଯ୍ୟଟକମାନେ ମନମୁଖିରେ ଗାଡ଼ି ରଖିବାରୁ ଏଭଳି ସମସ୍ୟା ଦେଖାଯାଇଥିଲା। ସେହିପରି ଅସ୍ତରଙ୍ଗର ପର୍ଯ୍ୟଟନ କ୍ଷେତ୍ର ପୀର ଜାହାନିଆଁ ବେଳାଭୂମି ମଧ୍ୟ ଚଳଚଞ୍ଚଳ ହୋଇଥିଲା। ସକାଳ ସମୟରେ ପର୍ଯ୍ୟଟକ ଆସି ସମୁଦ୍ରରେ ଗାଧୋଇ ପୀରଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ବଡ଼ଦିନରେ ଅଭିନନ୍ଦନ ଜଣାଇ ଜଙ୍ଗଲ ଭିତରେ ବିଭିନ୍ନ ପ୍ରକାର ତୋରଣ ସହ ଟେଣ୍ଟ କରି ନାଚଗୀତର ଆସର ଜମିଥିଲା।

## ବାଲୁକା କଳା ଉତ୍ସବ ଉଦ୍‌ଘାଟିତ

**ପୁରୀ ଅଫିସ, ୨୫।୧୨:** ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ମେ ଫେୟାର ହୋଟେଲ ପଛ ପାର୍ଶ୍ୱ ବେଳାଭୂମିରେ ବୁଧବାରଠାରୁ ଆରମ୍ଭ ହୋଇଛି ବାଲୁକା କଳା ଉତ୍ସବ। ଆସନ୍ତା ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବକୁ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ର ମାଲକାନଗିରି ଜିଲା କାଲିମେଳାର ଯୁବ ଶିଳ୍ପୀ ମୁକା କବାସୀ ଉଦ୍‌ଘାଟନ କରିଛନ୍ତି। ଏଥିରେ ୩୦ ଜଣ ଶିଳ୍ପୀ ଭାଗ ନେଇଛନ୍ତି। ୧୦ଟି ଷ୍ଟଲ କରାଯାଇଥିବାବେଳେ ପ୍ରତ୍ୟେକ ଷ୍ଟଲରେ ୩ଜଣ ଲେଖାଏ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ସଚେତନତା ଭିତ୍ତିକ ଥିମ୍‌କୁ ନେଇ ବାଲୁକା କଳା କରାଯିବାକୁ ଥିବାବେଳେ ବୁଧବାର ଖ୍ରୀଷ୍ଟମାସ ଥିମ୍ ରହିଥିଲା। ଶିଳ୍ପୀମାନେ ଆକର୍ଷଣୀୟ ବାଲୁକା କଳା ପ୍ରସ୍ତୁତ କରିଥିଲେଥ। ଜିତେନ୍ଦ୍ର କିଶୋର ଜଗଦେବ ଓ ବୁଲୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଆୟୋଜିତ ହୋଇଛି। ଏ ସମ୍ପର୍କରେ ଇନ୍‌ଷ୍ଟିଚ୍ୟୁଟର ପ୍ରତିଷ୍ଠାତା ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି ପ୍ରାୟ ୧୫ ବର୍ଷ ଧରି ଏହି ଉତ୍ସବ କରିଆସୁଛୁ। ପ୍ରତ୍ୟେକ ବର୍ଷ ବାଲୁକା କଳାରେ ନୂଆ ନୂଆ ସଚେତନତା ବର୍ତ୍ତା ଦିଆଯାଉଛି। ଚଳିତବର୍ଷ ସୁଦୂର ମାଲକାନଗିରି ଜିଲାର ଜଣେ ଯୁବ ବାଲୁକା ଶିଳ୍ପୀ ଏହାକୁ ଉଦ୍‌ଘାଟନ କରିଥିବାରୁ ଗର୍ବିତ ମନେକରୁଛି ବୋଲି କହିଛନ୍ତି ସୁଦର୍ଶନ।



ପୁରୀ ବେଳାଭୂମିରେ ଶିଳ୍ପୀମାନେ ବାଲୁକାକଳା ନିର୍ମାଣ କରୁଛନ୍ତି।

## ଶ୍ରୀମନ୍ଦିର ପାଇଁ ଜରୁରିକାଳୀନ ପାଣ୍ଠିରୁ ୩୦୦କୋଟି ଖର୍ଚ୍ଚ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ରାଜ୍ୟ ସରକାର ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ମିଟର ପର୍ଯ୍ୟନ୍ତ ନିର୍ମାଣ ଉଚ୍ଛେଦ କରି ଆକର୍ଷଣୀୟ ଢଙ୍ଗରେ ଐତିହ୍ୟ ସୁରକ୍ଷାବଳୟ ତିଆରି କରୁଛନ୍ତି। ଏହି କାର୍ଯ୍ୟ ପ୍ରାୟ ୭୦ ପ୍ରତିଶତ ସରିବାକୁ ବସିଥିବାବେଳେ ସରକାର ଓଡ଼ିଶା ଜରୁରିକାଳୀନ ପାଣ୍ଠି(ଓସିଏଫ୍)ରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପୂର୍ତ୍ତ ବିଭାଗ ଏହି ଅର୍ଥ ଓସିଏଫ୍‌ରୁ ଉଠାଇ ଜମି ଅଧିଗ୍ରହଣ କାର୍ଯ୍ୟ ପରେ ଐତିହ୍ୟ ସୁରକ୍ଷାବଳୟର ଉନ୍ନତୀକରଣ ପାଇଁ ଖର୍ଚ୍ଚ କରିଛି। ପୁରୀର ରାସ୍ତା ଓ କୋଠାବାଡି ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ଅର୍ଥ ଦିଆଯାଇସାରିଛି। ନଭେମ୍ବର ଏବଂ ଡିସେମ୍ବରରେ ୬ଟି ପର୍ଯ୍ୟାୟରେ ଏହି ଅର୍ଥ ପ୍ରଦାନ କରାଯାଇଛି। ୨୫୦କୋଟି ଟଙ୍କା ୫ଟି ପର୍ଯ୍ୟାୟରେ ନଭେମ୍ବରରେ ପ୍ରଦାନ କରାଯାଇଥିବା ବେଳେ ଡିସେମ୍ବର ୧୧ତାରିଖରେ ୫୦କୋଟି ଟଙ୍କା ଦିଆଯାଇଛି। ରାଜ୍ୟ ସରକାର ହଠାତ୍ ୨୦୧୯-୨୦ ଆର୍ଥିକ ବର୍ଷରେ ବିନା ଆର୍ଥିକ ଯୋଜନାରେ ପୁରୀ ପାଇଁ ଉନ୍ନତୀକରଣ କାର୍ଯ୍ୟ ହାତକୁ ନେଲେ, ଯେଉଁଥିଲାଗି ଜରୁରିକାଳୀନ ପାଣ୍ଠିରୁ ସରକାର ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଲେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ତ୍ରୟୋଦଶ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ
# ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ନୃତ୍ୟ ପ୍ରତିଭା ସମ୍ମାନ

**ବାଲକାଟୀ,୨୫।୧୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ହୀରାପୁରସ୍ଥିତ ତନ୍ତ୍ରପୀଠ ଚଉଷଠି ଯୋଗିନୀଙ୍କ ପୀଠରେ ଆୟୋଜିତ ତ୍ରୟୋଦଶ ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର

**ହରପ୍ରସାଦ ପାଇଲେ ସାହିତ୍ୟ ସମ୍ମାନ**

ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବର ମୁଖ୍ୟଅତିଥି ଭାବେ ସଂସ୍କୃତ ବିଭାଗର ସଚିବ ଆଇଆର୍‌ଏସ୍ ମନୋରଞ୍ଜନ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅବସରରେ ଚଳିତବର୍ଷର ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନରେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରଶାନ୍ତ କୁମାର ବାରିକ ଓ ନୃତ୍ୟଶିଳ୍ପୀ ମଧୁମିତା ନାୟକ 'ପ୍ରକୃତି ପୁରୁଷ' ପରିବେଷଣ କରିଥିଲେ।



ପରେ ପଦ୍ମଶ୍ରୀ ମହାନ୍ତି ଏକକ ଓଡ଼ିଶୀ ନୃତ୍ୟ କରିଥିଲେ, ଯାହା ଦର୍ଶକଙ୍କୁ ବିମୋହିତ କରିପାରିଥିଲା। ପରେ ନୂଆଦିଲ୍ଲୀର ଜୟନ୍ତୀଳା ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଗୁରୁ ମଧୁମିତା ରାଉତ ଓ ସାଥୀ ଓଡ଼ିଶୀ ନୃତ୍ୟ କରିଥିଲେ। ପରେ ଭିଲାଇରୁ ଆସିଥିବା ନୃତ୍ୟାଙ୍ଗନା ରାକ୍ଷୀ ରାଏ ଭାରତନାଟ୍ୟମ୍ ପରିବେଷଣ କରିଥିଲେ। ଶେଷରେ ଗୁରୁ ଉଚ୍ଛବ ଦାସଙ୍କ ଦଳ ଘୋଡ଼ା ନାଚ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାଞ୍ଚଳ ଆରଡିସି ଅନିଲ କୁମାର ସାମଲ, ଅବସରପ୍ରାପ୍ତ ଆଇଏଏସ୍ ଅଶୋକ ତ୍ରିପାଠୀ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ପକ୍ଷରୁ ଅଧ୍ୟାପକ ଡ.କାଳନ୍ଦୀଚରଣ ସାହୁଙ୍କ ସମ୍ପାଦନରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ତିନିଦିନ ଧରି ମହୋତ୍ସବକୁ ସଭାପତି ଅଧ୍ୟାପକ ଡ.ରଜନୀ ରଞ୍ଜନ, ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ରୁନା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାରଣା ପରିଚାଳନା କରିଥିଲେ। ଏହାସହ ଯୋଗିନୀ ପୀଠରେ ନୃତ୍ୟ ପ୍ରତିଭା ପକ୍ଷରୁ ଏକ କବିତା ଆସର ଆୟୋଜନ ହୋଇଥିଲା। ଏଥିରେ ଚଳିତବର୍ଷର ସୁରେଶ ବଳବନ୍ତ ରାଏ ସ୍ମାରକୀ ସାହିତ୍ୟ ସମ୍ମାନ ଭାବେ କବି ହରିପ୍ରସାଦ ଦାଶଙ୍କୁ ଓ ଯୁବ ସାହିତ୍ୟ ଭାବେ ଇପ୍‌ସିତା ଷଡଙ୍ଗୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରଜନୀ ରଞ୍ଜନଙ୍କ 'ପ୍ରଜାପତିର ଡେଣା', ପୂର୍ଣ୍ଣ ମହାରଣାଙ୍କ 'ଫୁଲରାତି' ଓ ସ୍ୱର୍ଣ୍ଣଲତା ପତିଙ୍କ 'ଆଲୋକ ଅନ୍ଧାର ଓ ମୁଁ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି କବିତା ଆସରରେ ୫୦ରୁ ଊର୍ଦ୍ଧ୍ୱ କବି ପାଠ କରିଥିଲେ। ବରିଷ୍ଠ କବି ଓ କଥାକାର ଅଜୟ ସ୍ୱାଇଁ ଓ ଅଧ୍ୟାପକ ଡ. ରଜନୀ ରଞ୍ଜନ ମଞ୍ଚ ପରିଚାଳନା କରିଥିଲେ।

## ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ

**ବାହାଦଲପୁର ଅନିଲ ଜେନା ହତ୍ୟା ମାମଲା**

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅଧୀନ ବାହାଦଲପୁରର ଅନିଲ ଜେନା ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଶରକନ୍ତରା ଗ୍ରାମର ଭରତ ରାଉତ ଓରଫ ବାପି ଏବଂ ଦୁର୍ଗାପ୍ରସାଦ ସାହୁ ଓରଫ ହାପିଙ୍କୁ ଖଣ୍ଡଗିରି ପୋଲିସ ୩ଦିନ ରିମାଣ୍ଡରେ ଆଣିବ। ଏ ନେଇ ଖଣ୍ଡଗିରି ପୋଲିସ ପକ୍ଷରୁ ଭୁବନେଶ୍ୱର କୋର୍ଟରେ ଆବେଦନ କରାଯାଇଛି। କୋର୍ଟ ଅନୁମତି ଦେବା ପରେ ଦୁହିଁଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବ। ଏହି ମାମଲାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ରାଜାଙ୍କ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ପୋଲିସ ବାପି ଓ ହାପିଙ୍କୁ ଜେରା କରିବ। ସେହିପରି ହତ୍ୟାରେ ବ୍ୟବହୃତ ହୋଇଥିବା ଆଉ ଏକ ବନ୍ଧୁକକୁ ପୋଲିସ ଜବତ କରିପାରିନାହିଁ। ସେହି ବନ୍ଧୁକକୁ ହାପି ଓ ବାପି କେଉଁ ସ୍ଥାନରେ ଲୁଚାଇ ରଖିଛନ୍ତି ସେନେଇ ମଧ୍ୟ ପଚରାଉଚରା କରାଯିବ। ଏହି ଘଟଣାର ଅଭିଯୁକ୍ତମାନେ ଅନ୍ୟ କେଉଁ ମାମଲାରେ ଜଡିତ ରହିଛନ୍ତି ସେନେଇ ମଧ୍ୟ ଖୋଳତାଡ଼ ହେବ ବୋଲି ପୋଲିସ କହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ଡିସେମ୍ବର, ୨୦୧୯



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
-ଗଙ୍ଗାଧର ମେହେର



## ସଂକ୍ଷେପରେ

### ଯୁବକଙ୍କୁ ଗୋଡ଼ାଇ ହାଣିଲେ

ପୁରୀ ଅଫିସ, ୨୫।୧୨: ପୁରୀ ସଦର ଥାନା କପିଳେଶ୍ୱରପୁର ବିନ୍ଧେଇବସ୍ତ ଗ୍ରାମରେ ଦୁଇଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୋଡ଼ାଇ ହାଣିଥିବା ନେଇ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଗ୍ରାମର ସୁରଥ ଭୋଇଙ୍କ ପରିବାର ଖାଇପିଇ ଶୋଇଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ଘରେ ପଶି ଛେଳି ଚୋରିକରି ନେଇ ପଳାଇ ଯାଉଥିଲେ। ଏହା ଦେଖି ସୁରଥ ସେମାନଙ୍କୁ ବାଧା ଦେବାରୁ ସଂପୃକ୍ତ ଦୁର୍ବୃତ୍ତଦ୍ୱୟ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ସାହିପଡ଼ିଶା ଆସିଯିବାରୁ ଦୁଇ ଦୁର୍ବୃତ୍ତ ବାଇକ୍ ଛାଡ଼ି ଦୌଡ଼ିଥିଲେ। ଏ ନେଇ ସୁରଥ ଥାନାରେ ଲିଖିତ ଅଭିଯୋଗ କରିବା ସହ ବାଇକ୍‌କୁ ଥାନାରେ ଜିମା ଦେଇଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ଏକାଧିକ ଗ୍ରାମବାସୀଙ୍କ ଛେଳି ଚୋରି ହୋଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଆଗକୁ ନୂଆବର୍ଷ ଥିବାରୁ ଭୋଜିଭାତର ଆସର ଲାଗି ଦୁର୍ବୃତ୍ତମାନେ ଛେଳି ଚୋରିକରି ନେଉଥିବା ଆଲୋଚନା ହେଉଛି।

### ଓପନ୍ ଚେସ୍: ନିଲଶୁ ଚାମ୍ପିୟନ

ପୁରୀ ଅଫିସ, ୨୫।୧୨ : ରୋଟାରୀ କ୍ଲବ, ଶ୍ରୀଜଗନ୍ନାଥ ଧାମ ଏବଂ ସୁନ୍ଦରା ଜାଗା ମିଳିତ ଆନୁକୂଲ୍ୟରେ ସୁନ୍ଦରା ମଣ୍ଡପରେ ଚାଲିଥିବା ଓପନ ଚେସ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନିଲଶୁ ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବାବେଳେ ସୌମ୍ୟରଞ୍ଜନ ମିଶ୍ର ଦ୍ୱିତୀୟ ଓ ରାଜେଶ ନାୟକ ତୃତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ରୋଟାରୀ କ୍ଲବ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ସରୋଜକାନ୍ତି ଦେ, ସୁନ୍ଦରା ଜାଗା ସଭାପତି ଦେବେନ୍ଦ୍ର ମିଶ୍ର, ସମ୍ପାଦକ ଅର୍ଜୁନ ନାୟକ, ଜିଲା ଚେସ୍ ଆସୋସିଏଶନ ଉପସଭାପତି ସୁରେଶ କୁମାର ସାହୁ, ଜ୍ୟୋତିଶଙ୍କର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ପାଚେରିରେ ପିଟି ହୋଇ ବାଇକ୍ ଚାଳକ ମୃତ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ ପାୱାର ହାଉସ ଛକ ନିକଟ ୧୨୦ ବାଟାଲିୟନ ପାଚେରିରେ ବାଇକ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୌଦ୍ଧ ଅଞ୍ଚଳର ଲକ୍ଷ୍ମଣ ଖମାରି(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ଗୁରୁବାର ପରିବାର ଲୋକେ ଆସିଲେ ମୃତଦେହ ବ୍ୟବଚ୍ଛେଦ କରି ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ବୁଧବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ଏହି ଦୁର୍ଘଟଣା ଘଟିଥିଲା। ଲକ୍ଷ୍ମଣ ବାଇକରେ ୮ ନମ୍ବର ଡିଏଭି ସ୍କୁଲରୁ ବାଇକ୍‌ରେ ପାୱାରହାଉସ୍ ଛକ ଆଡକୁ ଯାଉଥିବାବେଳେ ଭାରସ୍ୟାମ ହରାଇ ପାଚେରିରେ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଏସ୍‌ସିବି ମେଡିକାଲ ଆଉଟଡୋର କୋଠା ମରାମତି

# ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି

କଟକ ଅଫିସ, ୨୫।୧୨



■ ୧ ହଜାର ଲୋକଙ୍କ ଦସ୍ତଖତ ସମ୍ବଳିତ ପତ୍ରରେ ତଦନ୍ତ ଦାବି

■ ୩ ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଏସ୍‌ସିବି ମେଡିକାଲରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିବାବେଳେ ଏହାର ତଦନ୍ତ ଦାବିରେ ୧ହଜାର ଲୋକଙ୍କ ଦସ୍ତଖତ ସମ୍ବଳିତ ପତ୍ର ଭିଜିଲାନ୍ସ ବିଭାଗକୁ ଦିଆଯାଇଥିଲା। ଇତିମଧ୍ୟରେ ୩ବର୍ଷ ବିତିଗଲାଣି। ମାତ୍ର କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ଏପର୍ଯ୍ୟନ୍ତ ତଦନ୍ତ ବି ଆରମ୍ଭ ହୋଇନାହିଁ। ତେଣୁ ମୋ' ସରକାର ଓ ୫-ଟିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସାମାଜିକ କର୍ମୀ ଉମେଶ ବିଶ୍ୱାଳ, ଅଚ୍ୟୁତ ସାହୁ ଓ ଦୀପକ ଆଚାର୍ଯ୍ୟ। କେବଳ ସ୍ୱଚ୍ଛ ଶାସନ ଓ ଉତ୍ତରଦାୟୀ ସରକାରର ମିଛ ପ୍ରଚାର ଉଦ୍ଦେଶ୍ୟରେ ସରକାର ଏଭଳି କାର୍ଯ୍ୟକ୍ରମ କରିଥିବା ଉପରୋକ୍ତ ସାମାଜିକ କର୍ମୀମାନେ ମତ ଦେଇଛନ୍ତି। ରାଜ୍ୟର ସର୍ବବୃହତ୍ ଚିକିତ୍ସାନୁଷ୍ଠାନ ଏସ୍‌ସିବି ମେଡିକାଲରେ ପୁରୁଣା କୋଠା ମରାମତି ନେଇ ହୋଇଥିବା ଏକ ଦୁର୍ନୀତି ପ୍ରସଙ୍ଗରେ ସେମାନେ ଏଭଳି ମତ ରଖିବା ସହ ଲୋକାଯୁକ୍ତଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ଆଉଟଡୋର କୋଠା ମରାମତିକୁ ନେଇ ଏହି ଦୁର୍ନୀତି ହୋଇଥିଲା। ୨୦୧୬ ଆରମ୍ଭରୁ ମେଡିକାଲ ଆଉଟଡୋର କୋଠା ମରାମତି ଆବଶ୍ୟକ କରୁଥିବା ସଂକ୍ରାନ୍ତ ଏକ ପ୍ରସ୍ତାବ ପାରିତ ହୋଇଥିଲା। କୋଠା ମରାମତି ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହା ସତ୍ତ୍ୱେ ୨୦୧୬ ନଭେମ୍ବର ୮ରେ ଏହି କୋଠାକୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲା। ଏପରି କି, ଉକ୍ତ କୋଠାରେ କୌଣସି କାର୍ଯ୍ୟ ନ କରିବା ପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହା ପରେ ମେଡିକାଲ ପ୍ରଶାସନ ତୁରନ୍ତ ଉକ୍ତ କୋଠାରୁ ଆଉଟଡୋରକୁ ସ୍ଥାନାନ୍ତର କରିଥିଲା। ମାତ୍ର ଜାନୁୟାରୀ ମାସରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କରାଯିବା ସତ୍ତ୍ୱେ ନଭେମ୍ବର ମାସରେ କିପରି କୋଠା ବିପଦସଙ୍କୁଳ ହେଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଉପରୋକ୍ତ ସାମାଜିକ କର୍ମୀମାନେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସାଧାରଣ ଲୋକ, ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କଠାରୁ ୧ହଜାର ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର କଟକ ଭିଜିଲାନ୍ସ ଡିଭିଜନ ନିକଟରେ ଦାଖଲ କରିଥିଲେ। ଏହାପରେ ଏହି ଅଭିଯୋଗର ତଦନ୍ତ ଦାୟିତ୍ୱ ଭିଜିଲାନ୍ସର ଜଣେ ଇନ୍ସପେକ୍ଟରଙ୍କୁ ଦିଆଯାଇଥିଲା। ମାତ୍ର ସେ ତଦନ୍ତ ଆରମ୍ଭ କରିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ଅନ୍ୟ ଜଣେ ଇନ୍ସପେକ୍ଟରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ସେ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇ ଯାଇଥିଲେ। ଫଳରେ ଏହି ଦୁର୍ନୀତିର ପେଡ଼ି ସେମିତି ଭିଜିଲାନ୍ସ ପାଖରେ ପଡ଼ିରହିଛି। ଏ ସମ୍ପର୍କରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଏମ୍.ଆର୍. ଖାନ୍ କହିଛନ୍ତି, ମୁଁ ଯୋଗଦେବା ପୂର୍ବରୁ ଉକ୍ତ କାର୍ଯ୍ୟ ହୋଇଥିଲା। ତେଣୁ ସେଥିରେ କ'ଣ ହୋଇଛି ନ ହୋଇଛି ତାହା ମୋ' ପକ୍ଷେ କହିବା କଷ୍ଟକର। ତେବେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି, ଯିଏ ଦୁର୍ନୀତି କରିଥିବ ସିଏ ଦଣ୍ଡ ପାଇବ। ସେହିପରି କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଶଶିଭୂଷଣ ମିଶ୍ର କହିଛନ୍ତି, ଏସ୍‌ସିବି ମେଡିକାଲର ଅନେକ ଅଭିଯୋଗ ଉପରେ ଭିଜିଲାନ୍ସ ତଦନ୍ତ କରୁଛି। ଏହି ଅଭିଯୋଗ ସମ୍ପର୍କରେ ସବିଶେଷ ଜାଣିବା ପରେ ମତାମତ ଦେବି।

ଅନ୍ୟପକ୍ଷରେ ଜନସାଧାରଣ ସ୍ୱାସ୍ଥ୍ୟ ବିଭାଗର ଏଭଳି କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଏସ୍‌ସିବି ପୁରୁଣା ଆଉଟଡୋର କହିଲେ ଏହି ବହୁ ପୁରାତନ କୋଠାକୁ ବୁଝାଏ। ଊନବିଂଶ ଶତାବ୍ଦୀରେ ଏସ୍‌ସିବି ଏକ ଫାଷ୍ଟଏଡ୍ ସେଣ୍ଟର ଭାବେ ପରିଚିତ ଥିଲା। ୧୮୭୫ରେ ଏହା ମେଡିକାଲ ସ୍କୁଲ ଏବଂ ୧୯୪୪ରେ ମେଡିକାଲ କଲେଜର ମାନ୍ୟତା ପାଇଥିଲା। ଏହାପରେ ଉକ୍ତ କୋଠା ନିର୍ମାଣ ହୋଇଥିବା ଏହାର କଡିବରଗା ଛାତକୁ ଦେଖି ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ଅନୁମାନ କରୁଛନ୍ତି। ତେବେ ଏହି ପୁରାତନ କୋଠା ମରାମତି ନାଁରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶକୁ ଜନସାଧାରଣ ଅପେକ୍ଷା କରିଛନ୍ତି।



ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବର ଉଦ୍‌ଯାପନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ନୃତ୍ୟଶିଳ୍ପୀ ଓ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ଗୁରୁ କୁମ୍‌କୁମ୍ ଲାଲ୍‌ଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)

**ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଯାପିତ**



ସୁରଭି ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

'ସାଂସ୍କୃତିକୀ' ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଚାଲିଥିବା ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବର ବୁଧବାର ଥିଲା ଉଦ୍‌ଯାପନୀ ଦିବସ। ଏହି ଅବସରରେ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ରୁଦ୍ରାକ୍ଷ ଫାଉଣ୍ଡେଶନର ସମୀର ପାଣିଗ୍ରାହୀ ଓ ସନ୍ତୋଷ ରାମଙ୍କ ଦ୍ୱାରା 'ଆନନ୍ଦ ଭୈରବୀ ପଲ୍ଲବୀ' ପରିବେଷିତ ହୋଇଥିଲା। ଏହାପରେ ଆମେରିକାରୁ ଆସିଥିବା ଡଗଲାସ୍ ରାଇଡିଙ୍ଗସ୍ ପକ୍ଷରୁ 'ଦେହି ପଦ ପଲ୍ଲବ ମୁଦାରମ୍' ଓ ସଙ୍ଗୀତା ଦାଶଙ୍କ ଦ୍ୱାରା ପରିବେଷିତ 'ପରିକ୍ଷିତ' ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିଭଳି ରାୱା ଏକାଡେମୀ ପକ୍ଷରୁ ଭରତ ଚରଣ ଗିରିଙ୍କ ନିର୍ଦ୍ଦେଶନାରେ 'ନମାମି କୃଷ୍ଣସୁନ୍ଦର'ରେ ସମବେତ ଓଡ଼ିଶୀ, ନୃତ୍ୟ ନୈବେଦ୍ୟର ହରେକୃଷ୍ଣ ଧଳଙ୍କ ଦ୍ୱାରା 'ଏକଲବ୍ୟ' କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ରହିଥିଲା। ସନ୍ଧ୍ୟାର ଶେଷରେ ଗୁରୁ ପୀତାମ୍ବର ବିଶ୍ୱାଳଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସୁରଭି ପକ୍ଷରୁ 'ସୂର୍ଯ୍ୟାଷ୍ଟକମ୍' ମଞ୍ଚସ୍ଥ ହୋଇଥିଲା। ପୂର୍ବାହ୍ନରେ ୧୭ଜଣ କୁନି ନୃତ୍ୟଶିଳ୍ପୀ 'ଓଡ଼ିଶୀ ଅନ୍ତର୍ଜାତୀୟ ପ୍ରତିଭା ଗବେଷଣା' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିଥିବାବେଳେ ଅପରାହ୍ନର ଶେଷ କାର୍ଯ୍ୟକ୍ରମଭାବେ ଆମେରିକାର ଅନନ୍ୟା ବେଜ୍‌ବରୁଆ ଓ ଅଂଶିକା ରଥଙ୍କ ଯୁଗଳବନ୍ଦୀରେ 'ଦୁର୍ଗାମଙ୍ଗଳାଚରଣ' ପରିବେଷିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କୁମ୍‌କୁମ୍ ଲାଲ୍‌ଙ୍କୁ 'ବିଶ୍ୱ ଓଡ଼ିଶୀ ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ଏହି ଉତ୍ସବକୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଗୁରୁ ବୀରବର ସାହୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ସନ୍ଧ୍ୟାରେ ଅତିଥିଭାବେ ଗୁରୁ ପ୍ରଫେସର ରତ୍ନା ରୟ, ବିଶ୍ୱ ଓଡ଼ିଶୀ ଉତ୍ସବ ଅଧ୍ୟକ୍ଷ ଗୁରୁ ରାମହରି ଦାସ, କନ୍‌ଭେନର୍ କେଦାର ମିଶ୍ର ଯୋଗ ଦେଇଥିଲେ। ଶ୍ୟାମହରି ଚକ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅରୋସ୍ମିତା ଆଚାର୍ଯ୍ୟ ଓ ଶୁଭମ୍ ଓଝା ଏହାର ସଂଯୋଜନା କରିଥିଲେ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ 'କିଡ୍ସ ପାର୍କ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବୁଧବାର 'କିଡ୍ସ ପାର୍କ' ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ପାର୍କକୁ ଉଦ୍‌ଘାଟନ କରିବା ସହ ଆୟୋଜିତ 'ଆଇ ଲଭ୍ ସାଇନ୍ସ' କାର୍ଯ୍ୟକ୍ରମକୁ ବେଶ୍ ପସନ୍ଦ କରିଥିଲେ। ଏହି ଅବସରରେ ସେ କହିଲେ, ଛୋଟ ପିଲାମାନେ ଏଠାରେ ଖେଳ ସହ ବିଜ୍ଞାନ ବିଷୟରେ ଜାଣିପାରିବେ। ପିଲାମାନେ ବିଜ୍ଞାନକୁ ଭଲ ପାଇଲେ ହିଁ ଭଲରେ ବୁଝିପାରି ନୂଆ କିଛି କରିପାରିବେ। ଏହି ପାର୍କରେ 'ସେଣ୍ଟ୍ରିଫୁଗାଲ ଫୋର୍ସ, ଫ୍ରିକ୍ସନ, ଗ୍ରାଭିଟି, ଲିଭର, ସାଉଣ୍ଡ ଓ ପେଣ୍ଡୁଲମ'କୁ ନେଇ ବିଭିନ୍ନ ଖେଳ ଉପକରଣ ତିଆରି କରାଯାଇଛି। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରକଳ୍ପ ସଂଯୋଜକ ହର ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ଶିକ୍ଷାଧିକାରୀ ଏଚ୍ ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ସୁନାଗହଣା ଲୁଟ୍

ପୁରୀ ଅଫିସ, ୨୫।୧୨

ବଡ଼ଦିନ ଲାଗି ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇପଡ଼ିଥିବା ବେଳେ ବୁଧବାର ଅପରାହ୍ନରେ କେତେଜଣ ଦୁର୍ବୃତ୍ତ କୁମ୍ଭାରପଡା ଥାନା ଅଧୀନ ପେଣ୍ଟକଟାସ୍ଥିତ ଡେଲ୍‌ଟା କଲୋନୀର ତନ୍ମୟ ରାଉତଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ଫେରାର ହୋଇଯାଇଛନ୍ତି। ସୂଚନା ପ୍ରକାରେ, ତନ୍ମୟଙ୍କ ପରିବାର କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶି ସୁନାଗହଣା ଲୁଟିନେଇଥିବା ନେଇ ତନ୍ମୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଚିଲିକା ଉତ୍ତରନାଶୀରେ ପକ୍ଷୀ ସୁରକ୍ଷା ଢିଲା



କଣାସ, ୨୫।୧୨ (ସ୍ୱ.ପ୍ର.)

ଶୀତ ପଡିଲେ ବିଦେଶାଗତ ପକ୍ଷୀଙ୍କ କଳରାବରେ ମୁଖରିତ ହୋଇଉଠେ ଚିଲିକା। କିନ୍ତୁ ନଳବଣରେ ଖାଦ୍ୟ ଅଭାବ ଯୋଗୁ ପକ୍ଷୀମାନେ ଉତ୍ତରନାଶୀ ଦୟା ଓ ମକରା ନଦୀର ମୁହାଣ ଆଡ଼କୁ ମୁହାଁଉଛନ୍ତି। ସେଠାରେ ବନ ବିଭାଗ ପକ୍ଷରୁ ପକ୍ଷୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଶିକାରୀମାନେ ଜାଲ ବିଛାଇ ଶିକାର କରୁଛନ୍ତି। ଏନେଇ ପକ୍ଷୀପ୍ରେମୀମାନେ ଚିନ୍ତା ପ୍ରକଟ କରି ବିଶେଷ ଧ୍ୟାନ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପକ୍ଷୀସଂଖ୍ୟା ବୃଦ୍ଧି ପାଇଛି। ବନ୍ୟପ୍ରାଣୀ ବିଭାଗର ପରିସଂଖ୍ୟାନ ଅନୁସାରେ ୮ଲକ୍ଷରୁ ଅଧିକ ପକ୍ଷୀ ଚଳିତବର୍ଷ ଚିଲିକାରେ ସମବେତ ହୋଇଛନ୍ତି। ଚିଲିକାର ଭିତର ଅଞ୍ଚଳ ନଳବଣ, ଭୁଷଣ୍ଡପୁର, କାଳୁପଡା ଘାଟ ପ୍ରଭୃତି ୧୯ଟି ସ୍ଥାନରେ ପକ୍ଷୀ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କଡାକଡି ସୁରକ୍ଷା ବ୍ୟବସ୍ଥା ଥିବାବେଳେ ଚିଲିକାର ଉତ୍ତରନାଶୀରେ କର୍ମଚାରୀ ନ ଥିବା, ପାଟ୍ରୋଲିଂ ହେଉ ନ ଥିବା ଦେଖାଯାଇଛି। ଯଦ୍ୱାରା ପକ୍ଷୀ ଶିକାରୀମାନେ କଇଁଫୁଲ କେଶରରେ ନିଶାଯୁକ୍ତ ଔଷଧ ଦେଇ ପକ୍ଷୀମାନଙ୍କୁ କରାୟତ୍ତ କରୁଛନ୍ତି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ସାଧାରଣରେ ଦାବି ହୋଇଛି।

### ମିଶନ ଇନ୍ଦ୍ରଧନୁଷ୍‌ର ଦ୍ୱିତୀୟ ପର୍ଯ୍ୟାୟ ଟିକାଦାନ

## ପ୍ରଥମ ରାଉଣ୍ଡରେ ଶତପ୍ରତିଶତ ଟିକାଦାନ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)

ରାଜ୍ୟରେ ମିଶନ ଇନ୍ଦ୍ରଧନୁଷର ଦ୍ୱିତୀୟ ପର୍ଯ୍ୟାୟ ଟିକାଦାନ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡରେ ଉଭୟ ଶିଶୁ ଓ ଗର୍ଭବତୀଙ୍କୁ ଟାର୍ଗେଟର ଶତ ପ୍ରତିଶତରୁ ଅଧିକ ଟିକାଦାନ କରାଯାଇଛି। ରାଜ୍ୟର ୬ ଜିଲା ଯଥା କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, କନ୍ଧମାଳ ଓ ଢେଙ୍କାନାଳରେ ମିଶନ ଇନ୍ଦ୍ରଧନୁଷ ଯୋଜନାରେ ଟିକାକରଣ ଚାଲିଛି। ପ୍ରଥମ ରାଉଣ୍ଡରେ ୧୦,୫୬୦ ଜଣ ଶିଶୁଙ୍କୁ ଟିକାଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୧୦,୬୦୩ ଶିଶୁ ଟିକା ନେଇଛନ୍ତି। ସେହିଭଳି ୨୪୬୧ ଜଣ ଗର୍ଭବତୀଙ୍କୁ ଟିକାଦାନ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ୨୪୬୯ ଜଣଙ୍କୁ ଦିଆଯାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ପରାମର୍ଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିକାକାରଣ କାର୍ଯ୍ୟକ୍ରମ ଜାରି ରହିଛି। ପ୍ରଥମ ରାଉଣ୍ଡ ଟିକାଦାନ ପୂର୍ବରୁ ଜିଲା ଓ ରାଜ୍ୟ ସ୍ତରୀୟ ଟାସ୍କଫୋର୍ସ ବୈଠକ ବସିଥିଲା। ଟିକାଦାନ ଅଭିଯାନକୁ ସଫଳ କରିବା ପାଇଁ ଉଭୟ ଶିଶୁ ଓ ଗର୍ଭବତୀ ମହିଳାଙ୍କ ଗଣତି କାର୍ଯ୍ୟ ସହ ଲୋକଙ୍କୁ ସଚେତନ କରିବାଲାଗି ପଥପ୍ରାନ୍ତ ନାଟକ, ଭିଡିଓ ଏବଂ ଅଡିଓ ବାର୍ତ୍ତା, ସ୍ୱାସ୍ଥ୍ୟ କାନ୍ଥ ଓ ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର ଲଗାଯାଇଛି। ଏନ୍‌ସିସି, ଏନ୍‌ଏସ୍‌ଏସ୍, ଏନ୍‌ୱାଇକେ ଏବଂ ରୋଟାରୀ ସଂଗଠନକୁ ଏଥିରେ ସାମିଲ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଧୀନ ରେଳ ବିହାର ନିକଟ ଲକ୍ଷ୍ମୀପୁର ବସ୍ତିର ଏକ ଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ ଯୁବତୀ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ସଙ୍ଗୀତା ରାଣୀ ଦାଶ ଓରଫ କାଜଲ (୨୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଚନ୍ଦ୍ରଶେଖରପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯୪/୧୯) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ସଙ୍ଗୀତା ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ସଙ୍ଗୀତା ଚାକିରି ଅନ୍ୱେଷଣରେ ଭୁବନେଶ୍ୱର ଆସିଥିଲେ। ସେ ଲକ୍ଷ୍ମୀପୁର ବସ୍ତିରେ ଏକ ଘର ଭଡ଼ା ନେଇ ଏକାକୀ ରହୁଥିଲେ। ପଡ଼ୋଶୀଙ୍କ କହିବା ଅନୁଯାୟୀ, ସୋମବାର ରାତି ପ୍ରାୟ ୧୦ଟାରେ ସେ ଘରକୁ ଫେରିଥିଲେ। ରୁଟି କରିବା ପାଇଁ ପଡ଼ୋଶୀଙ୍କ ଘରୁ ବେଲଣା ପେଡ଼ି ମାଗି ନେଇଥିଲେ। ରାତିରେ ରୋଷେଇ କରିଥିଲେ ମଧ ଖାଇ ନ ଥିଲେ। ତେବେ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସେ କବାଟ ନ ଖୋଲିବାରୁ ପଡୋଶୀଙ୍କର ସନ୍ଦେହ ହୋଇଥିଲା। ସେମାନେ ଘର ନିକଟକୁ ଯାଇ ଡାକିଥିଲେ। କିନ୍ତୁ କିଛି ଜବାବ ମିଳି ନ ଥିଲା। ସେମାନେ ଝରକା ଫାଙ୍କରେ ଚାହିଁବାରୁ ମୃତଦେହ ଘର ଭିତରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ସଙ୍ଗୀତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ବୁଧବାର ସକାଳେ ପରିବାର ଲୋକେ ପହଞ୍ଚିବା ପରେ ଘରର ଭିତର ପଟ ଲକ୍ ତଡ଼ାଯାଇ ଖୋଲାଯାଇଥିଲା। ଏହା ପରେ ପୋଲିସ ଝୁଲନ୍ତା ଅବସ୍ଥାରେ ସଙ୍ଗୀତାଙ୍କ ମୃତଦେହକୁ ଉଦ୍ଧାର କରିଥିଲା।

## ହଟହଟା ପରେ ମୁଣ୍ଡ ନୁଆଁଇଲେ ଅଭିନେତ୍ରୀ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)

**ପ୍ରେମ ଠକେଇ ଘଟଣା**

■ ନେଇଥିବା ସାମଗ୍ରୀ ଫେରାଇବାକୁ ରାଜି

■ ପ୍ରେମିକଙ୍କୁ ଫୋନ୍ କରି ଭୁବନେଶ୍ୱର ଡାକିଲେ

ପ୍ରେମ ନାଁରେ ପ୍ରେମିକଙ୍କଠାରୁ ଜଣେ ଓଡ଼ିଆ ଅଭିନେତ୍ରୀ ଠକେଇ କରିବା ଘଟଣା ବୁଧବାର ଭିନ୍ନ ମୋଡ଼ ନେଇଛି। ଘଟଣା ପଦାକୁ ଆସିବା ପରେ ଏହାର ଆପୋଷ ସମାଧାନ କରିବା ପାଇଁ ସେ ପ୍ରେମିକ ବିଶାଖାପାଟଣାର ପଦ୍ମାରାଜୁ ଶିବ କୁମାରଙ୍କୁ ଭୁବନେଶ୍ୱରକୁ ଡକାଇଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଭିନେତ୍ରୀ ଜଣକ ତାଙ୍କଠାରୁ ନେଇଥିବା ଟଙ୍କା, ସୁନାଚେନ୍ ଏବଂ ଲାପ୍‌ଟପ ଫେରାଇ ଦେବାକୁ ଫୋନ୍ କରି ତାଙ୍କୁ ଡାକିଥିବା ଶିବ କୁମାର ଏକ ଭିଡିଓ ଜରିଆରେ କହିଛନ୍ତି। ଅଭିନେତ୍ରୀଙ୍କର ଜଣେ ସାଙ୍ଗ ମଧ ଏ ନେଇ ଫୋନ୍ କରିଥିବା ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଯାଇ ପୋଲିସ ସମ୍ମୁଖରେ ସମସ୍ତ ସାମଗ୍ରୀ ଆଣିବେ ବୋଲି ଶିବ କୁମାର ସୂଚନା ଦେଇଛନ୍ତି।

ଅଭିନେତ୍ରୀ ଜଣକ ମଙ୍ଗଳବାର ଗଣମାଧ୍ୟମକୁ କହିଥିଲେ ଯେ, ସେ ଶିବ କୁମାରଙ୍କଠାରୁ କୌଣସି ସାମଗ୍ରୀ ଯଥା ଟଙ୍କା, ସୁନାଚେନ୍ ଓ ଲାପଟପ ନେଇ ନାହାନ୍ତି। ମାତ୍ର ଏବେ ସାମଗ୍ରୀ ଫେରାଇବା କଥା କହୁଛନ୍ତି। ରାତିକ ଭିତରେ ଏଭଳି ୟୁ ଟର୍ନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିନେତ୍ରୀ ଜଣକ କହିଥିଲେ, ସେ କେବଳ ଭଲ ବନ୍ଧୁ ହିସାବରେ ଶିବ କୁମାରଙ୍କ ସହ ମିଶିଥିଲେ। ମାତ୍ର ଶିବ କୁମାର ମୋ'ଠାରୁ ଅଧିକ କିଛି ଆଶା କରିଥିଲେ। ଏଥିରେ ସଫଳ ନ ହେବାରୁ ଏଭଳି ମିଥ୍ୟା ଅଭିଯୋଗ ଆଣିଛନ୍ତି। ଟଙ୍କା ଓ ସୁନାଗହଣା ନେବା ଘଟଣାକୁ ଅଭିନେତ୍ରୀ ଜଣକ ଫାଙ୍କି ଦେଇଥିଲେ। ସେ କହିଥିଲେ, କୌଣସି କାମ ପାଇଁ ଶିବ କୁମାର ତାଙ୍କଠାରୁ ଏକ ଲକ୍ଷରୁ ଅଧିକ ଟଙ୍କା ବିଭିନ୍ନ ସମୟରେ ଦେଖା ହୋଇ ମାଗି ନେଇଥିଲେ। ମୋର ଆବଶ୍ୟକ ପଡ଼ିବାରୁ ସେ ମୋ' ଆକାଉଣ୍ଟରେ ଜମା କରିଥିଲେ। ଶିବ କୁମାର ତାଙ୍କୁ ବଦନାମ କରୁଥିବାରୁ ସେ ଆଇନର ଆଶ୍ରୟ ନେବେ।

ତେବେ ବୁଧବାର ଶିବ କୁମାର ଏକ ଭିଡିଓ କରି କହିଛନ୍ତି, ସେ ସମ୍ପୃକ୍ତ ଅଭିନେତ୍ରୀଙ୍କୁ ଦେଇଥିବା ଟଙ୍କା ଏବଂ ଅନ୍ୟ ସାମଗ୍ରୀର ପ୍ରମାଣ ରଖିଛନ୍ତି। ଯାହାକୁ ପୋଲିସ ମାଗିଲେ ଦେଇପାରିବେ। ଅଭିନେତ୍ରୀ ଜଣକ ତାଙ୍କୁ ଯେଉଁ ଟଙ୍କା ଦେଇଥିବା କଥା କହୁଛନ୍ତି ତାହା ମିଛ। ସେ ଓ ତାଙ୍କ ସାଙ୍ଗ ଫୋନ୍ କରି ମାମଲାକୁ ସମାଧାନ କରିବା ଲାଗି କହୁଛନ୍ତି। ଏପରି କି ଭୁବନେଶ୍ୱର ଆସି ଟଙ୍କା, ସୁନା ଓ ଲାପଟପ ନେବା ପାଇଁ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ରେ ମାଟ୍ରିମୋନିଆଲ ସାଇଟରୁ ସମ୍ପୃକ୍ତ ଅଭିନେତ୍ରୀଙ୍କ ସହ ଶିବ କୁମାରଙ୍କ ପରିଚୟ ଓ ବନ୍ଧୁତା ହୋଇଥିଲା। ଏହା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା।

### ନୂଆବର୍ଷ ପାଇଁ ଦେହ ଦଲାଲ ସକ୍ରିୟ

## ରାଜଧାନୀରେ ଏକାଧିକ ବାଂଲାଦେଶୀ ଦେହଜୀବୀ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)



■ ନକଲି ପରିଚୟ ପତ୍ରରେ ଓଡ଼ିଶା ଆସିଛନ୍ତି

■ ତଦନ୍ତ ଜୋର୍‌ଦାର କରାଯାଉଛି: ଡିସିପ

ନୂଆ ବର୍ଷକୁ ଆଖି ଆଗରେ ରଖି ଦେହ ଦଲାଲମାନେ ବେଶ୍ ସକ୍ରିୟ ହୋଇପଡିଛନ୍ତି। ସେମାନେ ବାଂଲାଦେଶୀ ଯୁବତୀଙ୍କୁ ଓଡିଶାକୁ ଆଣି ଦେହ ବ୍ୟବସାୟରେ ଲଗାଉଛନ୍ତି। ବାଂଲାଦେଶ ସୀମା ପାରହେବା ପରେ ଦଲାଲମାନେ ସେମାନଙ୍କୁ ନକଲି ପରିଚୟପତ୍ର ଧରାଇ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ବିଭିନ୍ନ ସହରକୁ ନେଇ ବେପାର କରୁଛନ୍ତି। ଭୁବନେଶ୍ୱର ଲକ୍ଷ୍ମୀସାଗର ପୋଲିସ ମଙ୍ଗଳବାର ଜଣେ ବାଂଲାଦେଶୀ ଦେହଜୀବୀଙ୍କୁ ଗିରଫ କରିବା ସହ ତଦନ୍ତ କରିବା ପରେ ଏହି ଘଟଣା ପଦାକୁ ଆସିଛି। ବ୍ରାଉନ୍‌ସୁଗାର ର୍‌ୟାକେଟ ଭଳି ଦେହ ବେପାରର ଚେର ବାଂଲାଦେଶରୁ ଓଡିଶାକୁ ଲମ୍ବିଛି। ଏବେ ରାଜଧାନୀରେ ବହୁ ବାଂଲାଦେଶୀ ଦେହଜୀବୀ ରହିଥିବା ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ କେଉଁ ଦଲାଲ ଆଣିଛନ୍ତି, ନକଲି ଆଧାର କାର୍ଡ ଓ ଜାଲ୍ କାଗଜପତ୍ର କେଉଁଠି ତିଆରି କରାଯାଇଛି ତାହାର ତଦନ୍ତ କରାଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି।

ଡିସିପିଙ୍କ ସୂଚନାନୁସାରେ, କଟକ ରୋଡରେ ଥିବା ଏକ ହୋଟେଲରେ ଗତ ୧୬ରେ ଜଣେ ବାଂଲାଦେଶୀ ଯୁବତୀଙ୍କୁ ହୋଟେଲ ପରିଚାଳକ ଓ କର୍ମଚାରୀ ବଳାତ୍କାର ଉଦ୍ୟମ କରିଥିବା ଘଟଣା ସତ। ହେଲେ ଉକ୍ତ ଯୁବତୀ ପୋଲିସକୁ ଦେଇଥିବା ପ୍ରମାଣପତ୍ର ଯାଞ୍ଚପରେ ତାହା ନକଲି ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି। ତେଣୁ ରାଜଧାନୀକୁ ଏକାଧିକ ବାଂଲାଦେଶୀ ଯୁବତୀଙ୍କୁ ଏଭଳି ନକଲି ଆଧାରକାର୍ଡ ଦିଆଯାଇ ଦଲାଲମାନେ ଦେହ ବ୍ୟବସାୟ ପାଇଁ ରାଜଧାନୀକୁ ଆଣିଥିବା ଅନୁମାନ କରାଯାଉଛି। ଏହାସହ ଉକ୍ତ ଯୁବତୀ ଜଣଙ୍କୁ ଦଲାଲ ଜଣକ ଟୁରିଷ୍ଟ ଭିସାରେ କଲିକତା ଆଣିଥିଲେ। ସେଠାରେ ତାଙ୍କୁ ଦେହ ବ୍ୟବସାୟରେ ଲଗାଯାଇଥିଲା। ପରେ ପୁଣି ତାଙ୍କୁ ନକଲି ପରିଚୟପତ୍ର ଦିଆଯାଇ ଓଡିଶା ଅଣାଯାଇଥିବା ଡିସିପି ସୂଚନା ଦେଇଛନ୍ତି।

ଅନ୍ୟ ଜଣେ ବାଂଲାଦେଶୀ ଯୁବତୀ କହିଛନ୍ତି, ଚାକିରି ଦେବାକୁ କହି ଆମକୁ ପୁରୀର ୨ଜଣ ଲୋକ ଓଡିଶା ଆଣିଥିଲେ। ସେମାନଙ୍କ ସହ ବାଂଲାଦେଶ ସୀମାରେ ଥିବା ପୋଲିସର ହାତ ରହିଛି। ଏଠାକୁ ଆଣି ଜବରଦସ୍ତ ଦେହ ବ୍ୟବସାୟରେ ଲଗାଇଥିଲେ। ବିରୋଧ କରିବାରୁ ଦଲାଲମାନେ ମାଡ଼ ମାରିବା ସହ ଗିରଫ ଭୟ ଦେଖାଉଛନ୍ତି। ଏହାସହ ସେମାନଙ୍କ ନିକଟରେ ବନ୍ଧୁକ ରହିଥିବାରୁ ବାଧ ହୋଇ ଚୁପ୍ ରହୁଛୁ। କଟକ ରୋଡ୍ ଘଟଣା ପରେ ଆମକୁ ରାଜଧାନୀରେ ନ ରଖି ସହର ଉପକଣ୍ଠ ଓ ପୁରୀରେ ଥିବା ହୋଟେଲରେ ରଖୁଛନ୍ତି।

# ନୂଆବର୍ଷ ଆକର୍ଷଣ



ପୁରୁଣାବର୍ଷକୁ ବିଦାୟ ଦେଇ ୨୦୨୦କୁ ସ୍ୱାଗତ କରିବା ପାଇଁ ଚାରିଆଡେ ଦେଖାଗଲାଣି ଉତ୍ସାହର ମାହୋଲ। କେବଳ ଅପେକ୍ଷା ଆଉ ଦିନ କେଇଟାକୁ। ଏହାପରେ ଆରମ୍ଭ ହୋଇଯିବ ଜିରୋ ଆୱାର ଓ ତା'ପରେ ବହୁ ପ୍ରତୀକ୍ଷିତ ନବବର୍ଷ। ପ୍ରତିବର୍ଷ ଭଳି ଏବର୍ଷ ମଧ ଜିରୋ ଆୱାରକୁ ସେଲିବ୍ରେସନ କରିବାକୁ ଭୁବନେଶ୍ୱରରେ ଚାଲିଛି ଜୋର୍‌ଦାର ପ୍ରସ୍ତୁତି। ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାଗୁଡିକ ଠାରୁ ଆରମ୍ଭକରି ଛୋଟବଡ଼ ହୋଟେଲ, କ୍ୟାଫେ ଓ କ୍ଲବ୍ ପର୍ଯ୍ୟନ୍ତ, ସମସ୍ତେ ନୂଆବର୍ଷ ପାର୍ଟି ଆୟୋଜନ ପାଇଁ ଲାଗିପଡିଛନ୍ତି। ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ କିଏ କପୁଲ୍ ଏଣ୍ଟ୍ରିରେ ରିହାତି ଦେଉଛି ତ କିଏ ଆଗୁଆ ବୁକିଂ ଓ ଅନ୍‌ଲାଇନ୍ ବୁକିଂ କଲେ ଅଫର୍ ଦେଉଛି।

## ଗ୍ଲୋ ଇନ୍ ଦି ଡାର୍କ

୨୦୧୯କୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରିବାକୁ ସ୍ୱସ୍ତି ପ୍ରିମିୟମ୍‌ର ପ୍ଲାଜା କ୍ଲବ୍‌ରେ 'ସ୍କାଏ ଲିମିଟ ୨୦୨୦' ଅନୁଷ୍ଠିତ ହେଉଥିବା ବେଳେ ହୋଟେଲର ଚାଣକ୍ୟ ହଲ୍‌ରେ 'ସିମର୍ ୨୦୨୦' ଆୟୋଜିତ ହେବ। ପ୍ରତିବର୍ଷ ଭଳି ଏବର୍ଷ ମଧ 'ସ୍କାଏ ଲିମିଟ' ଓ 'ସିମର'ର ଦମ୍‌ଦାର ଡିଜେ ଓ ଡ୍ୟାନ୍ସ ଶୋ' ସହ ଅନ୍‌ଲିମିଟେଡ୍ ସ୍ନାକ୍ସ ଓ ପାନୀୟ ବ୍ୟବସ୍ଥା ଓ ବଫେଟ୍ ଡିନର୍ ଏଠାକାର ପ୍ରମୁଖ ଆକର୍ଷଣ ରହିବ। ସିଙ୍ଗଲ ଓ କପୁଲଙ୍କ ପାଇଁ ଅଲଗା ପ୍ରବେଶ ଶୁଳ୍କ ରହିଥିବା ବେଳେ ସ୍କାଏ ଲିମିଟ୍‌ର ଷ୍ଟାଗ୍ ଏଣ୍ଟ୍ରି ୩୫୦୦ଟଙ୍କା ଏବଂ କପୁଲ ଏଣ୍ଟ୍ରି ୫୦୦୦ ଟଙ୍କା ରହିଛି। ସେହିଭଳି ସିମର ପାଇଁ କପୁଲ ଟିକେଟ୍ ୭୬୯୯ ଟଙ୍କା ରହିଥିବା ବେଳେ ସ୍ୱତନ୍ତ୍ର ପ୍ୟାକେଜର ବ୍ୟବସ୍ଥା ମଧ କରାଯାଇଛି। 'ଗ୍ଲୋ ଇନ୍ ଦି ଡାର୍କ' ଥିମ୍‌ରେ ଆୟୋଜିତ ହେଉଥିବା ଏହି ପାର୍ଟିରେ ଡିଜେ ୱାର୍ ଓ ସାଲ୍‌ସା ଡ୍ୟାନ୍ସ ଏଥର ବେଶ୍ ଜମିବ।

## ଫୁଡ୍ ଫନ୍ ମ୍ୟୁଜିକ୍



ଚଳିତବର୍ଷ ପ୍ରଥମଥର ପାଇଁ ଜନତା ମଇଦାନରେ ଆୟୋଜିତ ହେବ ନୂଆବର୍ଷ ପାର୍ଟି 'ଧୁମ୍ ୨୦୨୦'। ୩୧ ତାରିଖ ସନ୍ଧ୍ୟା ୭ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଏହା ମଧ୍ୟରାତ୍ର୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏହି ପାର୍ଟିରେ ଲୋକେ ନୂଆବର୍ଷ ପାଇଁ କାଉଣ୍ଟଡାଉନ୍ କରିପାରିବେ। ଡିଜେ ଓ ଡ୍ୟାନ୍ସ ଫ୍ଲୋର୍ ସହ ସୁସ୍ୱାଦୁ ଖାଦ୍ୟ, ବଫେଟ୍ ଡିନର, ପାନୀୟ, ଆତସବାଜିର ଆୟୋଜନ ମଧ କରାଯିବ। ଖୋଲା ଆକାଶ ତଳେ ହେବାକୁ ଥିବା ଏହି ପାର୍ଟିର ଅନ୍ୟତମ ଆକର୍ଷଣ ପଞ୍ଜାବୀ ଭାଙ୍ଗଡା ଓ ଭୋଜପୁରୀ ଡ୍ୟାନ୍ସ। ମ୍ୟୁଜିକ୍ ସହ ଫୁଡ୍ ଓ ଫନ୍‌କୁ ଭଲପାଉଥିବା ଲୋକେ ଏଠାରେ ନୂଆବର୍ଷକୁ ସ୍ୱାଗତ କରିପାରିବେ। ଏହାବ୍ୟତୀତ ବରମୁଣ୍ଡା ପଡ଼ିଆରେ 'ଦି ପିଙ୍କ୍ ୨୦୨୦' ନାମରେ ଆଉଏକ ପାର୍ଟି ଆୟୋଜିତ ହେବ। ବଫେଟ୍ ଡିନର ସହ ଡିଜେ ନାଇଟ୍ ଏଠାକାର ଆକର୍ଷଣ ରହିବ।

## ମାର୍ସ ଲ୍ୟାଣ୍ଡିଂ ଓ ସ୍ପେସ୍ ଥିମ୍ ପାର୍ଟି

ଭୁବନେଶ୍ୱରର ପ୍ରମୁଖ ହୋଟେଲ ମଧ୍ୟରୁ ଅନ୍ୟତମ ମେ'ଫେୟାରରେ ଆୟୋଜିତ ହେବ ୨ଟି ନୂଆବର୍ଷ ପାର୍ଟି। ମେ'ଫେୟାରର 'ଦି ସେଲାର' ସହ ରେସ୍ତୋରାଁ 'ଟି ପଟ୍'ରେ ଧୁମ୍‌ଧାମରେ ଜିରୋ ନାଇଟ୍ ସେଲିବ୍ରେସନ କରାଯିବ। ଏହାସହ ଲେମନ ଗ୍ରାସ ଓ ନକଲି ଢାବାରେ ମଧ ଲୋକେ ସୁସ୍ୱାଦୁ ଖାଦ୍ୟ ପାଇବେ। ମନପସନ୍ଦର ମ୍ୟୁଜିକରୁ ନୂଆବର୍ଷର ମଜା ନେଇପାରିବେ। ସବୁବର୍ଗର ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଠାରେ ଭିନ୍ନ ଭିନ୍ନ ଥିମ୍‌ରେ କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ସମସ୍ତଙ୍କୁ ଝୁମାଇବ ସ୍ଲୋ ମ୍ୟୁଜିକ୍ ତ କେଉଁଠି ସେଲିବ୍ରିଟି ଡିଜେ ଓ ଲାଇଭ୍ ବ୍ୟାଣ୍ଡ୍। 'ଦି ସେଲାର'ରେ ଏଥର ଏକ ଭିନ୍ନସ୍ୱାଦର ମାର୍ସ ଲ୍ୟାଣ୍ଡିଂ ଓ ସ୍ପେସ୍ ଥିମ୍ ପାର୍ଟି ଆୟୋଜନ କରାଯାଉଛି। ଏଥିପାଇଁ ପ୍ରବେଶ ଶୁଳ୍କ ୧୫୦୦ଟଙ୍କାରୁ ଆରମ୍ଭ ହୋଇ ୮୫୦୦ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ଖାଦ୍ୟ ଓ ପାନୀୟର ବି ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଏହାସହ ସର୍‌ପ୍ରାଇଜ୍ ଗିଫ୍ଟ, ଆକର୍ଷଣୀୟ ବଫେଟ୍, ଡ୍ୟାନ୍ସ ଓ ସେଲିବ୍ରିଟି କଣ୍ଠଶିଳ୍ପୀ ମଧ ଏଥର ମେ'ଫେୟାରର ମୁଖ୍ୟ ଆକର୍ଷଣ ସାଜିବେ।

## ପିଲାଙ୍କ ପାର୍ଟି

କେବଳ ଯୁବପିଢି କି ବୟସ୍କ ନୁହନ୍ତି, ଛୋଟ ଛୋଟ ପିଲାମାନେ ବି ନେଇପାରିବେ ନୂଆବର୍ଷ ପାର୍ଟିର ମଜା। ଏଥିପାଇଁ ସ୍ୱତନ୍ତ୍ର କିଡ୍‌ସ ଫ୍ରେଣ୍ଡ୍‌ଲି ପାର୍ଟି ଆୟୋଜନ କରିବାକୁ ଯାଉଛି ନନ୍ଦନକାନନ ରୋଡ୍‌ରେ ଥିବା ହୋଟେଲ ଲାଲ୍‌କିଲା। ଏଠାରେ ଥିବା ସ୍ୱତନ୍ତ୍ର କିଡ୍‌ସ ଜୋନ୍‌ରେ ପିଲାମାନଙ୍କୁ ଛାଡି ଅଚିନ୍ତାରେ ଆପଣ ନୂଆବର୍ଷ ସେଲିବ୍ରେଶନ କରିପାରିବେ। ପିଲାମାନଙ୍କ ପାଇଁ ରଖାଯିବ ସ୍ୱତନ୍ତ୍ର ଗେମ୍ ଆକ୍ଟିଭିଟି ସହ ଅନ୍‌ଲିମିଟେଡ୍ ଫୁଡ୍, ମକ୍‌ଟେଲ୍ ଓ ମ୍ୟୁଜିକ୍। ୧୨ବର୍ଷରୁ ବଡ଼ ପିଲାଙ୍କ ପାଇଁ ଏଣ୍ଟ୍ରି ଫି' ୭୫୦ ଟଙ୍କା ଥିବାବେଳେ ୧୨ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ୫୫୦ ଟଙ୍କା ରଖାଯାଇଛି। ୩୧ ତାରିଖ ରାତି ୮ଟାରୁ ସେଲିବ୍ରେଶନ ଆରମ୍ଭହୋଇ ରାତି ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ।

– ସସ୍ମିତା ପାଇକରାୟ

# କ୍ରଞ୍ଚି ଭେଜ୍

ଖାଦ୍ୟ ରୁଚି

ଖାଦ୍ୟାବଳୀରେ ଏବେ ଷ୍ଟାର୍ଟର ଭାରି ପସନ୍ଦଯୋଗ୍ୟ ହେଉଛି। ମେନ୍‌କୋର୍ସକୁ ଯିବା ଆଗରୁ ଏଭଳି କିଛି ଷ୍ଟାର୍ଟର ଯାହା ପେଟ ଭରି ଦେଉଛି। କ୍ରିସ୍ପି ସ୍ୱାଦକୁ ପନିର ଓ ଆଳୁର ମିଠା ଅଂଶ କ୍ରଞ୍ଚି ଭେଜ୍ ଭାରି ପସନ୍ଦଯୋଗ୍ୟ ହୋଇପାରିଛି। ଏହାକୁ ସହଜରେ ଘରେ ବି ପ୍ରସ୍ତୁତ କରିହେବ। ଓଡ଼ିଆଣୀ ରେସ୍ତୋରାଁର ଶେଫ୍ ଜ୍ୟୋତିରଞ୍ଜନ ଏହାର ପ୍ରସ୍ତୁତି ସମ୍ପର୍କରେ ଯାହା କୁହନ୍ତି...



### ଆବଶ୍ୟକ ସାମଗ୍ରୀ

ରିଫାଇନ୍ ତେଲ ୨୫୦ ମି.ଲି, ଗୋଟା ଜିରା, କଞ୍ଚା ଲଙ୍କା ଚପ୍ ସାଇଜ୍, ପିଆଜ(ଚପ୍ ସାଇଜ୍), ଆମେରିକାନ କର୍ନ୍, ଗ୍ରୀନ ମଟର, ଗାଜର,ଲୁଣ, ଲଙ୍କା ଗୁଣ୍ଡ, ଧନିଆ ପତ୍ର, ହ୍ୱାଇଟ ପିପର୍, ଭଜା ଜିରା ଗୁଣ୍ଡ, ରସୁଣ (ଚପ୍ ସାଇଜ୍), ସିଝା ଆଳୁ ୪ଟା, କର୍ନଫ୍ଲେକ୍ସ ଗୁଣ୍ଡ, ମଇଦା, ପନିର ୩୦ ଗ୍ରାମ୍, ବ୍ରେଡ୍ କମ୍ବ୍।



ଶେଫ୍: ଜ୍ୟୋତିରଞ୍ଜନ ସ୍ୱାଇଁ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ କଡ଼େଇରେ ତେଲ ଗରମ କରନ୍ତୁ। ହାଲକା ଗରମ ହେଲା ପରେ ଏଥିରେ ପିଆଜ, କଞ୍ଚାଲଙ୍କା, ଗୋଟା ଜିରା, ରସୁଣ ପକେଇ ଭାଜିବାକୁ ପଡେ। ଏହାପରେ ଆମେରିକାନ କର୍ନ୍, ଗ୍ରୀନ ମଟର ଓ ଗାଜର ମିଶେଇ ଭଜାଯାଏ। ଭାଜିବା ପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ପରେ ଲଙ୍କା ଗୁଣ୍ଡ, ଧନିଆ ପତ୍ର, ହ୍ୱାଇଟ ପିପର୍, ଭଜା ଜିରା ଗୁଣ୍ଡ ପକେଇ ଭଲ କି ଗୋଳେଇ ଦିଅନ୍ତୁ। କିଛି ସମୟ ଭାଜି ଏଥିରେ ସିଝା ଆଳୁକୁ ଚକଟି ପକେଇବା ପରେ ସଙ୍ଗେ ସଙ୍ଗେ ପନିରକୁ ମଧ ଚକଟି ପକେଇ ଦିଅନ୍ତୁ। ପନିର ଓ ଆଳୁ ଭଲଭାବେ ମିଶିବା ଯାଏ ଏହାକୁ ଗୋଳାନ୍ତୁ। ଏବେ ଏହାକୁ କାଢ଼ି ଅଲଗା ଏକ ପାତ୍ରରେ ଥଣ୍ଡା କରନ୍ତୁ। ଥଣ୍ଡା ହେବା ପରେ ଏହାକୁ ଆଙ୍ଗୁଠି ଭଳି କାଟନ୍ତୁ। ଅନ୍ୟ ଏକ ପାତ୍ରରେ କିଛି ମଇଦା ଓ ପାଣି ମିଶେଇ ଏକ ବହଳିଆ ମିଶ୍ରଣ ତିଆରି କରନ୍ତୁ। ଆଙ୍ଗୁଠି ଭଳି କଟାଯାଇଥିବା ଚକଟାକୁ ମଇଦାରେ ବୁଡେଇ ବ୍ରେଡ୍ କମ୍ବ ଓ କର୍ନ୍‌ଫ୍ଲେକ୍ସ ଗୁଣ୍ଡରେ ମିଶେଇ ତେଲରେ ଛାଣନ୍ତୁ। ଗୋଲ୍‌ଡେନ୍ ରଙ୍ଗ ହୋଇଗଲେ ଏହାକୁ କାଢ଼ି ପରଷି ଦିଅନ୍ତୁ।

ରିପୋର୍ଟ: ଶୋଭେନ୍

## ନିଜ କଥା

ଡିସିପିଓ ଶୁଚିସ୍ମିତା ପଟ୍ଟନାୟକ

୨୦୧୩ରୁ ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଭାବେ କାର୍ଯ୍ୟରତ ଶୁଚିସ୍ମିତା ପଟ୍ଟନାୟକ ଅନାଥ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଲାଗି ଉଦ୍ୟମ ଜାରି ରଖିଛନ୍ତି। ସୁନ୍ଦରଗଡ, ଭବାନୀପାଟଣାରେ ନିଜର ସ୍କୁଲ ଜୀବନ କାଟିଥିବା ଶୁଚିସ୍ମିତାଙ୍କ କଲେଜ ଜୀବନ ନୟାଗଡରୁ ଆରମ୍ଭ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିଲା । ପିଲାଟି ଦିନରୁ ପୋଲିସ ହେବାକୁ ଲକ୍ଷ୍ୟ ରଖିଥିଲେ ସେ। ସମୟର ପରିବର୍ତ୍ତନ ସହ ତାଙ୍କ ଲକ୍ଷ୍ୟରେ ମଧ ପରିବର୍ତ୍ତନ ଆସିଛି। ସେ ଏବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟକରି ଖୁସି ଅନୁଭବ କରୁଛନ୍ତି। ଏଥର ନିଜକଥା ସ୍ତମ୍ଭରେ ଶୁଚିସ୍ମିତାଙ୍କ କଥା...।



# ଶିଶୁ ନିର୍ଯାତନା ବିରୋଧରେ କାମ କରିବି

- **ପ୍ରଥମ ଦରମା କିପରି ଖର୍ଚ୍ଚ କଲେ ?**
- ପ୍ରଥମ ଦରମା ପାଇବା ପରେ ଖୁସିରେ ମୋ ପାଦ ତଳେ ଲାଗି ନ ଥିଲା। ଅଫିସ ଛୁଟି ପରେ ଘରକୁ ଯାଇ ସିଧା ବାପାଙ୍କ ହାତରେ ଦରମାତକ ଧରାଇ ଦେଇ ପ୍ରଣାମ କଲି। ସନ୍ଧ୍ୟାରେ ବାପାଙ୍କ ସହ ଆମେ ଚାରି ଭାଇ ଭଉଣୀ ମିଶି ବଜାରକୁ ଗଲୁ। ସେହି ଟଙ୍କାରେ ସମସ୍ତଙ୍କ ପାଇଁ ନୂଆ ଡ୍ରେସ କିଣା ଯାଇଥିଲା।
- **ଅବସର ସମୟ କିପରି କାଟନ୍ତି ?**
- ଅବସର ସମୟ ତ ଖୁବ୍ କମ୍ ମିଳିଥାଏ। ରବିବାରରେ କାମ କରିବାକୁ ପଡେ। ଯେଉଁ ରବିବାରରେ କୌଣସି କାର୍ଯ୍ୟକ୍ରମ ନ ଥାଏ ପରିବାର ସଦସ୍ୟଙ୍କ ସହ ସମୟ କାଟେ। ଅଧିକ ସମୟ ମିଳିଲେ ସମ୍ବଲପୁରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରେ।
- **କେଉଁ ରଙ୍ଗ ପ୍ରତି ଦୁର୍ବଳତା ରହିଛି।**
- ପିଙ୍କ୍ ରଙ୍ଗ ପ୍ରତି ମୋର ଦୁର୍ବଳତା ରହିଛି। ସେହି ରଙ୍ଗର ପୋଷାକ ପିନ୍ଧିବାକୁ ଭଲ ପାଇଥାଏ। ଏବେ ବି ସମ୍ବଲପୁରୀ ଡ୍ରେସରେ ପିଙ୍କ୍ ଖୋଜୁଛି।
- **ଚଳଚ୍ଚିତ୍ର ଦେଖିବାକୁ ଭଲ ପାଆନ୍ତି ?**
- ଓଡ଼ିଆ ଓ ହିନ୍ଦୀ ସିନେମା ସମୟ ପାଇଲେ ଦେଖେ। ପ୍ରତିଦିନ ସକାଳୁ ଭିକାରୀ ବଳଙ୍କ ଭଜନ ଶୁଣେ। ସନ୍ଧ୍ୟାରେ ଲତା ମଙ୍ଗେସକରଙ୍କ ଗୀତ ଶୁଣିବାକୁ ଭଲପାଏ।
- **ଈଶ୍ୱର ବିଶ୍ୱାସୀ କି ?**
- ଭଗବାନଙ୍କ ଉପରେ ଅଗାଧ ବିଶ୍ୱାସ ରହିଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସମଲେଇଙ୍କୁ ପୂଜାର୍ଚ୍ଚନା କରିଥାଏ।
- **ସ୍ୱାମୀଙ୍କ କେଉଁ ଗୁଣ ଭଲ ଲାଗେ ?**
- ପ୍ରତି କାମକୁ ସେ ଗୁରୁତ୍ୱ ଦେଇଥାନ୍ତି। କାମ ପ୍ରତି ଅବହେଳା କରନ୍ତି ନାହିଁ। ସ୍ୱାମୀ ସ୍ୱପ୍ନଜତ୍ ପଟ୍ଟନାୟକଙ୍କ ଏହି ଗୁଣ ମୋତେ ପ୍ରେରଣା ଦେଇଥାଏ ।
- **ଆଗକୁ କ'ଣ ଲକ୍ଷ୍ୟ ରଖିଛନ୍ତି ?**
- ପୂର୍ବ ବର୍ଷ ଅପେକ୍ଷା ଧୀରେ ଧୀରେ ଶିଶୁ ନିର୍ଯାତନା କମୁଛି। ଏହା ଯେପରି ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯିବ ସେଥିପାଇଁ କାମ କରିବାକୁ ସ୍ଥିର କରିଛି।
- **କିଛି ଅଭୁଲା ସ୍ମୃତି ?**
- ମା'ବାପାଙ୍କୁ ହରାଇବା ପରେ ମନରେ ଅନେକ ଦୁଃଖ ଓ କୋହ ଥିଲା। ୨୦୧୩ରେ ଡିସିପିଓ ଭାବେ ଯୋଗଦେଲି। ପ୍ରଥମେ ସମ୍ବଲପୁର ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ବାଳ ନିକେତନ ବୁଲିବାକୁ ଯାଇଥିଲି। ସେଠାରେ ସେହି ପିଲାମାନଙ୍କ ମୁହଁରେ ମୋର ମାଆଙ୍କ ଚେହେରା ଅନୁଭବ କରିଥିଲି। ମା' ବାପାଙ୍କ ସ୍ନେହ ନ ପାଇ କେମିତି ସେମାନେ ଚଳୁଛନ୍ତି ସେ କଥା ମୋର ମନକୁ ବାରମ୍ବାର ଆନ୍ଦୋଳିତ କରିଥିଲା। ସେଦିନଟି ମୋ ପାଇଁ ଅଭୁଲା ସ୍ମୃତି ହୋଇ ରହିଛି।

ରିପୋର୍ଟ: ବି. ଶଙ୍କର

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ବିଶ୍ୱଭୂଷଣ



ସୁଜାତା



ଇସ୍ରାଏଲ୍



ଜଗବନ୍ଧୁ



ନିମାଇଁଚରଣ



ମାମାଲି



ଶୁଭ୍ରଜ୍ୟୋତି



ମିନେଶ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ନିନ୍ଦିତ କର୍ମ ଯେ କରନ୍ତି, ଜୀବନ ଥାଇ ସେ ମରନ୍ତି।
- ଜଗନ୍ନାଥ ଦାସ



## ସଂକ୍ଷେପରେ

### ମହର୍ଷି କଲେଜ ନିକଟରେ ନିଶାସକ୍ତ ଯୁବକଙ୍କ ଆତଙ୍କ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ମହର୍ଷି କଲେଜ ନିକଟରେ ବୁଧବାର ସନ୍ଧ୍ୟାରେ ୧୫ରୁ ୨୦ ନିଶାସକ୍ତ ଯୁବକ ଆତଙ୍କ ଖେଳାଇଥିଲେ। ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରି ତାଙ୍କ ବାଇକ ଓ କାର ଭଙ୍ଗାରୁଜା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ଭିଡକୁ ନିୟନ୍ତ୍ରଣ କରିଥିଲା। ଏଥିସହ ଆକ୍ରମଣର ଶିକାର ଶହୀଦନଗର ଅଞ୍ଚଳର ପୁଲକ ମହାନ୍ତିଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସନ୍ଧ୍ୟା ସମୟରେ ଭବାନୀ ମଲ ଓ ମହର୍ଷି କଲେଜ ରାସ୍ତାରେ ବଡ଼ଦିନ ପାଇଁ ବହୁତ ଭିଡ ହୋଇଥିଲା। ହଠାତ କଲେଜ ନିକଟରେ ଲୋକମାନେ ଦଉଡିବା ଆରମ୍ଭ କରିଥିଲେ। ୧୫ରୁ ୨୦ ନିଶାସକ୍ତ ଯୁବକ ବାଇକରେ ଆସି ଚର୍ଚ୍ଚରୁ ଫେରୁଥିବା କିଛି ଯୁବକଙ୍କୁ ମାଡ ମାରିବା ସହ ସେମାନଙ୍କ ବାଇକକୁ ଭଙ୍ଗାରୁଜା କରି ଫେରାର ହୋଇଯାଇଥିଲେ। ଆକ୍ରମଣର ଶିକାର ପୁଲକ, ଦିପୁ ଏବଂ ସହିଦନଗର ଅଞ୍ଚଳର ଶତାଧିକ ଯୁବକ ଏକାଠି ହୋଇ ଥାନାରେ ଅଭିଯୋଗ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

### ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୁଣା ଭୁବନେଶ୍ୱର,୨୫।୧୨(ଡିଏନ୍ଏ):** ନନ୍ଦକିଶୋରନଗରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଜନ୍ମଦିନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା।

### ବିଜେବି କଲେଜ ୯୫ ବ୍ୟାଚ୍ ବନ୍ଧୁମିଳନ

**ପୁରୁଣା ଭୁବନେଶ୍ୱର,୨୫।୧୨(ଡିଏନ୍ଏ):** ବିଜେବି କଲେଜର ୧୯୯୫ ବ୍ୟାଚ୍‌ର ବନ୍ଧୁ ମିଳନ ବୁଧବାର ସ୍ଥାନୀୟ ଲିଙ୍ଗିପୁର-ସାଇ ମନ୍ଦିର ରାସ୍ତା ନିକଟ ଏକ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୯୫ ବ୍ୟାଚର ପ୍ରାୟ ୮୦ଜଣ ଯୋଗଦେଇ କଲେଜ ଜୀବନର ବହୁ ପୁରୁଣା ସ୍ମୃତିକୁ ମନେପକାଇବା ଶିକ୍ଷକମାନଙ୍କର ସ୍ମୃତିଚାରଣ କରିଥିଲେ।

### ସାଣ୍ଟା ବେଶରେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୨୫।୧୨:** ପଟିଆସ୍ଥିତ ସ୍ନିଗ୍ଧା ଏକାଡେମୀରେ କ୍ରିସମାସ ପାଳନ ହୋଇଯାଇଛି। କ୍ରିସମାସ ଉପଲକ୍ଷେ ଏକାଡେମୀର କୁନି ଛାତ୍ରୀଛାତ୍ରମାନେ ସାଣ୍ଟା ବେଶରେ ସଜେଇ ହୋଇଥିବାର ଦେଖାଯାଇଥିଲା। ଏ ନେଇ ପିଲାଙ୍କ ମଧରେ ମ୍ୟୁଜିକ ଚେୟାର, ସାଣ୍ଟାକ୍ଲଜ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ଲାଞ୍ଚ ନ ଦେବାରୁ ଟ୍ରକ୍ ଡ୍ରାଇଭରଙ୍କୁ ପିଟିଲେ

### ଟ୍ରାଫିକ୍ କନଷ୍ଟେବଲଙ୍କ ଦାଦାଗିରି

- ଚାଲାଣ ନ କାଟି ଛଡାଇ ନେଲେ ୫୦୦ ଟଙ୍କା, ମୋବାଇଲ
- ଭୁଲ୍ ମାଗିବା ପରେ ହଟିଲା ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ, ୨୫।୧୨**

ଖୋର୍ଦ୍ଧା ଆଦର୍ଶ ଥାନାର ବ୍ୟାଙ୍କ ଛକରେ ଜଣେ ଟ୍ରାଫିକ କନଷ୍ଟେବଲଙ୍କ ଦାଦାଗିରିକୁ ନେଇ ବୁଧବାର ସହରରେ ଉତ୍ତେଜନା ଦେଖାଦେଇଥିଲା। ଟ୍ରାଫିକ କନଷ୍ଟେବଲଙ୍କୁ ଆଦର୍ଶ ଥାନାର ଜଣେ ଏଏସ୍ଆଇଙ୍କର ସହଯୋଗ ଉତ୍ତେଜନାକୁ ବଢ଼ାଇଥିଲା। ନୋ ଏଣ୍ଟ୍ରି ଜୋନ ରାସ୍ତାରେ ଯାଉଥିବା ଦର୍ଶାଇ ବ୍ୟାଙ୍କ ଛକରେ ଟ୍ରକକୁ ଅଟକାଇ ଟ୍ରାଫିକ କନଷ୍ଟେବଲ ଗାଳିଗୁଲଜ କଲେ। ୫୦୦ ଟଙ୍କା ଛଡାଇ ନେଲେ। ପରେ ଅଧିକ ଟଙ୍କା ଲାଞ୍ଚ ଦାବି କରି ଡ୍ରାଇଭରକୁ ମାରପିଟ୍ କରିଥିଲେ। ଚାଲାଣ ନ କାଟି ଡ୍ରାଇଭରଙ୍କ ଫୋନ ଓ ଟ୍ରକର କାଗଜପତ୍ର ଛଡାଇ ନେଇ ଥାନାକୁ ଚାଲ ବୋଲି ଜବରଦସ୍ତ କରିଥିଲେ। ଲାଞ୍ଚ ନ ଦେଲେ କୌଣସି କାମ ହେବନି। ଟ୍ରାଫିକ ପୋଲିସ ଓ ଏଏସ୍ଆଇଙ୍କର ଉନ୍ମତ୍ତକାଣ୍ଡକୁ ଦେଖି ଉତ୍ତେଜନା ବଢ଼ିଲା। ଟ୍ରାଫିକ ଇନ୍ସପେକ୍ଟର ଓ ଏଏସ୍ଆଇଙ୍କୁ ନିଲମ୍ବନ ଦାବି କରି ସ୍ଥାନୀୟ ଲୋକ ଟ୍ରକ ସମ୍ମୁଖରେ ରାସ୍ତାରୋକୋ କରିଦେଲେ। ଉତ୍ତେଜନା ବଢ଼ିବା ଦେଖି ଆଦର୍ଶ ଥାନା ୨ୟ ଆଇଆଇସି ଆର୍ତ୍ତତ୍ରାଣ ନନ୍ଦ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ନ ହେବାରୁ ଭୁଲ ମାଗି ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଏପରିକି ଟ୍ରକ ଡ୍ରାଇଭରଙ୍କ ଟଙ୍କା, ଗାଡି କାଗଜ ଓ ଫୋନ ଫେରାଇଥିଲେ। ପ୍ରାୟ ୧ ଘଣ୍ଟା ପରେ ସାଢ଼େ ୧୨ଟାରେ ଆନ୍ଦୋଳନ ହଟିଥିଲା। ଗଣ୍ଡଗୋଳ ଶେଷ ପରେ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଆସି ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ।

### ଉତ୍ତେଜନା ସୃଷ୍ଟି କରି ଖସିଗଲେ ୨ ପୋଲିସ

ଟ୍ରକ ଡ୍ରାଇଭରକୁ ଲାଞ୍ଚ ମାଗି ବିଶୃଙ୍ଖଳା ସୃଷ୍ଟି କରିଥିବା ଦୁଇ ପୋଲିସ ଠିକଣା ସମୟରେ ଖସି ପଳାଇଥିଲେ। ସ୍ଥାନୀୟ ଲୋକ ଆନ୍ଦୋଳନକୁ ଓହ୍ଲାଇ ଟ୍ରାଫିକ କନଷ୍ଟେବଳ ଓ ଏଏସ୍ଆଇଙ୍କୁ ଖୋଜୁଥିବାବେଳେ ଉଭୟଙ୍କୁ ଆଉ ପାଇ ନ ଥିଲେ। କିଛିସମୟ ପରେ ବିବାଦୀୟ ଟ୍ରାଫିକ କନଷ୍ଟେବଲଙ୍କୁ ଆଦର୍ଶ ଥାନା ପାଖ ଟ୍ରାଫିକ ପୋଷ୍ଟରେ ଦେଖିବାକୁ ମିଳିଥିଲେ। ସେ ଡ୍ୟୁଟି ନ କରି ଜଣେ ଦୋକାନୀଙ୍କ ସହ ଗପୁଥିବା ଦେଖିବାକୁ ମିଳିଥିଲା। ତେବେ ଟ୍ରାଫିକ କନଷ୍ଟେବଲ ଡ୍ୟୁଟି ନ କରିବା ଓ ଉତ୍ତେଜନା ସମୟର କିଛିଟା ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ଗାଡ଼ି ଆଗରେ ଲୋକଙ୍କ ଭିଡ଼।

### ପୋଲିସ ଉପରୁ ଆସ୍ଥା ତୁଟୁଛି

ନୋ ଏଣ୍ଟ୍ରି ଜୋନରେ ପ୍ରତିଦିନ ଶତାଧିକ ଗାଡି ବେଆଇନ ଭାବେ ଚଳାଚଳ କରୁଛି। ସେମାନଙ୍କ ଉପରେ ଟ୍ରାଫିକ ପୋଲିସ ଲଗାମ ଲଗାଇ ପାରୁନି। କାରଣ ସେମାନେ ମାସିକିଆ କୋଟା ଓ ପ୍ରତ୍ୟହ ଖର୍ଚ୍ଚ ପାଇଁ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଟ୍ରକ ଡ୍ରାଇଭରଙ୍କୁ ମାଡମରା ଘଟଣା ପୋଲିସର ଗୁମରକୁ ପଦାରେ ପକାଇଛି। ଯଦି ଟ୍ରକ ଡ୍ରାଇଭର ଭୁଲବଶତଃ ନୋ ଏଣ୍ଟ୍ରି ଜୋନରେ ପ୍ରବେଶ କଲେ ସେ ଜରିମାନା ଦେବାକୁ ରାଜି ଥିଲେ। ଆଗକୁ ଆଉ ଭୁଲ କରିବେନି ବୋଲି କହିଥିଲେ। ପରେ ଟ୍ରକ ଡ୍ରାଇଭରଙ୍କ ଉପରେ ପୋଲିସ ଯେଉଁ ଜୁଲମ କଲା ତା'ର ତଦନ୍ତ କରାଯାଉ। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନ ହେଲେ ଆଗକୁ ଦୁର୍ନୀତି ବଢ଼ିବ। ଲୋକଙ୍କ ଆସ୍ଥା ଆଉ ପୋଲିସ ଉପରେ ରହିବନି ବୋଲି ଆନ୍ଦୋଳନ ସ୍ଥଳରେ ଲୋକେ କହିଥିଲେ। ଏ ନେଇ ରାଜସ୍ଥାନର ଟ୍ରକ (ନଂ.ଏଚଆର ୫୫ ଏଏଚ ୧୨୫୧)ର ଡ୍ରାଇଭର ତୈମୁର ଖାନ୍ କୁହନ୍ତି, କଟକରୁ ରାୟପୁର ଯାଉଥିଲି। ରାସ୍ତା ଭୁଲି ଯାଇ ନୋ ଏଣ୍ଟ୍ରି ଜୋନରେ ପ୍ରବେଶ କରିଥିଲି। ପୋଲିସର ପ୍ରତିବାଦ ପରେ ତ୍ରୁଟି ସଂଶୋଧନ କରି ଚାଲାଣ ମାଗିଥିଲି। ହେଲେ ପୋଲିସ ଚାଲାଣ ନ ଦେଇ ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେବାରୁ ପୋଲିସ ମାରପିଟ୍ କରି ଟଙ୍କା, ମୋବାଇଲ, ଟ୍ରକ କାଗଜପତ୍ର ଛଡାଇ ନେଇ ଥାନାକୁ ଯିବାକୁ କହିଥିଲେ।

### ଗୋପାଳକୃଷ୍ଣ ପଣ୍ଡା ପାଇବେ କବିଚନ୍ଦ୍ର ସ୍ମୃତି ସମ୍ମାନ

**କଟକ ଅଫିସ, ୨୫।୧୨**

ସଙ୍ଗୀତ ଗୁରୁ ପଣ୍ଡିତ ଗୋପାଳକୃଷ୍ଣ ପଣ୍ଡା ଚଳିତବର୍ଷ ପାଇଁ କବିଚନ୍ଦ୍ର ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ପଣ୍ଡିତ ଗୋପାଳକୃଷ୍ଣ ଗୁରୁ ଶ୍ୟାମସୁନ୍ଦର କରଙ୍କଠାରୁ ଓଡ଼ିଶୀ ଶିକ୍ଷା ଲାଭ କରିଥିଲେ। ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସଙ୍ଗୀତ ବିଭାଗର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୨୬ ତାରିଖ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ।

### ପି.କେ. ଦାଶ ପାଇବେ 'ଦିବ୍ୟାଲୋକ ସନ୍ଧାନେ' ସମ୍ମାନ

**କଟକ ଅଫିସ, ୨୫।୧୨**

ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ କୁମାର ଦାଶଙ୍କୁ ରାଜ୍ୟସ୍ତରୀୟ 'ଦିବ୍ୟାଲୋକ ସନ୍ଧାନେ ସମ୍ମାନ–୨୦୨୦' ପ୍ରଦାନ କରାଯିବ। ଆସନ୍ତା ୫ରେ ଅନୁଷ୍ଠାନର ୧୯ତମ ସ୍ୱନକ୍ଷତ୍ରରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଡ. ଶରତ କୁମାର ରଥ ସୂଚନା ଦେଇଛନ୍ତି।





ଶହୀଦ ଭବନରେ ରାଜ୍ୟକଳା ଗବେଷଣା ଓ ପରୀକ୍ଷଣ ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### କାର୍ ଚାଳକଙ୍କୁ ମାଡ଼ମାରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ଖାରବେଳ ନଗର ଥାନା ଅଞ୍ଚଳରେ ନିଶାସକ୍ତ ଅବସ୍ଥାରେ କାର୍ ଅଟାକାଇ ମାରପିଟ୍ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭୌମନଗର ଅଞ୍ଚଳର ଦୁର୍ଗା ପ୍ରସାଦ ମହାନ୍ତି। ଏ ନେଇ ପୋଲିସ ନଂ.୩୫୪/୧୯ରେ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି। ମଙ୍ଗଳବାର ରାତି ସାଢେ ୧୦ଟାରେ ଅଭିଯୁକ୍ତ ଦୁର୍ଗା ନିଶାସକ୍ତ ଅବସ୍ଥାରେ ୟୁନିଟ-୪ ଟ୍ରାଫିକ ଛକ ନିକଟରେ ସୁବାସ ବେହେରା କାର୍ ଯୋଗେ ଘରକୁ ଫେରିବାବେଳେ ତାଙ୍କୁ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଅଭିଯୁକ୍ତ ଦୁର୍ଗା ଉତ୍କ୍ଷିପ୍ତ ହୋଇ ସୁବାସଙ୍କୁ ମାଡ ମାରିଥିଲେ।ଏନେଇଥାନାରେଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ଧରିଥିଲେ।

### ଶାରୀରିକ ସମ୍ପର୍କ ନ ରଖିଲେ ଫଟୋ ଭାଇରାଲ ଧମକ

## ପ୍ରେମିକ ଗିରଫ, ମୋବାଇଲ ଜବତ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ଶାରୀରିକ ସମ୍ପର୍କ ନ ରଖିଲେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବାକୁ ଧମକ ଦେଉଥିବା ଅଭିଯୁକ୍ତ ପ୍ରେମିକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ମୋବାଇଲ ଫୋନ ଜବତ କରିଛି । ସେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଶେଖ ରଜାକ୍ ଟୁଲା। ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ଶେଖ ରଜାକ୍‌ଙ୍କ ଦୀର୍ଘ ଦିନର ବନ୍ଧୁତା ଏବଂ ପରେ ପ୍ରେମ ସମ୍ପର୍କ ରହିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିବାରୁ ଦୁହେଁ ଅଲଗା ହୋଇଥିଲେ। ଯୁବତୀ ଜଣକ ଅନ୍ୟତ୍ର ବିବାହ ସ୍ଥିର ହୋଇଯାଇଥିଲା। ଏହା ପ୍ରେମିକ ଶେଖ ରଜାକ୍ ଜାଣିବା ପରେ ଯୁବତୀଙ୍କୁ ଯୋଗାଯୋଗ କରିଥିଲେ। ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଯୁବତୀ ଜଣକ ଅରାଜି ହେବାରୁ ପୂର୍ବରୁ ଉଠାଇଥିବା ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଶେଖ୍ ରଜାକ୍ ଧମକ ଦେଇଥିଲେ। ବାରମ୍ବାର ଧମକ ମିଳିବା ପରେ ଯୁବତୀ ଜଣକ ଶେଷରେ ଗତ ୧୨ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୪୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ପୋଲିସ ଅଭିଯୁକ୍ତ ଶେଖ୍ ରଜାକ୍‌ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

## ଜାଲ୍ ବିଡିଏ ଆପ୍ରୁଭାଲ ଦେଇ ବିଲ୍‌ଡର ଗିରଫ

**ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)**

ଜାଲ୍ ବିଡିଏ ଆପ୍ରୁଭାଲ ଦେଇ ଠକେଇ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ବିଲ୍‌ଡରଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳର ସନ୍ଦିପ କିଶୋର ପଟ୍ଟନାୟକ(୫୦)। ତାଙ୍କ ବିରୋଧରେ ପୋଲିସ କେସ୍ ନଂ-୬୫୬/୧୯ ଦଫା ୪୨୦, ୪୬୬, ୪୫୮, ୪୭୧, ୪୭୪, ୪୭୫ ରୁଜୁ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, କଳିଙ୍ଗନଗରରେ ସଂଘମିତ୍ରା କରଙ୍କ ଏକ ଜାଗା ରହିଥିଲା। ଏହି ଜାଗାରେ ଘର କରିବାକୁ ବିଡିଏ ଆପ୍ରୁଭାଲ ଜରୁରୀ ଥିଲା। ଏହି ସମୟରେ ବିଲ୍‌ଡର ସନ୍ଦିପଙ୍କ ସହ ସଂଘମିତ୍ରାଙ୍କର ପରିଚୟ ହୋଇଥିଲା। ଏହା ପରେ ସନ୍ଦିପ ତାଙ୍କୁ ବିଡିଏ ଆପ୍ରୁଭାଲ କରିଦେବା ପାଇଁ କହି ଏହା ବାବଦକୁ ଲକ୍ଷାଧିକ ଟଙ୍କା ନେଇଥିଲେ। ଏହା ବଦଳରେ ସନ୍ଦିପ ଏକ ଜାଲ୍ ବିଡିଏ ଆପ୍ରୁଭାଲ କାଗଜ ଦେଇଥିଲେ। ଜାଲ୍ ଆପ୍ରୁଭାଲ ବିଷୟରେ ସଂଘମିତ୍ରା ଜାଣିପାରି ନ ଥିଲେ। ସେ ଉକ୍ତ ଜାଗାରେ ଘର କରିଥିଲେ। ତେବେ ଏ ନେଇ ବିଡିଏ ନୋଟିସ କରିବାରୁ ସମ୍ପୃକ୍ତ ଆପ୍ରୁଭାଲ ଜାଲ୍ ବୋଲି ସଂଘମିତ୍ରା ଜାଣିବାକୁ ପାଇଥିଲେ। ଏ ନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ସନ୍ଦିପଙ୍କୁ ଗିରଫ କରିଥିଲା। ସନ୍ଦିପ ଏଭଳି ଭାବେ ଅନ୍ୟ କେଉଁମାନଙ୍କୁ ଠକିଛନ୍ତି ସେନେଇ ପୋଲିସ ତଦନ୍ତ କରୁଛି।

### ବାଜପେୟୀଙ୍କ ଜୟନ୍ତୀରେ ପଦଯାତ୍ରା

**ବାଲିଅନ୍ତା,୨୫।୧୨(ଡିଏନ୍ଏ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ବାଲିଅନ୍ତା ବ୍ଲକ ଅର୍ନ୍ତଗତ ଭିଙ୍ଗାରପୁର ଗାନ୍ଧୀ ଛକରେ ପାଳିତ ହୋଇଯାଇଛି। ଏହି ଅବସରରେ ଭିଙ୍ଗାରପୁର ଭାଜପା ମଣ୍ଡଳ ପକ୍ଷରୁ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା।ଏଥିରେ ଶତାଧିକ ଦଳୀୟ କର୍ମୀ ଭାଗନେଇଥିଲେ। ଭାଜପା କର୍ମୀ ଦୁଶାସନ ସାମନ୍ତରାୟ, କବି ନଟ ନାୟକ ଏବଂ ସାମାଜିକ କର୍ମୀ କ୍ଷୀରୋଦ ପଣ୍ଡାଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସଂଜୟ ତ୍ରିପାଠୀ, ସିଦ୍ଧେଶ୍ୱର ନାଥ, ମାଗୁଣୀ ସେଠୀ, ସୌମ୍ୟ ଦାସ, ବିଜୟ ମହାରଣା, ସୁର ରାୟ, ଅନ୍ତର୍ଯ୍ୟାମୀ ପଣ୍ଡା ଏବଂ ନନ୍ଦକିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ ।

## ସମ୍ପ୍ରସାରଣ ହେବ ଜଗନ୍ନାଥ ସଡ଼କ

**ବାଲିଅନ୍ତା,୨୫।୧୨(ଡି.ଏନ୍.ଏ.)**

ଦୀର୍ଘବର୍ଷ ହେଲା ଅବହେଳିତ ଅବସ୍ଥାରେ ଥିବା ୧୬ନମ୍ବର ଜାତୀୟ ରାଜପଥଠାରୁ ବାଲିଅନ୍ତା ବଜାର ପର୍ଯ୍ୟନ୍ତ ଦେଢ଼ କିମି ରାସ୍ତାର ସମ୍ପ୍ରସାରଣ ହେବ। ପ୍ରାୟ ୮ଶହ ବର୍ଷ ପୁରୁଣା କୁହାଯାଉଥିବା ବଜାରର ଜଗନ୍ନାଥ ସଡ଼କର ସମ୍ପ୍ରସାରଣ ପାଇଁ ବୁଧବାର ମାପଚୁପ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ରାସ୍ତାର ଚଉଡ଼ା ପ୍ରାୟ ୨ଶହ ମିଟର ରହିଛି। କିନ୍ତୁ ରାସ୍ତାର ଆହୁରି ଶହେ ମିଟର ଜାଗାରେ ବହୁ କୋଠାବାଡ଼ି ଏବଂ ଆପାର୍ଟମେଣ୍ଟ ଜବରଦଖଲ କରି ରହିଥିବାରୁ ରାସ୍ତାଟି ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି। ଗତବର୍ଷ କୁଶଭଦ୍ରା ନଦୀରେ ମହାତ୍ମା ସେତୁ ନିର୍ମାଣ ପରଠାରୁ ରାସ୍ତାର ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଥିଲା। ରାସ୍ତା ନିର୍ମାଣ ହେଲେ ପୁରୀକୁ ବାଇପାସ୍ ହୋଇପାରିବ ବୋଲି କୁହାଯାଉଛି। ରାସ୍ତାର ଅବସ୍ଥା ଖରାପ ହେଉଥିବା ଯୋଗୁ ପୁନରୁଦ୍ଧାର ପାଇଁ ହଂସପାଳ ଏବଂ ବାଲିଅନ୍ତାର ଅଞ୍ଚଳବାସୀ ବିଧାୟକଙ୍କ ନିକଟରେ ଦାବି କରିଆସୁଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଦେଖି ରାସ୍ତା ସମ୍ପ୍ରସାରଣ ଦିଗରେ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ନକ୍ସାରେ ଥିବା ରାସ୍ତାର ଜମିକୁ ଚିହ୍ନଟ କରାଯାଉଛି। ବେଆଇନ ନିର୍ମାଣ କାର୍ଯ୍ୟକୁ ପରବର୍ତ୍ତୀ ସମୟରେ ଭଙ୍ଗାଯିବ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ରାୟ କୁହନ୍ତି, ରାସ୍ତାକୁ ଚାରି ଥାକିଆ କରାଯିବା ସହ ରାସ୍ତାରେ ମିଡିଆନ୍ ରହିବ। ଏଥିପାଇଁ ଖୁବ୍‌ଶୀଘ୍ର ବ୍ୟୟ ଅଟକଳ ପ୍ରସ୍ତୁତ ହେବା ସହ କାମ ଆରମ୍ଭ ହେବ।



ରାସ୍ତା ମାପ କରିବା ପାଇଁ ଆସିଥିବା ଅଧିକାରୀମାନେ।

## ବିଜେଡିର ସାଂଗଠନିକ ପୁନର୍ଗଠନ ଲାଗି ପ୍ରସ୍ତୁତି ବୈଠକ

**ବାଲକାଟି, ୨୫।୧୨(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ସାଂଗଠନିକ ପୁନର୍ଗଠନ ଲାଗି ପ୍ରସ୍ତୁତି ପ୍ରକ୍ରିୟା ଜୋର୍ ଧରିଛି। ଏନେଇ ବୁଧବାର ବାଲିଅନ୍ତା ବ୍ଲକ ଗଡ଼ଶ୍ରୀରାମପୁରର ଏକ ଫାର୍ମହାଉସଠାରେ ନବନିଯୁକ୍ତ ସହାୟକ ନିର୍ବାଚନ ଅଧିକାରୀ ଓ କର୍ମକର୍ତ୍ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବନେତା କମଳ କୁମାର ପାତ୍ର (ଚନ୍ଦନ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାଏ ଓ ଜିଲା ନିର୍ବାଚନ ଅଧିକାରୀ ରଶ୍ମି ରଞ୍ଜନ ବ୍ରହ୍ମା ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଓ ବ୍ଲକ, ଜିଲା ନିର୍ବାଚନକୁ ଠିକ୍ ରୂପେ ପରିଚାଳନା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଓ ନିରପେକ୍ଷତା ଅବଲମ୍ବନ ପୂର୍ବକ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ବଳବନ୍ତରାୟ ଅନୁରୋଧ କରିଥିଲେ। ଏଥିସହ ବୈଠକରେ ଦଳୀୟ ଦପ୍ତରରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବାଲିଅନ୍ତା ବ୍ଲକର ଅଧ୍ୟକ୍ଷ କୁମାର ଦାସ ଏବଂ ବାଲିପାଟଣା ବ୍ଲକ୍ ପାଇଁ ଆଲୋକ କୁମାର ରାୟ ସହନିର୍ବାଚନ ଅଧିକାରୀ ଭାବେ ଘୋଷଣା କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଇନଜୀବୀ କୈଳାସ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଉଭୟ ବ୍ଲକ୍‌ରୁ ବହୁ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଏକାମ୍ର କ୍ଷେତ୍ରରେ ଉଚ୍ଛେଦ, ସୌନ୍ଦର୍ଯ୍ୟକରଣ

## ବ୍ୟବସାୟୀଙ୍କ ଥଇଥାନକୁ ଅଣଦେଖା

**ପୁରୁଣା ଭୁବନେଶ୍ୱର, ୨୫।୧୨(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ନେଇ ପୂର୍ବପଟ ଦେବୀ ପାଦହରା ନିକଟ ଓ ଭଜନ ମଣ୍ଡପ କଡ଼ରୁ ବାକି ରହିଥିବା ଦୋକାନ ଘରଗୁଡିକ ଭଙ୍ଗା କାର୍ଯ୍ୟ ବୁଧବାର ଆରମ୍ଭ ହୋଇଛି। ୩ ଦିନ ମଧ୍ୟରେ ନିଜ ନିଜର ଆସବାବପତ୍ର ଓ ବ୍ୟବସାୟ ପ୍ରତିଷ୍ଠାନ ଏଠାରୁ ହଟାଇବାକୁ ପ୍ରଶାସନ ପକ୍ଷରୁ ଡ଼ାକବାଜିରେ ଘୋଷଣା କରାଯାଇଥିଲା। ବୁଧବାର ହଠାତ୍ ଡ୍ରୋଜର୍ ଲଗାଇ ଉଚ୍ଛେଦ କରାଯାଇଛି। ଫଳରେ ବ୍ୟବସାୟୀମାନଙ୍କ ଥଇଥାନକୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି।

ସୌନ୍ଦର୍ଯ୍ୟକରଣ ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। କାରଣ ପୂର୍ବରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିନ୍ଦୁସାଗର ଚତୁଃପାର୍ଶ୍ୱ ସମେତ ହାଟ, ପାପନାଶିନୀ ପ୍ରାଚୀର, ଐଶାନେଶ୍ୱର ପ୍ରାଚୀର ଆଦିର ନିର୍ମାଣ କାର୍ଯ୍ୟ ହୋଇଥିଲା। ବହୁ କୋଟି ବ୍ୟୟରେ ନୂତନ ମାର୍କେଟ, ଯାତ୍ରୀ ନିବାସ, ରାସ୍ତା ଆଦି ନିର୍ମାଣ କରାଯାଇଛି। ଏସବୁ ସତ୍ତ୍ୱେ ଏକାମ୍ର ଲିଙ୍ଗରାଜ କ୍ଷେତ୍ର ଯେଉଁ ସମସ୍ୟାରେ ଲୁଚି ହେଉଥିଲା ତାହା ଦୂର ହୋଇପାରିନି। ସେହିଭଳି ଉଚ୍ଛେଦ ସତ୍ତ୍ୱେ ବ୍ୟବସାୟୀଙ୍କ ରୋଜଗାର ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ଥାୟୀ ଅସ୍ଥାୟୀ ୨ ଶହରୁ ଊର୍ଦ୍ଧ୍ୱ ଦୋକାନ ଉଚ୍ଛେଦ ହୋଇ ସାରିଲାଣି। ପୁରୁଣା ମାର୍କେଟରୁ ୧୩୬ ଦୋକାନ ଗୃହ ଉଚ୍ଛେଦ ପରେ ନୂତନ ମାର୍କେଟରେ ମାତ୍ର ୫୮ ଜଣ ବ୍ୟବସାୟୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଥଇଥାନ କରାଯାଇ ନ ଥିବା ଯୋଗୁ ମେଗା ପ୍ରକଳ୍ପ ଉପରେ ପ୍ରଶ୍ନ ଉଠାଇଛନ୍ତି ବ୍ୟବସାୟୀ।

### ଦୂରଦର୍ଶିତାର ଅଭାବ

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଯୋଜନାରେ ଦୂରଦର୍ଶିତାର ଅଭାବ ଦେଖିବାକୁ ମିଳୁଛି। ଉଚ୍ଛେଦ ସୁନିଶ୍ଚିତ ଥିବା ସତ୍ତ୍ୱେ ଅଯଥାରେ ବ୍ୟାଖ୍ୟାୟନ କେନ୍ଦ୍ର ଓ ଯାତ୍ରୀ ବିଶ୍ରାମ ସ୍ଥଳକୁ ପର୍ଯ୍ୟଟନ ବିଭାଗ ଏବଂ ଓଟିଡ଼ିସି ପକ୍ଷରୁ ନିର୍ମାଣ କରାଯାଇଥିଲା। ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ନିରବ ରହିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ୟାଖ୍ୟାୟନ କେନ୍ଦ୍ର ସମ୍ମୁଖ, ପୁରୁଣା ମାର୍କେଟ ସ୍ଥଳକୁ ସମତୁଲ କରାଯାଉଛି। ତେବେ କଂକ୍ରିଟ୍ ବଦଳରେ ବାଲି ପୋତି ରୋଲର ସାହାଯ୍ୟରେ ସମତୁଲ କରିବା ସହ ଟାଇଲ୍ ପକାଯାଉଛି। ଯନ୍ତ୍ରୀ କିମ୍ବା ଉପରିସ୍ଥ ଅଧିକାରୀ ନ ରହି ବିଭାଗୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ତଦାରଖରେ ନିର୍ମାଣ କରାଯାଉଛି।

### ପାର୍କିଂକୁ ନେଇ ଅଡୁଆ

ରକ୍ତଭଣ୍ଡାର, ବିଏମ୍‌ସି ହସ୍ପିଟାଲ ଉପରେ ନିର୍ଭର କରି ଏଠାକୁ ଆସୁଥିବା ଲୋକେ ଟ୍ରାଫିକ୍ ସମସ୍ୟାରେ ଛନ୍ଦି ହେଉଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବିଭିନ୍ନ ସୈରାତ ନିଲାମ ସମୟରେ ପାର୍କିଂ ନେଇ ରଥଖଳା, ରଥମହାଖଳା, ମନ୍ଦିର ସମ୍ମୁଖ ଜାଗା ସହ ଅନ୍ୟ କିଛି ଜାଗା ଚିହ୍ନଟ ହୋଇଥିଲା। ମାତ୍ର ହଠାତ୍ ଉପରୁ ଆଦେଶ ଆସିଛି କହି ଥାନା ପରିସର, ମନ୍ଦିର ସମ୍ମୁଖ, ରଥଖଳା, ମହାଖଳା ଆଦିରେ ପାର୍କିଂ କରିବାକୁ ବାରଣ କରି ନୂତନ ମାର୍କେଟ କମ୍ପ୍ଲେକ୍ସ ପରିସର ଏବଂ ମୁଖ୍ୟ ରାସ୍ତା ଉପରେ ପାର୍କିଂ କରିବାକୁ ବାଧ କରାଯାଉଛି। ନୂତନ ମାର୍କେଟ ପରିସରରେ ଆଲୋକୀକରଣ ବ୍ୟବସ୍ଥା ନାହିଁ। ଫଳରେ ଏବେ ପାର୍କିଂକୁ ନେଇ ଅଡୁଆ ପରିସ୍ଥିତି ଉପୁଜିଛି।

# ପରଦା

ଶେଷାର୍ଦ୍ଧରେ ଉପନୀତ ୨୦୧୯ । ଚଳିତବର୍ଷ ଓଡ଼ିଆ ଏବଂ ହିନ୍ଦୀ ଚଳଚ୍ଚିତ୍ରର ବିଭିନ୍ନ ଘଟଣାବଳୀକୁ ନେଇ ଉପସ୍ଥାପନା...


ଆଲିୟା ଭଟ୍ଟ


ରଣବୀର ସିଂ

**ଏଥର ସଂଖ୍ୟା ୩୪:** ଚଳିତବର୍ଷ ଓଡ଼ିଆ ଚଳଚ୍ଚିତ୍ର ରିଲିଜ ସଂଖ୍ୟା ମଧ୍ୟ ୩୦ ଟପିଛି । ଏ ବର୍ଷ ମୋଟ ୩୪ଟି ସିନେମା ପରଦା ଉପରକୁ ଆସିଛି । ସେଗୁଡ଼ିକ ହେଲା- ଏ ଦିଲ୍ ତତେ ଦେଲି (ବିଭାସ-ରିୟାନା ଶୁକ୍ଲା), ଚାଲ୍ ଟିକେ ଦୁଷ୍ଟ ହେବା (ରିସାନ୍, ସାୟଲି, ମହିମା), ବାପା ତମେ ଭାରି ଦୁଷ୍ଟ (ଜୟଜିତ ଦାସ, ସମିତା), ଅଜବ ସଞ୍ଜୁର ଗଜବ ଲଭ୍ (ବାବୁସାନ୍, ଅର୍ଚ୍ଚିତା), ନିମ୍‌କି-ନିମପୁରରୁ ନବୀନ ନିବାସ (ବର୍ଷା ପ୍ରିୟଦର୍ଶିନୀ), ତୁ ମୋ ସୁନା ଚଢ଼େଇ (ଜ୍ୟୋତି ନାୟକ-ଏଲସା ଘୋଷ), ପ୍ରେମ ପାଇଁ ମହାଭାରତ (ସମ୍ବିତ, ରିୟା), ପ୍ରେମରେ ରଖିଛି ଶହେରୁ ଶହେ (ଜ୍ୟୋତି, ରିୟା), ବୋବାଲ ଟୋକା (ପ୍ରଦୀପ ଦତ୍ତ, ତପସ୍ୟା), ଚାମ୍ପିୟନ (ଅର୍ଚ୍ଚିତା), ବିଜୁ ବାବୁ (ଅନୁଭବ), କଟି ପତଙ୍ଗ (ଅଭିଷେକ ରଥ, ଅନନ୍ୟା ପ୍ରିୟଦର୍ଶିନୀ), କ୍ରିଷ୍ଣା (କ୍ରିଷ୍ଣା ରାଓ, ସୂର୍ଯ୍ୟମୟୀ), ଗୋଲମାଲ୍ ଲଭ୍ (ବାବୁସାନ୍, ତମନ୍ନା), ତୁ ମୋ ଲଭ୍ ଷ୍ଟୋରି-୨ (ସ୍ୱରାଜ, ଭୂମିକା ଦାଶ), ଚିରକୁଟ୍ (ଅରୋଜିତ, ଅନନ୍ୟା), ଅଭିମାନ (ସବ୍ୟସାଚୀ, ଅର୍ଚ୍ଚିତା), ସେଲଫିସ୍ ଦିଲ୍ (ଶ୍ରେୟାନ୍, ସୂର୍ଯ୍ୟମୟୀ), ବୈଶାଳୀ (ଡ. ପ୍ରୀତ୍, ସୁମନପ୍ରିୟା), ରଙ୍ଗ ବରଷିବ ଟୁପୁରୁ ଟୁପୁରୁ (ତାପସ, ସୁଶ୍ରୀ ରଥ), ପ୍ରେମ ତୋର ନଟି ନଟି (ଦେବ୍, ତମନ୍ନା), ନାୟକର ନାଁ ଦେବଦାସ (ଅସୀତ, ଅନୁ ଚୌଧୁରୀ, ଭୂମିକା ଦାଶ), ଖୁସି (ମିହିର ଦାସ, କାବ୍ୟା କିରନ୍), ତୁ କହିଦେ ଆଇ ଲଭ୍ ୟୁ (ରାକେଶ, ଦିବ୍ୟା ମହାନ୍ତି),


ମନସ୍ୱିତା-ଦେବ୍

ଛବିରାଣୀ-ଦ ଅନଟୋଲ୍ଡ ଷ୍ଟୋରି (ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ), ଜୋର୍ କା ଝଟକା (ଦୀପକ,ପିଙ୍କି ପ୍ରିୟଦର୍ଶିନୀ), ଲଭ ଟ୍ୱିଷ୍ଟ (ଦେବ୍ ମନସ୍ୱିତା), ଦେଖାଦେଲା ପ୍ରେମ ହେଲା (ଅଭିଷେକ ରଥ, ରାଗିଣୀ), ମିଷ୍ଟର ମଜନୁ (ବାବୁସାନ୍, ଶୀତଲ), ଦିଶ୍ ଇଜ୍ ମାୟାରେ ବାୟା (ସ୍ୱରାଜ, ଏଲିନା ସାମନ୍ତରାୟ), ବାଳ-ଦ ରିଦିମ ଅଫ ଲଭ୍ (ସମୀର, ଅନନ୍ୟା), ଫ୍ରମ ମି ଟୁ ୟୁ (ଅମ୍ଲାନ କୁମାର,ଜ୍ୟୋତି ନାୟକ, ଶ୍ରଦ୍ଧା), ମାଲ୍ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି (ସବ୍ୟସାଚୀ, ଏଲିନା ସାମନ୍ତରାୟ), ବିଶ୍ୱରୂପ-ବର୍ନ ଟୁ ଫାଇଟ୍ (ବିଶ୍ୱରୂପ, ଅମ୍ରିତା) ।

**ନବାଗତଙ୍କ ଭିଡ଼:** ଏ ବର୍ଷ ନବାଗତ ନାୟକଙ୍କ ସଂଖ୍ୟା ୯ ଥିବା ବେଳେ ୧୧ ଜଣ ନବାଗତା ନାୟିକା ଭାବରେ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଏ ବର୍ଷ ବିଭାସ, କ୍ରିଷ୍ଣା ରେଡ୍ଡି, ଅରୋଜିତ, ଶ୍ରେୟାନ୍, ଡ. ପ୍ରୀତ୍, ତାପସ, ରାକେଶ, ଦେବ୍ ଏବଂ ବିଶ୍ୱରୂପ


ଅରୋଜିତ-ଅନନ୍ୟା

ନାୟକ ଭାବରେ ଏ ବର୍ଷ କ୍ୟାରିୟର ଆରମ୍ଭ କରିଛନ୍ତି । ଅପରପକ୍ଷରେ ନବାଗତା ନାୟିକା ତାଲିକାରେ ଅଛନ୍ତି- ରିୟାନା, ସାୟଲ-ମହିମା-ସମିତା, ସୁପ୍ରିୟା, ଅନନ୍ୟା, ସୁମନପ୍ରିୟା, ସୁଶ୍ରୀ ରଥ, ଦିବ୍ୟା ମହାନ୍ତି, ମନସ୍ୱିତା ଏବଂ ଅମ୍ରିତା । ନବାଗତ ପ୍ରଯୋଜକମାନଙ୍କ ମଧ୍ୟରେ ଅଛନ୍ତି-ଅଖିଳେଶ ବର୍ମା, ବର୍ଷା ପ୍ରିୟଦର୍ଶିନୀ, ନିତିନ୍ ପଣ୍ଡା-ଭୂପେଶ ପଣ୍ଡା, ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ, ଏନ୍. ଗଙ୍ଗାଧର, ଦେବେନ୍ଦ୍ର ନାଥ ସାହ, କ୍ରିଷ୍ଣା ରେଡ୍ଡି, ହେମନ୍ତ କୁମାର ନାୟକ, ସୁଧୀର ଜୈନ, ସୁଶାନ୍ତ କୁମାର ବେହେରା-ବି.ଏଲ.ଏନ. ସୁବୁଦ୍ଧି, ରଶ୍ମିତା ସ୍ୱାଇଁ, ବିକ୍ରମ ମହାପାତ୍ର-ପ୍ରଭାତ କୁମାର ମହାପାତ୍ର, ବୁଦ୍ଧଦେବ ସାହୁ, ମନୋରମା ମହାପାତ୍ର, ବୀରେନ୍ ମହାପାତ୍ର, ଅଶୋକ ବେହେରା-ଶିବାନୀ ବେହେରା, ଅନନ୍ତ କୁମାର ସାମଲ, ରାକେଶ କୁମାର ମହାନ୍ତି, ନବୀନ ଭଣ୍ଡାରି ଏବଂ ବିଶ୍ୱଜିତ୍ ମିଶ୍ର । ଚଳିତବର୍ଷ ନୂଆ ନିର୍ଦ୍ଦେଶକ ଭାବରେ ମଇଦାନକୁ ଓହ୍ଲାଇଛନ୍ତି- ନିଲୁ ବକ୍ସ, ଆଶୁତୋଷ ଦାଶ, ପପୁ ପମପମ୍, ସତ୍ୟବ୍ରତ ନାୟକ, ପିନୁ ନାୟକ, ସଚ୍ଚିଦାନନ୍ଦ ସାମଲ ଏବଂ ହେମନ୍ତ ସାହୁ ।


ସବ୍ୟସାଚୀ-ଏଲିନା

## ବଲିଉଡ୍

**ଅମିତାଭଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର:** ବଲିଉଡ୍‌ର ମିଲେନିୟମ ଷ୍ଟାର ୭୬ବର୍ଷ ବୟସ୍କ ଅମିତାଭ ବଚ୍ଚନଙ୍କୁ ସମ୍ମାନଜନକ ଦାଦା ସାହେବ ପୁରସ୍କାର ପ୍ରଦାନ କରାଯାଇଛି ।

**ଜାତୀୟ ଚଳଚ୍ଚିତ୍ର ପୁରସ୍କାର :** ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଗୁଜରାଟୀ ଫିଲ୍ମ 'ହିଲାରୋ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର, ଭିକି କୌଶିକ (ଉରି) ଏବଂ ଆୟୁଷ୍ମାନ ଖୁରାନା (ଅନ୍ଧାଧୁନ୍)ଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା, ତାମିଲ ଫିଲ୍ମ 'ମହାନଟୀ' ପାଇଁ କୀର୍ତ୍ତି ସୁରେଶଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଏବଂ 'ଉରି' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଦିତ୍ୟ ଧର୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଛି ।

**ଆଇଫା ପୁରସ୍କାର :** ସମ୍ମାନଜନକ ଆଇଫା ପୁରସ୍କାର-୨୦୧୯ର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛି 'ରାଜି' । ଅନ୍ୟପକ୍ଷରେ 'ପଦ୍ମାବତ୍' ପାଇଁ ରଣବୀର ସିଂ ଶ୍ରେଷ୍ଠ ଅଭିନେତା,'ରାଜି' ପାଇଁ ଆଲିୟା ଭଟ୍ଟ ଶ୍ରେଷ୍ଠ ଅଭିନେତ୍ରୀ ଏବଂ 'ଅନ୍ଧାଧୁନ୍' ପାଇଁ ଶ୍ରୀରାମ ରାଘବନ୍ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ପୁରସ୍କୃତ ହୋଇଛନ୍ତି ।

**ଫିଲ୍ମ ଫେୟାର ପୁରସ୍କାର :** ଚଳିତ ବର୍ଷର ଫିଲ୍ମ ଫେୟାର ପୁରସ୍କାରରେ ଶ୍ରେଷ୍ଠ ଫିଲ୍ମ ଭାବରେ 'ରାଜି' ବିବେଚିତ ହୋଇଥିବା ବେଳେ 'ସଞ୍ଜୁ' ପାଇଁ ରଣବୀର କପୁର ଶ୍ରେଷ୍ଠ ଅଭିନେତା, ଆଲିୟା ଭଟ୍ଟ (ରାଜି)ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ, ମେଘନା ଗୁଲଜାର (ରାଜି)ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମିଳିଛି ।

**ପରପାରିରେ :** ଚଳିତବର୍ଷ ବଲିଉଡ୍‌ର କେତେଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ପରଲୋକ ଗମନ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ସାବନା ଆଜମୀଙ୍କ ମା' ତଥା ବିଶିଷ୍ଟ ଥିଏଟର ତଥା ଚଳଚ୍ଚିତ୍ର ଅଭିନେତ୍ରୀ ସୌକତ ଆଜମୀ, ଅଭିନେତା-ପ୍ରଯୋଜକ ରାଜୁ ମାଭାନି, 'ଖିଲାଡି, ବାଜିଗର, ମେଁ ଖିଲାଡି ତୁ ଅନାଡି ଜୋସ୍, ହଲଚଲ୍' ଚଳଚ୍ଚିତ୍ରର ପ୍ରଯୋଜକ ଚମ୍ପକ ଜୈନ, ବିଶିଷ୍ଟ ଅଭିନେତା ତଥା ୪୫୦ଟି ଚଳଚ୍ଚିତ୍ରରେ ଅଭିନୟ କରିଥିବା ବିଜୁ ଖୋଟେ, ଗୀତିକାର ଖୟାମ (ଜହୁର ଖୟାମ ହାସମୀ), ଗିରୀଶ କର୍ନଡ, ମହେଶ ଆନନ୍ଦ ଏବଂ ଶ୍ରୀରାମ ଲାଗୁ ।

## ରାଜ୍ୟ ଟେଲି ପୁରସ୍କାର-୨୦୧୮

୨୦୧୮ ପାଇଁ ରାଜ୍ୟ ଟେଲି ପୁରସ୍କାର ଚଳିତବର୍ଷ ପ୍ରଦାନ କରାଯାଇଛି । ପ୍ରଦ୍ୟୁମ୍ନ ଲେଙ୍କାଙ୍କ ପ୍ରଯୋଜିତ ଏବଂ ହରିଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଧାରାବାହିକ 'ରହିଛି ରହିବି ତୋରି ପାଇଁ' (ଶ୍ରେଷ୍ଠ ଧାରାବାହିକ), ଜୟନ୍ତ ସାନ୍ତରା (ଶ୍ରେଷ୍ଠ ଅଭିନେତା, 'ପେନସନ୍'), ସୋଫିଆ ଆଲାମ ('ରହିଛି ରହିବି ତୋରି ପାଇଁ') ଓ ସୋନାଲି ନାୟକ (କମଲି) ମିଳିତ ଭାବରେ ଶ୍ରେଷ୍ଠ ଅଭିନେତ୍ରୀ ଏବଂ ହରିଶ ମହାନ୍ତି (ଶ୍ରେଷ୍ଠ ନିର୍ଦ୍ଦେଶକ, 'ରହିଛି ରହିବି ତୋରି ପାଇଁ') ଏବଂ 'ପେନସନ'କୁ ଶ୍ରେଷ୍ଠ ଟେଲି ଫିଲ୍ମ ପୁରସ୍କାର ପ୍ରଦାନ କରାଯାଇଛି ।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮

ଚଳିତବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପ୍ରଦାନ କରାଯାଇଛି । ବିଶିଷ୍ଟ ନାଟ୍ୟକାର ତଥା ସଂଳାପକାର ବିଜୟ ମିଶ୍ରଙ୍କୁ ସମ୍ମାନଜନକ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଛି । ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ ଏବଂ ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶିତ କଳାତ୍ମକ ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ


ବିଜୟ ମିଶ୍ର

ପୁରସ୍କାର, ଅକ୍ଷୟ ପରିଜା (ଶ୍ରେଷ୍ଠ ପ୍ରଯୋଜକ), ମନମୋହନ ମହାପାତ୍ର (ଶ୍ରେଷ୍ଠ ନିର୍ଦ୍ଦେଶକ), ମିହିର ଦାସ (ଶ୍ରେଷ୍ଠ ଅଭିନେତା, 'ଭିଜା ମାଟିର ସ୍ୱର୍ଗ), ଅର୍ଚ୍ଚିତା ସାହୁ (ଶ୍ରେଷ୍ଠ ଅଭିନେତ୍ରୀ, 'ଚାମ୍ପିୟନ'), ଶାନ୍ତିରାଜ ଖୋସଲା (ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, 'ଫେରିଆ-କମ୍‌ବ୍ୟାକ୍'), ମୋଗଲ ତାମସା ଉପରେ କାଦମ୍ବିନୀ ମିଡିଆ ପ୍ରଯୋଜିତ ଡକ୍ୟୁମେଣ୍ଟାରି 'କହେ ବଲ୍ଲଭ' (ସ୍ୱତନ୍ତ୍ର ଜୁରୀ ବିଭାଗରେ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର), 'ହୋ' ସମାଜ ଉପରେ ପ୍ରସ୍ତୁତ ଚଳଚ୍ଚିତ୍ର 'ଆମାଗେ ଜୁଲି' (ଶ୍ରେଷ୍ଠ ଆଦିବାସୀ ଭାଷାରେ ପ୍ରସ୍ତୁତ ଚଳଚ୍ଚିତ୍ର) ଏବଂ ମନୋଜ ମିଶ୍ର (ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, 'ଚାମ୍ପିୟନ') ପ୍ରଦାନ କରାଯାଇଛି । ଏଥର ଚୟନ ପ୍ରକ୍ରିୟାରେ ମୋଟ ୨୦ଟି ଓଡ଼ିଆ ସିନେମାକୁ ତାଲିକାଭୁକ୍ତ କରାଯାଇଥିଲା ।

## ପରପାରିରେ

ଚଳିତବର୍ଷ ଓଡ଼ିଆ ସିନେମା କେତେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ହରାଇଛି । ବର୍ଷ ପ୍ରାରମ୍ଭରେ ଆଲବମ୍ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ନିକିତାଙ୍କ ଆକସ୍ମିକ ମୃତ୍ୟୁ ଇଣ୍ଡଷ୍ଟ୍ରିରେ ଆଲୋଡ଼ନ ସୃଷ୍ଟି କରିଥିଲା । ଓଡ଼ିଆ ସିନେମା 'ସୁନା ସଂସାର'ର ମିଛ ମାୟା ଭରା ଏ ସାରା ଦୁନିଆ ପାଇଁ ପରିଚିତ ବିଶିଷ୍ଟ କଣ୍ଠଶିଳ୍ପୀ ଅର୍ଜୁନ କୁମାର ସାମଲ (୭୭) ଏ ବର୍ଷ ପରଲୋକ ଗମନ କରିଥିଲେ । ଅନ୍ୟ ପକ୍ଷରେ ନୀଳମାଧବ, ନୂଆ ବୋହୂ, ମାଣିକଯୋଡ଼ି, ଭାଇଭାଉଜ, କିଏ କାହାର ପରି ୨୦ ଓଡ଼ିଆ ଚଳଚ୍ଚିତ୍ର, ୧୪ଟି ଧାରାବାହିକରେ ଅଭିନୟ କରିଥିବା ବିଶିଷ୍ଟ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ରାମଚନ୍ଦ୍ର ପ୍ରତିହାରୀ(୮୩)ଙ୍କ ବିୟୋଗ ଘଟିଥିଲା । ଏମାନଙ୍କ ବ୍ୟତୀତ ନିର୍ଦ୍ଦେଶକ ଚକ୍ରଧର ସାହୁ (୫୯), ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ରଥ, ହାସ୍ୟାଭିନେତା ସଲିଲ ମିତ୍ର, ପ୍ରଯୋଜକ କେଶବ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥ, ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ମନଦୀପ ମୁର୍ଖାର୍ଜୀ, ଆଲବମ ଅଭିନେତ୍ରୀ ସୀମରନ୍ ଏବଂ ବିଶିଷ୍ଟ ତବଲା ବାଦକ ରାଧାକାନ୍ତ ନନ୍ଦଙ୍କ ପରଲୋକ ଘଟିଛି ।


କେଶବ ରାଉତ


ଚକ୍ରଧର ସାହୁ

**ବିବାହ ବନ୍ଧନ :** ଚଳିତବର୍ଷ ବେଶ୍ କେତୋଟି ସିନେମାର ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଥିବା ଏବଂ ବଡ ପରଦାରେ କେତେ ଥର ମିଛିମିଛିକା ବର ସାଜିଥିବା ସମ୍ବିତ ଏ ବର୍ଷ ସାୟନା ମହାପାତ୍ରଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ । ଅପରପକ୍ଷରେ ଏଲି ପାଢ଼ୀ ଏବଂ ଅଭିନେତା ଅଭିଷେକ ରଥ ଚଳିତବର୍ଷ ମଧ୍ୟ ଘରସଂସାର କରିଛନ୍ତି ।

**ଚର୍ଚ୍ଚାରେ ପାଟଣାଗଡ଼:** ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ରାଜେଶ ଟଚରିଭରଙ୍କ ନିର୍ଦ୍ଦେଶିତ ଦ୍ୱିଭାଷୀ (ଓଡ଼ିଆ-ତେଲୁଗୁ) ଚଳଚ୍ଚିତ୍ର 'ପାଟଣାଗଡ଼' ଚର୍ଚ୍ଚାରେ ରହିଥିଲା । ଫିଲ୍ମର ଶୁଟିଂ ଆରମ୍ଭ ହେବା ପରେ ଏହାକୁ ନେଇ ବିବାଦ କୋର୍ଟକୁ ଯାଇଥିଲା । ଏପରି କି ଏଥିପାଇଁ କୋଲକାତା ଫିଲ୍ମ ଫେଷ୍ଟିଭାଲରୁ ଫିଲ୍ମଟି ବାଦ୍ ପଡିଥିଲା । ପରବର୍ତ୍ତୀ ସମୟରେ ସୁପ୍ରିମ କୋର୍ଟଙ୍କ ନିକଟରୁ ସବୁଜ ସଙ୍କେତ ମିଳିବା ପରେ ଏବେ ଫିଲ୍ମଟି ରିଲିଜ ଅପେକ୍ଷାରେ ରହିଛି । ନିକଟରେ ଏହି ଚଳଚ୍ଚିତ୍ରକୁ ଲୋନାଭାଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଶ୍ରେଷ୍ଠ ପ୍ରଯୋଜକ ଏବଂ ଶ୍ରେଷ୍ଠ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ ପୁରସ୍କାର ମିଳିଛି ।

**ଛବିରାଣୀ:** ଜଣେ ସାମ୍ବାଦିକଙ୍କ ପତ୍ନୀ ଛବିରାଣୀଙ୍କୁ ଗଣବଳାତ୍କାର ଏବଂ ମର୍ଡର ସେ ସମୟରେ ଆଲୋଡନ ସୃଷ୍ଟି କରିଥିଲା । ଏପରି ଏକ ବିଷୟବସ୍ତୁକୁ ନେଇ ନିର୍ଦ୍ଦେଶକ ବବି ଇସ୍‌ଲାମଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ଛବିରାଣୀ' ଚଳିତବର୍ଷ ପରଦା ଉପରକୁ ଆସିଥିଲା । ଏହି ଫିଲ୍ମଟି ମଧ୍ୟ ଆମେରିକାରେ ମୁକ୍ତିଲାଭ କରିଛି । ଓଡ଼ିଆ ସିନେମା ଭାବରେ ବିଦେଶ ମାଟିରେ ରିଲିଜ ହେବାରେ 'ଛବିରାଣୀ' ହେଉଛି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ।


ବାବୁସାନ୍



❝ ପ୍ୟାଟ୍ କମିନ୍ସ ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ବୋଲର । ତାଙ୍କ ପରିସଂଖ୍ୟାନ ଏହା ଦର୍ଶାଉଛି । ଗୋଟିଏ ସିରିଜ କି ଟେଷ୍ଟ ନୁହେଁ, ପ୍ରତ୍ୟେକ ମ୍ୟାଚ୍‌ରେ ସେ ଭଲ ବୋଲିଂ କରୁଛନ୍ତି ।

–ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ



❝ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡର ପିଚ୍ ଇଂଲଣ୍ଡ ପରିବେଶ ପରି ଥିଲା। ଏହିଭଳି ପରିବେଶରେ ସ୍କୋର କରିବା ସନ୍ତୋଷଜନକ ।

–ଶିଖର ଧାୱନ, ଭାରତୀୟ ଓପନର୍

## ସଂକ୍ଷେପରେ

### ଅଭ୍ୟାସରେ ଯୋଗଦେଲେ ଷ୍ଟୋକ୍ସ

ସେଞ୍ଚୁରିୟନ,୨୫।୧୨(ଏଏଫ୍‌ପି)- ସ୍ଥାନୀୟ ସୁପରସ୍ପୋର୍ଟ ପାର୍କ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଇଂଲଣ୍ଡ ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଇଂଲଣ୍ଡ ଦଳରେ ଯୋଗ ଦେଇଛନ୍ତି। ଏହି ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ଷ୍ଟୋକ୍ସଙ୍କ ପିତା ଗେଡ୍ ଷ୍ଟୋକ୍ସ ଅସୁସ୍ଥ ହୋଇ ଜୋହାନ୍ସବର୍ଗର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ମଧ ଉନ୍ନତି ପରିଲକ୍ଷିତ ହୋଇଛି। ଫଳରେ ଷ୍ଟୋକ୍ସ ବୁଧବାର ଇଂଲଣ୍ଡ ଶିବିରରେ ଯୋଗଦେବା ସହ ଅଭ୍ୟାସ କରିଛନ୍ତି। ଗେଡ୍ କ୍ରିକେଟ ଦେଖିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲେ। ତେବେ ସେ ଗୁରୁତରଭାବେ ଅସୁସ୍ଥ ହୋଇପଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପିତାଙ୍କ ପାଖରେ ରହିବା କାରଣରୁ ଷ୍ଟୋକ୍ସ ଅଭ୍ୟାସରେ ଯୋଗ ଦେଇପାରି ନ ଥିଲେ। ଡାକ୍ତରଙ୍କ ଚିକିତ୍ସା ଓ ଲୋକମାନଙ୍କର ସମର୍ଥନ ପାଇଁ ଷ୍ଟୋକ୍ସଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି। ତାରକା ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ଓ ଜୋଫ୍ରା ଆର୍ଚର ଇତିମଧରେ ଆରୋଗ୍ୟ ଲାଭ କରିଛନ୍ତି। ଅସୁସ୍ଥତା କାରଣରୁ ଏହି ଦୁଇ ବୋଲର ଇଂଲଣ୍ଡର ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିପାରି ନ ଥିଲେ। ସେହିପରି ଜ୍ୟାକ ଲିଚ୍, ଓଲି ପୋପ୍ ଓ କ୍ରିସ୍ ୱୋକ୍ସ ମଧ ଅସୁସ୍ଥତା କାରଣରୁ ଅନ୍ତିମ ଅଭ୍ୟାସ ମ୍ୟାଚ୍ ଖେଳିପାରି ନ ଥିଲେ। ତେବେ ଏହି ୩ ବୋଲର ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଚୟନରୁ ବାଦ୍ ପଡିନାହାନ୍ତି ବୋଲି କୁହାଯାଇଛି।

### ଆଇଏସ୍ଏଲ୍: ବେଙ୍ଗାଲୁରୁକୁ ହରାଇଲା ଏଟିକେ

କୋଲକାତା, ୨୫।୧୨ (ପି.ଟି.)- ଦୁଇଥରର ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍) ଚାମ୍ପିୟନ ଏଟିକେ କ୍ରୀସମାସରେ ବିଜୟ ସ୍ୱାଦ ଚାଖିଛି। ବୁଧବାର ଖେଳାଯାଇଥିବା ଆଇଏସ୍ଏଲ୍‌ର ଏକ ମ୍ୟାଚ୍‌ରେ ଘରୋଇ ଏଟିକେ ଦଳ ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରୁ ଅଷ୍ଟ୍ରେଲିଆ ଷ୍ଟ୍ରାଇକର ଡେଭିଡ୍ ୱିଲିୟମ୍ସ ଏକ ଚମତ୍କାର ଗୋଲସ୍କୋର କରି ଏଟିକେକୁ କ୍ରିସମାସରେ ବିଜୟ ଭେଟି ଦେଇଥିଲେ। ଏଥିସହ ଆଇଏସ୍ଏଲ୍ ଇତିହାସରେ ଏଟିକେ ପ୍ରଥମଥର ଲାଗି ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ବିଜୟ ହାସଲ କରିବାର ସୌଭାଗ୍ୟ ଲାଭ କରିଛି। ସେହିଭଳି ଏଟିକେ ୧୦ ମ୍ୟାଚ୍‌ରୁ ୫ ବିଜୟ ସହ ୧୮ ପଏଣ୍ଟ ପାଇ ଟେବୁଲ ତାଲିକାର ଶୀର୍ଷକୁ ଉଠିଛି। ଗୋଆ ୯ ମ୍ୟାଚ୍‌ରୁ ସମାନ ସଂଖ୍ୟକ ପଏଣ୍ଟ ହାସଲ କରିଥିଲେ ମଧ ଗୋଲ ଦୃଷ୍ଟିରୁ ଏଟିକେ ଏକ ନମ୍ବର ସ୍ଥାନ ଲାଭ କରିଛି। ଅପରପକ୍ଷରେ ୧୦ ମ୍ୟାଚ୍‌ରୁ ୪ର୍ଥ ପରାଜୟ ସହ ବେଙ୍ଗାଲୁରୁ ୧୬ ପଏଣ୍ଟ ପାଇ ତାଲିକାର ୩ୟ ସ୍ଥାନରେ ରହିଛି।

# ତ୍ରିପୁରାକୁ ହରାଇ ଓଡ଼ିଶାର ଅଭିଯାନ





ଜାତୀୟ ସିନିୟର ଭଲିବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ। ପୁରୁଷ ବିଭାଗରେ ଓଡ଼ିଶା ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଜାତୀୟ ସିନିୟର ଭଲିବଲ ଉଦ୍‌ଘାଟିତ**

- ଓଡ଼ିଶାରେ ପ୍ରଥମଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା
- ୨୭ ମହିଳା, ୩୧ ପୁରୁଷ ଦଳର ଅଂଶଗ୍ରହଣ
- ଗୋଟିଏ ସ୍ଥାନରେ ୨୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି
- ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ମହିଳା ଦଳ ପରାସ୍ତ

ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି) ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ବୁଧବାର ଜାତୀୟ ସିନିୟର ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ୬୮ତମ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ଜାନୁୟାରୀ ୨ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ୨୭ ମହିଳା ଓ ୩୧ ପୁରୁଷ ଦଳ ଅଂଶଗ୍ରହଣ କରୁଛନ୍ତି। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲା ପଶ୍ଚିମବଙ୍ଗ, ରାଜସ୍ଥାନ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ବିହାର, ଆଣ୍ଡାମାନ ଓ ନିକୋବର, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଆସାମ, ଗୁଜରାଟ, ମଣିପୁର, ଦିଲ୍ଲୀ, ଛତିଶଗଡ଼, କର୍ଣାଟକ, ତେଲଙ୍ଗାନା, ତାମିଲନାଡୁ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ପଣ୍ଡିଚେରୀ, ଉତ୍ତରାଖଣ୍ଡ, ଗୋଆ, ତ୍ରିପୁରା, ମିଜୋରାମ, ସର୍ଭିସେସ୍ ଓ ରେଲ୍‌ୱେ। ଆୟୋଜକ କମିଟି ସଭାପତି, ଏମ୍‌ପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଆୟୋଜକ କମିଟି ଅଧ୍ୟକ୍ଷ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ରିଜିଓନାଲ ଡାଇରେକ୍ଟର ଶିବ୍ ଶର୍ମା, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ଉପସଭାପତି ରଥିନ ରୟ ଚୌଧୁରୀ, ଉପସଭାପତି ରାମଲାଲ ବର୍ମା, ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଭଲିବଲ କୋଚ୍ ଜି.ଇ. ଶ୍ରୀଧରନ, ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ସୁବୋଧ କୁମାର ରାଉତରାୟ, ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

ପ୍ରକାଶଯୋଗ୍ୟ ଯେ, ଓଡ଼ିଶାରେ ପ୍ରଥମଥର ପାଇଁ ଭଲିବଲ୍‌ର ଏହି ସମ୍ମାନଜନକ ଚାମ୍ପିୟନଶିପ୍ ଆୟୋଜିତ ହେଉଛି। ଭାରତୀୟ ଜାତୀୟ ସିନିୟର ଭଲିବଲ ଇତିହାସରେ ପ୍ରଥମଥର ପାଇଁ ଏହା ୪ କୋର୍ଟବିଶିଷ୍ଟ ଗୋଟିଏ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହେଉଛି। କୌଣସି ସିନିୟର ନ୍ୟାଶନାଲରେ ୫୮ ଦଳ ଭାଗନେବା ମଧ ପ୍ରଥମ। ପ୍ରତିଯୋଗିତାର ମହିଳା ଓ ପୁରୁଷ ବିଭାଗରେ ୨୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ଭାଗ ନେଉଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ଦଳ ପାଇଁ ଚୟନ ହେବେ। ଭାରତୀୟ ଦଳ ୨୦୨୦ ଜାନୁୟାରୀରେ ଚାଇନାର ଗୁଆଙ୍ଗ୍ ଝୋଉଠାରେ ହେବାକୁଥିବା ଅଲିମ୍ପିକ୍ କ୍ୱାଲିଫାୟରରେ ଭାଗନେବ। ଉଦ୍‌ଘାଟନୀ ଉତ୍ସବରେ କିସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚ୍‌ରେ ଓଡ଼ିଶା ୩-୦ ସେଟ୍‌ରେ ତ୍ରିପୁରାକୁ ହରାଇ ଅଭିଯାନ ଆରମ୍ଭ କରିଛି। ଛତିଶଗଡ଼ ୩-୦ରେ ଜମ୍ମୁ-କଶ୍ମୀର ଏବଂ ପଶ୍ଚିମବଙ୍ଗ ୩-୦ରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ମହିଳା ବିଭାଗରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ୧-୩ରେ ଚଣ୍ଡିଗଡ଼ଠାରୁ ହାରିଯାଇଛି। ହିମାଚଳ ପ୍ରଦେଶ ୩-୦ରେ ପଣ୍ଡିଚେରୀକୁ, ମଣିପୁର ୩-୧ରେ ବିହାର, ଉତ୍ତରାଞ୍ଚଳ ୩-୦ରେ ଆସାମ, ତେଲଙ୍ଗାନା ୩-୦ରେ ଜମ୍ମୁ କଶ୍ମୀର, ରାଜସ୍ଥାନ ୩-୦ରେ ଝାଡ଼ଖଣ୍ଡ ଓ ପଞ୍ଜାବ ୩-୦ରେ ତ୍ରିପରାକୁ ପରାସ୍ତ କରିଛି।

**ଓଡ଼ିଶା ମହିଳା ଦଳ:** ସୁଶ୍ରୀ ସଙ୍ଗୀତା ଜେନା, ଶୁଭଲକ୍ଷ୍ମୀ ମଲିକ, କରମି ଶିରେସା, ରଶ୍ମିତା ବାରିକ, ମୁକ୍ତି ବାର୍ଲା, ଜୟଶ୍ରୀ ପଲାଇ, କରିସ୍ମା ଟେଟେ, ଶିବାନୀ ପ୍ରିୟଦର୍ଶନୀ, ସଙ୍ଗୀତା ଦାସ, ସୁଚିତ୍ରା ମନ୍ତ୍ରୀ, ସୁନୀତା ମାର୍ଥା, ମୋନାଲିସା ପାତ୍ର। ଷ୍ଟାଣ୍ଡବାଇ: ମେଘନା ପ୍ରିୟଦର୍ଶିନୀ ବାରିକ, ସସ୍ମିତା ମହାନ୍ତି, କୌଶଲ୍ୟା ମାଝି। ମୁଖ୍ୟ କୋଚ୍: ଜଗନ୍ନାଥ ସିହି, ସହକାରୀ କୋଚ୍: ଅଭୟ କୁମାର ଦାସ, ମଧୁସ୍ମିତା ସାହୁ, ମ୍ୟାନେଜର: ସୁଷମା ନନ୍ଦ।

**ଓଡ଼ିଶା ପୁରୁଷ ଦଳ:** ସେକ୍ ସିରାଜ ଅଲୀ, ଶୁଭ୍ରାଂଶୁ ଶେଖର ଓଝା, ଏମ୍. ବିଘ୍ନେଶ୍ୱରନ, ଦୀପ୍ତିରାଜ ମିଶ୍ର, ଅଫ୍‌ଜାଲ ପି.ପି., ପ୍ରତ୍ୟୁଷ କୁମାର ନନ୍ଦ, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପପୁନା ସ୍ୱାଇଁ, ରାଜେଶ କୁମାର ସାହୁ, ଖଗେଶ୍ୱର ଜେନା, ପ୍ରଜ୍ଞାସାରଥି ଜେନା। ଷ୍ଟାଣ୍ଡବାଇ: ବିକାଶ ଗିରି, ବିନୋଦ ବେହେରା, ଜଗନ୍ନାଥ ପ୍ରସାଦ ବାଲା। ମୁଖ୍ୟ କୋଚ୍: ଏମ୍. ମସୁଦ ଜମ୍ମା, ସହକାରୀ କୋଚ୍: ସୁଧାଂଶୁ ଭୂଷଣ ମିଶ୍ର, ଆଶୁତୋଷ ବର୍ମା, ମ୍ୟାନେଜର: ସଞ୍ଜୟ କୁମାର ଦାସ, ଟ୍ରେନର ସିକ୍ସେର ଆଲୋକ ଦାସ।

## ଓପନ୍ ନ୍ୟାଶନାଲ ଟାଏକୋଣ୍ଡୋ ୩୦ରୁ



ପ୍ରତିଯୋଗିତା ପାଇଁ ମନୋନୀତ ପ୍ରତିଯୋଗୀ।

ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି) ରାଉରକେଲାର ଗୁରୁ ନାନକ ପବ୍ଲିକ୍ ସ୍କୁଲରେ ଦ୍ୱିତୀୟ ଓପନ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଚଳିତ ମାସ ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ନିମାପଡ଼ାସ୍ଥିତ ଅମିତ ଟାଏକୋଣ୍ଡୋ ଆସୋସିଏଶନର ୧୭ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଭାଗନେବାକୁ ମନୋନୀତ ପ୍ରତିଯୋଗୀମାନେ ହେଲେ ସ୍ୱୟମ୍ ସ୍ୱାଗତ ସ୍ୱାଇଁ, ପ୍ରତ୍ୟୁଷ ପରିଡ଼ା, ସୁଶୀଲ କୁମାର ସ୍ୱାଇଁ, ଇନ୍ଦ୍ରଜିତ୍ ସାମଲ, ଭବାନୀ ଶଙ୍କର ଦେବଗୋସ୍ୱାମୀ, ତନ୍ମୟ ପଣ୍ଡା, ଆକାଶ ଦାଶ, ସାଗର ଦାଶ, ସଞ୍ଜୟ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସସ୍ମିତା ପ୍ରଧାନ, ଆୟୁଷ ସେନାପତି, ରୋଶନି ପ୍ରିୟଦର୍ଶିନୀ, ଆଦିତ୍ୟ ନାରାୟଣ ସ୍ୱାଇଁ, ସମୀର କୁମାର ବେହେରା, ଆଲିସାନ ହରିଚନ୍ଦନ, ନିଶାନ ହରିଚନ୍ଦନ। କୋଚ୍ ଅମିତ କୁମାର ରାଉତ, ଅଫିସିଆଲ: ସୁରେଶ ଚନ୍ଦ୍ର ଦାଶ, ସୋନାଲି ସ୍ୱାଇଁ।

## ଭାରତ ରାଜ୍ୟଗୋଷ୍ଠୀ ଶୁଟିଂ ଆୟୋଜନ କରିପାରେ

ନୂଆଦିଲ୍ଲୀ, ୨୫।୧୨(ପି.ଟି.) ଭାରତ ୨୦୨୨ ରାଜ୍ୟଗୋଷ୍ଠୀ ଶୁଟିଂ ଚାମ୍ପିୟନଶିପ୍ ଆୟୋଜନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ (ସିଜିଏଫ୍) ଏନେଇ ଔପଚାରିକ ପ୍ରସ୍ତାବ ଦେବାକୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)କୁ କହିଛି। ଫଳରେ ଭାରତ ଏହି ମେଗା ଇଭେଣ୍ଟର ଆୟୋଜନ ନେଇ ରାସ୍ତା ସଫା ହୋଇଛି। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁଟିଂକୁ ବାଦ୍ ଦିଆଯାଇଥିଲା। ଫଳରେ ଭାରତ ଏହି ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ଜାହିର କରିଥିଲା। ଏବେ ଏହି କ୍ଷତି ଭରଣା କରିବାକୁ ଭାରତକୁ ସିଜିଏଫ୍ ଏହି ଇଭେଣ୍ଟ ଆୟୋଜନ ନେଇ ଔପଚାରିକ ଭାବେ ପ୍ରସ୍ତାବ ଦେଇଛି ବୋଲି କୁହାଯାଉଛି।

## ଅବସର ନେବେ ପେସ୍

ନୂଆଦିଲ୍ଲୀ,୨୫।୧୨(ପି.ଟି.) ଭାରତୀୟ ଟେନିସ ଆଇକନ୍ ଲିଆଣ୍ଡର ପେସ୍ ୨୦୨୦ ପରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଆସନ୍ତାବର୍ଷ ହେବ ତାଙ୍କ ଗୌରବମୟ କ୍ୟାରିୟରର ଶେଷ ବର୍ଷ। ବିଶ୍ୱବ୍ୟାପୀ ଥିବା ସେ ତାଙ୍କ ପ୍ରଶଂସକଙ୍କ ସହ ମିଶିବା ଓ ମଉଜ କରିବା ପାଇଁ ଆସନ୍ତାବର୍ଷ କେତୋଟି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ପେସ୍ ଟୁଇଟ କରି ଉଲ୍ଲେଖ କରିଛନ୍ତି। ୪୬ ବର୍ଷୀୟ ପେସ୍‌ଙ୍କ ଫର୍ମ ସେତେଟା ଭଲ ନାହିଁ। କ୍ୟାରିୟରରେ ସେ ୧୮ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଛନ୍ତି। ଶେଷଥର ପାଇଁ ସେ ୨୦୧୬ରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସ ଟାଇଟଲ ଅର୍ଜନ କରିଥିଲେ। ଡେଭିସ୍ କପ୍ ଇତିହାସରେ ସେ ସର୍ବାଧିକ ୪୪ଟି ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଦୀର୍ଘ ୧୯ ବର୍ଷପରେ ସେ ପ୍ରଥମଥର ପାଇଁ ଶ୍ରେଷ୍ଠ-୧୦୦ରୁ ବାଦ୍ ପଡିଛନ୍ତି। ୨୦୨୦ କ୍ୟାରିୟରର ଶେଷ ବର୍ଷ ହେବ ବୋଲି ସେ କହିଛନ୍ତି। ଇତିହାସର ଏକମାତ୍ର ଖେଳାଳିଭାବେ ପେସ୍ କ୍ରମାଗତ ଅଷ୍ଟମ ଅଲିମ୍ପିକ୍ସ ଖେଳିବାର ଲକ୍ଷ୍ୟରେ ରହିଛନ୍ତି। ପାଖାପାଖି ୩ ଦଶନ୍ଧିର କ୍ୟାରିୟରରେ ପେସ୍ ବେଶ୍ ସଫଳ ରହିଛନ୍ତି। ବ୍ରେନ୍ ଟ୍ୟୁମରରୁ ସେ ଆରୋଗ୍ୟ ଲାଭ କରି ପୁଣି ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏକମାତ୍ର ଟେନିସ ଖେଳାଳିଭାବେ ସେ ଭାରତ ପାଇଁ ଅଲିମ୍ପିକ୍ସ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ୯୦ ଦଶକରେ ସେ ନିଜ ଦେଶର ମହେଶ ଭୂପତିଙ୍କ ସହ ମିଶି ଡବଲ୍ସରେ ସଫଳତାର ଶୀର୍ଷକୁ ଛୁଇଁଥିଲେ। ଦୁହେଁ ୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ହାସଲ କରିଥିଲେ।



## ପରିବାର ସହ କ୍ରିସ୍‌ମାସ ପାଳିଲେ ମେସି

ବୁଏନ୍‌ସ ଆରିଜ,୨୫।୧୨

ଚଳିତ ସିଜନର ଲା ଲିଗା ଲିଗ୍‌ରେ ୫୦ତମ ଗୋଲ ସ୍କୋର କରିବା ପରେ ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସି ପୂରା ପରିବାର ସହ କ୍ରିସ୍‌ମାସ ପାଳନ କରିଛନ୍ତି। ଡିପୋର୍ଟିଭ୍ ଆଲଭାସ୍ ବିପକ୍ଷ ମ୍ୟାଚ୍ ପରେ ସେ ସିଧାସଳଖ ଘରକୁ ଫେରିଥିଲେ। ମେସି ସ୍ତ୍ରୀ ଆଣ୍ଟୋନେଲା ରକୁଜୋଙ୍କ ସହ ଛୁଆ ମାଟେଓ, ଥିଆଗୋ ଓ ସିରୋଙ୍କ ଫଟୋ ଶେୟାର କରିଛନ୍ତି। ବଡ଼ଦିନ ଅବସରରେ ପ୍ରଶଂସକଙ୍କୁ ବିଶ୍ୱର କ୍ରୀଡ଼ାବିତ୍‌ମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ତାଲିକାରେ ସଚିନ ତେନ୍ଦୁଲକର, କ୍ରିଷ୍ଟିଆନ ରୋନାଲ୍ଡୋ, ରିକି ପଣ୍ଟିଂ, ଡେଭିଡ ୱାର୍ନର, ବ୍ରେଣ୍ଡନ ମ୍ୟାକ୍‌କୁଲମ ପ୍ରମୁଖ ରହିଛନ୍ତି।




କ୍ରିସ୍‌ମାସ ଅବସରରେ ପରିବାର ଗହଣରେ ଖୁସି ମନାଉଛନ୍ତି ଫୁଟବଲ କିମ୍ବଦନ୍ତୀ ଲିଓନେଲ ମେସି।

# ଅବହେଳାରୁ ଅସନ୍ତୋଷ, ମୁହଁ ଖୋଲିଲେ ଶୁଟର

## କଳିଙ୍ଗ ଷ୍ଟାଡିୟମ ଶୁଟିଂ ରେଞ୍ଜ୍‌ରେ ଅଭ୍ୟାସରୁ ବଞ୍ଚିତ

ଭୁବନେଶ୍ୱର,୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ବିଭାଗରେ ବୈମାତୃକ ମନୋଭାବ ନେଇ ରାଜ୍ୟର କେତେକ ଜଣାଶୁଣା ଯୁବ ଶୁଟର ସେମାନଙ୍କ ଅସନ୍ତୋଷ ଜାହିର କରିଛନ୍ତି। ଖାସ୍ କରି କଳିଙ୍ଗ ଷ୍ଟାଡିୟମ ଶୁଟିଂ ରେଞ୍ଜ୍‌ରେ ଅଭ୍ୟାସ କରିବାର ସୁଯୋଗରୁ ବଞ୍ଚିତ ହେବା ପରେ ଶୁଟରମାନେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ସାରା ରାଜ୍ୟର ଶୁଟରମାନେ କଳିଙ୍ଗ ଷ୍ଟାଡିୟମସ୍ଥିତ ଶୁଟିଂ ରେଞ୍ଜ୍‌ରେ ପ୍ରାୟତଃ ପ୍ରତିଦିନ ଅଭ୍ୟାସ କରିଥାନ୍ତି। ଏମାନଙ୍କ ମଧ୍ୟରେ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍, ଜି.ଭି. ମାଭଲଙ୍କର ଶୁଟିଂ ଚାମ୍ପିୟନଶିପ୍ ପଦକ ପ୍ରାପ୍ତ ଓ ରାଜ୍ୟ ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ ହୋଇଥିବା ଶୁଟରମାନେ ସାମିଲ ରହିଛନ୍ତି। ୨୦୧୫ ନଭେମ୍ବର ମାସରୁ ୨୦୧୮ ପର୍ଯ୍ୟନ୍ତ ଶୁଟରମାନେ ଏହି ଶୁଟିଂ ରେଞ୍ଜ୍‌ରେ ଅଭ୍ୟାସ କରିଆସୁଥିଲେ। ନିଜ ଖର୍ଚ୍ଚରେ ଶୁଟରମାନେ ନିଜକୁ ପ୍ରସ୍ତୁତ କରୁଥିଲେ। ତେବେ ବର୍ତ୍ତମାନ କଥା ଅଲଗା ହୋଇଛି। ଏହି ରେଞ୍ଜ୍‌ରେ ଅଭ୍ୟାସ କରିବାକୁ ଶୁଟରମାନଙ୍କୁ ସୁଯୋଗ ଦିଆଯାଉନାହିଁ। କେଉଁ କାରଣରୁ ଓ କାହା ସ୍ୱାର୍ଥରେ କଳିଙ୍ଗ ଷ୍ଟାଡିୟମ ଶୁଟିଂ ରେଞ୍ଜକୁ ଗତ ଦେଢ ବର୍ଷ ହେବ ବନ୍ଦ ରଖାଯାଇଛି ବୋଲି ଏମାନେ ପ୍ରଶ୍ନ ଉଠାଇଛନ୍ତି। ବୁଧବାର ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁଟରମାନଙ୍କ ସମେତ ଓଡ଼ିଶା ରାଇଫଲ ଆସୋସିଏଶନ (ଓଆରଏ)ର ପ୍ରାଥମିକ ସଦସ୍ୟ ରାଧାନାଥ ମହାପାତ୍ର ନିଜର ସମସ୍ୟା ଉତ୍ଥାପନ କରିବା ସହ ଅସନ୍ତୋଷ ଜାହିର କରିଥିଲେ। ନିଜ ହାତରୁ ବହୁ ପରିମାଣରେ ଖର୍ଚ୍ଚ କରିବା ସତ୍ତ୍ୱେ ଅଭ୍ୟାସ ନ କରିପାରିବା ଫଳରେ ଶୁଟରମାନେ କେତେକ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଶୁଟରମାନେ ବହୁତ କ୍ଷତି ସହିଛନ୍ତି। ଏଥିପାଇଁ ଦାୟି କିଏ ବୋଲି ପ୍ରଶ୍ନ କରିଛନ୍ତି ଶୁଟରମାନେ।

ଏ ସଂକ୍ରାନ୍ତରେ ଶୁଟରମାନେ ବାରମ୍ବାର ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଦ୍ୱାରସ୍ଥ ହୋଇଛନ୍ତି। ବିଭିନ୍ନ ପ୍ରତିଶ୍ରୁତି ମିଳିଥିଲେ ମଧ ଗତ ଦେଢ଼ ବର୍ଷ ହେବ କିଛି ସୁଫଳ ମିଳିନାହିଁ ବୋଲି କୁହାଯାଇଛି। ଯଦି ବା ଶୁଟରମାନଙ୍କୁ କୌଣସି କାରଣରୁ ଅଭ୍ୟାସ କରିବାକୁ ସୁଯୋଗ ଦିଆଯାଉନାହିଁ ତା'ହେଲେ କିଛି ଜମି ପ୍ରଦାନ କରାଗଲେ ଶୁଟରମାନେ ସେହି ଜମି ଉପରେ ନିଜ ଆବଶ୍ୟକ ମୁତାବକ ଶୁଟିଂ ରେଞ୍ଜ ତିଆରି କରି ଅଭ୍ୟାସ ଜାରି ରଖିପାରିବେ। ଏନେଇ ଓଡ଼ିଶା ରାଜ୍ୟ ରାଇଫଲ ସଂଘର ମଧ ଦ୍ୱାରସ୍ଥ ହୋଇଛୁ। ସଂଘ ଏ ନେଇ ନିଜର ଅସହାୟତା ପ୍ରକାଶ କରିଛି। କ୍ରୀଡ଼ା ବିଭାଗକୁ ବାରମ୍ବାର ପତ୍ର ଲେଖିଥିଲେ ମଧ କୌଣସି ଉତ୍ତର ମିଳିନାହିଁ। କ୍ରୀଡ଼ା ବିଭାଗ ଜାଣିଶୁଣି ଶୁଟିଂ ରେଞ୍ଜ୍‌କୁ ବନ୍ଦ ରଖିଛି ବୋଲି ଶୁଟରମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କ୍ରୀଡ଼ା ବିଭାଗ ତତ୍ପରତା ପ୍ରକାଶ କରିବା ସହ ଶୀଘ୍ର ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ମିଳିତ ଭାବେ ଶୁଟରମାନେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଧାନାଥଙ୍କ ସମେତ ପୁରୁଷ ଓ ମହିଳା ଶୁଟରମାନେ ଉପସ୍ଥିତ ଥିଲେ। ସେମାନେ ହେଲେ ସତ୍ୟବ୍ରତ ବେଉରା, ଅମିୟ କାନ୍ତି, ତରଣୀ ସେନ ଧରୁଆ, ବିଜୟ କୁମାର ଆଚାର୍ଯ୍ୟ, ସ୍ଥିତପ୍ରଜ୍ଞା ରାୟ, ଅମନ ଜ୍ୟୋତି ପଟ୍ଟନାୟକ, ଅରବିନ୍ଦ ସାହୁ, ଜାତୀୟସ୍ତରର ଶୁଟର ଆଶିଷ ନାୟକ, ପ୍ରିୟା ପ୍ରତିଶ୍ରୁତି ବେହେରା, ସାଗରିକା ମିଶ୍ର, ପିସ୍ତଲ ଶୁଟର ଆଚାର୍ଯ୍ୟ ଚିନ୍ମୟ ମିଶ୍ର ଓ ବିଜୟଲକ୍ଷ୍ମୀ ପ୍ରଧାନ।



ଖବରଦାତା ସମ୍ମିଳନୀରେ ଶୁଟରମାନଙ୍କ ସହ ଓଡ଼ିଶା ରାଇଫଲ ଆସୋସିଏଶନ ( ଓଆରଏ)ର ପ୍ରାଥମିକ ସଦସ୍ୟ ରାଧାନାଥ ମହାପାତ୍ର।

## ସନ୍ତୋଷ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨୦ତମ ସଂସ୍କରଣ ବୁଧବାର ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କଟକର ମ୍ୟାଜିକ୍ ଇଲେଭେନ ୫ ଉଇକେଟରେ ଭୁବନେଶ୍ୱରର ମହାବୀର ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମହାବୀର ଏକାଦଶ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ରାଉତ ସର୍ବାଧିକ ୪୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅରିଜିତ ସିଂ ୩ଟି ଉଇକେଟ ନେଇଥିଲେ। ୧୪୧ ରନ୍‌ର ବିଜୟ ଲକ୍ଷ୍ୟକୁ ମ୍ୟାଜିକ ଏକାଦଶ ୮.୧ ଓଭରରେ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ରଶ୍ମି ସାହୁ ଦ୍ରୁତ ୪୧ ରନ୍ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। କୁଲୁ ମହାନ୍ତି ୨ଟି ଉଇକେଟ ନେଇଥିଲେ। ବିଜୟୀ ଦଳର ଅରିଜିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭୁବନେଶ୍ୱରର ଏମ୍‌ବିଏସ୍ ୯ ଉଇକେଟରେ କଟକର ଚାର୍ଜ ଇଲେଭେନକୁ ହରାଇ ଦେଇଥିଲା। ପ୍ରଥମେ ବ୍ୟାଟିଂ କରି ଚାର୍ଜ ଇଲେଭେନ ୧୨ ଓଭରରେ ୯ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଟୁର୍ଗୁ କୁମାର ୨୧ ବଲ୍‌ରୁ ୬୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦେବେଶ ସିଂ ୩ ଓଭରରେ ମାତ୍ର ୧୪ ରନ୍ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ୧୨୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଏମ୍‌ବିଏସ୍ ୭ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୨୪ ରନ୍ ସଂଗ୍ରହ କରି ନେଇଥିଲା। ବିକ୍ରମ ସାହୁ ୨୭ ବଲ୍‌ରୁ ୬୪ ରନ୍ କରି ଦଳର ବିଜୟକୁ ସହଜ କରିଥିଲେ। ଦେବେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ମୁନା ରାଉଳ ଓ ସମ୍ବିତ୍ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅସ୍ମିତ ଦାସ ମ୍ୟାଚ୍ ରେଫରି ଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ଯଜ୍ଞାଶିଷ ମହାପାତ୍ର, ଜାପାନ ରାଉତରାୟ ଓ ନଳିନୀକାନ୍ତ ମହାନ୍ତି ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।



ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

ଅଧିନାୟକ ଭାବେ ବିରାଟ କୋହଲି ସଫଳତା ପାଇବା ପଛରେ କିଛି କ୍ୱାଲିଟି ଖେଳାଳି ରହିଛନ୍ତି ।

–ମଣ୍ଟି ପାନେସର, ଇଂଲଣ୍ଡ ସ୍ପିନର



ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ଦ୍ୱାରା ପ୍ରସ୍ତାବିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଏକ ଫ୍ଲପ୍ ଆଇଡିଆ ।

–ରଶିଦ୍ ଲତିଫ୍, ପୂର୍ବତନ ପାକିସ୍ତାନ ଅଧିନାୟକ



## ସଂକ୍ଷେପରେ

### ରଣ୍‌ଜୀ ଟ୍ରଫି: ଧାୱନଙ୍କ ଶତକ

ନୂଆଦିଲ୍ଲୀ, ୨୫।୧୨: ରଣ୍‌ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ୩ୟ ପର୍ଯ୍ୟାୟ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଆଘାତଜନିତ ସମସ୍ୟା ପରେ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଦିଲ୍ଲୀର ଭେଟେରାନ ଓପନର୍ ଶିଖର ଧାୱନଙ୍କ ଶତକ, କେରଳ ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ପ୍ରଥମ ଦିନରେ ୨୦ ଉଇକେଟ୍ ପତନ ପ୍ରଥମ ଦିନର ଉଲ୍ଲେଖନୀୟ ଘଟଣା ରହିଥିଲା। ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ହାଇଦ୍ରାବାଦ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ଷ୍ଟମ୍ପ ଅପସାରଣ ସୁଦ୍ଧା ୬୬ ଓଭରରେ ୬ ଉଇକେଟ୍ ହରାଇ ୨୬୯ ରନ ସଂଗ୍ରହ କରିଛି। ଅଧିନାୟକ ଧାୱନ ୧୩୭ ରନର ଅପରାଜିତ ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ହାଇଦ୍ରାବାଦ ପକ୍ଷରୁ ମେହେଦୀ ହାସନ ୩ଟି ଓ ମହମ୍ମଦ ସିରାଜ ୨ଟି ଉଇକେଟ୍ ନେଇଛନ୍ତି। **କେରଳ-୭୦, ଗୁଜରାଟ-୧୨୭:** ସୁରଟର ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ କେରଳ ଓ ଭ୍ରମଣକାରୀ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ପ୍ରଥମ ଦିନରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଗୁଜରାଟ ୧୨୭ ରନରେ ସୀମିତ ରହିଥିଲା। ଅଧିନାୟକ ପାର୍ଥିବ ପଟେଲ, ୧୧, ପୀୟୂଷ ଚାୱଲା ୩୨, କଥନ ପଟେଲ ୩୭ ରନ କରିଥିଲେ। ଘରୋଇ ଦଳ ପକ୍ଷରୁ ଜଲଜ ସକ୍ସେନା ୫ ଉଇକେଟ୍ ସଫଳତା ପାଇଥିଲେ। ଜବାବରେ କେରଳ ମଧ୍ୟ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୦ରେ ସୀମିତ ରହିଥିଲା। ଭେଟେରାନ ରବିନ ଉଥାପ୍ପା ୨୬ ରନ କରିଥିବାବେଳେ ୬ଜଣ ଖାତା ଖୋଲିପାରି ନ ଥିଲେ।

### ରଣଜୀ ଟ୍ରଫି: ଉତ୍ତରାଖଣ୍ଡ ୧୧୭ରେ ଅଲଆଉଟ

# ବସନ୍ତଙ୍କୁ ୬, ଅଗ୍ରଣୀ ପଥରେ ଓଡ଼ିଶା

କଟକ ଅଫିସ,୨୫।୧୨

ଚଳିତ ରଣ୍‌ଜୀ ସିଜନରେ ଓଡ଼ିଶା ପେସ୍ ବୋଲରଙ୍କ ପ୍ରାଧାନ୍ୟ ଜାରି ରହିଛି। ବୁଧବାରଠାରୁ ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଛି। ଓଡ଼ିଶାର ବସନ୍ତ ମହାନ୍ତି ୬ ଉଇକେଟ ନେଇ ଉତ୍ତରାଖଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ଫଳରେ ଉତ୍ତରାଖଣ୍ଡ ପ୍ରଥମ ଇନିଂସ୍‌ରେ ୧୧୭ ରନ୍ କରି ଅଲଆଉଟ ହୋଇଯାଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୩ ଉଇକେଟ ହରାଇ ୯୮ରନ୍ କରିଛି। ହାତରେ ୭ ଉଇକେଟ ସୁରକ୍ଷିତ ଥିବାବେଳେ ଓଡ଼ିଶା ମାତ୍ର ୧୯ ରନ୍ ପଛରେ ରହିଛି। ଏଥିସହ ଘରୋଇ ମାଟିରେ ଇନିଂସ୍ ଅଗ୍ରଣୀ ପଥରେ ରହିଛି ଓଡ଼ିଶା ଦଳ।

ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଉତ୍ତରାଖଣ୍ଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ପିଚ୍ ପେସ୍ ବୋଲରଙ୍କୁ ସୁହାଉଥିବାରୁ ପ୍ରାରମ୍ଭରୁ ରକ୍ଷଣାତ୍ମକ ଶୈଳୀରେ ଉତ୍ତରାଖଣ୍ଡ ବ୍ୟାଟିଂ ଆରମ୍ଭ କରିଥିଲା। ଓପନର ତନ୍ମୟ ଶ୍ରୀବାସ୍ତବ ଓ ଅଧିନାୟକ ଉନ୍ମୁକ୍ତ ଚାନ୍ଦ ପ୍ରଥମ ୧୦ ଓଭରରେ ୧୨ରନ୍ କରିଥିଲେ। ଦଳୀୟ ସ୍କୋର ୧୬ ହୋଇଥିବା ବେଳେ ଅଧିନାୟକ ଉନ୍ମୁକ୍ତଙ୍କୁ ୬ ରନ୍‌ରେ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରଥମ ସଫଳତା ଦେଇଥିଲେ ରାଜ୍ୟର ଯୁବ ପେସ୍ ତାରକା ରାଜେଶ ମହାନ୍ତି। ଓଡ଼ିଶାର ଦୁର୍ଦ୍ଧର୍ଷ ପେସ୍ ବୋଲିଂ ସମ୍ମୁଖରେ ଉତ୍ତରାଖଣ୍ଡ ବ୍ୟାଟ୍ସମ୍ୟାନ୍‌ମାନେ ହାତ ଟେକି ଦେଇଥିଲେ। ଲଗାତର ଭାବେ ଉଇକେଟ ପତନ ଘଟିଥିଲା। ୬୮ ରନ୍‌ରେ ୫ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇ ସାରିଥିବା ଉତ୍ତରାଖଣ୍ଡ ୧୧୭ ରନ୍‌ରେ ଅଲଆଉଟ ହୋଇଥିଲା। ଦୀକ୍ଷାଂଶୁ ନେଗି ସର୍ବାଧିକ ୩୬ରନ୍ କରିଥିବା ବେଳେ ତନ୍ମୟ ୨୪, ଧନରାଜ ଶର୍ମା ଓ ଅଭନିଶ ସୁଧା ୧୭ ରନ୍ ଲେଖାଏ କରିଥିଲେ। ପୂର୍ବରୁ ଓଡ଼ିଶା ପକ୍ଷରୁ ଖେଳିସାରିଥିବା ଉତ୍ତରାଖଣ୍ଡର ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ସୌରଭ ରାୱତ ୪ରନ୍‌ରେ ଆଉଟ ହୋଇଥିଲେ। ଏଠାରେ ଖେଳାଯାଇଥିବା ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ୬ ଉଇକେଟ ହାସଲ କରିଥିବା ବସନ୍ତ ମହାନ୍ତି ବୁଧବାର ମଧ୍ୟ ସମାନ ସଂଖ୍ୟକ ଉଇକେଟ ନେଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ଗୋଟିଏ ଇନିଂସ୍‌ରେ ୫ ଉଇକେଟ ଦଖଲ କରିବା କ୍ଷେତ୍ରରେ ବସନ୍ତଙ୍କର ଏହା ୨୩ତମ ସଫଳତା। ୧୯.୪ ଓଭର ବୋଲିଂ କରିଥିବା ବସନ୍ତ ୧୦ ଓଭର ମେଡେନ ସହ ୧୭ ରନ୍ ବିନିମୟରେ ଏହି ସଫଳତା ପାଇଛନ୍ତି। ଏହାଛଡ଼ା ଦେବବ୍ରତ ପ୍ରଧାନ ୨ଟି, ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଛି। ଅନୁରାଗ ଷଡ଼ଙ୍ଗୀ ଆହତ ହୋଇ ମ୍ୟାଚ୍‌ରୁ ବାଦ୍ ପଡ଼ିବା ପରେ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓପନିଂ ଦାୟିତ୍ୱ ସମ୍ଭାଳିଥିଲେ। ଗୋବିନ୍ଦ ଓ ଶାନ୍ତନୁ ମିଶ୍ର ଓପନିଂରେ ୧୫ ରନ୍ ଯୋଡ଼ିଥିଲେ। ଗୋବିନ୍ଦ ୧୧ରନ୍ କରି ସନି ରାଣାଙ୍କ ଶିକାର ହୋଇଛନ୍ତି। ପରେ କ୍ରିଜ୍‌କୁ ଆସିଥିବା ଦେବାଶିଷ ସାମନ୍ତରାୟ ଖାତା ଖୋଲିବା ପୂର୍ବରୁ ଓ ଅଧିନାୟକ ଶୁଭ୍ରାଂଶୁ ୧୬ ରନ୍‌ରେ ଆଉଟ ହୋଇଛନ୍ତି। ଶାନ୍ତନୁ ୩୦, ବିପ୍ଳବ ସାମନ୍ତରାୟ ୩୫ ରନ୍‌ରେ ଅପରାଜିତ ଅଛନ୍ତି।



ବସନ୍ତ ମହାନ୍ତି

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ୍: ୧୧୭/ଅଲଆଉଟ(ଦୀକ୍ଷାଂଶୁ ନେଗି-୩୬, ତନ୍ମୟ ଶ୍ରୀବାସ୍ତବ-୨୪, ବସନ୍ତ ମହାନ୍ତି-୬/୧୭, ଦେବବ୍ରତ ପ୍ରଧାନ-୨/୩୯, ରାଜେଶ ମହାନ୍ତି-୧/୩୨, ସୂର୍ଯ୍ୟକାନ୍ତ ପ୍ରଧାନ-୧/୨୭)। ଓଡ଼ିଶା ପ୍ରଥମ ଇନିଂସ: ୯୮/୩(ବିପ୍ଳବ ସାମନ୍ତରାୟ-୩୫*, ଶାନ୍ତନୁ ମିଶ୍ର-୩୦*, ସନି ରଣା-୨/୧୮, ଆକାଶ ମଣ୍ଡୱାଲ-୧/୨୧)।

# ବୋଲିଂ କୋଚ୍‌ଙ୍କୁ ଗାଳି କରି ବିଦା ହେଲେ ଦିଣ୍ଡା



କୋଲକାତା,୨୫।୧୨

ଆନ୍ଧ୍ରପ୍ରଦେଶ ବିପକ୍ଷ ରଣ୍‌ଜୀ ମ୍ୟାଚ୍ ପୂର୍ବରୁ ପଶ୍ଚିମବଙ୍ଗ ଦଳରୁ ବାଦ୍ ପଡ଼ିଛନ୍ତି ସିନିୟର ପେସର ଅଶୋକ ଦିଣ୍ଡା। ଦଳର ବୋଲିଂ କୋଚ୍‌ଙ୍କୁ ଗାଳି କରିବାରୁ ବେଙ୍ଗଲ କ୍ରିକେଟ ଆସୋସିଏଶନ ଏହି ନିଷ୍ପତ୍ତି ନେଇଛି। ଦିଣ୍ଡା ଦଳୀୟ ବୋଲିଂ କୋଚ୍ ରଣଦେବ ବୋଷଙ୍କୁ ଅସମ୍ମାନିତ କରିଛନ୍ତି। ଏଣୁ ଦିଣ୍ଡାଙ୍କୁ କ୍ଷମା ମାଗିବା ପାଇଁ ଅନୁରୋଧ କରିଥିଲେ ସିଏବି ସମ୍ପାଦକ। କିନ୍ତୁ ସେ ମନା କରି ଦେଇଥିଲେ ବୋଲି ବେଙ୍ଗଲ କୋଚ୍ ଅରୁନ ଲାଲ କହିଛନ୍ତି। ଏହା ଦୁର୍ଭାଗ୍ୟଜନକ। ଏହା ଘଟିବାର ନ ଥିଲା। ତାଙ୍କ ଭଳି ସିନିୟର ଖେଳାଳିଙ୍କୁ ଆମେ ଦଳରେ ଚାହୁଁ। ପିଚ୍‌ରେ ଘାସ ଥିବାରୁ ଆମ ଯୋଜନାରେ ସେ ସାମିଲ ଥିଲେ। ମାତ୍ର ସିଏବିର ନିଷ୍ପତ୍ତିକୁ ମୁଁ ସମର୍ଥନ କରୁଛି ବୋଲି ସେ କହିଛନ୍ତି। ଭାରତ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଥିବା ଦିଣ୍ଡା ୧୧୬ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୪୨୦ ଉଇକେଟ ନେଇଛନ୍ତି। ଡ୍ରେସିଂ ରୁମ୍‌ରେ ବୋଷ ଦଳୀୟ ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କ ସହ ବ୍ୟକ୍ତିଗତ ଆଲୋଚନା କରୁଥିବାବେଳେ ଏହି ଘଟଣା ଘଟିଥିଲା।

# କଟକ ଜିଲା ଆଥ୍‌ଲେଟିକ ମିଟ୍ ଆରମ୍ଭ

କଟକ ଅଫିସ,୨୫।୧୨

କଟକ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବୁଧବାରଠାରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ କଟକ ଜିଲା ବାର୍ଷିକ ଆଥ୍‌ଲେଟିକ ମିଟ୍ ଆରମ୍ଭ ହୋଇଛି। ଜିଲାପାଳ ତଥା ସଂସଦର ସଭାପତି ଭବାନୀ ଶଙ୍କର ଚୟନୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ବିଭିନ୍ନ ବୟସ ବର୍ଗର ଫାଇନାଲ ରାଉଣ୍ଡ ଖେଳାଯାଇଥିବା ବେଳେ ଗୁରୁବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ୧୦୦ ମିଟର ଦୌଡ଼ରେ ବେଣୁଧର ପୂଜାରୀ, ୬୦୦ ମିଟର ଦୌଡ଼ ଓ ହାଇଜମ୍ପରେ ସୋରେନ ଧାନ, ଟପ୍‌ପୁଟରେ ଓଁକାର ପ୍ରସାଦ ନନ୍ଦ, ଟ୍ରାଇଥଲନରେ ଅଙ୍କିତ କୁମାର ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ୮୦୦ ମିଟର ଦୌଡ଼ରେ ବିଶ୍ୱଜିତ ପ୍ରଧାନ, ଶଟ୍‌ପୁଟରେ ବରୁଣ ରାଇତା, ଜାଭେଲିନ୍‌ରେ ପ୍ରଭଞ୍ଜନ ମହାରଣା, ୧୮ ବର୍ଷରୁ କମ୍ ବାଳକ ୧୦୦ ମିଟର ଦୌଡ଼ରେ ଅଭିଷେକ ଦଳବେହେରା, ୮୦୦ ମିଟର ଦୌଡ଼ରେ ଜଗମୋହନ ପୂର୍ତ୍ତି, ୪୦୦ ମିଟର ହର୍ଡଲ୍ସରେ ବାପୁନ ହାଁସ୍‌ଦା, ଲଙ୍ଗଜମ୍ପରେ ସ୍ୱନ୍ଦନ କୁମାର ସ୍ୱାଇଁ, ଶଟ୍‌ପୁଟରେ ସମୀର କୁମାର ଲେଙ୍କା, ଜାଭେଲିନ୍‌ରେ ସ୍ମାରକ ଜାଲି ଏବଂ ୨୦ ବର୍ଷରୁ କମ୍ ବାଳକ ୧୦୦ ମିଟର ଦୌଡ଼ରେ ରୁଷ କୁମାର, ୪୦୦ ମିଟର ଦୌଡ଼ରେ ଦିପୁ ହାଲ୍‌ଦାର, ୮୦୦ ମିଟର ଦୌଡ଼ରେ ପ୍ରଣବ ଦାସ, ୫୦୦୦ ମିଟର ଦୌଡ଼ରେ ଆକାଶ ସିଂ, ୪୦୦ ମିଟର ହର୍ଡଲ୍‌ସରେ ବିନ୍ମୟ କୁମାର ସାହୁ, ଲଙ୍ଗଜମ୍ପରେ ଅବ୍‌ଦୁଲ ଇମ୍‌ତିଆଜ ଖାନ୍, ଶଟ୍‌ପୁଟରେ ଲଛମାନ ଶର୍ମା, ଜାଭେଲିନ୍‌ରେ ଅନିର୍ବାଣ ଜେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ପ୍ରିୟଦର୍ଶନୀ ବେହେରା, ୬୦୦ ମିଟର ଦୌଡ଼ରେ ଶ୍ରେୟା ପ୍ରିୟଦର୍ଶିନୀ, ଟ୍ରାଇଥଲନରେ ରଶ୍ମିରେଖା ସାହୁ, ୧୬ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ଅମ୍ରିତା ବାରିକ, ୪୦୦ ମିଟର ଦୌଡ଼ରେ ଶ୍ରୁତିପ୍ରଭା ବେହେରା, ୮୦୦ ମିଟର ଦୌଡ଼ରେ କୀର୍ତ୍ତି ଧୀରସାମନ୍ତ, ୩୦୦୦ ମିଟର ଚାଲିବାରେ ଇପ୍ସିତା ଜାଲି, ଲଙ୍ଗଜମ୍ପରେ ମନସ୍ମିତ ସଏ, ହାଇଜମ୍ପରେ ପ୍ରିୟଙ୍କା ବେହେରା, ଡିସ୍କସ୍‌ରେ ଅମ୍ରିନ ବେଗମ୍, ଜାଭେଲିନ୍‌ରେ ଲଳିତା ଟୁଡୁ, ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ଶୁଭଲକ୍ଷ୍ମୀ ପଟ୍ଟନାୟକ, ୮୦୦ ମିଟର ଦୌଡ଼ରେ ଶକ୍ତି ଉପାଧ୍ୟାୟ, ୩୦୦୦ ମିଟର ଚାଲିରେ ଟିନା ମଲିକ, ହାଇଜମ୍ପରେ ସୋନାଲି ସନ୍ଦୀପ୍ତା ନାୟକ, ଡିସ୍କସ୍‌ରେ ଜାହ୍ନବୀ ତ୍ରିପାଠୀ, ଜାଭେଲିନ୍‌ରେ ଧନମତି ଖେସ୍ ପ୍ରଥମ ହୋଇଛନ୍ତି। ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ଅପର୍ଣ୍ଣା ପରିଡ଼ା, ୮୦୦ ମିଟର ଦୌଡ଼ରେ ମନୀଷା ପ୍ରଧାନ, ୫୦୦୦ ମିଟର ଦୌଡ଼ରେ ଶ୍ୱେତା କୁଜୁର, ପୁରୁଷ ୫୦୦୦ ମିଟର ଦୌଡ଼ରେ ଭୀମସେନ ଜାନକା, ୪୦୦ ମିଟର ହର୍ଡଲ୍‌ସରେ ସ୍ମୃତି ମହାନ୍ତି, ଲଙ୍ଗଜମ୍ପରେ ଜଗନ୍ନାଥ ମନ୍ତ୍ରୀ, ଶଟ୍‌ପୁଟରେ ହରି ବେହେରା, ଜାଭେଲିନ୍‌ରେ ରାକେଶ କୁମାର ନାୟକ, ମହିଳା ୧୦୦ ମିଟର ଦୌଡ଼ରେ ବିନନ୍ଦୀ ବେହେରା, ୮୦୦ ମିଟର ଦୌଡ଼ରେ ପାୟଲ ବିଶ୍ୱାଳ, ୪୦୦ ମିଟର ହର୍ଡଲ୍ସରେ ଲକ୍ଷ୍ମୀପ୍ରିୟା ରାଉତ, ୧୦୦୦୦ ମିଟର ଚାଲିରେ ପ୍ରିୟଙ୍କା ମହାଲିକ, ହାଇଜମ୍ପରେ ଲକ୍ଷ୍ମୀପ୍ରିୟା ରାଉତ, ଡିସ୍କସ୍‌ରେ ସୁକାନ୍ତି ସିଂ, ଜାଭେଲିନ୍‌ରେ ପ୍ରିୟଙ୍କା ଟପ୍ପୋ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।



ମାର୍ଚ୍ଚପାଷ୍ଟ ଅବସରରେ ପ୍ରତିଯୋଗୀମାନେ।

### ସୂର୍ଯ୍ୟୋପରାଗ ପ୍ରଭାବ

## ବିଳମ୍ବରେ ଆରମ୍ଭ ହେବ ମୁମ୍ବାଇ-ରେଲ୍‌ୱେ, ୟୁପି-ସୌରାଷ୍ଟ୍ର ମ୍ୟାଚ୍

ମୁମ୍ବାଇ, ୨୫।୧୨ (ପି.ଟି.)

ଗୁରୁବାର ସକାଳେ ଏକ ବିରଳ ସୂର୍ଯ୍ୟୋପରାଗ ହେବ। ଏହି ମହାଜାଗତିକ ଘଟଣାଟି ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବେ ଦେଖାଯିବ। ଏଥିଲାଗି ଚଳିତ ରଣ୍‌ଜୀ ଟ୍ରଫିର କେତେକ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବୁଧବାରଠାରୁ ତୃତୀୟ ପର୍ଯ୍ୟାୟ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଗୁରୁବାର ସୂର୍ଯ୍ୟୋପରାଗ ହେବାକୁ ଥିବାରୁ ମୁମ୍ବାଇ ଓ ରାଜକୋଟରେ ଚାଲିଥିବା ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ୨ ଘଣ୍ଟା ବିଳମ୍ବରେ ଅର୍ଥାତ୍ ୧୧ଟା ୩୦ରୁ ଆରମ୍ଭ ହେବ। ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଓ ରେଲ୍‌ୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ପ୍ରଥମ ଦିବସ ଖେଳ ସମାପ୍ତ ପରେ ଆୟୋଜକ ଆସୋସିଏଶନ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ସେହିଭଳି ରାଜକୋଟରେ ଘରୋଇ ସୌରାଷ୍ଟ୍ର ଓ ଉତ୍ତରପ୍ରଦେଶ (ୟୁପି) ମଧ୍ୟରେ ଚାଲିଥିବା ମ୍ୟାଚ୍ ମଧ୍ୟ ୧୧ଟା ୩୦ରୁ ଆରମ୍ଭ ହେବ ବୋଲି ଆୟୋଜକ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏକ ରିଲିଜରେ କୁହାଯାଇଛି। ସାଧାରଣତଃ ରଣ୍‌ଜୀ ଟ୍ରଫି ମ୍ୟାଚ୍ ସକାଳ ୯ଟା ୩୦ରୁ ଆରମ୍ଭ ହୋଇଥାଏ।

# ଓଡ଼ିଶା ୟୁନାଇଟେଡ୍ କ୍ୱାର୍ଟର ଫାଇନାଲରେ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି)

**ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟ୍‌ବଲ ଉଦ୍‌ଘାଟିତ**

ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୧୨ତମ ଗୋଲ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ କଟକର ଓଡ଼ିଶା ୟୁନାଇଟେଡ୍ ଫୁଟ୍‌ବଲ କ୍ଲବ ଟାଇବ୍ରେକର ୪-୩ ଗୋଲରେ କିସ୍ ସ୍କୁଲକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଗୋଲ୍‌ଶୂନ୍ୟ ରହିବାରୁ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ମଧ୍ୟାନ୍ତରରେ କିସ୍ ସ୍କୁଲ ବ୍ୟାଣ୍ଡପାର୍ଟି ସହ ଅଂଶଗ୍ରହଣକାରୀ ଦଳଗୁଡ଼ିକ ମାର୍ଚ୍ଚପାଷ୍ଟ କରିଥିଲେ। ତା'ପରେ କିସ୍ ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିଜୟୀ ଦଳର ଗୋଲ୍‌କିପର ଆର୍‌ମାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବୟନିକାର ଅଧ୍ୟକ୍ଷ ଶେଷଧର ମେହେର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ବ୍ୟତୀତ ଶେଷଧର ମେହେର, ଦେବାଶିଷ ଜେନା, ତପନ ମହାନ୍ତି, ଅକ୍ଷୟ କୁମାର ଦାସ, ସତ୍ୟଜିତ ମିଶ୍ର, ନବରଞ୍ଜନ ପଟ୍ଟନାୟକ, ଚୌଧୁରୀ ପ୍ରିୟନାଥ ମିଶ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ, ଅମିତ କୁମାର ନାୟକ, ଚନ୍ଦ୍ରକାନ୍ତ ବାରିକ, ଶେଖାୱତ୍ ଖାଁ। ମ୍ୟାଚ୍ କମିଶନର ଥିଲେ ମହେଶ୍ୱର ସିଂ। ଗୁରୁବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ କେନ୍ଦୁଝର ବନାମ ସୁନ୍ଦରଗଡ଼ ହଷ୍ଟେଲ ଏବଂ ଦ୍ୱିତୀୟ ମ୍ୟାଚ୍ ନୟାଗଡ଼ ବନାମ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଖେଳାଯିବ।

## ଅଭିଷେକଙ୍କ ଶତକ ; ବେଙ୍ଗଲ ୪/୨୧୪

କୋଲ୍‌କାତା,୨୫।୧୨(ପି.ଟି.)

ବାମହାତୀ ଓପନର ଅଭିଷେକ ରମଣଙ୍କ ଅପରାଜିତ ୧୧୦ ରନ୍‌ର ଇନିଂସ୍ ଯୋଗୁ ଆନ୍ଧ୍ର ବିପକ୍ଷ ଏଲିଟ୍ ଗ୍ରୁପ୍ ଏ' ରଣଜୀ ମ୍ୟାଚ୍‌ର ପ୍ରଥମ ଦିନ ୪ ଉଇକେଟ ହରାଇ ୨୪୧ ରନ୍ କରିଛି। ପରେ କେ.ଭି. ଶଶିକାନ୍ତଙ୍କ ବଲ୍‌କୁ ସ୍କୋୟାର ଅଞ୍ଚଳକୁ ଖେଳି ଲଗାତର ଦ୍ୱିତୀୟ ଶତକ ପୂରଣ କରିଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ଅଧିନାୟକ ମନୋଜ ତିୱାରୀ ୪୬ ଓ କୌଶିକ ଘୋଷ୍ ୩୭ ରନ୍ କରିଥିଲେ। ଆନ୍ଧ୍ର ବୋଲର ଷ୍ଟିଫେନ ୨ ଉଇକେଟ ହାତେଇଥିଲେ।

## ରଣ୍‌ଜୀ ଟ୍ରଫିରେ ଖେଳିଲେ ନାହିଁ ବୁମ୍‌ରା

ମୁମ୍ବାଇ,୨୫।୧୨

କେରଳ-ଗୁଜରାଟ ରଣଜୀ ମ୍ୟାଚ୍‌ରେ ଭାରତୀୟ ଦଳର ଯୁବ ପେସର ଯଶପ୍ରୀତ ବୁମ୍‌ରା ଅଂଶଗ୍ରହଣ କରିନାହାନ୍ତି। ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ରଣ୍‌ଜୀ ସିଜନର ତୃତୀୟ ପର୍ଯ୍ୟାୟ ମ୍ୟାଚ୍‌ରେ ନିଜ ଫିଟ୍‌ନେସର ପ୍ରମାଣ ଦେବେ ବୋଲି ସୂଚନା ଦିଆଯାଇଥିଲା। ଗତ ୩ ମାସ ହେଲା ପଡ଼ିଆରୁ ଦୂରେଇ ରହିଥିବାରୁ ତାଙ୍କ ଏଲିଟ୍ ଗ୍ରୁପ ଏ' ମ୍ୟାଚ୍ ଖେଳିବାକୁ କୁହାଯାଇଥିଲା। ଏଥିରେ ବୁମ୍‌ରା ରାଜି ଥିଲେ। ମାତ୍ର ସେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ ସହ ଆଲୋଚନା କରିଥିଲେ। ୨୦୨୦ରେ ଟି୨୦ ବିଶ୍ୱକପ୍ ହେବାକୁ ଥିବାରୁ ଗାଙ୍ଗୁଲି ତାଙ୍କୁ ଧଳା ବଲ କ୍ରିକେଟରେ ଧ୍ୟାନ ନିବେଶ କରିବାକୁ କହିଛନ୍ତି। ଏହା ସ୍ପଷ୍ଟ କରିଛନ୍ତି ଗୁଜରାଟ ଅଧିନାୟକ ପାର୍ଥିବ ପଟେଲ। ବୁମ୍‌ରା ଏବେ ସିଧାସଳଖ ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ଖେଳିବେ। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ବହୁ ସମୟ ରହିଛି।

# ପ୍ରଗତି, ସହିଦ ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ଜୁନିୟର(୧୩ ବର୍ଷରୁ କମ୍) କ୍ରିକେଟ ଲିଗ୍ ବୁଧବାର ଆରମ୍ଭ ହୋଇଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ଓ ସମ୍ପାଦକ ଅଶୋକ ପାତ୍ର ଉପସ୍ଥିତ ଥିଲେ। ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ହେଉଥିବା ପ୍ରତିଯୋଗିତାର ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଗତି ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି।

ପ୍ରଗତି ଏବଂ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପ୍ରଗତି ୨୦ ଓଭରରେ ୧ ଉଇକେଟ ହରାଇ ୧୮୭ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ ସୁତାର ଶତକ(୧୦୩ ରନ୍) ଓ ଦୀପ୍ତାଂଶୁ ପ୍ରିୟଦର୍ଶୀ ୫୪ ରନ୍ କରି ଅପରାଜିତ ରହିଥିଲେ। ୧୮୮ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଓସ୍କାର ୬୩ ରନ୍ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଦୀପ୍ତାଂଶୁ ପାଲ, ଇଶୁ କିରନ ପାତ୍ର, ଅଶିମ ବରାତ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସାର୍ଥକ ସୌରଭ ଶ୍ରେଷ୍ଠ ଫିଲ୍ଡର ଓ ଆୟୁଷ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରତାପ ଜେନା ଓ ଦେବୀଦତ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୦ ଓଭରରେ ୭ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଜେନା ସର୍ବାଧିକ ୩୧ ଓ ଶିବାଶିଷ ମଲିକ ୩୦ ରନ୍ କରିଥିଲେ। ସହିଦ ସ୍ପୋର୍ଟିଂର ଶାଶ୍ୱତ ରାଉତ ୨ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ଶାଶ୍ୱତଙ୍କ ୪୯ ଓ ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୩୩ ରନ୍ ସହାୟତାରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚ୍‌ରେ ସ୍ୱୟଂପ୍ରକାଶ ପଣ୍ଡା ଶ୍ରେଷ୍ଠ ଫିଲ୍ଡର ଓ ଶାଶ୍ୱତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଚିତ୍ତରଞ୍ଜନ ସ୍ୱାଇଁ ଓ ପ୍ରତାପ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ଦିଲୀପ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ଗୁରୁବାର ପାରାମାଉଣ୍ଟ 'ବି' ସହିତ ବିବିସିଏ ଏବଂ ପାରାମାଉଣ୍ଟ 'ଏ' ସହିତ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଭାଗ ନେଇଥିବା ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଦୁଇ ଗ୍ରୁପ୍‌ରେ ଥିବା ୪ଟି ଲେଖାଏ ଦଳ ପରସ୍ପର ସହିତ ଲିଗ୍ ମ୍ୟାଚ୍ ଖେଳିବା ପରେ ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲରେ ପ୍ରବେଶ କରିବେ।



ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ଅତିଥି।

**ସିଦ୍ଧାନ୍ତ ମେମୋରିଆଲ ଜୁନିୟର କ୍ରିକେଟ ଲିଗ୍**

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଦୁଲାରାଣୀ ଖୁଣ୍ଟିଆ
(ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା)
ବ୍ରାହ୍ମଣସୁଆଁଲୋ, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୧।୧୯୫୫
ତିରୋଧାନ: ୨୬।୧୨।୨୦୧୮
ଚାହୁଁ ଚାହୁଁ ଏକବର୍ଷ ହୋଇଗଲା
ଅଜଣା ରାଇଜେ ତୁମେ ଗଲ ଚାଲି,
ସେହି ରାଇଜକୁ ଥରେ ଯିଏ ଯାଏ
ଆଉ ନ ଆସଇ କେବେ ସେ ଫେରି ।
ଠାକୁରଙ୍କ ପାଶେ କେତେ ଡାକିଥିଲି
ସିଏବି ନିଷ୍ଠୁର ଠକିଦେଲେ ମୋତେ,
ରହିଗଲି ମୁଁ ତୁମେ ଗଲ ଚାଲି ।
ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ: କୈଳାଶ ଚନ୍ଦ୍ର ଖୁଣ୍ଟିଆ,
ସମସ୍ତ ଖୁଣ୍ଟିଆ ପରିବାର ସଦସ୍ୟ ଓ ବନ୍ଧୁବର୍ଗ ।
ଧ-୪୬୨୭୩

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୃଷ୍ଣଚନ୍ଦ୍ର ନାୟକ
ପାଟପୁର, ନିମାପଡ଼ା
ଆବିର୍ଭାବ: ତା.୦୫।୦୮।୧୯୪୨
ତିରୋଧାନ: ତା.୨୬।୧୨।୨୦୧୭
(ପୌଷ ଅଷ୍ଟମୀ ତିଥି)
ଶ୍ରୀ କୃଷ୍ଣଚନ୍ଦ୍ର ଆଦି ଅସ୍ତମିତ
ତୁମ ପ୍ରେରଣାରେ ଆଜିବି ପ୍ରେରିତ,
ତୁମ ଅପେକ୍ଷାରେ ଚକ୍ଷୁ ବିନିଦିତ
ଫେରିବା ବାଟ ପ୍ରଭୁ ବତାଇ ଦିଅତ ।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ରେଣୁକା, ପୁତ୍ର: ତନ୍ମୟ, ଦିପ୍ତୀମୟ, ବୋହୂ: ଚାଇନା, ସୋନାଲି, ନାତି: ଗୁଗୁ, ଡୁଗୁ, ଝିଅ: ରୁନା, ନିନା, ଜ୍ୱାଇଁ: ଶାରଦା, ଦେବେନ୍ଦ୍ର ଓ ପରିବାରବର୍ଗ।
ଧ-୬୮୭୩୮

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୬/୨୦୧୯ Bhubaneswar, Thursday, December 26/2019

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ଦେଢ଼ଲକ୍ଷ ଟଙ୍କା ଚୋରି

**ବ୍ରହ୍ମଗିରି,୨୫।୧୨(ଡି.ଏନ.ଏ):** ବ୍ରହ୍ମଗିରି ବଜାର ଉପରେ ଦିନ ଦ୍ୱିପ୍ରହରରେ ବାଇକ୍ ଡିକି ଭାଙ୍ଗି ଦେଢ଼ଲକ୍ଷ ଟଙ୍କା ଚୋରି କରି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ପହଞ୍ଚି ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚକରି ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜଦୁପୁର ଗ୍ରାମର ରୋହିତ ଜେନା ମଙ୍ଗଳବାର ଦେଢ଼ଲକ୍ଷ ଟଙ୍କା ନେଇ ବଜାର ନିକଟସ୍ଥ ଏସ୍‌ବିଆଇ ବ୍ୟାଙ୍କରେ ଜମା କରିବାକୁ ଆସିଥିଲେ। କିନ୍ତୁ ସେହି ସମୟରେ ବ୍ୟାଙ୍କ କର୍ମଚାରୀମାନେ ଖାଇବା ପାଇଁ ଯାଇଥିଲେ। ରୋହିତ ମଧ ବ୍ୟାଙ୍କ ସମ୍ମୁଖରେ ବାଇକ୍ ରଖି ବେଣ୍ଟପୁର ସ୍କୁଲ ନିକଟରେ ଥିବା ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। କିନ୍ତୁ ହଠାତ ଡିକିରେ ଟଙ୍କା ଥିବା ମନେ ପଡିବାରୁ ଫେରି ଦେଖିବାବେଳେ ଡିକି ଭଙ୍ଗାଯାଇଥିବାବେଳେ ଟଙ୍କା ନ ଥିଲା। ଏ ନେଇ ରୋହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ୪୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଜଟଣୀ,୨୫।୧୨(ଡି.ଏନ.ଏ.):** ଜଟଣୀ ଓ ଖୋର୍ଦ୍ଧା ମୁଖ୍ୟ ରାସ୍ତାର ଖୁଦୁପୁର ଛକ ନିକଟରେ କମିଶନରେଟ୍ ପୋଲିସର କୁଇକ୍ ଆକ୍ସନ୍ ଟିମ୍ ଏବଂ ଜଟଣୀ ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ବ୍ୟବସାୟୀ ବଳରାମ ସାହୁ(୨୪)ଙ୍କୁ ଗିରଫ କରିଛି। ଗଞ୍ଜାମ ଜିଲା ରମ୍ଭା ଥାନାର ସାବୁଳିଆ ନୂଆସାହି ଅଞ୍ଚଳରେ ତାଙ୍କ ଘର। ତାଙ୍କଠାରୁ ୪୦ ଗ୍ରାମ ବ୍ରାଉନସୁଗାର ୧ଲକ୍ଷ ୧୦ ହଜାର ଟଙ୍କା, ଗୋଟିଏ ମାରୁତି ସୁଜୁକି ଡିଜାୟାର କାର୍, ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଥାନାରେ ନଂ. ୫୨୦/୧୯ରେ ମାମଲା ରୁଜୁ ହୋଇଛି।

# ଆଜି ବିରଳ ସୂର୍ଯ୍ୟୋପରାଗ

- ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦୃଶ୍ୟମାନ ହେବ
- ଖାଲି ଆଖିରେ ନ ଦେଖିବାକୁ ପରାମର୍ଶ




## ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା


ସୂର୍ଯ୍ୟୋପରାଗ ଦେଖିବା ପାଇଁ ପ୍ଲାନେଟାରିୟମ୍ ପରିସରରେ ହୋଇଥିବା ବ୍ୟବସ୍ଥା।

**ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ):** ଗୁରୁବାର ଚଳିତବର୍ଷର ତୃତୀୟ ତଥା ବିରଳ ସୂର୍ଯ୍ୟୋପରାଗ। ଏହି ମହାଜାଗତିକ ଦୃଶ୍ୟ ଦକ୍ଷିଣ ଭାରତର ଅଳ୍ପ କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବେ ଏବଂ ଓଡ଼ିଶାରେ ଆଂଶିକ ଭାବେ ଦେଖାଯିବ। ଓଡ଼ିଶାରେ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଅର୍ଥାତ୍ ସକାଳ ୮ଟା ୨୦ରୁ ପରାଗ ଆରମ୍ଭ ହୋଇ ଅପରାହ୍ନ ୧୧ଟା ୨୮ ପର୍ଯ୍ୟନ୍ତ ରହିବ। ସକାଳ ୯ଟା ୪୬ରେ ସର୍ବାଧିକ ପରାଗ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସୂର୍ଯ୍ୟକୁ ପ୍ରାୟ ୫୫-୬୫% ଘୋଡ଼ାଇଦେବ ଏବଂ ସୂର୍ଯ୍ୟର ଆଲୋକ ମଳିନ ପଡ଼ିବା ସହିତ ଏହା ଅଧା ଖଣ୍ଡିଆ ଦେଖାଯିବ। ତେବେ ସୂର୍ଯ୍ୟକୁ ବା ସୂର୍ଯ୍ୟୋପରାଗକୁ ଖାଲି ଆଖିରେ ନ ଦେଖିବାକୁ ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ପରାଗ ସମୟର ସୂର୍ଯ୍ୟ କିରଣ ଆଖିରେ ପଡ଼ିଲେ କ୍ଷତି କରିବ। ତେଣୁ ସୂର୍ଯ୍ୟୋପରାଗ ଦୃଶ୍ୟକୁ ନିରାପଦରେ ଦେଖିବା ପାଇଁ ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କୁ ଆବଶ୍ୟକ ପରିମାଣର ସୌର ଚଷମା ଯୋଗାଇ ଦିଆଯିବ। ସୌର ଚଷମାର ମୂଲ୍ୟ ମାତ୍ର ୨୫ ଟଙ୍କା ରଖାଯାଇଛି। ସେହିଭଳି ଏକ ବଡ଼ ପ୍ରୋଜେକ୍ଟର ଓ ଟେଲିସ୍କୋପ୍‌ର ମଧ ବନ୍ଦୋବସ୍ତ କରାଯାଇଛି। ଏହି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ପଟ୍ଟନାୟକ କହିଛନ୍ତି।

### ୫ ହଜାର ଦର୍ଶକ ଆସିବା ଆକଳନ

ଦୀର୍ଘ ଦଶବର୍ଷ ପରେ ଓଡ଼ିଶାରେ ସୂର୍ଯ୍ୟୋପରାଗ ଏତେ ଭଲ ଭାବେ ଦେଖିବାକୁ ମିଳିବ। ତେଣୁ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ଅଧିକ ଭିଡ଼ ହେବା ଆଶଙ୍କା କରାଯାଉଛି। ପ୍ରଥମତଃ ପର୍ଯ୍ୟଟନ ଋତୁ ପାଇଁ ଏବେ ପ୍ରତିଦିନ ଏଠାକୁ ଛାତ୍ରୀଛାତ୍ର ଓ ପର୍ଯ୍ୟଟକମାନେ ଆସୁଛନ୍ତି। ତେଣୁ ସୂର୍ଯ୍ୟୋପରାଗ ଦେଖିବାକୁ ଏହି ଭିଡ଼ ବହୁଗୁଣିତ ହେବ। ୪ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ପରି ସ୍ୱତନ୍ତ୍ର ଶୋ' ସହ ପରାଗ ଦେଖିବା ପାଇଁ ସ୍ୱତନ୍ତ୍ର ଗୃହ କରାଯାଇଛି। ପରାଗକୁ ସ୍ପଷ୍ଟ ଭାବେ ଦେଖିବା ପାଇଁ ଉକ୍ତ ସ୍ୱତନ୍ତ୍ର ଗୃହଟିକୁ ସମ୍ପୂର୍ଣ୍ଣ ଅନ୍ଧକାର କରାଯାଇଛି।

### ମାଗଣାରେ ପରାଗ ଦେଖିବେ ଦର୍ଶକ

ଲୋକେ କିପରି ମିନା ମୂଲ୍ୟରେ ଶୃଙ୍ଖଳିତ ତଥା ସ୍ୱତନ୍ତ୍ର ଭାବେ ସୂର୍ଯ୍ୟୋପରାଗ ଦେଖିବେ ସେଥିପାଇଁ ପ୍ଲାନେଟୋରିୟମ୍ ପକ୍ଷରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣ କରିବାକୁ ବିଭିନ୍ନ ସ୍ଥାନରେ ସୌର ଚଷମା ପଏଣ୍ଟ କରାଯାଇଛି। ଗୋଟିଏ ପଏଣ୍ଟରେ ଜଣେ ଭଲ୍ୟୁଣ୍ଟିୟରଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଲୋକେ ଧାଡ଼ିରେ ଆସି ସୂର୍ଯ୍ୟୋପରାଗ ଦେଖିପାରିବେ।



### ଘରେ ରହି କିପରି ପରାଗ ଦେଖିବେ?

ଯେଉଁମାନେ ପ୍ଲାନେଟାରିୟମ୍ ଆସିପାରୁ ନାହାନ୍ତି ସେମାନେ ଘରେ ରହି ଦର୍ପଣ ବ୍ୟବହାର କରି ସୁରକ୍ଷିତ ଭାବେ ସୂର୍ଯ୍ୟୋପରାଗ ଦେଖିପାରିବେ। ଦର୍ପଣ ଉପରେ ଏକ କଳା କାଗଜକୁ ସମାନ ଭାବେ କାଟି ଲଗାନ୍ତୁ ଓ ସେଥିରେ ଗୋଟିଏ କଣା କରି ସୂର୍ଯ୍ୟଙ୍କ ଦିଗରେ ରଖନ୍ତୁ। ଦର୍ପଣରେ ଲାଗିଥିବା କାଗଜରେ ହୋଇଥିବା କଣାରୁ ଆସୁଥିବା ପ୍ରତିବିମ୍ବକୁ ଏକ ଅନ୍ଧାରିଆ ଘର କାନ୍ଥକୁ ପକାଇ ସୂର୍ଯ୍ୟୋପରାଗକୁ ସେଠାରେ ଦେଖନ୍ତୁ ବୋଲି ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

■ ନିର୍ଘଣ୍ଟ ସମୟ ପୂର୍ବରୁ ସରିଲା ତଡ଼ପଲାଗି

# ସୂର୍ଯ୍ୟୋପରାଗ ପାଇଁ ଅନିଦ୍ରା ମହାପ୍ରଭୁ


ରାତି ୧୨ଟା ସମୟରେ ସିଂହଦ୍ୱାର ସମ୍ମୁଖ ଦୃଶ୍ୟ।

## ସାରା ରାତି ଖୋଲା ରହିଲା ଶ୍ରୀମନ୍ଦିର

**ପୁରୀ ଅଫିସ, ୨୫।୧୨**

ଗୁରୁବାର ସଂଘଟିତ ହେବ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ। ସକାଳ ୮ ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡରେ ପରାଗ ସ୍ପର୍ଶ ହୋଇ ୩ ଘଣ୍ଟା ୯ ମିନିଟ୍ ପର୍ଯ୍ୟନ୍ତ ରହିବ। ସକାଳ ୯ଟା ୪୬ ମିନିଟ ୭ ସେକେଣ୍ଡରେ ମୋକ୍ଷ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୨୯ ମିନିଟ୍ ୧୦ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେବେ ଏହାର ୧୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ବୁଧବାର ରାତି ୮ଟା ୨୦ ମିନିଟ୍‌ରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ ହୋଇଛି। ସୂର୍ଯ୍ୟୋପରାଗ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଥିଲା ସେହି ଅନୁଯାୟୀ ନୀତି ସମ୍ପନ୍ନ ହୋଇଛି। ବୁଧବାର ରାତି ୮ଟା ସୁଦ୍ଧା ତଡ଼ପଲାଗି ପରେ ନୀତି ବନ୍ଦ ରହିଛି। ନିର୍ଘଣ୍ଟ ସମୟର ୨୦ ମିନିଟ୍ ପୂର୍ବରୁ ତଡ଼ପଲାଗି ଶେଷ ହୋଇଛି। ସୂର୍ଯ୍ୟୋପରାଗ ସ୍ପର୍ଶ ହେବା ପରେ ଶ୍ରୀମନ୍ଦିରରେ ନୀତି ଆରମ୍ଭ ହେବାର ବିଧି ରହିଛି। ତେଣୁ ବୁଧବାର ବଡ଼ଦେଉଳରେ ପହୁଡ଼ ହୋଇନାହିଁ। ରାତି ଅନିଦ୍ରା ରହି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମହାପ୍ରଭୁ। ଗୁରୁବାର ସକାଳ ୮ ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡରେ ପରାଗ ସ୍ପର୍ଶ ପରେ ଠାକୁରଙ୍କ ମହାସ୍ନାନ ହୋଇ ନୀତି ଚାଲିବ। ବୁଧବାର ବଡ଼ଦିନ ଥିବାରୁ ଶ୍ରୀମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।




## ନନ୍ଦନକାନନ ଅପେକ୍ଷା ବଟାନିକାଲ ଗାର୍ଡେନ୍‌ରେ ବଢ଼ିଲେ ପର୍ଯ୍ୟଟକ

**ବାରଙ୍ଗ,୨୫।୧୨(ଡି.ଏନ୍.ଏ.)**

ବଡ଼ଦିନ ଅବସରରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗତବର୍ଷଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା କମ ରହିଥିବାବେଳେ ବଟାନିକାଲ ଗାର୍ଡେନରେ ବୃଦ୍ଧିପାଇଛି। ବୁଲିବାକୁ ଆସିଥିବା ୨୯ହଜାର ୭୦୧ଜଣ ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ୧୧ଲକ୍ଷ ୮୩ହଜାର ୯୫୦ଟଙ୍କା ଆଦାୟ ହୋଇପାରିଛି। ସେହିଭଳି ବଟାନିକାଲ ଗାର୍ଡେନକୁ ୪୦୦୧ଜଣ ପର୍ଯ୍ୟଟକ ଆସିଥିବାବେଳେ ରାଜସ୍ୱ ବାବଦରେ ୧ଲକ୍ଷ ୭୬ହଜାର ୫୪୦ଟଙ୍କା ଆଦାୟ ହୋଇଛି। ଗତବର୍ଷଠାରୁ ଚଳିତବର୍ଷ ବଡ଼ଦିନରେ ନନ୍ଦନକାନନକୁ ୫ହଜାର ୨୧୩ଜଣ କମ ପର୍ଯ୍ୟଟକ ଆସିଥିବାବେଳେ ୨ଲକ୍ଷ ୯୮ହଜାର ୯୩୬ଟଙ୍କାର ରାଜସ୍ୱ ହ୍ରାସ ପାଇଛି। ସେହିଭଳି ବଟାନିକାଲ ଗାର୍ଡେନକୁ ଗତବର୍ଷଠାରୁ ଚଳିତ ବଡ଼ଦିନରେ ୨୨୯୬ଜଣ ଅଧିକ ପର୍ଯ୍ୟଟକ ଆସିଥିବାବେଳେ ୧ଲକ୍ଷ ୭ହଜାରେ ୫୮୦ଟଙ୍କା ଅଧିକ ରାଜସ୍ୱ ହୋଇଛି। ଚନ୍ଦକା ଗୋଡିବାରୀକୁ ବଡଦିନରେ ୪୫୦ଜଣ ପର୍ଯ୍ୟଟକ ଆସିଥିବାବେଳେ ରାଜସ୍ୱ ବାବଦରେ ୩୮ହଜାର ୮୫ଟଙ୍କା ଆଦାୟ ହୋଇଛି। ସେହିଭଳି ଡେରାସକୁ ୪ହଜାର ୮ଶହ ପର୍ଯ୍ୟଟକ ଆସିଥିବାବେଳେ ରାଜସ୍ୱ ବାବଦରେ ୫୯ହଜାର ୮୦୦ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଛି।







| MARAZZO | XUV300 | ALTURAS | XUV500 | SCORPIO | TUV300 | BOLERO |
|---|---|---|---|---|---|---|
| ₹1,90,000* ପର୍ଯ୍ୟନ୍ତ ଲାଭ | ₹80,000* ପର୍ଯ୍ୟନ୍ତ ଲାଭ | ₹3,65,000* ପର୍ଯ୍ୟନ୍ତ ଲାଭ | ₹1,10,000* ପର୍ଯ୍ୟନ୍ତ ଲାଭ | ₹90,000* ପର୍ଯ୍ୟନ୍ତ ଲାଭ | ₹90,000* ପର୍ଯ୍ୟନ୍ତ ଲାଭ | ₹90,000* ପର୍ଯ୍ୟନ୍ତ ଲାଭ |

ଅଫର 31 ଡିସେମ୍ବର 2019 ପର୍ଯ୍ୟନ୍ତ ବୈଧ।

Mahindra with you hamesha 1800-209-6006
X Mart EXCHANGE OR BUY, WITH TRUST.
Mahindra Subscription Operated by revv SELF-DRIVE CARS www.mahindrasyouv.com/mahindra-subscription

For Corporate/ Fleet/ CSD & CPC enquiries, write to us at sales.corporate@mahindra.com 'Credit at sole discretion of Bank. *Subject to credit approval from the Bank / Finance Company. All other terms & conditions will apply. Offer valid on select models till stocks last. This offer cannot be clubbed with any other offer. Offer mentioned is the maximum benefit available inclusive of insurance, exchange, loyalty, corporate as applicable. Offer will vary depending on the brand and model purchased and may vary from city to city. Contact your nearest Mahindra dealer for exact details. Terms of the offer may be altered/ amended/ withdrawn without prior notice. Accessories shown are not part of standard equipment. *Offer valid till stock last. T&C Apply. Offers on XUV300 valid only on BS4 variants.

UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 8929207515 | ADITYA MOTORS: CUTTACK, JAGATSINGHPUR, KENDRAPARA, PURI, NAYAGARH, KHURDA: 7873999400, JAJPUR, PANIKOILI: 7873999027

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିନ୍ଦିତ କର୍ମ ଯେ କରନ୍ତି, ଜୀବନ ଥାଇ ସେ ମରନ୍ତି।
-ଜଗନ୍ନାଥ ଦାସ



## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଟଙ୍କା, ଆସବାବପତ୍ର ଚୋରି

**ନିଶ୍ଚିନ୍ତକୋଇଲି,୨୫ା୧୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅଧୀନ ଶରପଡା ପଞ୍ଚାୟତ ସାଧୁପୁର ଗ୍ରାମର ପ୍ରମୋଦ ପତିଙ୍କ ଘରୁ ଚୋରି ହୋଇଛି। ଏନେଇ ତାଙ୍କ ସ୍ତ୍ରୀ ପ୍ରଭାସିନୀ ପତି ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନ ସମୟରେ ସେ ଘରେ ତାଲା ପକାଇ ସ୍ୱାମୀଙ୍କ ସହ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ। ବୁଧବାର ଫେରିବା ପରେ ଘର ମୁଖ୍ୟ ଦୁଆରରେ ଲାଗିଥିବା ତାଲା ଭଙ୍ଗା ହୋଇଥିବା ଦେଖିଥିଲେ।ଭିତରକୁ ଯିବା ପରେ ଘରର ସମସ୍ତ ବାସନକୁସନ, ମୋବାଇଲ ଫୋନ, ପାଣି ମୋଟର ଓ ଘରେ ଥିବା ୨୦ ହଜାର ଟଙ୍କା ଚୋରି ହୋଇଥିବା ଜାଣି ପାରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା।

### ଚୌଦ୍ୱାରରେ ହାତୀ, ଲୋକେ ଆତଙ୍କିତ

**ଚୌଦ୍ୱାର,୨୫ା୧୨(ଡି.ଏନ୍.ଏ.):** ଚନ୍ଦକା ଜଙ୍ଗଲରୁ ୧୬ ଘରିଆ ହାତୀପଲ ଆସି ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି କରିବା ସହ ଏଣେତେଣେ ବୁଲିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଏହି ହାତୀ ପଲରୁ ଦୁଇଟି ହାତୀ ମଙ୍ଗଳବାର ବିଳମ୍ବିତ ରାତିରେ ପୌରପାଳିକାର ବଡବଜାର, ନବଗ୍ରହସାହି, ତଳ ବଜାର ଅଞ୍ଚଳରେ ପଶି ଯାଇଥିଲେ। ରାତ ପ୍ରାୟ ୧ଟା ରେ ଜଣେ ବ୍ୟକ୍ତି ହାତୀ ଦୁଇଟିକୁ ଦେଖି ପାଟି କରିବାରୁ ଶତାଧିକ ଲୋକ ରାସ୍ତାରେ ଏକତ୍ରିତ ହେବାରୁ ସେମାନଙ୍କ ପାଟିତୁଣ୍ଡରେ ହାତୀ ଦୁଇଟି ଭୟରେ ଏଣେତେଣେ ଦୌଡ଼ିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ଖବରପାଇ ବିଦ୍ୟୁତ୍ କର୍ମଚାରୀମାନେ ଚୌଦ୍ୱାର ଅଞ୍ଚଳରେ ବିଦ୍ୟୁତ୍ ସରବରାହକୁ ବନ୍ଦ କରିବା ପରେ ବନ କର୍ମଚାରୀମାନେ ଉଭୟ ହାତୀକୁ ଘଉଡାଇଦେଇଥିଲେ। ବନ ବିଭାଗରେ ପର୍ଯ୍ୟାପ୍ତ କର୍ମଚାରୀ ନ ଥିବାରୁ ସେମାନଙ୍କୁ ଘଉଡ଼େଇବାରେ ସମସ୍ୟା ଦେଖାଦେଉଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି।

### ଅପହୃତ ଯୁବକ ଉଦ୍ଧାର, ୨ ଗିରଫ

**ଖୁଣ୍ଟୁଣୀ,୨୫ା୧୨(ଡି.ଏନ୍.ଏ.):** ଖୁଣ୍ଟୁଣୀରୁ ଅପହୃତ ହୋଇଥିବା ତୋଟାପଡ଼ା ଗ୍ରାମର ଜୁବୁଲା ସାହୁଙ୍କୁ ବୁଧବାର ପୋଲିସ କେନ୍ଦ୍ରାପଡ଼ାରୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରେଇ ପାଲକଣା ଗ୍ରାମର ଧନଞ୍ଜୟ ପାତ୍ର ଓ ମନୋଜ ପାତ୍ର। ଏମାନଙ୍କ ଠାରୁ ଏକ ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୨୩ତାରିଖ ସନ୍ଧ୍ୟାରେ କୋଇଲା କାରବାର ଘଟଣାରେ ଉଭୟ ଅଭିଯୁକ୍ତ ଜୁବୁଲାଙ୍କୁ ଖୁଣ୍ଟୁଣୀରୁ ଅପହରଣ କରିନେଇଥିଲେ। ଜୁବୁଲାଙ୍କ ସ୍ତ୍ରୀ ମିଟି ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୭୬/୧୯)ରୁଜୁ କରିଥିଲା।

### ମାନ ପରଖୁଛନ୍ତି ନକଲି ଯନ୍ତ୍ରୀ

**କଟକ ସଦର,୨୫ା୧୨(ଡି.ଏନ୍.ଏ.):** କଟକ ସଦର ବ୍ଲକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୩ଟି ପଞ୍ଚାୟତ ଏବଂ କଟକ ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୮୦କୋଟି ଟଙ୍କାର ବିଭିନ୍ନ ନିର୍ମାଣ କାର୍ଯ୍ୟ ତରବରିଆ ଭାବେ କରାଯାଉଛି। କାର୍ଯ୍ୟ ତଦାରଖ ପାଇଁ ନକଲି ଯନ୍ତ୍ରୀମାନଙ୍କୁ ନିୟୋଜିତ କରାଯାଇଛି ବୋଲି ମଙ୍ଗଳବାର ଭାଜପା ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରାୟ ଦେଢ଼ ବର୍ଷ ହେବ ପଞ୍ଚାୟତ ସମିତି ଅଂଶଧନ, ଆମ ଗାଁ ଆମ ବିକାଶ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ପାଣ୍ଠି ଖର୍ଚ୍ଚ ହୋଇପାରୁ ନ ଥିଲା। ଦଳ ପକ୍ଷରୁ ବାରମ୍ବାର ପାଣ୍ଠି ଖର୍ଚ୍ଚ ପାଇଁ ଦାବି କରିବା ପରେ ଏବେ ତରବରିଆ ଭାବେ ଖର୍ଚ୍ଚ କରାଯାଉଛି । ନିୟମାନୁଯାୟୀ, ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିବା ଆବଶ୍ୟକ। କିନ୍ତୁ କେତେଜଣ ନକଲି ଯନ୍ତ୍ରୀ କାର୍ଯ୍ୟ ତଦାରଖ କରୁଛନ୍ତି। ଏହା ଉପରେ ତଦନ୍ତ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତାର ପ୍ରତିଶ୍ରୁତି ଦେଇଥିବା ମଲ୍ଲିକ କହିଛନ୍ତି।

## ଉଦାହରଣ ସାଜିଛନ୍ତି ନିତିଆ ସାର୍

# ପେସା ଫାୟାରମ୍ୟାନ : ନିଶା ସୈନିକ ଗଢ଼ିବା



**ମାହାଙ୍ଗା,୨୫ା୧୨(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ଅଗ୍ନିଶମ ସେବା ସଂସ୍ଥାରେ ଫାୟାରମ୍ୟାନ ଭାବେ କାର୍ଯ୍ୟ କରନ୍ତି ନିତ୍ୟାନନ୍ଦ ମହାନ୍ତି। ଯୁବକଙ୍କୁ ସେନ୍ୟବାହିନୀରେ ଯୋଗଦେବା ପାଇଁ ପ୍ରସ୍ତୁତି କରାଇବା ତାଙ୍କ ନିଶା ପାଲଟିଛି। ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ମଧ୍ୟରେ ନିତିଆ ସାର୍ ଭାବେ ପରିଚିତ ଏହି ୩୨ ବର୍ଷୀୟ ଯୁବକଙ୍କ ଘର ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳରେ। ୨୦୧୩ରେ ଅଗ୍ନିଶମ ବିଭାଗରେ ନିଯୁକ୍ତି ପାଇ ଜଗତସିଂହପୁର,ତିର୍ତ୍ତୋଲ,ଏରସମା ଆଦି ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ୨୦୧୫ରେ ମାହାଙ୍ଗା ବ୍ଲକ କୁଆଁପାଳ ଅଗ୍ନିଶମ ବିଭାଗକୁ ବଦଳି ହୋଇ ଆସିଥିଲେ । ସେଠାରେ ରହିବା ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜେଏନ କଲେଜ ବଣୁଆ ପଡିଆରେ ନିଜେ ଶାରୀରିକ ବ୍ୟାୟାମ କରିବା ଆରମ୍ଭ କରିଥିଲେ । ପରେ ୨୦୧୬ରେ ଅଳିଯୋଡା ଗ୍ରାମର ରଞ୍ଜନ ସ୍ୱାଇଁଙ୍କୁ ସୈନ୍ୟବାହିନୀରେ ଭର୍ତ୍ତି କରାଇବା ପାଇଁ ଶାରୀରିକ ଓ ଲିଖିତ ପରୀକ୍ଷାର ପ୍ରଶିକ୍ଷଣ ଦେଇଥିଲେ । ଏଠାରୁ ପ୍ରଶିକ୍ଷଣ ନେଇ ୨୦୧୭ରେ ଉକ୍ତ ଯୁବକ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିଲେ । ଏଥିରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଅଞ୍ଚଳର ୧୫ରୁ ୧୬ ଜଣ ଯୁବକ ତାଙ୍କ ପାଖକୁ ପ୍ରଶିକ୍ଷଣ ନେବାକୁ ଆସିଥିଲେ । ଅଧିକ ଯୁବକ ପ୍ରଶିକ୍ଷଣ ନେବା ପାଇଁ ଆସିବାରୁ ସେ ବଣୁଆ ଆଥଲେଟ ନାମରେ ଏକ ସଂଘ ଗଢ଼ିଲେ । ପ୍ରଶିକ୍ଷଣ ନେଉଥିବା ଯୁବକମାନଙ୍କ ମଧ୍ୟରୁ ୨ ଜଣ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିବାବେଳେ ଜଣେ ପୋଲିସ କମିଶନରେଟରେ ନିଯୁକ୍ତି ପାଇଥିଲେ । ନିତ୍ୟାନନ୍ଦ ବିନାପାରିଶ୍ରମିକରେ ଏହି ତାଲିମ ପ୍ରଦାନ କରୁଥିବା ବିଷୟ ପ୍ରଚାରିତ ହେବା ପରେ ମାହାଙ୍ଗା, ସାଲେପୁର,ବଡଚଣା ଆଦି ଅଞ୍ଚଳର ବହୁ ଗରିବ ଯୁବକ ତାଙ୍କ ପାଖକୁ ତାଲିମ୍ ନେବାକୁ ଆସୁଛନ୍ତି । ଏବେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଗରିବ ଯୁବକ ତାଙ୍କ ପାଖରୁ ପ୍ରଶିକ୍ଷଣ ନେଉଛନ୍ତି। ଚଳିତ ବର୍ଷ ମଧ୍ୟ ବଣୁଆ ଆଥଲେଟ୍‌ର ୩ ଜଣ ଯୁବକ ସୈନ୍ୟବାହିନୀରେ ନିଯୁକ୍ତି ପାଇଛନ୍ତି । ସୈନ୍ୟବାହିନୀରେ ଯୋଗଦେବା ପାଇଁ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ସତ୍ତ୍ୱେ ନିଜ ଅଫିସ କାର୍ଯ୍ୟରେ ସେ କେବେ ହେଳା କରି ନ ଥାନ୍ତି। ଅଫିସ କାର୍ଯ୍ୟ ପରେ ପ୍ରତ୍ୟହ ପ୍ରତ୍ୟୁଷ ଓ ଅପରାହ୍ନରେ ଆସି ଯୁବକମାନଙ୍କୁ ତାଲିମ ଦେଉଛନ୍ତି। ଏବେ ବଣୁଆ ଖେଳପଡିଆରେ ଦୌଡ,ରଶି ଚଢା, , ଉଚ୍ଚ ଡିଆ, ଲମ୍ବ ଡିଆଁ, ବାଧା ଦୌଡ, ବାଲି ବସ୍ତା ବୁହା, ଟାୟାର ଟଣା ଏବଂ ଓଜନ ନିୟନ୍ତ୍ରଣ ଟ୍ରେନିଂ ଆଦି ସମ୍ପର୍କରେ ତାଲିମ ଦିଆଯାଉଛି। କେବଳ ଶାରୀରିକ ପରୀକ୍ଷା ନୁହେଁ ଲିଖିତ ଓ ମୌଖିକ ପରୀକ୍ଷା ପାଇଁ କଲେଜ ଛକ ନିକଟରେ ଥିବା ଏକ କ୍ଲବ ଘରେ ପ୍ରଶିକ୍ଷଣ ଦିଆଯାଉଛି । ପ୍ରଶିକ୍ଷଣ ନେଉଥିବା ଏହି ଯୁବକମାନେ ଜରୁରିକାଳୀନ ସେବାରେ ସ୍ୱତସ୍ଫୂର୍ତ୍ତଭାବେ ଲୋକଙ୍କୁ ସହାୟତା କରିଥାନ୍ତି। ସେମାନେ ନିଆଁ ଲିଭାଇବାରେ ସାହାଯ୍ୟ କରିବା ସହ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୋହି ନେଇଥାନ୍ତି। ଏଠାରୁ ପ୍ରଶିକ୍ଷଣ ପାଇ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିବା ଯୁବକମାନେ ଏବେ ନିତ୍ୟାନନ୍ଦଙ୍କୁ ପ୍ରଶିକ୍ଷଣରେ ସହାୟତା କରିବା ପାଇଁ ଆଗେଇ ଆସିଛନ୍ତି। ସମ୍ପୃକ୍ତ ଯୁବକମାନେ ଘରକୁ ଆସିଲେ ପ୍ରତ୍ୟୁଷ ଏବଂ ଅପରାହ୍ନରେ ପ୍ରଶିକ୍ଷଣ ପଡ଼ିଆକୁ ଆସି ଅନ୍ୟ ସାଙ୍ଗମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

ଏସମ୍ପର୍କରେ ସୈନ୍ୟବାହିନୀରେ ନିଯୁକ୍ତି ପାଇ ଛୁଟିରେ ଆସିଥିବା ମନୀଷ ସେଠୀ,ରଞ୍ଜନ ସେଠୀ କୁହନ୍ତି, ନିତିଆ ସାର୍‌ଙ୍କ ଉଦ୍ୟମରେ ଆମେ ସୈନ୍ୟବାହିନୀରେ ନିଯୁକ୍ତି ପାଇବାରେ ସଫଳ ହୋଇଛୁ । ଏବେ ଆମେ ଛୁଟିରେ ଆସିଥିଲେ ମଧ୍ୟ ଘରେ ନ ରହି ଅନ୍ୟ ଭାଇମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଏଠାକୁ ଆସିଛୁ । ଏ ସମ୍ପର୍କରେ ଫାୟାରମ୍ୟାନ ନିତ୍ୟାନନ୍ଦ କୁହନ୍ତି, ମୁଁ ଏଠାରେ କୌଣସି ପ୍ରଶିକ୍ଷଣ ଦେଉନାହିଁ, ମୋର ଡ୍ୟୁଟି ସରିବା ପରେ ଯେତେବେଳେ ମୋର ବ୍ୟକ୍ତିଗତ ଶାରୀରିକ ପ୍ରଶିକ୍ଷଣ ଆରମ୍ଭ କରେ ସେତେବେଳେ ଏହି ଅଞ୍ଚଳର ଯୁବକମାନେ ସାମିଲ ହେଉଛନ୍ତି । ତେଣୁ ମୁଁ ଯାହା କରେ ସେମାନେ କେବଳ ମୋତେ ଅନୁକରଣ କରିଥାନ୍ତି।



ବଣୁଆ ଆଥଲେଟିକ୍ ସଂଘରେ ତାଲିମ ନେଉଥିବା ଯୁବକମାନେ।



କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ଯୁବତୀମାନେ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଉଛନ୍ତି।

### ଛତୁ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଙ୍କୀ,୨୫ା୧୨(ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୪ ଦିବସୀୟ ଛତୁ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଉଦ୍ୟାନ ବିଭାଗ ବାଙ୍କୀ ଉପଖଣ୍ଡ ସହକାରୀ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ଯୋଗଦେଇ ଉନ୍ନତମାନର ଛତୁ ଚାଷ ସମ୍ପର୍କରେ ବୁଝାଇଥିଲେ। ଏଥିରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ୨୦ ଜଣ ମହିଳା ଯୋଗଦେଇଥିଲେ। ମିଶନ ଶକ୍ତି ଓ ଉଦ୍ୟାନ ବିଭାଗର ମିଳିତ ସହଯୋଗରେ ଏହାକୁ ଆୟୋଜନ କରାଯାଇଥିଲା। ଧିଙ୍ଗିର ଛତୁ ଓ ପାଳ ଛତୁ ଉତ୍ପାଦନର ପ୍ରଣାଳି ସମ୍ପର୍କରେ ବାଙ୍କୀ ସହକାରୀ ଉଦ୍ୟାନ ଅଧିକାରୀ ବିଜୟ କୁମାର ପଣ୍ଡା ଓ ଡମପଡ଼ା ସହକାରୀ ଉଦ୍ୟାନ ଅଧିକାରୀ ସଂଗୀତା ନାୟକ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ପ୍ରକଳ୍ପ ଅଧିକାରୀ ହରପ୍ରିୟା ସାହୁ ଓ ବାଙ୍କୀ ବ୍ଲକ ପ୍ରକଳ୍ପ ଅଧିକାରିଣୀ ଲିଲିବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ନେବା ଆବଶ୍ୟକ

**ଆଠଗଡ,୨୫ା୧୨(ସ୍ୱ.ପ୍ର.)**

ଆଠଗଡସ୍ଥିତ ଗୋପବନ୍ଧୁ ଡିଗ୍ରୀ ମହିଳା କଲେଜରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସଂଗୀତା ମହାପାତ୍ର ସୋମବାର ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କଲେଜ ନିକଟସ୍ଥ ମିନିଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନଙ୍କ ମଧ୍ୟରେ ଦୌଡ, କବାଡି, ଧୀର ସାଇକେଲ ଚାଳନା, କ୍ୟାରମ, ମ୍ୟୁଜିକ ଚେୟାର ଲମ୍ଫଡିଆଁ, ସଟ୍‌ପୁଟ୍ ଓ ଡିସ୍‌କସ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କଲେଜ ଅଧ୍ୟକ୍ଷା ମହାପାତ୍ରଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟଅତିଥିଭାବେ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ ଓ ସମ୍ମାନିତ ଅତିଥି ତହସିଲଦାର ତପନ କୁମାର ଖୁଣ୍ଟିଆ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ପରିବାରର ସୁରକ୍ଷା ପାଇଁ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ନେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ କ୍ରୀଡ଼ାରେ ରୋଜି ରଣା ଚାମ୍ପିୟନ ହୋଇଥିବା ବେଳେ ରଶ୍ମି ନାୟକ ରନର୍ସ ଅପ୍ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ଅଧ୍ୟାପିକା ବବିତା ସାହୁ, ରଶ୍ମିତା ପଣ୍ଡା, ସରିତା ଆଚାର୍ଯ୍ୟ, ପ୍ରତିମା ସିଂହ ଓ ଅପରାଜିତା ଜେନାମଣି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପିକା ସୂର୍ଯ୍ୟକାନ୍ତି ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ଶାରୀରିକ ସମ୍ପର୍କ ନ ରଖିଲେ ଫଟୋ ଭାଇରାଲ ଧମକ

## ପ୍ରେମିକ ଗିରଫ, ମୋବାଇଲ ଫୋନ ଜବତ

**ଭୁବନେଶ୍ୱର,୨୫ା୧୨(ବ୍ୟୁରୋ)**

ଶାରୀରିକ ସମ୍ପର୍କ ନ ରଖିଲେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବାକୁ ଧମକ ଦେଉଥିବା ଅଭିଯୁକ୍ତ ପ୍ରେମିକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ମୋବାଇଲ ଫୋନ ଜବତ କରିଛି ପୋଲିସ । ସେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଶେଖ ରଜାକ୍ ଟୁଲା। ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ଶେଖ ରଜାକ୍‌ଙ୍କ ଦୀର୍ଘ ଦିନର ବନ୍ଧୁତା ଏବଂ ପରେ ପ୍ରେମ ସମ୍ପର୍କ ରହିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିବାରୁ ଦୁହେଁ ଅଲଗା ହୋଇଥିଲେ। ଯୁବତୀ ଜଣକ ଅନ୍ୟତ୍ର ବିବାହ ସ୍ଥିର ହୋଇଯାଇଥିଲା। ଏହା ପ୍ରେମିକ ଶେଖ ରଜାକ୍ ଜାଣିବା ପରେ ଯୁବତୀଙ୍କୁ ଯୋଗାଯୋଗ କରିଥିଲେ। ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଯୁବତୀ ଜଣକ ଅରାଜି ହେବାରୁ ପୂର୍ବରୁ ଉଠାଇଥିବା ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଶେଖ୍ ରଜାକ୍ ଧମକ ଦେଇଥିଲେ। ଏପରିକି ଯୁବତୀଙ୍କ ବିବାହ ଯେଉଁ ଯୁବକଙ୍କ ସହ ସ୍ଥିର ହୋଇଛି, ତାଙ୍କ ମେଲ୍‌କୁ ଉଭୟଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ପଠାଇଥିଲେ। ବାରମ୍ବାର ଧମକ ମିଳିବା ପରେ ଯୁବତୀ ଜଣକ ଶେଷରେ ଗତ ୧୨ରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୬୪୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ବୁଧବାର ପୋଲିସ ଅଭିଯୁକ୍ତ ଶେଖ୍ ରଜାକ୍‌ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବିଦ୍ୟାର୍ଥୀଙ୍କ ସଫଳତା ଶିକ୍ଷକଙ୍କ ଦକ୍ଷତାର ମାପକାଠି

**ଆଠଗଡ,୨୫ା୧୨(ସ୍ୱ.ପ୍ର.)**

ଆଠଗଡସ୍ଥିତ ମହାତ୍ମା ଗାନ୍ଧୀ ଇଂଲିଶ ମିଡିୟମ ସ୍କୁଲର ୩୨ତମ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟିର ସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ସଫଳତା ଶିକ୍ଷକଙ୍କ ଦକ୍ଷତାର ମାପକାଠି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ଉପସଭାପତି ରମାକାନ୍ତ ପଟ୍ଟନାୟକ ଓ ସମ୍ପାଦକ ଶ୍ରୀଧର ରଥ ଯୋଗଦେଇଥିଲେ । ସ୍କୁଲର ଅଧ୍ୟକ୍ଷା ପୁଲିନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷ ମହେନ୍ଦ୍ର ଶତପଥୀ ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସ୍କୁଲର ଅନ୍ୟତମ ଉପାଧ୍ୟକ୍ଷା ରେଣୁବାଳା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଜପେୟୀଙ୍କ ନେତୃତ୍ୱ ବିଶ୍ୱବାସୀଙ୍କ ହୃଦୟକୁ ଛୁଇଁ ଥିଲା

**ଲଳିତଗିରି,୨୫ା୧୨(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁସୁପୁର ମଣ୍ଡଳ ସଭାପତି ନିର୍ମଳ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା କଟକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା ଯୋଗଦେଇ ବାଜପେୟୀଙ୍କ ନେତୃତ୍ୱ ଓ ସୁଶାସନ ସାରା ବିଶ୍ୱବାସୀଙ୍କ ହୃଦୟକୁ ଛୁଇଁ ପାରିଥିଲା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ଶାରଦାପ୍ରସନ୍ନ ଜେନା, ଶିକ୍ଷାବିତ୍ ନିରଞ୍ଜନ ସାମଲ, ଶତ୍ରୁଘ୍ନ ସାହୁ, ନବଘନ ବେହୁରା ଓ କମଳାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପଙ୍କଜ କୁମାର ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ।




ବାଜପେୟୀଙ୍କ ଜୟନ୍ତୀ ପାଳନ ଅବସରରେ ଭାଜପା କର୍ମକର୍ତ୍ତା।

### ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ବାଙ୍କୀ,୨୫ା୧୨(ସ୍ୱ.ପ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ଡମପଡ଼ା ନିଜିଗଡ଼ ସେବା ସମବାୟ ସମିତିରେ ବୁଧବାରଠାରୁ ଧାନମଣ୍ଡି ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୪ଜଣ ଚାଷୀଙ୍କଠାରୁ ୪୫୬ କୁଇଣ୍ଟାଲ ଧାନ କିଣାଯାଇଛି। ଏହି ଅବସରରେ ଧାନକିଣା କାର୍ଯ୍ୟକ୍ରମକୁ ଏସଆରସିଏସ୍ ଜ୍ୟୋତିରଞ୍ଜନ ସେଠୀ, ସମବାୟ ନିରୀକ୍ଷକ ଦିଲୀପ କୁମାର ପାତ୍ର, ଗୌରୀ ଶଙ୍କର ନନ୍ଦ, ଦେବେନ୍ଦ୍ର କୁମାର ଧଳ ସାମନ୍ତ ଓ ବିମଳ କୁମାର ଧଳସାମନ୍ତ ପ୍ରମୁଖ ପରିଚାଳନା କରିଥିଲେ।



ଧାନମଣ୍ଡିକୁ ଉଦ୍‌ଘାଟନ କରାଯାଉଛି।

## ସ୍ୱତନ୍ତ୍ର ଓଡିଶାର ପ୍ରମୁଖ ବିନ୍ଧାଣି ଥିଲେ ବାଗ୍ମୀ ବିଶ୍ୱନାଥ

**ମାହାଙ୍ଗା,୨୫ା୧୨(ସ୍ୱ.ପ୍ର.)**

ବାଗ୍ମୀ ବିଶ୍ୱନାଥ କରଙ୍କ ୧୫୬ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ବାଗ୍ମୀ ବିଶ୍ୱନାଥ ବିଦ୍ୟା ନିକେତନ ପରିସରରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଓଡିଆ ଭାଷା ଓ ସ୍ୱତନ୍ତ୍ର ଓଡିଶା ଗଠନର ପ୍ରମୁଖ ବିନ୍ଧାଣି ବାଗ୍ମୀ ବିଶ୍ୱନାଥ କର ଥିଲେ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ସାହିତ୍ୟିକ ମାତୃଦତ୍ତ ମହାନ୍ତି, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଶରତ କୁମାର ନାୟକ, ଉପାଧ୍ୟକ୍ଷା ରଶିଦା ବେଗମ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜକିଶୋର ଜେନା, ଚଳଚ୍ଚିତ୍ର ଅଭିନେତ୍ରୀ ରିଆ ଦେ, ଜିଲାପରିଷଦ ସଭ୍ୟା ମୋନାଲିଶା ଦାଶ, ସରପଞ୍ଚ ଲିଜା ସାହୁ, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ସିଂହ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ପର୍ଶୁରାମ ଦାସ ଅତିଥି ପରିଚୟ ଓ ବିଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବ ପରିଚାଳନାରେ ରାକେଶ ସାହୁ, ବଟକୃଷ୍ଣ ଦାଶ, ଉମେଶ ସାହୁ, ସଚିନ୍ଦ୍ର ସାହୁ, ସୁବାସ କର, ବୀର ଜେନା, ସୁମନ୍ତ ପଲେଇ, ଦେବୀପ୍ରସାଦ ପଲେଇ ଓ ରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ।




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ବିଷାକ୍ତ ଜୀବନାଶକ ବ୍ୟବହାର ତାଲିମ ଶିବିର

କଣ୍ଟାପଡ଼ା,(ଡି.ଏନ୍.ଏ.): ବାରଙ୍ଗ ବ୍ଲକସ୍ଥିତ ନଗରୀ ପଞ୍ଚାୟତ କାର୍ଯ୍ୟାଳୟରେ ବିଷାକ୍ତ ଜୀବନାଶକ ବ୍ୟବହାର ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ କୃଷି ସମ୍ପ୍ରସାରଣ ଅଧିକାରୀ ଗୌରହରି ବିଶ୍ୱାଳ ଯୋଗଦେଇ କୃଷିକ୍ଷେତ୍ରରେ ବିଶାକ୍ତ ଜୀବନାଶକର ନିରାପଦ ବ୍ୟବହାର ସମ୍ପର୍କରେ କହିଥିଲେ। ରୋଗପୋକ ବିଶେଷଜ୍ଞ ସୁଜାତା ପଟ୍ଟନାୟକ, କଟକ ଜିଲା ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ନନ୍ଦ, ଲଳିତ ଦାଶ, ରଞ୍ଜନା ପାତ୍ର ପ୍ରମୁଖଯୋଗଦେଇଥିଲେ।

# ପେସା ଫାୟାରମ୍ୟାନ : ନିଶା ସୈନିକ ଗଢ଼ିବା

**ଉଦାହରଣ ସାଜିଛନ୍ତି ନିତ୍ୟାନନ୍ଦ ସାର୍**



**ମାହାଙ୍ଗା,୨୫।୧୨(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ଅଗ୍ନିଶମ ସେବା ସଂସ୍ଥାରେ ଫାୟାରମ୍ୟାନ ଭାବେ କାର୍ଯ୍ୟ କରନ୍ତି ନିତ୍ୟାନନ୍ଦ ମହାନ୍ତି। ଯୁବକଙ୍କୁ ସେନ୍ୟବାହିନୀରେ ଯୋଗଦେବା ପାଇଁ ପ୍ରସ୍ତୁତି କରାଇବା ତାଙ୍କ ନିଶା ପାଲଟିଛି। ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ମଧ୍ୟରେ ନିତିଆ ସାର୍ ଭାବେ ପରିଚିତ ଏହି ୩୨ ବର୍ଷୀୟ ଯୁବକଙ୍କ ଘର ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳରେ। ୨୦୧୩ରେ ଅଗ୍ନିଶମ ବିଭାଗରେ ନିଯୁକ୍ତି ପାଇ ଜଗତସିଂହପୁର,ତିର୍ତ୍ତୋଲ,ଏରସମା ଆଦି ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ୨୦୧୫ରେ ମାହାଙ୍ଗା ବ୍ଲକ କୁଆଁପାଳ ଅଗ୍ନିଶମ ବିଭାଗକୁ ବଦଳି ହୋଇ ଆସିଥିଲେ । ସେଠାରେ ରହିବା ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜେଏନ କଲେଜ ବଣ୍ଡୁଆ ପଡିଆରେ ନିଜେ ଶାରୀରିକ ବ୍ୟାୟାମ କରିବା ଆରମ୍ଭ କରିଥିଲେ । ପରେ ୨୦୧୬ରେ ଅଳିଯୋଡା ଗ୍ରାମର ରଞ୍ଜନ ସ୍ୱାଇଁଙ୍କୁ ସୈନ୍ୟବାହିନୀରେ ଭର୍ତ୍ତି କରାଇବା ପାଇଁ ଶାରୀରିକ ଓ ଲିଖିତ ପରୀକ୍ଷାର ପ୍ରଶିକ୍ଷଣ ଦେଇଥିଲେ । ଏଠାରୁ ପ୍ରଶିକ୍ଷଣ ନେଇ ୨୦୧୭ରେ ଉକ୍ତ ଯୁବକ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିଲେ। ଏଥିରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଅଞ୍ଚଳର ୧୫ରୁ ୧୬ ଜଣ ଯୁବକ ତାଙ୍କ ପାଖକୁ ପ୍ରଶିକ୍ଷଣ ନେବାକୁ ଆସିଥିଲେ । ଅଧିକ ଯୁବକ ପ୍ରଶିକ୍ଷଣ ନେବା ପାଇଁ ଆସିବାରୁ ସେ ବଣ୍ଡୁଆ ଆଥଲେଟ ନାମରେ ଏକ ସଂଘ ଗଢ଼ିଲେ। ପ୍ରଶିକ୍ଷଣ ନେଉଥିବା ଯୁବକମାନଙ୍କ ମଧ୍ୟରୁ ୨ ଜଣ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିବାବେଳେ ଜଣେ ପୋଲିସ କମିଶନରେଟରେ ନିଯୁକ୍ତି ପାଇଥିଲେ । ନିତ୍ୟାନନ୍ଦ ବିନାପାରିଶ୍ରମିକରେ ଏହି ତାଲିମ ପ୍ରଦାନ କରୁଥିବା ବିଷୟ ପ୍ରଚାରିତ ହେବା ପରେ ମାହାଙ୍ଗା, ସାଲେପୁର,ବଡଚଣା ଆଦି ଅଞ୍ଚଳର ବହୁ ଗରିବ ଯୁବକ ତାଙ୍କ ପାଖକୁ ତାଲିମ୍ ନେବାକୁ ଆସୁଛନ୍ତି । ଏବେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଗରିବ ଯୁବକ ତାଙ୍କ ପାଖରୁ ପ୍ରଶିକ୍ଷଣ ନେଉଛନ୍ତି। ଚଳିତ ବର୍ଷ ମଧ୍ୟ ବଣ୍ଡୁଆ ଆଥଲେଟ୍ର ୩ ଜଣ ଯୁବକ ସୈନ୍ୟବାହିନୀରେ ନିଯୁକ୍ତି ପାଇଛନ୍ତି । ସୈନ୍ୟବାହିନୀରେ ଯୋଗଦେବା ପାଇଁ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ସତ୍ତ୍ୱେ ନିଜ ଅଫିସ କାର୍ଯ୍ୟରେ ସେ କେବେ ହେଳା କରି ନ ଥାନ୍ତି। ଅଫିସ କାର୍ଯ୍ୟ ପରେ ପ୍ରତ୍ୟହ ପ୍ରତ୍ୟୁଷ ଓ ଅପରାହ୍ନରେ ଆସି ଯୁବକମାନଙ୍କୁ ତାଲିମ ଦେଉଛନ୍ତି। ଏବେ ବଣ୍ଡୁଆ ଖେଳପଡିଆରେ ଦୌଡ,ରଶି ଚଢା, , ଉଚ୍ଚ ଡିଆ, ଲମ୍ବ ଡିଆଁ, ବାଧା ଦୌଡ, ବାଲି ବସ୍ତା ବୁହା, ଟାୟାର ଟଣା ଏବଂ ଓଜନ ନିୟନ୍ତ୍ରଣ ଟ୍ରେନିଂ ଆଦି ସମ୍ପର୍କରେ ତାଲିମ ଦିଆଯାଉଛି। କେବଳ ଶାରୀରିକ ପରୀକ୍ଷା ନୁହେଁ ଲିଖିତ ଓ ମୌଖିକ ପରୀକ୍ଷା ପାଇଁ କଲେଜ ଛକ ନିକଟରେ ଥିବା ଏକ କ୍ଲବ ଘରେ ପ୍ରଶିକ୍ଷଣ ଦିଆଯାଉଛି । ପ୍ରଶିକ୍ଷଣ ନେଉଥିବା ଏହି ଯୁବକମାନେ ଜରୁରିକାଳୀନ ସେବାରେ ସ୍ୱତଃସ୍ଫୂର୍ତ୍ତଭାବେ ଲୋକଙ୍କୁ ସହାୟତା କରିଥାନ୍ତି। ସେମାନେ ନିଆଁ ଲିଭାଇବାରେ ସାହାଯ୍ୟ କରିବା ସହ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୋହି ନେଇଥାନ୍ତି। ଏଠାରୁ ପ୍ରଶିକ୍ଷଣ ପାଇ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିବା ଯୁବକମାନେ ଏବେ ନିତ୍ୟାନନ୍ଦଙ୍କୁ ପ୍ରଶିକ୍ଷଣରେ ସହାୟତା କରିବା ପାଇଁ ଆଗେଇ ଆସିଛନ୍ତି। ସମ୍ପୃକ୍ତ ଯୁବକମାନେ ଘରକୁ ଆସିଲେ ପ୍ରତ୍ୟୁଷ ଏବଂ ଅପରାହ୍ନରେ ପ୍ରଶିକ୍ଷଣ ପଡ଼ିଆକୁ ଆସି ଅନ୍ୟ ସାଙ୍ଗମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

ଏସମ୍ପର୍କରେ ସୈନ୍ୟବାହିନୀରେ ନିଯୁକ୍ତି ପାଇ ଛୁଟିରେ ଆସିଥିବା ମନୀଷ ସେଠୀ,ରଞ୍ଜନ ସେଠୀ କୁହନ୍ତି, ନିତିଆ ସାର୍ଙ୍କ ଉଦ୍ୟମରେ ଆମେ ସୈନ୍ୟବାହିନୀରେ ନିଯୁକ୍ତି ପାଇବାରେ ସଫଳ ହୋଇଛୁ। ଏବେ ଆମେ ଛୁଟିରେ ଆସିଥିଲେ ମଧ୍ୟ ଘରେ ନ ରହି ଅନ୍ୟ ଭାଇମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଏଠାକୁ ଆସିଛୁ । ଏ ସମ୍ପର୍କରେ ଫାୟାରମ୍ୟାନ ନିତ୍ୟାନନ୍ଦ କୁହନ୍ତି, ମୁଁ ଏଠାରେ କୌଣସି ପ୍ରଶିକ୍ଷଣ ଦେଉନାହିଁ, ମୋର ଡ୍ୟୁଟି ସରିବା ପରେ ଯେତେବେଳେ ମୋର ବ୍ୟକ୍ତିଗତ ଶାରୀରିକ ପ୍ରଶିକ୍ଷଣ ଆରମ୍ଭ କରେ ସେତେବେଳେ ଏହି ଅଞ୍ଚଳର ଯୁବକମାନେ ସାମିଲ ହେଉଛନ୍ତି । ତେଣୁ ମୁଁ ଯାହା କରେ ସେମାନେ କେବଳ ମୋତେ ଅନୁକରଣ କରିଥାନ୍ତି।



ବଣ୍ଡୁଆଁ ଆଥଲେଟିକ ସଂଘରେ ତାଲିମ ନେଉଥିବା ଯୁବମାନେ।

## ଚୌଦ୍ୱାରରେ ହାତୀ, ଲୋକେ ଆତଙ୍କିତ

**ଚୌଦ୍ୱାର,୨୫।୧୨(ଡି.ଏନ୍.ଏ.)**

ଚନ୍ଦକା ଜଙ୍ଗଲରୁ ୧୬ ଘରିଆ ହାତୀପଲ ଆସି ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି କରିବା ସହ ଏଣେତେଣେ ବୁଲିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଏହି ହାତୀ ବପଲରୁ ଦୁଇଟି ହାତୀ ମଙ୍ଗଳବାର ବିଳମ୍ବିତ ରାତିରେ ପୌରପାଳିକାର ବଡବଜାର, ନବଗ୍ରହସାହି, ତଳ ବଜାର ଅଞ୍ଚଳରେ ପଶି ଯାଇଥିଲେ। ରାତି ପ୍ରାୟ ୧ଟା ରେ ଜଣେ ବ୍ୟକ୍ତି ହାତୀ ଦୁଇଟିକୁ ଦେଖି ପାଟି କରିବାରୁ ଶତାଧିକ ଲୋକ ରାସ୍ତାରେ ଏକତ୍ରିତ ହେବାରୁ ସେମାନଙ୍କ ପାଟିତୁଣ୍ଡରେ ହାତୀ ଦୁଇଟି ଭୟରେ ଏଣେତେଣେ ଦୌଡ଼ିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ଖବରପାଇ ବିଦ୍ୟୁତ୍ କର୍ମଚାରୀମାନେ ଚୌଦ୍ୱାର ଅଞ୍ଚଳରେ ବିଦ୍ୟୁତ୍ ସରବରାହକୁ ବନ୍ଦ କରିବା ପରେ ବନ କର୍ମଚାରୀମାନେ ଉଭୟ ହାତୀକୁ ଘଉଡାଇଦେଇଥିଲେ। ବନ ବିଭାଗରେ ପର୍ଯ୍ୟାପ୍ତ କର୍ମଚାରୀ ନ ଥିବାରୁ ସେମାନଙ୍କୁ ଘଉଡ଼େଇବାରେ ସମସ୍ୟା ଦେଖାଦେଉଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି।

## ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଜୟନ୍ତୀ

**କଟକ ସଦର/ ଚୌଦ୍ୱାର,୨୫।୧୨(ଡି.ଏନ୍.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ବୁଧବାର କନ୍ଦରପୁରଠାରେ ପାଳିତ ହୋଇଯାଇଛି। ଭାଜପା ନେତା ଦିଲୀପ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ସତ୍ୟ ଜେନା, ଅଭୟ ସ୍ୱାଇଁ, ହୃଷୀକେଶ ଜେନା, ସାଧୁ ଜେନା, ଗୋକୁଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜକିଶୋର ଶତପଥୀ ଓ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୈଳାସ ଚନ୍ଦ୍ର ବସ୍ତିଆ, ପୀୟୂଷ ପରିଡା, ବିରଞ୍ଚି ପଣ୍ଡା, ନିର୍ମଳ ଦାସ, ବନମାଳୀ ରାଉତ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ।

ସେହିପରି ଭାଜପା ଚୌଦ୍ୱାର ମଣ୍ଡଳ ଓ ଇନ୍ଦ୍ରାଣୀପାଟଣା ମଣ୍ଡଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଟକ ଜିଲା ପ୍ରତିନିଧି ବୈରାଗୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ଅଜିତ୍ ସୁବୁଦ୍ଧିରାୟ, ହରିହର ରଣା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ଅକ୍ଷୟ ଭୂୟାଁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳ ମହାନ୍ତି, ହଂସ ଚରଣ ସାହୁ, ଦୁଃଶାସନ ମୁଦୁଲି, ପ୍ରତାପ ସାହୁ, କ୍ରିଷ୍ଣା ରାଓଙ୍କ ସମେତ ବହୁ ନାଗରିକ ଯୋଗଦେଇଥିଲେ।

**ସଂକ୍ଷେପରେ**

### ଗୋପାଳକୃଷ୍ଣ ପଣ୍ଡା ପାଇବେ କବିଚନ୍ଦ୍ର ସ୍ମୃତି ସମ୍ମାନ

**କଟକ ଅଫିସ, ୨୫।୧୨:** ସଙ୍ଗୀତ ଗୁରୁ ପଣ୍ଡିତ ଗୋପାଳକୃଷ୍ଣ ପଣ୍ଡା ଚଳିତବର୍ଷ ପାଇଁ କବିଚନ୍ଦ୍ର ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ପଣ୍ଡିତ ଗୋପାଳକୃଷ୍ଣ ପଣ୍ଡା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ହାସଲ ସହ ଗୁରୁ ଶ୍ୟାମସୁନ୍ଦର କରଙ୍କଠାରୁ ଓଡ଼ିଶୀ ଶିକ୍ଷା ଲାଭ କରିଥିଲେ। ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସଙ୍ଗୀତ ବିଭାଗର ମୁଖ୍ୟ ଭାବେ ମଧ କାର୍ଯ୍ୟ କରିଥିଲେ। ୨୬ ତାରିଖ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ କବିଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ହେବାକୁ ଥିବା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ କହିଛନ୍ତି।

### ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ନିଆଳି,୨୫।୧୨(ଡି.ଏନ୍.ଏ.):** ନିଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ହେମନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମାରୋହରେ ଅନୁଷ୍ଠାନ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ସୁର ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା କୁଳମଣି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଗ୍ରାହକ ଜାଗରଣ ସଭା

**ଚୌଦ୍ୱାର,୨୫।୧୨(ଡି.ଏନ୍.ଏ.):** ସ୍ଥାନୀୟ ଟାଉନ୍ ହଲରେ ଗ୍ରାହକ ପଞ୍ଚାୟତ, ଚୌଦ୍ୱାର ଶାଖା ପକ୍ଷରୁ ଗ୍ରାହକ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଇଂ. ହରିହର ରଣାଙ୍କ ସଭାପତିତ୍ୱରେ ରୋଟାରିଆନ ଡା.ଉତ୍ତମ ଚରଣ ସାହୁ, ଇଂ.ପ୍ରଦୀପ ବେହେରା, କେଶବ ଚନ୍ଦ୍ର ମହାପାତ୍ର, କମଳ ଲୋଚନ ରାୟ୍, ନରେଶ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ସାମଗ୍ରୀ କ୍ରୟ୍ ବେଳେ ଗ୍ରାହକମାନେ କିପରି ଉତ୍ପାଦକ କମ୍ପାନୀ ଓ ବିକ୍ରେତାଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି ଓ ଏହାକୁ ପ୍ରତିରୋଧ କରିବାର ବିଭିନ୍ନ ଉପାୟ୍ ସମ୍ପର୍କିତ ଅଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ବୈରାଗୀ ଚରଣ ପ୍ରଧାନ, ବିଶ୍ୱକଲ୍ୟାଣ ଦାସ, ପଞ୍ଚାନନ ବେହେରା, ଦିବ୍ୟଜ୍ୟୋତି ପାଣି, କୈଳାସ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ପ୍ରତାପ ଜେନା ଧନ୍ୟବାଦ ଦେଇଥିଲେ ।



ଶ୍ରୀରାମଚନ୍ଦ୍ର ଭବନରେ କଟକ ସିଟି ଇଞ୍ଜିନିୟର୍ସ କ୍ଲବର ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## କଟକ ସିଟି ଇଞ୍ଜିନିୟର୍ସ କ୍ଲବର ବାର୍ଷିକ ଉତ୍ସବ

**କଟକ ଅଫିସ, ୨୫।୧୨**

କଟକ ସିଟି ଇଞ୍ଜିନିୟର୍ସ କ୍ଲବର ୧୭ତମ ବାର୍ଷିକ ଉତ୍ସବ ବୁଧବାର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଇଂ. ଯଦୁନାଥ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ଜଷ୍ଟିସ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଇଂ. ସୁଧାକର ପତ୍ରୀ ଯୋଗଦେଇ କହିଥିଲେ, ଜଣେ ଇଞ୍ଜିନିୟର ନିଜ ବୃତ୍ତିଗତ ଜୀବନରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ଏହି ଆହ୍ୱାନକୁ ଗ୍ରହଣ କରି ଆଗକୁ ଆଗେଇଲେ ସଫଳତା ମିଳିଥାଏ। ସମ୍ମାନିତ ଅତିଥି ଭାବେ ଡ. ସୁଲୋଚନା ଦାସ ଯୋଗଦେଇ କ୍ଲବର ବିଭିନ୍ନ କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପ୍ରାକ୍ତନ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ୨୮ରୁ ଜାତୀୟ ଯୋଗ ପ୍ରତିଯୋଗିତା

**କଟକ ଅଫିସ, ୨୫।୧୨**

ବାରବାଟୀ ଯୋଗ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୨୮ ତାରିଖରୁ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଦୁଇଦିନ ଧରି ଜାତୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବେ। ବୁଧବାର ସତ୍ୟବ୍ରତ ଷ୍ଟାଡିୟମସ୍ଥିତ ଆସୋସିଏଶନ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ସିଂହ ଏହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାକୁ କଟକ –ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ ଉଦ୍‌ଘାଟନ କରିବେ। ଏଥିରେ ଅତିଥି ଭାବେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ଯୋଗଦେବେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଜଷ୍ଟିସ ଏ.ଏସ୍. ନାଇଡୁ, ଏଲ୍ଆର୍‌ସି କଟକ ମଣ୍ଡଳର ପ୍ରବନ୍ଧକ ଅଶୋକ କୁମାର ରାଉତରାୟ, ଡା. ଅର୍ପିତା ପ୍ରିୟଦର୍ଶିନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଗୌରୀମୋହନ କର, କୋଷାଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅପହୃତ ଯୁବକ ଉଦ୍ଧାର, ୨ ଗିରଫ

**ଖୁଣ୍ଟୁଣୀ,୨୫।୧୨(ଡି.ଏନ୍.ଏ.)**

ଖୁଣ୍ଟୁଣୀରୁ ଅପହୃତ ହୋଇଥିବା ତୋଟାପଡ଼ା ଗ୍ରାମର ଜୁବୁଲା ସାହୁଙ୍କୁ ବୁଧବାର ପୋଲିସ କେନ୍ଦ୍ରାପଡ଼ାରୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରେଇ ପାଳକଣା ଗ୍ରାମର ଧନଞ୍ଜୟ ପାତ୍ର ଓ ମନୋଜ ପାତ୍ର। ଏମାନଙ୍କ ଠାରୁ ଏକ ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୨୩ତାରିଖ ସନ୍ଧ୍ୟାରେ କୋଇଲା କାରବାର ଘଟଣାରେ ଉଭୟ ଅଭିଯୁକ୍ତ ଜୁବୁଲାଙ୍କୁ ଖୁଣ୍ଟୁଣୀରୁ ଅପହରଣ କରିନେଇଥିଲେ। ଜୁବୁଲାଙ୍କ ସ୍ତ୍ରୀ ମିଟି ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୭୬/୧୯)ରୁଜୁ କରିଥିଲା। ମୋବାଇଲ ଫୋନ ଟ୍ରାକିଂ କରି ଜୁବୁଲାଙ୍କୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରୁ ଉଦ୍ଧାର କରିଥିଲା।




ଆଇଏମଆଇଟି ଏମ୍‌ବିଏ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ବୁଧବାର ଅନୁଷ୍ଠିତ ୫ମ ଆଲୁମ୍‌ନି ମିଟ୍‌ରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଗାନ୍ଧିଜୀଙ୍କ ଆଦର୍ଶ, ଦର୍ଶନ ସମ୍ପର୍କରେ ଆଲୋକପାତ

**କଟକ ଅଫିସ, ୨୫।୧୨**

'ସମନ୍ୱୟ' ଅନୁଷ୍ଠାନ ପକ୍ଷରୁ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଦୁଃଖୀଶ୍ୟାମ ଦାସ ଅଧ୍ୟକ୍ଷତା କରିଥିବାବେଳେ ଓଡ଼ିଆ ଗାନ୍ଧୀବାଦୀ ସାହିତ୍ୟ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଆଲୋଚିକା ଭାବେ ଅଧ୍ୟାପିକା ଚିରଶ୍ରୀ ଇନ୍ଦ୍ରସିଂ ଯୋଗଦେଇ କହିଥିଲେ, ମହାତ୍ମା ଗାନ୍ଧୀ ବିଶ୍ୱ ମାନସରେ ଜଣେ ବାସ୍ତବବାଦୀ ସମାଜଧର୍ମୀ ଜନନେତା ଥିଲେ। ଦେଶ ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଶାନ୍ତ ଦାସ ଏବଂ ଡ. ବିଶ୍ୱଜିତ ରାୟ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ, ଦର୍ଶନ ଓ ଅହିଂସା ନୀତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ ପ୍ରସାଦ ନନ୍ଦ, ଦୁର୍ଗାପ୍ରସନ୍ନ ନନ୍ଦ, ଇଂ. ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ କବୀର କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ବସ୍ତି ପିଲାଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା

**କଟକ ଅଫିସ, ୨୫।୧୨**

ବସ୍ତି ପିଲାଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ହମାରା ବଚ୍‌ପନ୍ ଟ୍ରଷ୍ଟ ପକ୍ଷରୁ ବୁଧବାର ସହରର ବିଭିନ୍ନ ସାହି ଓ ବସ୍ତି ପିଲାଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଗୋରା କବର ଖେଳପଡ଼ିଆରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଭୟ କନିଷ୍ଠ ଓ ଉପକନିଷ୍ଠ ବିଭାଗର ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ ଛତ୍ରବଜାର ଦଳ ଚାମ୍ପିୟନ ହୋଇଥିବାବେଳେ କାଠଯୋଡ଼ି–ଏ ଦଳ ରନର୍ସ ଅପ୍ ହୋଇଛି। ସେହିପରି ସବ୍‌ଜୁନିୟର ବିଭାଗରେ ତଅଁଳା ସାହି ଚାମ୍ପିୟନ ଓ ପୁରୀଘାଟ ବାଉରୀ ସାହି ରନର୍ସ–ଅପ୍ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇ ବିଜେତା ଦଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। 'ହମାରା ବଚ୍‌ପନ୍ ଟ୍ରଷ୍ଟ'ର ଏହି ଉଦ୍ୟମକୁ ଡିସିପି ପ୍ରଶଂସା କରିବା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା କବାଡ଼ି ସଂଘର ସାଧାରଣ ସମ୍ପାଦକ ଅଜୟ ବେହେରା ଏବଂ 'ହମାରା ବଚ୍‌ପନ୍ ଟ୍ରଷ୍ଟ'ର ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଂଯୋଜିକା ଗୀତା ପାଣିଗ୍ରାହୀ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ମାନ ପରଖୁଛନ୍ତି ନକଲି ଯନ୍ତ୍ରୀ

**କଟକ ସଦର,୨୫।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୩ଟି ପଞ୍ଚାୟତ ଏବଂ କଟକ ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୮୦କୋଟି ଟଙ୍କାର ବିଭିନ୍ନ ନିର୍ମାଣ କାର୍ଯ୍ୟ ତରବରିଆ ଭାବେ କରାଯାଉଛି। କାର୍ଯ୍ୟ ତଦାରଖ ପାଇଁ ନକଲି ଯନ୍ତ୍ରୀମାନଙ୍କୁ ନିୟୋଜିତ ହୋଇଛନ୍ତି ବୋଲି ଭାଜପା ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରାୟ ଦେଢ଼ ବର୍ଷ ହେବ ପଞ୍ଚାୟତ ସମିତି ଅଂଶଧନ, ଆମ ଗାଁ ଆମ ବିକାଶ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ପାଣ୍ଠି ଖର୍ଚ୍ଚ ହୋଇପାରୁ ନ ଥିଲା। ଦଳ ପକ୍ଷରୁ ପାଣ୍ଠି ଖର୍ଚ୍ଚ ପାଇଁ ଦାବି କରାଯିବା ପରେ ଏବେ ତରବରିଆ ଭାବେ ଖର୍ଚ୍ଚ କରାଯାଉଛି। କେତେଜଣ ନକଲି ଯନ୍ତ୍ରୀ କାର୍ଯ୍ୟ ତଦାରଖ କରୁଛନ୍ତି। ଏହା ଉପରେ ତଦନ୍ତ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତାର ପ୍ରତିଶ୍ରୁତି ଦେଇଥିବା ମଲ୍ଲିକ କହିଛନ୍ତି।

## ପି.କେ. ଦାଶ ପାଇବେ 'ଦିବ୍ୟାଲୋକ ସନ୍ଧାନେ' ସମ୍ମାନ

**କଟକ ଅଫିସ, ୨୫।୧୨**

ଜଣାଶୁଣା ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ କୁମାର ଦାଶଙ୍କୁ ରାଜ୍ୟସ୍ତରୀୟ 'ଦିବ୍ୟାଲୋକ ସନ୍ଧାନେ ସମ୍ମାନ–୨୦୨୦' ପ୍ରଦାନ କରାଯିବ। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥ ଏ ସମ୍ପର୍କରେ ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଆସନ୍ତା ଜାନୁୟାରୀ ୫ତାରିଖରେ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୧୯ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଡାକ୍ତର ଦାଶଙ୍କ ସମେତ ଅନ୍ୟ ପ୍ରତିଭାମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ।

## ରେଭେନ୍‌ଶା –୯୦ ବ୍ୟାଚ୍‌ର ବନ୍ଧୁମିଳନ

**କଟକ ଅଫିସ, ୨୫।୧୨**

କନ୍ଦରପୁରସ୍ଥିତ କମରପଦାରେ ବୁଧବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯୯୦ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ରଶ୍ମି ମହାପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଛାଟୋଇଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏଥିସହ ଆଗାମୀ ଦିନରେ ଏହି ବ୍ୟାଚ୍ ତରଫରୁ ଯୋଜନା କରାଯାଇଥିବା ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଲିପ୍‌ସିତା ମହାରଣା ନୃତ୍ୟ ପରିବେଷଣ ଓ ଚନ୍ଦନା ବେହେରା ଗାୟତ୍ରୀ ମନ୍ତ୍ର ଗାନ କରିଥିଲେ। ମିନତି ସାମନ୍ତରାୟ ଓ ପ୍ରଫେସର ରବୀନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରମଣୀ ରଞ୍ଜନ ଜେନା, ନଳିନୀ ବିଶ୍ୱାଳ, ଦେବୀ ପ୍ରସନ୍ନ ମହାନ୍ତି, ପୁଷ୍ପିତା ମିଶ୍ର, ମନ୍ମଥ ଦେ, ରାଧାକାନ୍ତ ପରମାଣିକ, ସାଧନା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ପବିତ୍ର ବଡ଼ଦିନ ଅବସରରେ କ୍ୟାଣ୍ଟେନମେଣ୍ଟ ରୋଡସ୍ଥିତ କ୍ୟାଥୋଲିକ ଚର୍ଚ୍ଚରେ ସମୂହ ପ୍ରାର୍ଥନା କରାଯାଉଛି। ଯୁବତୀମାନେ ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି।




ଶହୀଦଭବନରେ ରାଜ୍ୟ କଳା ଗବେଷଣା ଓ ପରୀକ୍ଷଣ ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ ପ୍ରତିଭାଧାରୀ।



ନିନ୍ଦିତ କର୍ମ ଯେ କରନ୍ତି, ଜୀବନ
ଥାଇ ସେ ମରନ୍ତି।
-ଜଗନ୍ନାଥ ଦାସ

## ସଂକ୍ଷେପରେ

### ସିଏଏ, ଏନ୍ଆର୍ସି ବିଲ୍ ପାସ୍ ଅସାମ୍ବିଧାନିକ ଏସ୍ୟୁସିଆଇର ପ୍ରତିବାଦ ସଭା

**ଖୋର୍ଦ୍ଧା ଅଫିସ, ୨୫।୧୨:** ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଓ ଜାତୀୟ ନାଗରିକ ପଞ୍ଜିକା(ଏନ୍ଆର୍ସି) ପ୍ରତ୍ୟାହାର ଦାବିରେ ବୁଧବାର ସନ୍ଧ୍ୟାରେ ଖୋର୍ଦ୍ଧା ଟାଉନ ହଲ୍ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏସୟୁସିଆଇ (କମ୍ୟୁନିଷ୍ଟ)ର ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ସମ୍ପାଦକ ଅଶୋକ ସାହୁ, ଛାତ୍ରନେତା ସାଗର ସାହୁ, ସଂଘମିତ୍ରା ମହାପାତ୍ର, ମନୋଜ ରାଉତରାୟ, କମଳିନୀ ବେହେରା, ରଜନୀ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେମାନେ ବକ୍ତାମାନେ ଦର୍ଶାଇଥିଲେ ଭାଜପା ସରକାର ଅସାମ୍ବିଧାନିକ ଭାବରେ ସିଏଏ ଓ ଏନ୍ଆର୍ସି ବିଲ୍ ପାସ କରି ଭାରତର ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ଙ୍କ ପ୍ରତି କୁଠାରାଘାତ କରିଛି। ଏହି ଦୁଇ ଆଇନ ଦେଶକୁ ବିଭାଜିତ କରିବ। ସରକାର ଏହି ଦୁଇ ଆଇନକୁ ପ୍ରତ୍ୟାହୃତ ନ କରିଲେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

### ଶ୍ରୀରାମ ଚରିତ ମାନସ ପାରାୟଣ



**ବେଗୁନିଆ, ୨୫।୧୨(ଡି.ଏନ.ଏ.):** ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଅବସ୍ଥିତ ଥିବା ପ୍ରଭୁ ଶ୍ରୀରାଧାକାନ୍ତ ଦେବଙ୍କ ପୀଠସ୍ଥଳରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଚାଲିଛି। ଏହା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତ୍ୟହ ପୂର୍ବାହ୍ନରେ ପାରାୟଣକୁ ବ୍ୟାସ, ଉପବ୍ୟାସ ଏବ କର୍ମାଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦନ ହେଉଛି। ସେହିପରି ପ୍ରତ୍ୟହ ସନ୍ଧ୍ୟା ଆଳତି ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଭୁ ରାମଚନ୍ଦ୍ରଙ୍କର ବିଭିନ୍ନ ପ୍ରସଙ୍ଗକୁ ପୁଙ୍ଖାନୁପୁଙ୍ଖ ଭାବେ ପଣ୍ଡିତମାନେ ବୁଝାଉଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଦୀପ୍ତ କୁମାର ବାହିନୀପତି, ବନବାଳୀ ପଣ୍ଡା, କୁଞ୍ଜବିହାରୀ ପଣ୍ଡା, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଉମାକାନ୍ତ ସାହୁ, ବିଶ୍ୱନାଥ ଦାଶ ପ୍ରମୁଖ ଉପସ୍ଥିତ ରହି ମାନସର ବିଭିନ୍ନ ପ୍ରସଙ୍ଗକୁ ବ୍ୟାଖ୍ୟା କରିଥିଲେ। ପ୍ରବଚନ ଶୁଣିବା ଲାଗି ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହେଉଛି।

### ବାଜପେୟୀଙ୍କ ଜୟନ୍ତୀ

**କୃଷ୍ଣପ୍ରସାଦ, ୨୫।୧୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ବୁଧବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁପ୍ରସାଦ ବେହେରାଙ୍କ ଆବାହକତ୍ୱରେ ଚାରିଛକଠାରେ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଭାଜପା ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ଦଳର ବ୍ଲକ ସାଧାରଣ ସମ୍ପାଦକ ଅନିଲ କୁମାର ସେଠ୍, ବରିଷ୍ଠ ନେତା ଯୋଗେନ୍ଦ୍ର ନାଥ ପଲେଇ, ମହେଶ୍ୱର ସେଠୀ, ଭଗବାନ ତରେଇ, ଯୁବନେତା ପ୍ରଦୀପ କୁମାର ଜେନା, ମନୋଜ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

## ■ ଟ୍ରାଫିକ୍ କନ୍ଷ୍ଟେବଲଙ୍କ ଦାଦାଗିରି

# ଲାଞ୍ଚ ନ ଦେବାରୁ ଟ୍ରକ୍ ଡ୍ରାଇଭରଙ୍କୁ ପିଟିଲେ



ଟ୍ରକ ଡ୍ରାଇଭରଙ୍କୁ ପୋଲିସର ମାଡ ପରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

■ ଚାଲାଣ ନ କାଟି ଛଡାଇ ନେଲେ ୫୦୦ ଟଙ୍କା, ମୋବାଇଲ

■ ଭୁଲ ମାଗିବା ପରେ ହଟିଲା ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ, ୨୫।୧୨:**

ଖୋର୍ଦ୍ଧା ଆଦର୍ଶ ଥାନାର ବ୍ୟାଙ୍କ ଛକରେ ଜଣେ ଟ୍ରାଫିକ କନଷ୍ଟେବଲଙ୍କ ଦାଦାଗିରିକୁ ନେଇ ବୁଧବାର ସହରରେ ଉତ୍ତେଜନା ଦେଖାଦେଇଥିଲା। ଟ୍ରାଫିକ କନଷ୍ଟେବଲଙ୍କୁ ଆଦର୍ଶ ଥାନାର ଜଣେ ଏଏସ୍ଆଇଙ୍କର ସହଯୋଗ ଉତ୍ତେଜନାକୁ ବଢ଼ାଇଥିଲା। ନୋ ଏଣ୍ଟ୍ରି ଜୋନ ରାସ୍ତାରେ ଯାଉଥିବା ଦର୍ଶାଇ ବ୍ୟାଙ୍କ ଛକରେ ଟ୍ରକକୁ ଅଟକାଇ ଟ୍ରାଫିକ କନଷ୍ଟେବଲ ଗାଳିଗୁଲଜ କଲେ। ୫୦୦ ଟଙ୍କା ଛଡାଇ ନେଲେ। ପରେ ଅଧିକ ଟଙ୍କା ଲାଞ୍ଚ ଦାବି କରି ଡ୍ରାଇଭରକୁ ମାରପିଟ୍ କରିଥିଲେ। ଚାଲାଣ ନ କାଟି ଡ୍ରାଇଭରଙ୍କ ଫୋନ ଓ ଟ୍ରକର କାଗଜପତ୍ର ଛଡାଇ ନେଇ ଥାନାକୁ ଚାଲ ବୋଲି ଜବରଦସ୍ତ କରିଥିଲେ। ଲାଞ୍ଚ ନ ଦେଲେ କୌଣସି କାମ ହେବନି। ଟ୍ରାଫିକ ପୋଲିସ ଓ ଏଏସ୍ଆଇଙ୍କର ଉନ୍ମତ୍ତକାଣ୍ଡକୁ ଦେଖି ଉତ୍ତେଜନା ବଢ଼ିଲା। ଟ୍ରାଫିକ ଇନ୍ସପେକ୍ଟର ଓ ଏଏସ୍ଆଇଙ୍କୁ ନିଲମ୍ବନ ଦାବି କରି ସ୍ଥାନୀୟ ଲୋକ ଟ୍ରକ ସମ୍ମୁଖରେ ରାସ୍ତାରୋକୋ କରିଦେଲେ। ଉତ୍ତେଜନା ବଢ଼ିବା ଦେଖି ଆଦର୍ଶ ଥାନା ୨ୟ ଆଇଆଇସି ଆର୍ତ୍ତତ୍ରାଣ ନନ୍ଦ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ନ ହେବାରୁ ଭୁଲ ମାଗି ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଏପରି କି ଟ୍ରକ ଡ୍ରାଇଭରଙ୍କ ଟଙ୍କା, ଗାଡି କାଗଜ ଓ ଫୋନ ଫେରାଇଥିଲେ। ପ୍ରାୟ ୧ ଘଣ୍ଟା ପରେ ସାଢ଼େ ୧୨ଟାରେ ଆନ୍ଦୋଳନ ହଟିଥିଲା। ଗଣ୍ଡଗୋଳ ଶେଷ ପରେ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଆସି ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ।

### ଉତ୍ତେଜନା ସୃଷ୍ଟି କରି ଖସି ଗଲେ ୨ ପୋଲିସ

ଟ୍ରକ ଡ୍ରାଇଭରକୁ ଲାଞ୍ଚ ମାଗି ବିଶୃଙ୍ଖଳା ସୃଷ୍ଟି କରିଥିବା ଦୁଇ ପୋଲିସ ଠିକଣା ସମୟରେ ଖସି ପଳାଇଥିଲେ। ସ୍ଥାନୀୟ ଲୋକ ଆନ୍ଦୋଳନକୁ ଓହ୍ଲାଇ ଟ୍ରାଫିକ କନଷ୍ଟେବଲ ଓ ଏଏସ୍ଆଇଙ୍କୁ ଖୋଜୁଥିବାବେଳେ ଉଭୟଙ୍କୁ ଆଉ ପାଇ ନ ଥିଲେ। କିଛି ସମୟ ପରେ ବିବାଦୀୟ ଟ୍ରାଫିକ କନଷ୍ଟେବଲଙ୍କୁ ଆଦର୍ଶ ଥାନା ପାଖ ଟ୍ରାଫିକ ପୋଷ୍ଟରେ ଦେଖିବାକୁ ମିଳିଥିଲେ। ସେ ଡ୍ୟୁଟି ନ କରି ଜଣେ ଦୋକାନୀଙ୍କ ସହ ଗପୁଥିବା ଦେଖିବାକୁ ମିଳିଥିଲା। ତେବେ ଟ୍ରାଫିକ କନଷ୍ଟେବଲ ଡ୍ୟୁଟି ନ କରିବା ଓ ଉତ୍ତେଜନା ସମୟର କିଛିଟା ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

### ପୋଲିସ ଉପରୁ ଆସ୍ଥା ତୁଟୁଛି

ନୋ ଏଣ୍ଟ୍ରି ଜୋନରେ ପ୍ରତିଦିନ ଶତାଧିକ ଗାଡି ବେଆଇନ ଭାବେ ଚଳାଚଳ କରୁଛି। ସେମାନଙ୍କ ଉପରେ ଟ୍ରାଫିକ ପୋଲିସ ଲଗାମ ଲଗାଇ ପାରୁନି। କାରଣ ସେମାନେ ମାସିକିଆ କୋଟା ଓ ପ୍ରତ୍ୟହ ଖର୍ଚ୍ଚ ପାଇଁ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଟ୍ରକ ଡ୍ରାଇଭରଙ୍କୁ ମାଡମରା ଘଟଣା ପୋଲିସର ଗୁମରକୁ ପଦାରେ ପକାଇଛି। ଯଦି ଟ୍ରକ ଡ୍ରାଇଭର ଭୁଲବଶତଃ ନୋ ଏଣ୍ଟ୍ରି ଜୋନରେ ପ୍ରବେଶ କଲେ ସେ ଜରିମାନା ଦେବାକୁ ରାଜି ଥିଲେ। ଆଗକୁ ଆଉ ଭୁଲ କରିବେନି ବୋଲି କହିଥିଲେ। ପରେ ଟ୍ରକ ଡ୍ରାଇଭରଙ୍କ ଉପରେ ପୋଲିସ ଯେଉଁ ଜୁଲମ କଲା ତା'ର ତଦନ୍ତ କରାଯାଉ। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନ ହେଲେ ଆଗକୁ ଦୁର୍ନୀତି ବଢ଼ିବ। ଲୋକଙ୍କ ଆସ୍ଥା ଆଉ ପୋଲିସ ଉପରେ ରହିବନି ବୋଲି ଆନ୍ଦୋଳନ ସ୍ଥଳରେ ଲୋକେ କହିଥିଲେ। ଏ ନେଇ ରାଜସ୍ଥାନର ଟ୍ରକ (ନଂ.ଏଚଆର ୫୫ ଏଏଚ ୧୨୫୧)ର ଡ୍ରାଇଭର ତୈମୁର ଖାନ୍ କୁହନ୍ତି, କଟକରୁ ରାୟପୁର ଯାଉଥିଲି। ରାସ୍ତା ଭୁଲି ଯାଇ ନୋ ଏଣ୍ଟ୍ରିଜୋନରେ ପ୍ରବେଶ କରିଥିଲି। ପୋଲିସର ପ୍ରତିବାଦ ପରେ ତ୍ରୁଟି ସଂଶୋଧନ କରି ଚାଲାଣ ମାଗିଥିଲି। ହେଲେ ପୋଲିସ ଚାଲାଣ ନ ଦେଇ ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେବାରୁ ପୋଲିସ ମାରପିଟ୍ କରି ଟଙ୍କା, ମୋବାଇଲ, ଟ୍ରକ କାଗଜପତ୍ର ଛଡାଇ ନେଇ ଥାନାକୁ ଯିବାକୁ କହିଥିଲେ।



ଘରଚଟିଆ ସୁରକ୍ଷା ଲାଗି ସଚେତନତା କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତାମାନେ।

## ଘରଚଟିଆର ସୁରକ୍ଷା, ବଂଶବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମ

**ଜଟଣୀ, ୨୫।୧୨(ଡି.ଏନ.ଏ.)**

ଘରଚଟିଆ ଆଗଭଳି ଆଉ ଦେଖିବାକୁ ମିଳୁନାହାନ୍ତି। ବିଭିନ୍ନ କାରଣରୁ ଏହି ପକ୍ଷୀର ବଂଶ ହ୍ରାସ ଘଟୁଛି। କାଁ ଭାଁ କେଉଁଠି ଦେଖିବାକୁ ମିଳୁଛନ୍ତି। ପରିବେଶ ସନ୍ତୁଳନ ବିକ୍ଷିପ୍ତ ହୋଇ ଜୀବଜଗତ ଉପରେ ଏହାର କୁପ୍ରଭାବ ପକାଇବା ଆରମ୍ଭ ହୋଇଗଲାଣି। ଏହି ପରିପ୍ରେକ୍ଷୀରେ ଘରଚଟିଆର ସୁରକ୍ଷା ଓ ବଂଶବୃଦ୍ଧି କରି ପରିବେଶ ସନ୍ତୁଳନ କରିବା ଲକ୍ଷ୍ୟ ନେଇ ବନବିଭାଗର ସହଯୋଗରେ ଏକ ସଙ୍ଗଠନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ବୁଧବାରଠାରୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଟଣୀର ବିଭିନ୍ନ ସ୍ଥାନରେ ଲିଫ୍ଲେଟ୍ ବଣ୍ଟନ କରି ଲୋକଙ୍କୁ ସଚେତନ କରାଯିବା ସହ ଏପରି ହିତକାରୀ ପକ୍ଷୀବଂଶ ବଂଶବୃଦ୍ଧି ନିମନ୍ତେ ପ୍ରୟାସ ଚାଲିଛି। ସଙ୍ଗଠନର ସମ୍ପାଦକ ଦେବପ୍ରସାଦ ଦାସ କୁହନ୍ତି, ପ୍ରକୃତିରେ ଅନନ୍ୟ ସର୍ଜନା ଭିତରେ ପରିବେଶର ସନ୍ତୁଳନ ପାଇଁ ବିଭିନ୍ନ ପରିପୂରକ ଜୀବ ଓ ପଶୁପକ୍ଷୀ ସୃଷ୍ଟି ହୋଇଥିଲେ। ଏମାନଙ୍କ ମଧ୍ୟରୁ ଘରଚଟିଆ ପରିବେଶ ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଥିଲା। କୃଷି, ସ୍ୱାସ୍ଥ୍ୟ ଓ ଜୀବଜଗତ ପାଇଁ ଉପୁଜୁଥିବା ସମସ୍ୟା ସନ୍ତୁଳିତ ହୋଇ ରହୁଥିଲା। ଚାଷ ଜମିରେ ଲାଗୁଥିବା ଲେଢ଼ା, କାଣ୍ଡବିନ୍ଧା ଭଳି ବିଭିନ୍ନ ରୋଗପୋକ ଓ ମାଛିକୁ ଘରଚଟିଆ ଆହାର ଭାବେ ଗ୍ରହଣ କରୁଥିଲା। ତେବେ ବିଭିନ୍ନ କାରଣରୁ ଏହି ଛୋଟପକ୍ଷୀର ବଂଶ ଲୋପ ହେବାକୁ ଯାଉଛି। ଜଟଣୀର ଯେଉଁ କିଛି ଅଞ୍ଚଳରେ ଏହି ପକ୍ଷୀ ରହିଛନ୍ତି ସେଠାରେ ଲୋକଙ୍କୁ ସଚେତନ କରାଯାଇ ସେଠାରେ କୃତ୍ରିମ ପକ୍ଷୀବସା ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଲିଫ୍ଲେଟ୍ ମାଧ୍ୟମରେ ସଚେତନ କରାଯିବା ସମେତ ସ୍ଥାନୀୟ ଖଣ୍ଡୁଆଳି ମନ୍ଦିର ପରିସରରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ସନ୍ତୋଷ କୁମାର ପାତ୍ର, ଉମାକାନ୍ତ ମହାରଣା ଓ ଅନେକ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

## ଜଟଣୀରେ ବଡ଼ଦିନ ଉତ୍ସବ



ଜଟଣୀରେ ଈଶ୍ୱର ଆର୍ଟ ଓ କ୍ରାଫ୍ଟ ପକ୍ଷରୁ ଖ୍ରୀଷ୍ଟମାସ ପାଳିତ ହୋଇଯାଇଛି।

**ଜଟଣୀ, ୨୫।୧୨(ଡି.ଏନ.ଏ):**

ଜଟଣୀର ବିଭିନ୍ନ ସ୍ଥାନରେ ବୁଧବାର ବଡ଼ଦିନ ଉତ୍ସବ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଥିଲା। ଦେବାମ୍ମା ମିରାକିଲ୍ ଚର୍ଚ୍ଚ ପକ୍ଷରୁ ସ୍ଥାନୀୟ କୁଦିଆରୀ ବଜାରସ୍ଥିତ କଲ୍ୟାଣମଣ୍ଡପ ପରିସର ମଧ୍ୟରେ ସନ୍ଧ୍ୟାରେ ଉତ୍ସବ ପାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆଧ୍ୟାତ୍ମିକ ସଙ୍ଗୀତ ସହ ବାଇବେଲ ଉପରେ ବାକ୍ୟ ପରିବେଷଣ କରାଯାଇଥିଲା। ପାଷ୍ଟର ଏମ୍. ନାନୀବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସେହିପରି ହାଟବଜାର ଅଞ୍ଚଳରେ ଈଶ୍ୱର ଆର୍ଟ ଓ କ୍ରାଫ୍ଟ୍ ସୋସିଆଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବଡ଼ଦିନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲର ବିଦ୍ୟାର୍ଥୀ ଯୋଗଦେଇ ଖ୍ରୀଷ୍ଟମାସ ଉପରେ କହିଥିଲେ। ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଧରାବତରଣ ପରେ ବୁଧବାର ସକାଳେ ଏଠାରେ ଥିବା ସମସ୍ତ ଚର୍ଚ୍ଚରେ ସମୂହ ପ୍ରାର୍ଥନାର ଆୟୋଜନ ହୋଇଥିଲା। ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

## ବୋଲଗଡ଼ ମହୋତ୍ସବ ଉଦ୍‌ଘାଟନ ଆଜି

**ବୋଲଗଡ଼, ୨୫।୧୨(ଡି.ଏନ.ଏ.)**

ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆୟୋଜିତ ୧୬ତମ ବୋଲଗଡ ମହୋତ୍ସବ ଆଶା ଗୁରୁବାର ଉଦ୍‌ଘାଟନ ହେବ। ପ୍ରତିବର୍ଷ ଭଳି ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ଏହା ୫ଦିନ ଧରି ଅନୁଷ୍ଠିତ ହେବ। ଭାରତ ସରକାରଙ୍କ କୋଲକାତାସ୍ଥିତ ଇଷ୍ଟର୍ନ କଲଚୁରାଲ ସେଣ୍ଟର, ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏବଂ ଖୋର୍ଦ୍ଧା ଜିଲା ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ହେଉଛି। ମହୋତ୍ସବକୁ ଅଧିକ ଉପଭୋଗ୍ୟ କରିବା ପାଇଁ ମୁକ୍ତାକାଶ ମଣ୍ଡପରେ ଆଞ୍ଚଳିକ ଲୋକକଳା ସାଙ୍ଗକୁ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ମହୋତ୍ସବ ପଡିଆରେ ଶତାଧିକ ଷ୍ଟଲ, ମୀନା ବଜାର ଓ ଦୋଳି ଆଦିର ଆୟୋଜନ କରାଯାଇଛି।

## ମହିଳା ମହାସଂଘର ବାର୍ଷିକ ସାଧାରଣ ବୈଠକ



ବୈଠକରେ ଯୋଗଦେଇଥିବା ମହିଳାଙ୍କ ସହ ଅତିଥିମାନେ

**ବୋଲଗଡ଼, ୨୫।୧୨(ଡି.ଏନ.ଏ.):**

ବୋଲଗଡ଼ ନନ୍ଦିଘୋଷ ଭବନ ସମ୍ମିଳନୀ କକ୍ଷରେ ବୁଧବାର ବୋଲଗଡ଼ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ୭ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏବିଡିଓ ରତିକାନ୍ତ ମିଶ୍ର ପୌରୋହିତ୍ୟ କରିଥିବାବେଳେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରକଳ୍ପ ପରିଚାଳକ ପ୍ରକାଶ ଚନ୍ଦ୍ର ବଳିୟାରସିଂହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଂଘର ଆୟବ୍ୟୟ ବିବରଣୀ ପ୍ରଦାନ ପରେ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା। ମହିଳାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସରକାରୀ ସୁବିଧାର ସଫଳ ରୂପାୟନ ପାଇଁ ପଞ୍ଚାୟତ ପ୍ରତିନିଧି ଓ ସଂଘ କର୍ମକର୍ତ୍ତା ସହଯୋଗ କରିବା ଲାଗି ବିଧାୟକ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସିଡିପିଓ ବନବାସିନୀ ବିଶ୍ୱାଳ, ମିଶନ ଶକ୍ତିର ବ୍ଲକ ସଂଯୋଜକ ସୁରୁଚି ସୁପ୍ରୀତି ସାହୁ, ବ୍ଲକ ଜୀବନ ଜୀବିକା ସଂଯୋଜକ ଜୟପ୍ରସାଦ ସାହୁ, ଜିଲାପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ସରପଞ୍ଚ ବବିତା ସାହୁ, ସମିତିସଭ୍ୟ ବୀରକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଭାନେତ୍ରୀ ଶୈଳବାଳା ବାହିନୀପତି ଧନ୍ୟବାଦ ଦେଇଥିଲେ।

## ବଡ଼ଦିନରେ କାଳିଜାଈ ପୀଠରେ ପର୍ଯ୍ୟଟକଙ୍କ ଭିଡ଼

**କୃଷ୍ଣପ୍ରସାଦ, ୨୫।୧୨(ଡି.ଏନ.ଏ.):**

ପୁରୀ ଜିଲା ଅନ୍ତର୍ଗତ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଈଙ୍କ ପୀଠ ବଡଦିନ ପାଇଁ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା। ସକାଳଠାରୁ ଏଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥିଲା। ନୌବିହାର, ବିଦେଶୀ ପକ୍ଷୀଙ୍କ ଆଗମନ ଓ କାଳିଜାଈ ପୀଠ ଦର୍ଶକଙ୍କୁ ଆକର୍ଷିତ କରିଛି। ପର୍ଯ୍ୟଟନ ଋତୁରେ ଭିଡକୁ ନିୟନ୍ତ୍ରଣ କରିବା ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବାରିକେଟ ପ୍ରସ୍ତୁତ କରାଯାଇଛି। ଲୋକଙ୍କ ସୁରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ପୀଠରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରସିଦ୍ଧ ମକରମେଳା ନିମନ୍ତେ ବର୍ତ୍ତମାନଠାରୁ ଏଠାରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଗଲାଣି।

## ସର୍ବଭାରତୀୟ କୁହୁଡି ମହାବୀର କପ୍ ଫୁଟବଲ:ଜଲ୍‌ଦା କ୍ଲବ ବିଜୟୀ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୬୦ତମ ସର୍ବଭାରତୀୟ 'ମହାବୀର କପ୍' ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଚାଲିଛି। ଏହାର ଷଷ୍ଠ ଦିବସ ମ୍ୟାଚରେ ଜଲଦା ଫୁଟ୍‌ବଲ କ୍ଲବ ରାଉରକେଲା ୪-୨ଟାଇବ୍ରେକର ଗୋଲରେ ଚେନ୍ନାଇ ପୋଲିସକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଯାଇଛି। ପ୍ରଥମାର୍ଦ୍ଧ ଖେଳର ୩୬ ମିନିଟ୍‌ରେ ଚେନ୍ନାଇ ପୋଲିସର ୧୩ ନଂ. ଖେଳାଳି ମଲ୍ଲିକା ରାଜୁ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଖେଳର ୪୦ ତମ ମିନିଟ୍‌ରେ ଜଲଦା ଫୁଟ୍‌ବଲ୍ କ୍ଲବ ରାଉରକେଲାର ୯ ନଂ. ଖେଳାଳି ବଳରାମ ଭୂମିଜ୍ ସ୍କୋର କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଖେଳର ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ରେଫରୀଙ୍କ ନିଷ୍ପତ୍ତି ମୁତାବକ ଟାଇବ୍ରେକର କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମନୋଜ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ଫୁଟ୍‌ବଲ୍ କ୍ଲବ୍‌ର ସମ୍ପାଦକ ବିଜୟ ରାଉତ, କୁହୁଡି ସରପଞ୍ଚ ବିପିନ୍ ଉଦୟସିଂହ, ଅନୁଷ୍ଠାନର ଉପସଭାପତି ଶ୍ରୀବତ୍ସ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ରମଣୀ ମାଝି ଖେଳ ପରିଚାଳନା କରିଥିବାବେଳେ ସୁବ୍ରତ କୁମାର ପୁରୋହିତ, ଦିଲୀପ ରାଉତ ଓ ଦୁର୍ଗା ଆଚାର୍ଯ୍ୟ ସହଯୋଗ କରିଥିଲେ। ବେଷ୍ଟ ପ୍ଲେୟାର ଭାବେ ଚେନ୍ନାଇ ପୋଲିସର ମଲ୍ଲିକା ରାଜୁ ଓ ଜଲଦା ଫୁଟ୍‌ବଲ କ୍ଲବ ରାଉରକେଲାର ବେଷ୍ଟ ଗୋଲ୍ କିପର୍ ଭାବେ ଦିନେକ ବେକ୍‌ଙ୍କୁ ଟ୍ରଫି ପ୍ରଦାନ କରାଯାଇଛି।

## ବରୁଣେଇରେ ବଡ଼ଦିନ ପାଳିଲେ ପର୍ଯ୍ୟଟକ

**ଖୋର୍ଦ୍ଧା ଅଫିସ, ୨୫।୧୨:**



ପର୍ଯ୍ୟଟକମାନେ ବରୁଣେଇ ପାହାଡ ପାଦଦେଶରେ ଭୋଜି କରୁଛନ୍ତି।

ଆଗକୁ ଆସୁଛି ନୂଆବର୍ଷ। ଏହି ଅବସରରେ କିଛିଦିନ ହେଲା ଖୋର୍ଦ୍ଧାର ପର୍ଯ୍ୟଟନ କ୍ଷେତ୍ର ବରୁଣେଇରେ ଭିଡ ଜମୁଛି। ତେବେ ବଡଦିନରେ ଭିଡ ଥିଲା ଅଲଗା। ପର୍ଯ୍ୟଟକମାନେ ବରୁଣେଇରେ ପହଞ୍ଚି ପାହାଡ, ଗୁମ୍ଫା ବୁଲି ଦେଖିଥିଲେ। ଦେବୀ ଦର୍ଶନ କଲେ। ବଣଭୋଜି କରି ନାଚଗୀତରେ ମଜି ମଜା ଉଠାଇଲେ। ଏ ନେଇ ଯାଜପୁରର କୀର୍ତ୍ତିମାନ ବିଶ୍ୱାଳ କୁହନ୍ତି, ଆମେ ୧୫ ଜଣିଆ ଗ୍ରୁପ ବରୁଣେଇ ଆସିଛୁ। ଏଠାରେ ବଣଭୋଜିର ମଜା ନିଆରା। ପ୍ରକୃତିର ସୌନ୍ଦର୍ଯ୍ୟ ଏଠାରେ ଅପସରା। ବଣଭୋଜି ପାଇଁ ଭିଡ ବି ଜମିଛି। କଟକର ନୀଳମାଧବ ମିଶ୍ର କୁହନ୍ତି, ବଣଭୋଜି ବରୁଣେଇରେ ଶାନ୍ତିଶୃଙ୍ଖଳାର ସହ ଚାଲିଛି। ତେବେ ଆବଶ୍ୟକ ଅନୁଯାୟୀ ପୋଲିସ ନାହାନ୍ତି। କିଛି ଅଘଟଣ ନ ଘଟୁ। ବିଗତ କିଛିବର୍ଷ ପରେ ବରୁଣେଇ ଟିକିଏ ବଦଳିବା ପରି ଲାଗୁଛି। କାରଣ କାନ୍ଥବାଡରେ ଚିତ୍ର ଶୋଭା ପାଉଛି। ପ୍ରଶାସନ ଓ ସରକାର ବରୁଣେଇକୁ ଅଧିକ ପ୍ରାଧାନ୍ୟ ଦେବା ଉଚିତ।

## ■ ଡାକ୍ତର, ଔଷଧ ଦୋକାନୀଙ୍କୁ ଗୁଳିମାଡ଼ ଘଟଣା

# ୧୦ଦିନ ପରେ ପୋଲିସ ହାତ ଖାଲି

**ଖୋର୍ଦ୍ଧା ଅଫିସ, ୨୫।୧୨**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ଏକ ଘରୋଇ କ୍ଲିନିକ୍‌ରେ ଡାକ୍ତର ଓ ଔଷଧ ଦୋକାନୀଙ୍କୁ ଗୁଳିମାଡ ଘଟଣାକୁ ୧୦ ଦିନ ବିତିଯାଇଛି। ତେବେ ପୋଲିସ ହତ୍ୟାକାରୀ ଅଥବା ଗୁଳିମାଡ ଘଟଣାର ଖିଅପାଉନି। କେବଳ ସୁପାରିକିଲର ନିୟୋଜିତ କରାଯାଇ ଗୁଳି କରାଯାଇଥିବା ସଫେଇ ଦେଇ ପୋଲିସ ଚୁପ ହୋଇ ବସି ରହିଛି। ୧୫ ତାରିଖ ସନ୍ଧ୍ୟାରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ଦାସ ଓ ମେଡିସିନ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ ସନ୍ତୋଷଙ୍କୁ ଅଚିହ୍ନା ଯୁବକ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ଏହି ଘଟଣା ଘଟିବା ଦିନ ରାତିରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିବାବେଳେ ଡାକ୍ତର ଚିକିତ୍ସାଧୀନ ଅଛନ୍ତି।

### ଭେଣ୍ଟିଲେଟରରୁ ବାହାରିଲେ ଡାକ୍ତର

ଭେଣ୍ଟିଲେଟରରୁ ୧୭ ତାରିଖରେ ଡାକ୍ତର ଦାସ ବାହାରିଥିଲେ। ତେବେ ଅବସ୍ଥାରେ ଉନ୍ନତି ନ ଆସିବାରୁ ପୁଣି ଭେଣ୍ଟିଲେଟରରେ ଥିଲେ। ସୋମବାର ପୁଣି ଭେଣ୍ଟିଲେଟରରୁ ବାହାରିଛନ୍ତି। ଏମ୍‌ସରେ ଏବେ ଡାକ୍ତର ଦାସ ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ବୟାନକୁ ଆଧାର କରି ପୋଲିସ କେତେଦୂର ତଦନ୍ତକୁ ତ୍ୱରାନ୍ୱିତ କରୁଛି ତାହା ଦେଖିବାକୁ ବାକି ରହିଲା।

### ଜନବସତିରେ ଚାଲିଛି କ୍ଲିନିକ୍

ଖୋର୍ଦ୍ଧା ସହରର ଅନେକ ଘରୋଇ କ୍ଲିନିକ୍ ଜନବସତି ଅଞ୍ଚଳରେ ଚାଲିଛି। ସ୍ଥାନୀୟ ଲୋକ ଜନବସତି ଅଞ୍ଚଳରୁ ଘରୋଇ କ୍ଲିନିକ୍‌କୁ ହଟାଇବା ପାଇଁ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନି। ଘରୋଇ ହସ୍ପିଟାଲ ସ୍ଥାନାନ୍ତର ନ ହେଲେ ଖୁବ୍‌ଶୀଘ୍ର ଆନ୍ଦୋଳନ କରିବାକୁ ଲୋକ ଚେତାବନୀ ଦେଲେଣି।

ଏ ନେଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କୁ ପଚାରିବାରେ ଶେଷ ଆଶା ବୃଥା ଯାଇଛି। କାରଣ ଡାକ୍ତର ତଦନ୍ତକୁ ଆଗେଇନେବା ପାଇଁ ସେପରି କିଛି କହିଲେ ନାହିଁ। ତାଙ୍କର କାହା ସହ ଶତ୍ରୁତା ନ ଥିଲା। ଜମି କିଣା ବିକାରେ ସେ ସମ୍ପୃକ୍ତି ନ ଥିଲେ। ଏଭଳିସ୍ଥଳେ ପୋଲିସ ଆଶା ନ ହରାଇ ସଫଳତା ପାଇବା ପାଇଁ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତଦନ୍ତ ତ୍ୱରାନ୍ୱିତ କରିଛି ବୋଲି ସେ କହିଛନ୍ତି।

**ମାଗଣା ହୃଦ୍‌ରୋଗ ଚିହ୍ନଟ, ଉପଚାର**

**ପୁରୀ ଅଫିସ:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପୁରୀ ପକ୍ଷରୁ ରାମଚଣ୍ଡୀ ସାହିସ୍ଥିତ ସେବାକେନ୍ଦ୍ର ବ୍ରହ୍ମଧାମଠାରେ ଶୁକ୍ରବାର ମାଗଣା ହୃଦ୍‌ରୋଗ ଚିହ୍ନଟ ଓ ତା’ର ଉପଚାର ଶିବିର ଆୟୋଜିତ ହେବ। ଏହି ଶିବିର ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଈଶ୍ୱର ଚନ୍ଦ୍ର ମହାନ୍ତି ହୃଦ୍‌ରୋଗ ପରୀକ୍ଷା ଓ ପରାମର୍ଶ ଦେବେ।

## ସଂକ୍ଷେପରେ

### ଆଜି ପୁରୀ ଆସୁଛନ୍ତି ରାଜ୍ୟପାଳ

**ପୁରୀ ଅଫିସ, ୨୫।୧୨:** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗୁରୁବାର ପୁରୀ ଆସୁଛନ୍ତି। ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜଗନ୍ନାଥ ରସ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ନ ସାଢ଼େ ୨ଟାରେ ରାଜ୍ୟପାଳ ଭୁବନେଶ୍ୱରରୁ ସଡ଼କ ପଥରେ ପୁରୀ ଅଭିମୁଖେ ବାହାରିବେ। ଅପରାହ୍ନ ୩ଟା ୪୦ରେ ସର୍କିଟ ହାଉସ୍‌ରେ ପହଞ୍ଚିବେ। ଅପରାହ୍ନ ୪ଟାରେ ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ୫ଟାରେ ସେଠାରୁ ଫେରି ସର୍କିଟ ହାଉସ୍‌ରେ ପହଞ୍ଚିବେ। ଅପରାହ୍ନ ୫ଟା ୧୫ରେ ପୁରୀରୁ ବାହାରି ସନ୍ଧ୍ୟା ୬ଟା ୨୫ରେ ଭୁବନେଶ୍ୱର ରାଜଭବନରେ ପହଞ୍ଚିବା ଲାଗି କାର୍ଯ୍ୟସୂଚୀ ସ୍ଥିର କରାଯାଇଛି।

### ଦୁଇ ବାଇକ୍ ଧକ୍କା: ୩ ଆହତ

**ଡେଲାଙ୍ଗ,୨୫।୧୨(ଡି.ଏନ୍.ଏ.):** ଡେଲାଙ୍ଗ କଲେଜ ଛକ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖଣ୍ଡିମଙ୍ଗଳପୁର ଗ୍ରାମର ମନୋଜ ସାହୁ , ସଙ୍ଗପାଟ ଗ୍ରାମର ସୁଶାନ୍ତ ବେହେରା ଓ ସୂର୍ଯ୍ୟକାନ୍ତ ବେହେରା। ଏମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମନୋଜ ଏକ ବାଇକ( ଓଡି୧୩ ଜେ ୬୧୯୦)ରେ ଆସୁଥିବାବେଳେ ସୁଶାନ୍ତ ଓ ସୂର୍ଯ୍ୟକାନ୍ତ ଏକ ବାଇକ (ଓଡି ୩୩ ଭି ୫୪୨୧) ରେ ହାଟ ବଜାରରୁ କଣାସ ଅଭିମୁଖେ ଯାଉଥିବାବେଳେ କଲେଜ ଛକ ନିକଟରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ସଂସ୍କାର କେନ୍ଦ୍ରରେ ପଢ଼ିବେ ବସ୍ତିର ବିଦ୍ୟାର୍ଥୀ

**ପୁରୀ ଅଫିସ, ୨୫।୧୨:** ଉପଯୁକ୍ତ ପରିବେଶ ଏବଂ ଆର୍ଥିକ ସ୍ୱଚ୍ଛଳତାରୁ ବହୁ ମେଧାବୀ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ଏମାନଙ୍କୁ ଶିକ୍ଷାର ବିକାଶ ସହ ଏକ ସୁସ୍ଥ ପରିବେଶ ଦେବା ଉଦ୍ଦେଶ୍ୟରେ ବଳିଆପଣ୍ଡାସ୍ଥିତ ସାମାଜିକ ଅନୁଷ୍ଠାନ ଗୌଡବାଡ ସାହି କେତକୀଝର ବସ୍ତିର କାର୍ଯ୍ୟରତ ମା’ ଉଗ୍ରତାରା ଯୁବକ ସଂଘ ସହଯୋଗର ହାତ ବଢ଼ାଇଛି। ଗୁରୁବାର ଅନୁଷ୍ଠାନ ପକ୍ଷରୁ ବସ୍ତିରେ ଏକ ସଂସ୍କାର କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ବଳିଆପଣ୍ଡା ବସ୍ତିରେ ରହୁଥିବା ଶିଶୁ ଭାଇଭାଉଣୀ ଏବଂ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଏଠାରେ ମାଗଣାରେ ପାଠ୍ୟ ଉପକରଣ ସହ ପାଠପଢ଼ାର ବ୍ୟବସ୍ଥା କରିଛି। ଏହି ଅବସରରେ ଯୁବନେତା ମନୋଜ ମଣ୍ଡଳ, ସଂଘ ସଭାପତି ଅନିଲ କୁମାର ବେଜ୍, ସମ୍ପାଦକ ବିଶ୍ୱନାଥ ବିଶ୍ୱାସ, ବାବୁ ସାମନ୍ତ, ସୁନୀଲ କୁମାର ବେଜଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମେଧାବୀ ଛାତ୍ରୀଛାତ୍ର ଯେପରି ଆର୍ଥୀକ ଅଭାବରୁ ଅଧାରୁ ପାଠପଢ଼ା ନ ଛାଡନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସମ୍ପାଦକ ବିଶ୍ୱନାଥ କହିଛନ୍ତି।

### ବେଦ, ଆୟୁର୍ବେଦ ସଂକ୍ରାନ୍ତ ଆଲୋଚନାଚକ୍ର

**ପୁରୀ ଅଫିସ,୨୫।୧୨:** ପୁରୀ ଜିଲା ଷୋହଳଶାସନ ବତିଶ କରବାଡ଼ ବ୍ରାହ୍ମଣ ମହାସଂଘ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବେଦ ଓ ଆୟୁର୍ବେଦ ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାସଂଘର ସଭାପତି ଅଶ୍ୱିନୀ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ବସନ୍ତ କୁମାର ପତି ଏବଂ ମୁଖ୍ୟବକ୍ତା ଭାବେ ଡ. ନୀଳକଣ୍ଠ ପତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଅତୁଲ କୁମାର ନନ୍ଦ, ଉମାବଲ୍ଲଭ ମହାପାତ୍ର, କଲେଜ ଅଧକ୍ଷ ଡ. ସୁଦର୍ଶନ ବେହେରା, ମହାସଂଘ ଉପସଭାପତି ହୃଷିକେଶ ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦ ମଞ୍ଚାସୀନ ଥିଲେ। କେବଳ ପୂଜାପାଠରେ ସୀମିତ ନ ରହି ଜ୍ଞାନ ପରିସୀମାକୁ ବିକଶିତ କରିବା ଲାଗି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ବ୍ରାହ୍ମଣମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଦେବ ଦାଶ, ଡ. ଶ୍ରୀକାନ୍ତ ମିଶ୍ର, ବୃନ୍ଦାବନ ରଥ, ଗୋବିନ୍ଦ ମହାପାତ୍ର, ସୂର୍ଯ୍ୟନାରାୟଣ ରଥ, ବାଳକୃଷ୍ଣ ମହାପାତ୍ର ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

# ଶିଶୁ ସ୍ୱପ୍ନପ୍ରବଣ, କଳ୍ପନାବିଳାଶୀ ହେବା ଆବଶ୍ୟକ

**ପୁରୀ ଅଫିସ, ୨୫।୧୨**

■ ସରକାର ଶିଶୁ ସାହିତ୍ୟ ଏକାଡେମୀ ଗଠନ କରନ୍ତୁ

■ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିଶୁ ସାହିତ୍ୟ ପ୍ରଚଳନ ହେଉ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

କଳ୍ପନାବିଳାଶ ହିଁ ସୃଜନଶୀଳତାକୁ ଜନ୍ମ ଦେଇଥାଏ। ଶିଶୁ ସ୍ୱପ୍ନପ୍ରବଣ ଏବଂ କଳ୍ପନାବିଳାଶୀ ହେବା ଆବଶ୍ୟକ। ଆମେ ଆମର ବୟସ୍କ ଚେତନାକୁ ଶିଶୁମାନଙ୍କ ଉପରେ ଲଦି ଦେଇପାରିବା ନାହିଁ। ଶିଶୁର ମନ ମେଘକୁ ଭେଦ କରି ସୁଉଚ୍ଚ ଆକାଶକୁ ଛୁଇଁ ପାରୁଥିବା ଛଞ୍ଚାଣ ପରି ହେବା ଉଚିତ ବୋଲି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ ନାୟକ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନରେ ବୁଧବାର ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି। ଶିଶୁ କେବଳ ଭବିଷ୍ୟତ ନୁହେଁ ଏକ ସୁନ୍ଦର ସୃଷ୍ଟିର ବଡ଼ ଉପାଦନ। କଅଁଳ ବୟସରେ ତାଙ୍କୁ ଯେମିତି ଗଢିବା ସେ ସେମିତି ଗଢିହେବେ। ସୁନ୍ଦର ଭବିଷ୍ୟତ ପାଇଁ ଉଚିତ୍ ମାର୍ଗରେ ଶିଶୁଙ୍କୁ ଆଗେଇ ନେବାର ଆବଶ୍ୟକତା ରହିଛି ବୋଲି ସମ୍ମିଳନୀରେ ବକ୍ତାମାନେ ମତପୋଷଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୨୭ତମ ବାର୍ଷିକୋତ୍ସବ ତଥା ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ କବି ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂସଦ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି। ପୂର୍ବତନ ପୌରପାଳ ସୁରେନ୍ଦ୍ର ନାଥ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ୟାମପ୍ରକାଶ ସେନାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭଗବତୀ ବିଦ୍ୟା ନିକେତନର ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ, ଡ. ରାମଚନ୍ଦ୍ର ନାୟକ, ମାଷ୍ଟର ଚନ୍ଦ୍ର ଦାସ, ଗୋକୁଳ ବିହାରୀ ପୃଷ୍ଟି, ସନ୍ତୋଷ କୁମାର ଶତପଥୀ, ସୁଶ୍ରୀ ସବିତା ଭୋଇ, ଭାଗିରଥି ସିଂ, ସୁମନ୍ତ ମହାରଣାଙ୍କୁ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ ସଂସଦର ଉପସଭାପତି ରମେଶ ଚନ୍ଦ୍ର ଦାଶ। ଏହି ଅବସରରେ ମହେନ୍ଦ୍ର ବିଶୋଇଙ୍କ ଶିଶୁ କବିତା ପୁସ୍ତକ ଗାଉଥିବା ଗୀତ ଭଳିକି ଭଳି ଉନ୍ମୋଚିତ ହୋଇଥିଲା। ଲକ୍ଷ୍ମୀଧର ମାଝି, ମିନତୀ ପଟ୍ଟନାୟକ, ସତ୍ୟନାରାୟଣ ମିଶ୍ର, ଅନ୍ନପୂର୍ଣ୍ଣା ଦେବୀ, ଦୁର୍ଗାବତୀ ପ୍ରଧାନ, କବିତା ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁ ସାହିତ୍ୟ ଏକାଡେମୀ ଗଠନ, ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିଶୁ ସାହିତ୍ୟ ପ୍ରଚଳନ, ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିଶୁ ସାହିତ୍ୟର ସ୍ୱତନ୍ତ୍ର ବିଭାଗ ଖୋଲିବା ସହିତ ଶିଶୁ ସାହିତ୍ୟ ଗବେଷଣା ନିମନ୍ତେ ପ୍ରୋତ୍ସାହନ ଓ ଶିଶୁ ଲେଖାର ନିୟମିତ ପ୍ରକାଶନ ନିମନ୍ତେ ସମ୍ମାନଳୀରେ ଦାବି ଉପସ୍ଥାପନ କରାଯାଇଥିଲା।


ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ଅବସରରେ ବୁଧବାର ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଉଛି।

## ସରକାରୀ ଧାନମଣ୍ଡି ଉଦ୍‌ଘାଟିତ

# ପ୍ରଥମ ଦିନରେ କିଣାଗଲା ୮ଶହ କ୍ୱିଣ୍ଟାଲ

**ନିମାପଡ଼ା,୨୫।୧୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ସେବା ସମବାୟ ସମିତି ଲିଃ. ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପରିସରରେ ସରକାରୀ ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡିରେ ଚାଷୀମାନେ ସରକାରୀ ଦରରେ ଧାନ ବିକ୍ରି କରିପାରିବେ। ଅନ୍ୟ କେଉଁଠି ବିକ୍ରି ନ କରି, ସରକାରୀ ମଣ୍ଡିରେ ହିଁ ଧାନ ବିକ୍ରି କରିବାକୁ ଚାଷୀମାନଙ୍କୁ ଦାଶ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା ବ୍ଲକ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ସମବାୟ ନିର୍ଦ୍ଦେଶକ(ପୁରୀ) ପ୍ରଶାନ୍ତ ଦାଶ, ବିଷ୍ଣୁପୁର ସେବା ସମବାୟ ସମିତିର ସମ୍ପାଦକ ପ୍ରଶାନ୍ତ ରାଉତ, ବାଳକୃଷ୍ଣପୁର ଓଝା, ସୁଧୀର ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୨୫ଜଣ ଚାଷୀଙ୍କ ଠାରୁ ୮ଶହ କ୍ୱିଣ୍ଟାଲ୍ ଧାନ କିଣାଯାଇଥିଲା। ମଣ୍ଡିରେ ଏଫ୍‌ଏକ୍ୟୁ ମାନର ଧାନ କ୍ୱିଣ୍ଟାଲ୍ ପିଛା ୧୮୩୫ଟଙ୍କା ଏବଂ ସାଧାରଣ କିସମ ଏଫ୍‌ଏକ୍ୟୁ ଧାନର କ୍ୱିଣ୍ଟାଲ୍ ପିଛା ଦର ୧୮୧୫ ଟଙ୍କା ରହିଛି। ନିମାପଡ଼ା ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳରେ ଚାଷୀମାନଙ୍କର ଧାନ ବିକ୍ରି ନିମନ୍ତେ ୨୯ଟି ସରକାରୀ ଧାନମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ, ସମବାୟ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟିର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁ ଖୁସି

**ପୁରୀ ଅଫିସ, ୨୫।୧୨**


ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ବଡ଼ଦାଣ୍ଡରେ ସ୍ୱତନ୍ତ୍ର କରିଡର।

ବଡ଼ଦିନ ଏବଂ ନୂଆବର୍ଷ ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଇଛି। ଶ୍ରଦ୍ଧାଳୁମାନେ ଯେପରି ଯିବା ଆସିବାରେ ସମସ୍ୟାରେ ନ ପଡିବେ ସେଥିଲାଗି ମାର୍କେଟ ଛକରୁ ଗାଡି ଚଳାଚଳ ଉପରେ କଟକଣା ଲଗାଯାଇଛି। ବୁଧବାର ବଡ଼ଦିନ ଅବସରରେ ପୁରୀକୁ ବହୁ ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଆସିଥିଲେ। ତେବେ ଟ୍ରାଫିକ ବ୍ୟବସ୍ଥାକୁ ନେଇ ସେମାନେ ଖୁସିବ୍ୟକ୍ତ କରିଛନ୍ତି।

ମରିଚିକୋଟ ଛକଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଥଚାରୀଙ୍କ ଲାଗି ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର କରିଡରରେ ଭକ୍ତମାନେ ଚାଲି ଚାଲି ଯାଇଥିଲେ। କରିଡରର ଉଭୟ ପାର୍ଶ୍ୱରେ ବାଇକ୍ ଚଳାଚଳକୁ ସୁଗମ କରିବା ପାଇଁ ରାସ୍ତାକଡ଼ରେ କୌଣସି ଉଠାଦୋକାନୀଙ୍କୁ ବସାଇ ଦିଆଯାଇ ନ ଥିଲା। ଫଳରେ ଭକ୍ତ ଏବଂ ବାଇକ୍ ଆରୋହୀଙ୍କ ଲାଗି କୌଣସି ସମସ୍ୟା ହୋଇ ନ ଥିଲା। ସେହିପରି କୌଣସି ଚାରିଚକିଆ ଗାଡିକୁ ମାର୍କେଟ ଛକଠାରୁ ଶ୍ରୀମନ୍ଦିର ଆଡକୁ ଛଡା ଯାଇ ନ ଥିଲା। ଭିଆଇପି ଗାଡି ମରିଚିକୋଟ ଛକ ଯାଏ ଛଡା ଯାଇଥିଲା। ସେଠାରେ ଓହ୍ଲାଇବା ପରେ ବରିଷ୍ଠ ନାଗରିକ କିମ୍ବା ଚାଲିବା ପାଇଁ ସକ୍ଷମ ନ ଥିବା ଶ୍ରଦ୍ଧାଳୁମାନେ ବ୍ୟାଟେରି ଅଟୋରେ ଯାଇଥିଲେ। ତେବେ ଗହଳି କମାଇବା ପାଇଁ ଅଟୋଗୁଡ଼ିକୁ ମାର୍କେଟ ଛକ ଆଗକୁ ଛଡା ଯାଇ ନ ଥିଲା। ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରୁ ଦୋଳବେଦି କୋଣ ରାସ୍ତାକୁ ବନ୍ଦ କରିଦିଆଯାଇଥିଲା। ଅର୍ଥାତ୍ ଟାଉନ ଥାନା ଅତିକ୍ରମ କରିବା ପରେ ଯଦି କେହି ଉତ୍ତରଦ୍ୱାର, ପଶ୍ଚିମ ଦ୍ୱାର କିମ୍ବା ଦକ୍ଷିଣ ଦ୍ୱାରକୁ ଯିବା ପାଇଁ ଚାହୁଁଥିଲେ ସେମାନେ କାକୁଡିଖାଇଙ୍କ ମନ୍ଦିର ଦେଇ ବୁଲି ଯାଉଥିଲେ। ସେହିପରି ପାର୍କିଂ ବ୍ୟବସ୍ଥାକୁ ମଧ୍ୟ ଶୃଙ୍ଖଳିତ କରାଯାଇଥିଲା। ପୁରୁଣା ଜେଲ୍ ରୋଡ ପରିସର, ଉଚ୍ଛେଦ ହୋଇଥିବା ପୌର ମାର୍କେଟ କମ୍ପ୍ଲେକ୍ସ ଏବଂ ଜଗନ୍ନାଥବଲ୍ଲଭ ପରିସରରେ ଗାଡିଗୁଡ଼ିକ ପାର୍କିଂ କରାଯାଇଥିଲା। ତେବେ ମରିଚିକୋଟରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ଉଠାଦୋକାନୀ ନ ଥିବାରୁ ଯା ଆସରେ କୌଣସି ପ୍ରକାର ଅସୁବିଧା ହୋଇ ନ ଥିଲା। ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ବାଲେଶ୍ୱର ବସ୍ତାର ସୁବୋଧ ମହାପାତ୍ର କହିଥିଲେ, ପାଦଚଲା ପାଇଁ ଯେଉଁ ସ୍ୱତନ୍ତ୍ର କରିଡର କରାଯାଇଛି। ତାହା ନିଶ୍ଚିତ ଶ୍ରଦ୍ଧାଳୁଙ୍କ ଲାଗି ସୁବିଧା ହେଉଛି। ପୂର୍ବରୁ ଚାଲି ଚାଲି ଯିବାବେଳେ ବାଇକ୍ ସହ ଧକ୍କା ହେବାର ଭୟ ରହୁଥିଲା। ମାତ୍ର ଏବେ ନିରାପଦରେ ଯାଇ ମନ୍ଦିରରେ ପହଞ୍ଚି ହେଉଛି। ଶ୍ରୀମନ୍ଦିରରେ ବି ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରିଛି। ଅନ୍ୟପକ୍ଷରେ ଟ୍ରାଫିକ ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ଭକ୍ତ ଏବଂ ସହରବାସୀଙ୍କ ଯାତାୟାତ ସୁବିଧା ପାଇଁ ଟ୍ରାଫିକ ନିୟନ୍ତ୍ରଣକୁ ବ୍ୟବସ୍ଥିତ କରାଯାଇଛି। ନୂଆବର୍ଷରେ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ମାର୍କେଟ ଛକଠାରୁ କୌଣସି ଚାରିଚକିଆ ଗାଡି ମନ୍ଦିର ଆଡକୁ ନ ଛାଡ଼ିବା ଲାଗି ଯୋଜନା ହେଉଥିବା କହିଛନ୍ତି।

# ବାଜପେୟୀଙ୍କ ୯୫ତମ ଜୟନ୍ତୀ

**ପୁରୀ ଅଫିସ, ୨୫।୧୨**

ଅଟଳସେନା ପକ୍ଷରୁ ମହାନ୍ ରାଷ୍ଟ୍ରନାୟକ, ରାଜନୀତିଜ୍ଞ, ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଉତ୍ସବ ବାଲିସାହିରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଆଇନଜୀବୀ ଅଜିତ୍ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ଅନନ୍ତ ବ୍ରହ୍ମ ଯୋଗଦେଇ ବାଜପେୟୀଙ୍କ ନୀତି ଓ ଆଦର୍ଶ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ କୂଟନୀତିଜ୍ଞ ପ୍ରଭାବ ସାରା ବିଶ୍ୱରେ ଭାରତର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ସେ ଜଣେ ପ୍ରଚଣ୍ଡ ବାଗ୍ମୀ, କବି, ଦେଶଭକ୍ତ ଥିଲେ। ରାଷ୍ଟ୍ରର ସ୍ୱାର୍ଥକୁ ପ୍ରାଥମିକତା ଦେଇ ସମାଜ କଲ୍ୟାଣ ଦିଗରେ ବ୍ରତୀ ରହୁଥିଲେ। ତାଙ୍କ ସାଂଗଠନିକ ଦକ୍ଷତା ଭାଜପାକୁ ଏକ ନୂତନ ଦିଶା ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ବଳରାମ ଦାଶ, ସରୋଜ କୁମାର ସାହୁ, ଅମର ମିଶ୍ର, ଅଜୟ ଶତପଥୀ, ହରି ଦାଶ, ରମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଡେଲାଙ୍ଗ,୨୫।୧୨(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟର ୧୯୮୮ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ପିଢ଼ପାଟଣା ମା’ମଙ୍ଗଳାଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ ସଫେଇ କରାଯିବା ସହିତ ପ୍ଲାଷ୍ଟିକମୁକ୍ତ ଦିଗରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ହୋତା, ଶିକ୍ଷକ ପ୍ରଶାନ୍ତ ମହାରଣା,ପ୍ରଦୀପ କୁମାର ଜେନା, ଦ୍ୱୀଜବର ପରିଡା, ଶତ୍ରୁଘ୍ନ ଜେନା ପ୍ରମୁଖ ଯୋଗଦେଇ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ। ପୁରାତନ ଛାତ୍ର ଗୌରାଙ୍ଗ ଚରଣ ଜେନା ଓ ହରିହର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବଳରାମ ମହାନ୍ତି, ଗୋବିନ୍ଦ ବାରିକ, ପ୍ରସନ୍ନ ଲେଙ୍କା, ନିରାକାର ରାଉତ, ଗଦାଧର ଲେଙ୍କା, ପ୍ରତିମା ମହାରଣା,ସ୍ନେହଲତା ମହାପାତ୍ର,ମମତା ପାଣି, ସନ୍ଧ୍ୟାରାଣୀ ଷଡ଼ଙ୍ଗୀ,ଉଷା ପାଣି,ଜ୍ୟୋତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

# ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ

**ବଳଙ୍ଗା,୨୫।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବଳଙ୍ଗା ଉଚ୍ଚ ବିଦ୍ୟାଳୟର ୧୯୮୪ ମସିହା ବ୍ୟାଚର ବନ୍ଧୁମିଳନ ଉତ୍ସବ ନିକଟସ୍ଥ ପାର୍ବତୀପୁର ଭାର୍ଗବୀ ନଦୀପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ରାଉତ, ପ୍ରକାଶ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ସାହୁ, ସୁକାନ୍ତ ପ୍ରଧାନ, ଭକ୍ତଚରଣ ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ରଥ, ଅରୁଣ ମହାନ୍ତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇଥିଲେ। ସମସ୍ତେ ନିଜ ନିଜର ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତିକୁ ମନେପକାଇ ବନ୍ଧୁମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ।

# ବଡ଼ଦିନ ଲାଗି ଚର୍ଚ୍ଚରେ ପ୍ରବଳ ଜନସମାଗମ

**ପୁରୀ ଅଫିସ, ୨୫।୧୨**

ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ପର୍ବ କ୍ରୀସ୍‌ମାସ ଲାଗି ଉତ୍ସବମୁଖର ଶ୍ରୀକ୍ଷେତ୍ର। ବୁଧବାର ବିଳମ୍ବିତ ରାତିରେ ପ୍ରଭୁ ଯିଶୁ ଧରାବତରଣ କରିଥିଲେ। ଏ ନେଇ କଲେଜ ରୋଡ୍ ନିକଟ କ୍ୟାଥଲିକ୍ ଚର୍ଚ୍ଚରେ ଆୟୋଜିତ ହୋଇଥିଲା ବିଶେଷ କାର୍ଯ୍ୟକ୍ରମ। ଆଲୋକମାଳାରେ ଝଲସୁଛି ଚର୍ଚ୍ଚ। ବୁଧବାର ସନ୍ଧ୍ୟାରେ ଚର୍ଚ୍ଚରେ ପ୍ରବଳ ଜନସମାଗମ ହୋଇଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ଚର୍ଚ୍ଚର ସାଜସଜ୍ଜାର ମଜା ନେଉଛନ୍ତି। ପରସ୍ପରକୁ କ୍ରୀସ୍‌ମାସର ଶୁଭେଚ୍ଛା ଦେବା ସହ କ୍ରୀସ୍‌ମାସ ଟ୍ରି ନିକଟରେ ସାଙ୍ଗହୋଇ ସେଲ୍ଫିର ମଜା ନେଉଛନ୍ତି। ଚର୍ଚ୍ଚ ପରିସରରେ ଏକ ଉତ୍ସାହ ଓ ଆନନ୍ଦର ମାହୋଲ ରହିଛି। ଗୁହାଳ ଘରେ ଯିଶୁ ଜନ୍ମ ହୋଇଥିବାରୁ ଚର୍ଚ୍ଚ ପରିସରରେ ଗୁହାଳ ସଦୃଶ ଏକ ଗୃହ ନିର୍ମାଣ କରାଯାଇଛି। ସାମୂହିକ ପ୍ରାର୍ଥନା ବି ଚାଲିଛି। ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସମେତ ଅନ୍ୟ ଧର୍ମର ଲୋକଙ୍କ ସମାଗମ ହୋଇଥିଲା। ବଡ଼ଦିନ ଅବସରରେ ଦିନତମାମ୍ ଚର୍ଚ୍ଚ ପରିସରରେ ଉତ୍ସବ ଲାଗି ରହିଛି। ସକାଳ, ଅପରାହ୍ନ ଏବଂ ସନ୍ଧ୍ୟାରେ ସାମୂହିକ ପ୍ରାର୍ଥନା ଆୟୋଜିତ ହୋଇଥିବା ଚର୍ଚ୍ଚ ପକ୍ଷରୁ କୁହାଯାଇଛି। ବାଇବେଲ ପାଠ, ଦିବ୍ୟଯଜ୍ଞ ମାଧ୍ୟମରେ ଈଶ୍ୱରଙ୍କୁ ଆରାଧନା କରିଥିବା ଜଣାପଡ଼ିଛି।


ବଡ଼ଦିନ ଅବସରରେ ପୁରୀର କ୍ୟାଥେଲିକ୍ ଚର୍ଚ୍ଚରେ ଲୋକଙ୍କ ଭିଡ଼।

## ଊନବିଂଶ ନିମାପଡ଼ା ମହୋତ୍ସବ ଉଦ୍‌ଘାଟିତ

# ‘ମହୋତ୍ସବ ହିଁ ଓଡ଼ିଆଙ୍କ ପରିଚୟ’


ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏବଂ ଅନ୍ୟ ଅତିଥିମାନେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ନିମାପଡ଼ା,୨୫।୧୨(ଡି.ଏନ୍.ଏ.)**

ନିମାପଡ଼ା ମହୋତ୍ସବ କମିଟି, ହେଲ୍‌ପଲାଇନ୍ ପକ୍ଷରୁ ତଥା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଊନବିଂଶତମ ନିମାପଡ଼ା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଶହୀଦ ଭବନ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ତିନି ଦିନିଆ ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମହୋତ୍ସବ ହେଉଛି ପ୍ରେମ, ଶ୍ରଦ୍ଧା, ସ୍ନେହ, ଆତ୍ମୀୟତା, ଭାଇଚାରାର ଜନନୀ। ବର୍ତ୍ତମାନ ସମାଜରେ ମାନବତାକୁ ଉଦ୍‌ଜୀବିତ ରଖିବା ପାଇଁ ନିହାତି ଆବଶ୍ୟକ। ଭାରତର ଅଖଣ୍ଡତା, ଅହିଂସାର ପରିଚୟ ହେଉଛି ମହୋତ୍ସବ। ଆମେ ସମସ୍ତେ ଓଡ଼ିଶାବାସୀ। ପ୍ରଭୁ ଜଗନ୍ନାଥଙ୍କ ସନ୍ତାନ। ମହୋତ୍ସବ ହିଁ ଆମ ଓଡ଼ିଆଙ୍କ ପରିଚୟ। ମହୋତ୍ସବ ମାଧ୍ୟମରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ସାରା ବିଶ୍ୱକୁ ସନ୍ଦେଶ ଦେଉଛି ବୋଲି ରାଜ୍ୟପାଳ ପ୍ରଫେସର ଲାଲ୍ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ପାଦକ ପ୍ରତାପ ପାତ୍ର, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପତ୍ରିକା ‘ସମୃଦ୍ଧି ପଥେ ନିମାପଡ଼ା’ ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତ୍ ପ୍ରଭାକର ମଙ୍ଗରାଜଙ୍କୁ କପିଳ ବିରଳ ସମ୍ମାନ ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ବିନ୍ଦାସ ଚିନୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୋଲକାତାର ନୃତ୍ୟବିତ୍ ରୂପସା ଆଚାର୍ଯ୍ୟ ଓ ସାଥୀଙ୍କ ଦ୍ୱାରା ଭାରତ ନାଟ୍ୟମ୍ ନୃତ୍ୟ, ଭୁବନେଶ୍ୱରର ରିସିସା ଦାସଙ୍କ ଦ୍ୱାରା ଭାରତ ନାଟ୍ୟମ୍ ନୃତ୍ୟ, ନରଦା ଲକ୍ଷ୍ମୀପ୍ରିୟା ଗୋଟିପୁଅ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ, ନିମାପଡ଼ା ଷ୍ଟ୍ରେଞ୍ଜର୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବ ସ୍ଥଳରେ ପଲ୍ଲୀଶ୍ରୀ ମେଳା ଓ ବାଲୁକା ଶିଳ୍ପୀ ଶାରଦା ପ୍ରସାଦ ବେହେରାଙ୍କ ଦ୍ୱାରା ବାଲୁକାକଳାରେ ମହାତ୍ମା ଗାନ୍ଧୀଙ୍କ ବାଲୁକାକଳା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଶିକ୍ଷକ ପ୍ରତାପ ରାଉତ, ନିରଞ୍ଜନ ପଲତା, ଅମୃତା ବିଶ୍ୱାଳ ପ୍ରମୁଖ ଉତ୍ସବରେ ସଂଯୋଜନା କରିଥିଲେ। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅତିରିକ୍ତ ଏସ୍‌ପି ପି.କେ ସ୍ୱାଇଁ, ଏସ୍‌ଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ଫୋର୍ସ ମୁତୟନ କରାଯାଇଥିଲା।